

ଉତ୍କଳ
ପ୍ରସଙ୍ଗ

Vol. XLIII No. 8/9 UTKAL PRASANGA Regd. No. O-05/87
Licence No. C. R. N. P. 5—Licensed to post without Pre-Payment



PRINTED AT ORISSA GOVERNMENT PRESS, CUTTACK-10



କଟକ ଓ ଭୁବନେଶ୍ୱର ଠାରେ...

# ଡେୟାର ଡେଭିଲ କ୍ରୀଡ଼ା କୌଶଳ







# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୦୮ ଶକାବ୍ଦ ୪୩ ଭାଗ ୧୦ମ ସଂଖ୍ୟା ମେ ୧୯୮୭



● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଫଣୀ ଭୂଷଣ ଦାସ

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

●

**ମୁଖ୍ୟ ସମ୍ପାଦକ**

**ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ**

● **ପ୍ରଚ୍ଛଦପଟ**

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ



**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ : ୨୦.୦୦


ପ୍ରତି ଖଣ୍ଡ : ୨.୦୦


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ **ସମ୍ପୂର୍ଣ୍ଣ** ଓ ଅନୁମୋଦିତ ମତ ବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର



| | | |
|---|---|---|
| ସୌନ୍ଦର୍ଯ୍ୟ ଶାସ୍ତ୍ର ଅଧ୍ୟୟନ ନିମନ୍ତେ ଭାରତୀୟ ଅଳଙ୍କାର ଶାସ୍ତ୍ର ଗୁଡ଼ିକର ଉପାଦେୟତା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| କୃଷି ବିକାଶ କାର୍ଯ୍ୟକ୍ରମ .. | ଡଃ. ରବିନାରାୟଣ ମହାନ୍ତି | .. ୪ |
| ଦେଶ ଗଠନରେ ଯୁବଶକ୍ତି .. | ଶ୍ରୀ ବିଚିତ୍ରାନନ୍ଦ କର | .. ୬ |
| ପରମାଣୁ ରିଆକ୍ଟର ଓ ଆମର ଆତଙ୍କ .. | ଶ୍ରୀ ସହଦେବ ସାହୁ | .. ୯ |
| ସମାଜ ସେବାର ମନସ୍ତାତ୍ତ୍ୱିକ ଦିଗ .. | ଡଃ. ନାରାୟଣ ହଜାରୀ | .. ୧୨ |
| ସଫଳ କାହାଣୀ .. | | .. ୧୪ |
| ପ୍ରଗତି ପ୍ରସଙ୍ଗ .. | | .. ୨୩ |
| ଉତ୍କଳର ବରପୁତ୍ର ନୀଳମଣି ବିଦ୍ୟାରତ୍ନ .. | ଶ୍ରୀ ଉଦ୍ଧବ ଚରଣ ନାୟକ | .. ୩୧ |
| ରୋଗ ନିବାରଣ ଓ ନିରାକରଣ .. | ଶ୍ରୀ ଲକ୍ଷ୍ମୀନାରାୟଣ ରାଉତରାୟ | .. ୩୬ |
| ଜନସଂଖ୍ୟା ଓ ଶ୍ରମିକ .. | ଶ୍ରୀ ମୁରାରି ଜେନା | .. ୪୨ |
| ଦଶ୍ୱାର ବିବାହ .. | ଶ୍ରୀ ବୈକୁଣ୍ଠ ନାଥ ସାହୁ | .. ୪୪ |
| ଉତ୍କଳ ଗୌରବ ମଧୁସୂଦନ .. | ଶ୍ରୀ କୃଷ୍ଣଚନ୍ଦ୍ର ଷଡଙ୍ଗୀ | .. ୪୬ |
| ଦୁଇ ପୁରସ୍କୃତ ଓଡ଼ିଆ ଶିଳ୍ପୀ .. | ଶ୍ରୀ ଶରତ ଚନ୍ଦ୍ର ପରିଡ଼ା | .. ୪୯ |



## ମଇ ଦିବସ ଉପଲକ୍ଷେ

# ରାଜ୍ୟପାଳଙ୍କ ବାର୍ତ୍ତା

ଅତ୍ୟାଧୁନିକ କଳକାରଖାନା ସମେତ ସାଧାରଣ କୃଷିକ୍ଷେତ୍ର ଭଳି ସଂଗଠିତ ତଥା ଅଣସଂଗଠିତ ସଂସ୍ଥାରେ ଶ୍ରମିକ ଶ୍ରେଣୀ ହେଉଛନ୍ତି ମୂଲ୍ୟବାନ୍ ସଂପଦ । ସେମାନଙ୍କର ସୁରକ୍ଷା ଓ ଅଭିବୃଦ୍ଧି ସମସ୍ତଙ୍କର କାମ୍ୟ । ଯେଉଁମାନଙ୍କ ଝାଳବୁହାରେ ଦେଶର ପ୍ରଗତି ଓ ସମୃଦ୍ଧି ସମ୍ଭବ ହେଉଛି, ସେମାନଙ୍କ ପ୍ରତି ସାମାଜିକ ନ୍ୟାୟ ଦେବା ସରକାର ତଥା ଜନସାଧାରଣଙ୍କର ପରମ କର୍ତ୍ତବ୍ୟ । ଶ୍ରମିକ ଶ୍ରେଣୀର ବହୁବିଧ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ହେଉ ଓ ସେଗୁଡ଼ିକର ସମାଧାନ ଦିଗରେ ଐକାନ୍ତିକ ଉଦ୍ୟମ ଅବ୍ୟାହତ ରହୁ, ଏହା ହିଁ ମୋର କାମନା ।



## ମଇ ଦିବସ ଉପଲକ୍ଷେ

# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

"୧୯୮୭ ମଇ ଦିବସ ଉପଲକ୍ଷେ ଓଡ଼ିଶାର ସମସ୍ତ ଶ୍ରମିକ ଓ ମଜଦୁର ଭାଇ ଭଉଣୀମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

"ପୃଥିବୀର ଶ୍ରମଜୀବୀମାନଙ୍କ ପାଇଁ ମଇ ପହିଲା ଏକ ମହତ୍ୱପୂର୍ଣ୍ଣ ସ୍ମରଣୀୟ ଦିବସ । ଶ୍ରମଜୀବୀମାନଙ୍କ ନ୍ୟାର୍ଯ୍ୟ ଅଧିକାର ହାସଲ କ୍ଷେତ୍ରରେ ଏହି ଦିବସଟି ଏକ ଜ୍ୱଳନ୍ତ ସ୍ମାରକୀ । ଓଡ଼ିଶାର ଲୋକସଂଖ୍ୟାର ପ୍ରାୟ ଏକତୃତୀୟାଂଶ ଶ୍ରମିକ ଶ୍ରେଣୀର ଲୋକ ଏବଂ ଏଥିମଧ୍ୟରୁ ପ୍ରାୟ ଦୁଇତୃତୀୟାଂଶ ମୁଖ୍ୟତଃ ଗ୍ରାମୀଣ ଏବଂ କୃଷି ଶ୍ରମିକ । ବିଗତ ୭ ବର୍ଷ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଯେଉଁ ଅଗ୍ରଗତି ହୋଇଛି, ତଦ୍ୱାରା ଶିଳ୍ପ ଶ୍ରମିକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଏକ ସୁଦୃଢ ସମୃଦ୍ଧିଶାଳୀ ରାଜ୍ୟ ରୂପେ ଗଢିବା ହେଉଛି ଆମର ଲକ୍ଷ୍ୟ । ସେଥିପାଇଁ କୃଷି, ଶିଳ୍ପ, ଜଳସେଚନ, ବିଦ୍ୟୁତ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି ପାଇଁ ଶ୍ରମଶକ୍ତିର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ।

"ରାଜ୍ୟ ସରକାର ଶ୍ରମିକମାନଙ୍କ ବିଭିନ୍ନ ସୁଖ ସୁବିଧା ଏବଂ ନ୍ୟାୟୋଚିତ ଦାବୀ ଓ ପ୍ରାପ୍ୟ ହାସଲ କରିବା ପାଇଁ ବହୁ ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । କୃଷି ଏବଂ ଅନ୍ୟାନ୍ୟ କେତେକ ପର୍ଯ୍ୟାୟର ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ଦୈନିକ ଦଶ ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟର ଦରିଦ୍ର ଲୋକଙ୍କର ଥଇଥାନ ପାଇଁ ସପ୍ତମ ଯୋଜନାରେ ପ୍ରାୟ ପାଞ୍ଚ ଲକ୍ଷ ପରିବାରଙ୍କୁ ସ୍ଥାୟୀ ଭାବରେ ଥଇଥାନ କରିବାର ବ୍ୟବସ୍ଥା କରାଯାଇଛି । ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ବର୍ତ୍ତମାନ ଆମ ଦେଶରେ ପ୍ରଚଳିତ ବିଭିନ୍ନ ଶ୍ରମ ଆଇନ ସମେତ ଶ୍ରମିକ ବୀମା ଯୋଜନା, ଶ୍ରମିକ ଭବିଷ୍ୟନିଧି ଯୋଜନା, ମାତୃ ମଙ୍ଗଳ ଯୋଜନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏତଦ୍‌ବ୍ୟତୀତ ଶିଳ୍ପ ଅଦାଲତର ସଂପ୍ରସାରଣ କଳ୍ପେ ସମ୍ବଲପୁର ଏବଂ ଜୟପୁରଠାରେ ଦୁଇଟି ନୂତନ ଶିଳ୍ପ ଅଦାଲତ ପ୍ରତିଷ୍ଠିତ ହୋଇଛି । ଏହାଦ୍ୱାରା ଅଧିକରୁ ଅଧିକ ଶ୍ରମ ବିବାଦ ଏବଂ ମାମଲାର ବିଚାର ତ୍ୱରାନ୍ୱିତ ହୋଇ ପାରିବ । ସରକାର ଏଥିମଧ୍ୟରେ ରାଜ୍ୟ ଠିକା ଶ୍ରମିକମାନଙ୍କର ନିଯୁକ୍ତି ସର୍ତ୍ତାବଳୀ ବିଷୟରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରି ତାହା ପ୍ରଚଳିତ କରିଛନ୍ତି । ଦାଦନ ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗ ସମ୍ବନ୍ଧରେ ଯଥାଶୀଘ୍ର ତଦନ୍ତ କରି ସଂପୃକ୍ତ ରାଜ୍ୟ ସରକାର ଓ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇ ସମସ୍ୟାଗୁଡ଼ିକର ଆଶୁ ସମାଧାନର ବ୍ୟବସ୍ଥା ହେଉଛି । କୃଷି ଓ ଶିଳ୍ପ କ୍ଷେତ୍ରରେ ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବୀ ସଂପର୍କରେ ସରକାର ସଂପୂର୍ଣ୍ଣ ସଚେତନ । ପରିଚାଳନା କ୍ଷେତ୍ରରେ ତଥା ଶ୍ରମ କଲ୍ୟାଣ ଯୋଜନାମାନଙ୍କରେ ଶ୍ରମିକମାନେ କିପରି ଅଧିକରୁ ଅଧିକ ଅଂଶୀଦାର ହେବେ, ତାହାହିଁ ସରକାରଙ୍କ ଆନ୍ତରିକ ଇଚ୍ଛା ।

"ମୁଁ ଏହି ପବିତ୍ର ମଇ ଦିବସ ଉପଲକ୍ଷେ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ସଦିଚ୍ଛା ଏବଂ ସହାନୁଭୂତି ଘୋଷଣା କରିବା ସଙ୍ଗେ ସଙ୍ଗେ ଆଶା କରୁଛି ଯେ ଏକ ନୂତନ ଓଡ଼ିଶା ନିର୍ମାଣ ଲାଗି ସେମାନେ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରିବେ ।"

# ସୌନ୍ଦର୍ଯ୍ୟ ଶାସ୍ତ୍ର ଅଧ୍ୟୟନ ନିମନ୍ତେ ଅଲଙ୍କାର ଶାସ୍ତ୍ରର ଉପାଦେୟତା



ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଇଂରାଜୀ ଭାଷାରେ ଏସ୍ଥେଟିକ୍ସ୍‌କୁ ସଂସ୍କୃତରେ ସୌନ୍ଦର୍ଯ୍ୟ କୁହାଯାଏ । ପ୍ରାଚୀନ କାଳରେ ପ୍ରାଚ୍ୟ ବା ପାଶ୍ଚାତ୍ୟରେ ସୌନ୍ଦର୍ଯ୍ୟଶାସ୍ତ୍ରର ନାମ ପରିଦୃଷ୍ଟ ହୁଏନାହିଁ । ଏରିଷ୍ଟୋଟିଲ୍ ମହୋଦୟ "ପୋଏଟିକ୍ସ୍" ବା ଅଳଙ୍କାର ଶାସ୍ତ୍ରର ନାମ ଉଲ୍ଲେଖ କରିଛନ୍ତି । ସେ ପୋଏଟିକ୍ସ୍ ତଥା ରେଟୋରିକ୍ସ୍ ଶାସ୍ତ୍ରର ଆଲୋଚନା କରିଛନ୍ତି । ଅର୍ଥାତ୍ ଅଳଙ୍କାର ଶାସ୍ତ୍ର ଏବଂ ଭାଷଣଶାସ୍ତ୍ରର ଅନୁଶୀଳନ କରିଛନ୍ତି । ସଂସ୍କୃତ ସାହିତ୍ୟରେ ଅଳଙ୍କାର ଶାସ୍ତ୍ରର ନାମ ସବୁ ସ୍ଥାନରେ ଉଲ୍ଲେଖ କରାଯାଇଛି ଏହା ସୌନ୍ଦର୍ଯ୍ୟ ପ୍ରତିପାଦିତ କରିଥାଏ । ଦଣ୍ଡୀ କହିଛନ୍ତି :

"କାବ୍ୟ ଶୋଭାକରାନ୍ ଧର୍ମାନ୍ ଅଳଙ୍କାରାନ୍ ପ୍ରଚକ୍ଷତେ ।"

ଆନନ୍ଦବର୍ଦ୍ଧନ ଧ୍ୱନିକୁ ସକଳ ସତ୍‌କବିକାବ୍ୟୋପନିଷଦ୍‌ର ଅତି ରମଣୀୟ ବିଭାବ ରୂପେ ପ୍ରତିପାଦିତ କରିଛନ୍ତି । ଅନ୍ୟତ୍ର ସେ "ସ୍ୱଚ୍ଛ ଲକ୍ଷ୍ମ ନିବନ୍ଧ" ବାକ୍ୟାଂଶରେ ଏହି ଅଭିବ୍ୟକ୍ତିକୁ ପୁନଃ ପ୍ରତିପାଦିତ କରିଛନ୍ତି । ଧ୍ୱନ୍ୟାଲୋକର ଟୀକାକାର ଅଭିନବ ଗୁପ୍ତ କହିଛନ୍ତି—ଶବ୍ଦତ୍ୱପ୍ରତୋଚିତ୍ତହି କାବ୍ୟସ୍ୟାତ୍ମା" । ଆଳଙ୍କାରିକ ବାମନ କହିଛନ୍ତି ; "କାବ୍ୟଂ ଗ୍ରାହ୍ୟମଳଙ୍କାରାତ୍, ସୌନ୍ଦର୍ଯ୍ୟମଳଙ୍କାରଃ ।" କୁନ୍ତଳ କହିଛନ୍ତି ;

"ବାଚ୍ୟ ବାଚକବକ୍ରୋକ୍ତି କ୍ରୁୟୋତିଶୟମୁରମମ୍ ।<br>
ଯଦ୍‌ବିଦାହ୍ଲାଦ କାରିତ୍ୱଂ କିମପ୍ୟାମୋଦସୁନ୍ଦରମ୍ ।।"

ପଣ୍ଡିତରାଜ ଜଗନ୍ନାଥ କହିଛନ୍ତି ; "ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦ କାବ୍ୟମ୍ ।"

ଅନେକ ବିଦ୍ୱାନ୍ ପ୍ରତିପାଦିତ କରିଛନ୍ତି ଯେ ସୌନ୍ଦର୍ଯ୍ୟର ଅନ୍ୟ ନାମ ଅଳଙ୍କାର । ଏଠାରେ ପ୍ରଶ୍ନ ହେଉଛି—ସୌନ୍ଦର୍ଯ୍ୟ କେବଳ କାବ୍ୟରୁ ମିଳେ ନା ଅନ୍ୟ ବସ୍ତୁରୁ ? ଅନ୍ୟବସ୍ତୁରୁ ସୌନ୍ଦର୍ଯ୍ୟ ମିଳିଥାଏ । ମାତ୍ର ଏଠାରେ ପ୍ରକୃତିର ସୌନ୍ଦର୍ଯ୍ୟ ବିଶ୍ଳେଷଣ କରାଯିବ ନାହିଁ । ଶାସ୍ତ୍ର ଗୁଡ଼ିକର ବିସ୍ତର କରାଯିବ । କାବ୍ୟଶାସ୍ତ୍ର ପରି ନାଟ୍ୟଶାସ୍ତ୍ର, ଶିଳ୍ପଶାସ୍ତ୍ରର ବିସ୍ତର କରାଯିବ । ବିଷ୍ଣୁଶର୍ମା କହିଛନ୍ତି :

ସାହିତ୍ୟସଙ୍ଗୀତ-କଳାବିହୀନଃ<br>
ସାକ୍ଷାତ୍ ପଶୁଃ ପୁଚ୍ଛବିଷାଣହୀନଃ ।।

ତେଣୁ ସାହିତ୍ୟ, ସଙ୍ଗୀତ ଓ କଳାର ଆବଶ୍ୟକତା ରହିଛି । ନାଟକ, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ସ୍ଥାପତ୍ୟାଦି ଶାସ୍ତ୍ରରେ ସୌନ୍ଦର୍ଯ୍ୟ ଚର୍ଚ୍ଚା ହୋଇଥାଏ । ମାତ୍ର ସାହିତ୍ୟର ପ୍ରାଧାନ୍ୟ ରହିଛି ଅଳଙ୍କାର ଶାସ୍ତ୍ରରେ । ଏଠାରେ ତାହା ଆଲୋଚନା କରାଯିବ । କବିମାନେ ଏହାକୁ ଶ୍ରବ୍ୟ-କାବ୍ୟ ନାମରେ ଆଲୋଚନା କରିଥାନ୍ତି ।

ସୂକ୍ଷ୍ମଭାବରେ କାବ୍ୟର ଛଅଟି ବିଭାଗ ରହିଛି । ଏଗୁଡ଼ିକ ଅଳଙ୍କାର, ରୀତି, ବକ୍ରୋକ୍ତି, ରସ, ଧ୍ୱନି ଓ ଔଚିତ୍ୟ । ଭାମହ ଅଳଙ୍କାର, ବାମନ ରୀତି, କୁନ୍ତଳ ବକ୍ରୋକ୍ତି, ବିଶ୍ୱନାଥ ରସ, ଆନନ୍ଦବର୍ଦ୍ଧନ ଧ୍ୱନି, କ୍ଷେମେନ୍ଦ୍ର ଔଚିତ୍ୟକୁ କାବ୍ୟର ଆତ୍ମାରୂପେ ସ୍ୱୀକାର କରିଛନ୍ତି । ଔଚିତ୍ୟର ବିଶ୍ଳେଷଣ ସବୁଠି ହୋଇଥାଏ । ତାର ସ୍ୱତନ୍ତ୍ର ଆଲୋଚନା କରାଯାଏ ନାହିଁ । ବକ୍ରୋକ୍ତି ସଂପ୍ରଦାୟର ଯୁକ୍ତି ଖଣ୍ଡନ କରି ବିଶ୍ୱନାଥ କବିରାଜ "ବକ୍ରୋକ୍ତି"କୁ ଏକ ଅଳଙ୍କାର ରୂପେ ପ୍ରତିପାଦିତ କରିବା ପାଇଁ ଉଦ୍ୟମ କରିଛନ୍ତି, କିନ୍ତୁ "ବକ୍ରୋକ୍ତିଜୀବିତର" ଲେଖକ କୁନ୍ତକଙ୍କୁ ଉପେକ୍ଷା କରିହେବ ନାହିଁ । ତାଙ୍କ କାବ୍ୟର ପଞ୍ଚସଂପ୍ରଦାୟ ପରସ୍ପରର ପରିପୂରକ ।

କେତେକ ଆଲୋଚକ ଅଳଙ୍କାର ବ୍ୟତୀତ କାବ୍ୟ ରଚନା ସମ୍ଭବ ବୋଲି ମତ ଦେଇଥାନ୍ତି । ସେମାନଙ୍କ ମତାନୁସାରେ ଅନେକ କବି କେବଳ ସ୍ୱର୍ଣ୍ଣକାର ଭଳି ଅଳଙ୍କାର ନିର୍ମାଣ କରନ୍ତି । ମାଘ କହନ୍ତି :

ନବପଲଶ-ପଲାଶବନଂ ପୁରଃ<br>
ସ୍ଫୁଟ-ପରାଗ-ପରାଗତ ପଙ୍କଜମ୍ ।

ମୃଦୁଲତାର ଲତାନ୍ତମଲୋକୟତ୍
ସସୁରଭିଂ ସୁରଭିଂ ସୁମନୋହରୈଃ ॥

ଏହା ବସନ୍ତ ବର୍ଣ୍ଣନା । ଅନ୍ୟ ପକ୍ଷରେ କାଳିଦାସ ଶକୁନ୍ତଳାଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଅଳଙ୍କାରର ଆବଶ୍ୟକତା ନାହିଁ ବୋଲି କହିଛନ୍ତି :

କିମିବ ହି ମଧୁରାଣାଂ ମଣ୍ଡନଂ ନାକୃତୀନାମ୍ ॥

ସ୍ୱଭାବ କବି ଗଙ୍ଗାଧରଙ୍କ ଭାଷାରେ–

କଳଙ୍କ ହିଁ ଥାଇ କଳାକର କୋଳେ
କରଇ ନେତ୍ର ରଂଜନ,
ସ୍ୱଭାବ ସୁନ୍ଦର ଅଙ୍ଗକୁ ଜଗତେ
ନ ହୁଏ କିସ ମଣ୍ଡନ ।

ମଧୁର ଆକୃତି ପାଇଁ ଅଳଂକରଣର କୌଣସି ଆବଶ୍ୟକତା ନାହିଁ ।

ଆନନ୍ଦବର୍ଦ୍ଧନ ଅଳଙ୍କାରକୁ କନକ କୁଣ୍ଡଳ ସହିତ ତୁଳନା କରିଛନ୍ତି । ତାଙ୍କର ସମାଲୋଚକମାନେ ଯୁକ୍ତି କରନ୍ତି– ସୁନ୍ଦର ଶରୀର ପାଇଁ କନକକୁଣ୍ଡଳର ପ୍ରୟୋଜନ କେଉଁଠି ? କିନ୍ତୁ ଆନନ୍ଦବର୍ଦ୍ଧନ ଅଳଙ୍କାରର ସବିଶେଷ ବିଶ୍ଳେଷଣ କରି କହନ୍ତି :

ବିଚ୍ଛେଦି ଶୋଭିନୈକେନ ଭୂଷଣେନେବ କାମିନୀ
ପଦଦ୍ୟୋତ୍ୟେନ ସୁକବେ ର୍ଧ୍ୱନିନା ଭାତିଭାରତୀ ॥

ତେଣୁ ଭୂଷଣ ବ୍ୟତୀତ ସୌନ୍ଦର୍ଯ୍ୟ ସମ୍ଭବ । କେବଳ ଭୂଷଣ ହିଁ ଅସୁନ୍ଦରକୁ ସୁନ୍ଦର କରିବା ପାଇଁ ସମର୍ଥ । କାରଣ ଭୂଷଣଯୁକ୍ତ ହେଲେ ସୌନ୍ଦର୍ଯ୍ୟ ଅଧିକ ଆକର୍ଷିତ କରିଥାଏ । କାଳିଦାସ କୁମାରସମ୍ଭବରେ କହିଛନ୍ତି :

କିମିତ୍ୟପାସ୍ୟାଭରଣାନି ଯୌବନେ
ଧୃତଂ ତ୍ୱୟା ବାର୍ଦ୍ଧକ୍ୟଶୋଭି ବଲ୍‌କଳମ୍ ।
ବଦ ପ୍ରଦୋଷେ ସ୍ଫୁଟଚନ୍ଦ୍ରତାରକା
ବିଭାବରୀ ଯଦ୍ୟରୁଣାୟ କଳ୍ପତେ ॥

ସତ୍ କବିମାନେ ଅଳଙ୍କାର ପ୍ରୟୋଗ କରି କାବ୍ୟ ରଚନା କରନ୍ତି । ପ୍ରଥମେ କାବ୍ୟ ଓ ତତ୍‌ପରେ ଅଳଙ୍କାର ମାନ ପ୍ରଯୁକ୍ତ ହୁଏ ନାହିଁ । ଅଳଙ୍କାର ବା କାବ୍ୟର ଲାବଣ୍ୟ-ମାଧୁର୍ଯ୍ୟାଦି ଗୁଣ ସଦ୍‌ଭାବ୍ୟରେ ସ୍ୱଭାବ ସିଦ୍ଧ ଭାବେ ରହିଥାଏ । ତେଣୁ କାବ୍ୟ ହେଉଛି ବିଶିଷ୍ଟ ପଦ ରଚନା । ଏହା ସାଧାରଣ କଥନ ନୁହେଁ । "ଶୁଷ୍କଂ କାଷ୍ଠଂ ତିଷ୍ଠତ୍ୟଗ୍ରେ" । "ନୀରସ ତରୁବରଃ ପୁରତୋଭାତି" ଏଇ ବାକ୍ୟ ଦୁଇଟି ମଧ୍ୟରେ ଦେଖି ପାରିବା ଏହାର ଦୃଷ୍ଟାନ୍ତ ।

ଅଳଙ୍କାର ବା ସୌନ୍ଦର୍ଯ୍ୟ ବା ସୌନ୍ଦର୍ଯ୍ୟ ତତ୍ତ୍ୱର ନାମ କ'ଣ ? ବସ୍ତୁ ବା କାବ୍ୟ ସୁନ୍ଦର ହୁଏ କିପରି ? ଏ ସଂପର୍କରେ ବହୁ ପ୍ରାଚ୍ୟ ପାଶ୍ଚାତ୍ୟ ଦାର୍ଶନିକ ବହୁ ମତ ପ୍ରଦାନ କରିଛନ୍ତି । ମହାକବି ମାଘ କହିଛନ୍ତି :

କ୍ଷଣେ କ୍ଷଣେ ଯନ୍ନବତାମୁପୈତି
ତଦେବ ରୂପଂ ରମଣୀୟତାୟାଃ ।

ଅର୍ଥାତ୍ ରମଣୀୟତା ନାମ ନିତ୍ୟ ନୂତନ ! ଏହାର ଉପଭୋଗ ମାତ୍ରେ ମହତ୍ ଆନନ୍ଦ ଲାଭ ହୁଏ । ଇଂରାଜୀ କବି କୀଟ୍‌ସ୍‌ଙ୍କ ଭାଷାରେ :

A thing of beauty is joy forever.

କବି ହେଉଛନ୍ତି ଏଇ ଆନନ୍ଦର ଦ୍ରଷ୍ଟା, ଦାର୍ଶନିକ ଓ କ୍ରାନ୍ତିଦର୍ଶୀ । ସେହି କବି ଶାଶ୍ୱତ କାଳର କବି । ଶୁକ୍ଳ ଯଜୁର୍ବେଦରେ କୁହାଯାଇଛି :

"କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂଃ ।
ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାତ୍ ଶାଶ୍ୱତୀଭ୍ୟଃ ସମାଭ୍ୟଃ"

ଭର୍ତ୍ତୃହରି କହିଛନ୍ତି :

ଜୟନ୍ତି ତେ ସୁକୃତିନୋ ରସସିଦ୍ଧାଃ କବୀଶ୍ୱରାଃ
ନାସ୍ତି ଯେଷାଂ ଯଶଃକାୟେ ଜରାମରଣଜଂ ଭୟମ୍ ॥

ବିଶିଷ୍ଟ ଦାର୍ଶନିକ କବି ଶେଲୀଙ୍କ ଭାଷାରେ :

Poets are not only authors of language and music but they are the institutors of laws and founders of civil society and inventors of the art of life and the teachers who draw into a certain propinquity with Beautiful and True.

ଦାର୍ଶନିକ ହିଁ କବି ହେବା ପାଇଁ ସକ୍ଷମ ବୋଲି କୋଲ୍‌ରିଜ୍ କହିଛନ୍ତି :

No man was ever yet a great poet without being at the same time a profound philosopher.

ଅପାର କାବ୍ୟ-ସଂସାରରେ କବି ହିଁ ପ୍ରଜାପତି । ଏଇ ସଂସାର ସର୍ବଦା ସ୍ୱତନ୍ତ୍ର ଆନନ୍ଦ ସ୍ୱରୂପ, ବିଧିବିଧାନ ଦ୍ୱାରା ଅନିୟନ୍ତ୍ରିତ ଏବଂ ନବରସ ରୁଚିର ବୋଲି ମମ୍ମଟ କହିଛନ୍ତି ।

କାବ୍ୟ କିପରି ଆନନ୍ଦ ଦାୟକ ବା ସୌନ୍ଦର୍ଯ୍ୟ ବିଧାୟକ ଏ ସଂପର୍କରେ ପ୍ରାଚ୍ୟ ଆଳଙ୍କାରିକମାନେ କାବ୍ୟର ସଂଜ୍ଞା ନିରୂପଣ ପ୍ରସଙ୍ଗରେ ବହୁତ ଆଲୋଚନା କରିଛନ୍ତି । ଭାମହ କହିଛନ୍ତି : ଶବ୍ଦାର୍ଥୌ ସହିତୌ କାବ୍ୟମ୍ । ରୁଦ୍ରଟ କହିଛନ୍ତି : ଶବ୍ଦାର୍ଥୌ କାବ୍ୟମ୍ । ଆଚାର୍ଯ୍ୟ ଦଣ୍ଡୀ କାବ୍ୟ ସଂଜ୍ଞା ନିରୂପଣ କରି କହିଛନ୍ତି ଇଷ୍ଟାର୍ଥ ବ୍ୟବଚ୍ଛିନ୍ନା ପଦାବଳୀ କାବ୍ୟମ୍ । ବାମନ ମଧ୍ୟ କହିଛନ୍ତି : ବିଶିଷ୍ଟ ପଦ ରଚନା କାବ୍ୟମ୍ । କାଳିଦାସ ଶବ୍ଦାର୍ଥ ସଂପର୍କକୁ ଅର୍ଦ୍ଧନାରୀଶ୍ୱର ଭଳି ବର୍ଣ୍ଣନା କରିଛନ୍ତି :

ବାଗର୍ଥାବିବ ସଂପୃକ୍ତୌ ବାଗର୍ଥପ୍ରତିପତ୍ତୟେ
ଜଗତଃ ପିତରୌ ବନ୍ଦେ ପାର୍ବତୀପରମେଶ୍ୱରୌ ॥
(ରଘୁ–୧୧)

ଏହି ବର୍ଣ୍ଣନାରୁ ଏହା ପ୍ରତିପାଦିତ ହେଉଛି : ଶବ୍ଦାର୍ଥ ସ୍ୱବିନିଯୋଗରୁ ସତ୍ କାବ୍ୟର ସୃଷ୍ଟି ହୋଇଥାଏ ।

ରାଜଶେଖର ସାହିତ୍ୟ ଓ ସାହିତ୍ୟବିଦ୍ୟା ଦୁଇଟି ସଂପର୍କରେ ଉଲ୍ଲେଖ କରିଛନ୍ତି । ପାର୍ବତୀ ପରମେଶ୍ୱର ଭଳି ସାହିତ୍ୟର ପ୍ରଣୟ ସାହିତ୍ୟ ବିଦ୍ୟା ସହିତ ହୋଇଥାଏ । ନାନାବିଧ ଭୂଷଣରେ ସାହିତ୍ୟବିଦ୍ୟା ସୁନ୍ଦରୀ ତରୁଣୀ ଭଳି ସାହିତ୍ୟର ମନ ମୋହିତ କରିଥାଏ । ସେହିପାଇଁ ଦୁହିଙ୍କର ପ୍ରଣୟ । ଏଠାରେ ଭୂଷଣ ଅନେକ, ମାତ୍ର ସେ ସବୁ ଲାବଣ୍ୟଦ୍ୟୋତକ । ଆନନ୍ଦ ବର୍ଦ୍ଧନ କହିଛନ୍ତି :

ପ୍ରତୀୟମାନଂ ପୁନରନ୍ୟଦେବ
ବସ୍ତ୍ୱସ୍ତି ବାଣୀଷୁ ମହାକବୀନାମ୍ ।
ଯତ୍ତତ୍ ପ୍ରସିଦ୍ଧା ବୟବାତିରିକ୍ତମ୍
ବିଭାତି ଲାବଣ୍ୟମିବାଙ୍ଗନାସୁ ॥

ଯେଉଁମାନେ କାବ୍ୟର ଧ୍ୱନିରୂପ ବିଶ୍ଳେଷଣ କରନ୍ତି ସେମାନଙ୍କ ମତରେ ବ୍ୟଞ୍ଜନା ହିଁ କାବ୍ୟର ଲାବଣ୍ୟ ବା ଚମତ୍କାରିତା ପ୍ରଦର୍ଶିତ କରିଥାଏ । ଯାହା ପ୍ରକାଶିତ ହୋଇନାହିଁ ସେହି ଅପ୍ରକଟିତ ଅର୍ଥ ବ୍ୟଞ୍ଜନା ବଳରେ ପ୍ରତୀୟମାନ ହୋଇ କାବ୍ୟର ଶୋଭା ବର୍ଦ୍ଧନ କରିଥାଏ । ତାହାହିଁ ଧ୍ୱନି । ଧ୍ୱନି କାହିଁକି ? ଆନନ୍ଦ ବର୍ଦ୍ଧନ କହିଛନ୍ତି : ସହୃଦୟ ମନଃ ପ୍ରୀତୟେ ତତ୍ ସ୍ୱରୂପମ୍ ।"

ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ବିଶ୍ୱନାଥ କବିରାଜ ମହୋଦୟ ରସର ପ୍ରାଧାନ୍ୟ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ବାକ୍ୟଂ ରସାତ୍ମକଂ କାବ୍ୟମ୍ । " ରସ କାବ୍ୟର ପ୍ରାଣ । ସେ ରସ କୃତିକୁ ଉଚ୍ଚ ସ୍ଥାନ ଦେଇଛନ୍ତି, ସେଥିରୁ ସଚ୍ଚିଦାନନ୍ଦ ସ୍ୱରୂପ ଅମୃତ ବ୍ରହ୍ମାନନ୍ଦ ରସ ମିଳିଥାଏ ବୋଲି କହିଛନ୍ତି ।

କାବ୍ୟ ପରମ୍ପରାର ଷଟ୍ ସଂପ୍ରଦାୟର ଏକମାତ୍ର ଲକ୍ଷ୍ୟ ସୌନ୍ଦର୍ଯ୍ୟ ତତ୍ତ୍ୱ ବ୍ୟାଖ୍ୟାନ । ଉପନିଷଦ୍ କହେ : ଏକଂ ସଦ୍‌ବିପ୍ରାଃ ବହୁଧା ବଦନ୍ତି ।" ସେହିପରି କାବ୍ୟ ବହୁଧା ବିରାଜିତ । ତେଣୁ କୁହାଯାଇଛି :

କୁବେରଭିପ୍ରାୟମଶବ୍ଦଗୋଚରମ୍
ସ୍ଫୁରନ୍ତମାଦ୍ରେଷୁ ପଦେଷୁ କେବଳମ୍
ବଦଦ୍‌ଭିରଙ୍ଗୈଃ ସ୍ଫୁଟରୋମବିକ୍ରିୟୈ
ର୍ଜନସ୍ୟ ତୂଷ୍ଣୀଂ ଭବତୋଽୟମଞ୍ଜଳିଃ ।

ସେ ଯାହାହେଉ ସୌନ୍ଦର୍ଯ୍ୟତତ୍ତ୍ୱ ଅଧ୍ୟୟନ ପାଇଁ ଆମେ ଅଳଙ୍କାର ଶାସ୍ତ୍ର ଗୁଡ଼ିକର ସୂକ୍ଷ୍ମାତିସୂକ୍ଷ୍ମଭାବେ ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ । ଭାରତୀୟ କାବ୍ୟ ସାହିତ୍ୟ ପରଂ-ପରାରେ ସୌନ୍ଦର୍ଯ୍ୟତତ୍ତ୍ୱ ଆଲୋଚନା ବହୁ ପ୍ରାଚୀନ କାଳରୁ ଆରମ୍ଭ ହୋଇଛି । ସଂପୂର୍ଣ୍ଣ ସଂସାରକୁ ମଧୁମୟ, ସୁଧାମୟ, ସୌନ୍ଦର୍ଯ୍ୟମୟ, କରିବା ପାଇଁ ସୌନ୍ଦର୍ଯ୍ୟତତ୍ତ୍ୱର ସବିଶଦ ଆଲୋଚନା ଆବଶ୍ୟକ । ଏଇ ବିଷୟରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନ୍ୟତ୍ର ବହୁବିଧ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି ଏବଂ ହେଉଛି । ମୋର ଅଭିଳାଷ ଏଇ ଅଖିଳ ଭାରତୀୟ ଆଲୋଚନାଚକ୍ର ଆମ ଲକ୍ଷ୍ୟସିଦ୍ଧି ନିମନ୍ତେ ଅନୁକୂଳ ଏବଂ ଉପାଦେୟ ହେବ । ଶୁଭମସ୍ତୁ ।

* ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ଦ୍ୱାରା ଆୟୋଜିତ ଅଖିଳ ଭାରତୀୟ ଆଲୋଚନା ଚକ୍ରରେ ପ୍ରଦତ୍ତ ଭାଷଣର ।



ସୁନାର ମାଟିରେ ସୁନାର ଫସଲ

# କୃଷି ବିକାଶ କାର୍ଯ୍ୟକ୍ରମ



ଡଃ ରବିନାରାୟଣ ମହାନ୍ତି

ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ସମୁଦାୟ ସ୍ଥଳ ଭାଗର ଆୟତନ ୧୫.୫ ନିୟୁତ ହେକ୍ଟର । ସେଥିରୁ ୬.୬ ନିୟୁତ ହେକ୍ଟରରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯାଇଥାଏ । ଏହି ଚାଷ ଜମିର ଶତକଡ଼ା ପ୍ରାୟ ୭୯% ଜମିରେ ଚାଷ କାର୍ଯ୍ୟ ପାଇଁ ଚାଷୀକୁ ବର୍ଷାଜଳ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପୁରୁଷାନୁକ୍ରମେ ଧାନକୁ ଆମର ଚାଷୀ ମୁଖ୍ୟ ଫସଲ ଭାବେ ଗ୍ରହଣ କରି ଆସିଛନ୍ତି ।

ପୂର୍ବାଞ୍ଚଳ ରାଜ୍ୟମାନଙ୍କର ମୁଖ୍ୟ ଫସଲ ଧାନ । ଏହାର ଉତ୍ପାଦନ ବୃଦ୍ଧି ନିମନ୍ତେ ଜାତୀୟ ସ୍ତରରେ ନୀତି ନିର୍ଦ୍ଧାରଣ କରାଯାଇ "ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା" କେନ୍ଦ୍ରୀୟ ସହାୟତାରେ ୧୯୮୪–୮୫ ମସିହାରେ ପ୍ରଥମେ ଆମ ରାଜ୍ୟ ସାତ ଗୋଟି ବ୍ଲକରେ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବର୍ତ୍ତମାନ ରାଜ୍ୟର ୬୩ଟି ବ୍ଲକକୁ ସଂପ୍ରସାରିତ କରାଯାଇଛି । ଏହି ଯୋଜନା ମାଧ୍ୟମରେ ସଂପୃକ୍ତ ବ୍ଲକ ଗୁଡ଼ିକରେ ଧାନ ଉତ୍ପାଦନ ୧୯୮୫–୮୬ ମସିହାରେ ଅନ୍ୟ ବ୍ଲକ ତୁଳନାରେ ୧୪.୨୦ ଭାଗକୁ ବୃଦ୍ଧି ପାଇଛି । ଏତଦ୍‌ବ୍ୟତୀତ ଧାନର ଉତ୍ପାଦିକା ଶକ୍ତି ବୃଦ୍ଧି ନିମନ୍ତେ ସମ୍ବଲପୁର, ବଲାଙ୍ଗିର ଜିଲ୍ଲାର ୮ଟି ବ୍ଲକରେ (ଇଣ୍ଡୋଜେର୍ମାନ୍ ପ୍ରୋଜେକ୍ଟ) ନାମରେ ୧୯୮୫–୮୬ ମସିହାରୁ ଆଉ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ରାଜ୍ୟରେ ଧାନ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ବର୍ଷାଧାର ଉପରେ ନିର୍ଭର କରୁଥିବା ଅଞ୍ଚଳରେ ନିମ୍ନଲିଖିତ ଆଭିମୁଖ୍ୟମାନ ଗ୍ରହଣ କରାଯାଇଛି । (କ) ଅପ ଜମିରେ ଧାନ ବଦଳରେ ଡାଲି, ତୈଳବୀଜ ଜାତୀୟ ବା କ୍ଷୁଦ୍ର ଶସ୍ୟ ଚାଷ କରିବା, (ଖ) ଦେଶୀ ଲମ୍ବୁଧାନ ବଦଳରେ ଶୀଘ୍ର ପାଚୁଥିବା ଅଧିକ ଅମଳକ୍ଷମ ଧାନ ସହ ହରଡ଼, ଚିନାବାଦାମ ଭଳି ଫସଲକୁ ମେଳ ମିଶ୍ରିତ ଚାଷ କରିବା, (ଗ) ରୋଗ ପୋକ ଏଡ଼ାଇବା ନିମନ୍ତେ ଓ ଫସଲର ଶେଷ ଅବସ୍ଥାରେ ଜଳାଭାବର ସମ୍ମୁଖୀନ ନ ହେବା ପାଇଁ ଅଗୁଆ ଧାନ ବୁଣିବା କିମ୍ବା ରୋଇବା, (ଘ) ମଧ୍ୟମ କିସମ ଜମିରେ ୧୨୦ ଦିନ ମଧ୍ୟରେ ଅମଳ ହୋଇ ପାରୁଥିବା ଧାନକୁ ଅଧିକ ଲୋକପ୍ରିୟ କରିବା, (ଙ) ସ୍ୱଳ୍ପ ବ୍ୟୟସାପେକ୍ଷ ପରିସ୍ଥିତିରେ ଅଗ-ଅଗୁଆ ବୁଣାବୁଣି, କିଆରୀରେ ଗଛ ସଂଖ୍ୟା ଠିକ୍ ରଖିବା, ଉପଯୁକ୍ତ ଜଳସେଚନ ବ୍ୟବସ୍ଥା, ଧାଡ଼ିବୁଣା, ଘାସବଛା ଓ ଉନ୍ନତ କୃଷି ସାରର ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି, (ଚ) ଖତସାରର ବହୁଳ ବ୍ୟବହାର ଏବଂ ଉପଯୁକ୍ତ ଶସ୍ୟ ସଂରକ୍ଷଣ ବ୍ୟବସ୍ଥା, (ଛ) ଧାନ ଫସଲର ଉତ୍ପାଦନ ହାର ବୃଦ୍ଧି ସଙ୍ଗେ ସଙ୍ଗେ ଅଣଜଳସେଚିତ ଅଞ୍ଚଳରେ ଦୁଇ ଫସଲି ଚାଷ ଏବଂ ଜଳସେଚିତ ଅଞ୍ଚଳରେ ଉଭୟ ଖରିଫ୍ ଓ ଡାଲୁଆ ଧାନ ଫସଲର ବ୍ୟାପକ ଚାଷ । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ୬.୫ ନିୟୁତ ଟନ୍ ଧାନ ଉତ୍ପାଦନ ହେବାର ଲକ୍ଷ୍ୟ ରଖା ଯାଇଛି ।

ଆମ ରାଜ୍ୟର ଚାଷୀ ଭାଇମାନେ ଗହମ ଚାଷ କ୍ଷେତ୍ରରେ କ୍ରମଶଃ ଅଗ୍ରଗତି ହାସଲ କରୁଛନ୍ତି । ୧୯୭୪–୭୫ ମସିହାରେ ରାଜ୍ୟରେ ୫୪ ହଜାର ୬୦୭ ହେକ୍ଟର ଜମିରେ ଗହମ ଚାଷ କରାଯାଇଥିଲା ଏବଂ ହେକ୍ଟର ପ୍ରତି ହାରାହାରି ୧.୫ ଟନ୍ ଅମଳ ମିଳିଥିଲା । ୧୯୮୩-୮୪ ମସିହାରେ ଗହମ ୭୮,୫୮୮ ହେକ୍ଟର ଜମିରେ ଚାଷ କରାଯାଇଥିଲା ଓ ହେକ୍ଟର ପିଛା ଅମଳ ୧.୯ ଟନ୍‌କୁ ବୃଦ୍ଧି ପାଇଛି । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଏହି ଉତ୍ପାଦନ ହାର ୨ ଟନ୍‌କୁ ବୃଦ୍ଧି କରି ମୋଟ୍ ଉତ୍ପାଦନ ୨ ଲକ୍ଷ ଟନ୍‌କୁ ବୃଦ୍ଧି କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଓଡ଼ିଶାରେ ବିରି, ମୁଗ, କୋଳଥ ଆଦି ଫସଲ ବହୁଳ ଭାବେ ଚାଷ କରାଯିବା ସଙ୍ଗେ ସଙ୍ଗେ ହରଡ଼, ବରଗୁଡ଼ି ଆଦି ଫସଲ ମଧ୍ୟ ଚାଷ କରାଯାଇଥାଏ । ୧୯୭୪-୭୫ ମସିହା ବେଳକୁ ଆମ ରାଜ୍ୟରେ ୧୦ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ କିସମର ଡାଲି ଜାତୀୟ ଫସଲ ଚାଷ କରାଯାଇଥିଲା ଏବଂ ୪,୨୮,୪୧୪ ଟନ୍ ଫସଲ ଉତ୍ପାଦିତ ହୋଇଥିଲା । ସାର ବ୍ୟବହାର ଓ ଜୀବାଣୁ କଲଚର ଆଦି ବୈଜ୍ଞାନିକ ପ୍ରଣାଳୀ ପ୍ରୟୋଗ ଦ୍ୱାରା ୧୯୮୩-୮୪ ମସିହା ସୁଦ୍ଧା ଉତ୍ପାଦନ ପରିମାଣ ୧୦.୫୯ ଲକ୍ଷ ଟନ୍‌କୁ ବୃଦ୍ଧି ପାଇ ପାରିଥିଲା । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଫସଲ ଉତ୍ପାଦନ ୧୨ ଲକ୍ଷ ଟନକୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଖାଇବା ତେଲର ଚାହିଦା ପୂରଣ ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ତୈଳବୀଜ ଫସଲମାନଙ୍କ ମଧ୍ୟରେ ଚିନାବାଦାମ ମୁଖ୍ୟ ଅଂଶ ଗ୍ରହଣ କରିଥିବା ହେତୁ ଏହାର ଉତ୍ପାଦନ ବୃଦ୍ଧି ନିମନ୍ତେ ନଦୀ ପଠାମାନଙ୍କରେ ବ୍ୟାପକ ଭାବେ ଚିନାବାଦାମ ଚାଷ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ରାଜ୍ୟର ୯.୨ ଲକ୍ଷ ହେକ୍ଟର ଜମିରେ

ବିଭିନ୍ନ ପ୍ରକାର ତୈଳବୀଜ ଫସଲ ଚାଷ କରାଯାଇ ୬.୮ ଲକ୍ଷ ଟନ୍ ଫସଲ ଉତ୍ପାଦନ ହୋଇ ପାରିଛି । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଏହି ଉତ୍ପାଦନ ୧୦ ଲକ୍ଷ ଟନ୍‌କୁ ବୃଦ୍ଧି କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଜାତୀୟ ତୈଳବୀଜ ଉନ୍ନୟନ ଯୋଜନା ନାମକ ଏକ ଯୋଜନା କେନ୍ଦ୍ରୀୟ ସହାୟତାରେ କଟକ, ଢେଙ୍କାନାଳ, କୋରାପୁଟ, କଳାହାଣ୍ଡି, ଫୁଲବାଣୀ, ପୁରୀ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ମାଧ୍ୟମରେ ଚିନାବାଦାମ, ସୋରିଷ, ରାଶି ଓ ଅଳସୀ ଇତ୍ୟାଦି ତୈଳବୀଜ ଫସଲର ଉତ୍ପାଦନ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଆହୁରି ମଧ୍ୟ ରାଜ୍ୟର ଆଦିବାସୀ ଅଞ୍ଚଳରେ ସୋୟାବିନ ଚାଷର ପ୍ରସାର ନିମନ୍ତେ କେନ୍ଦ୍ରୀୟ ସହାୟତାରେ ସୋୟାବିନ୍ ଚାଷ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।

କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ଗଞ୍ଜାମ, କଟକ ଜିଲ୍ଲାରେ କପା ଚାଷକୁ ପୁନଃ ପ୍ରଚଳନ କରାଯାଉଛି । ୧୯୮୪-୮୫ ମସିହାରେ ରାଜ୍ୟର ୧୯୦୮ ହେକ୍ଟର ଚାଷ ଜମିରେ କପା ଚାଷ କରାଯାଇ ୧୯୦୮ ବେଲ କପା ଉତ୍ପାଦନ କରାଯାଇଥିଲା । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ଏହି ଉତ୍ପାଦନ ପରିମାଣ ୮,୦୦୦ ବେଲକୁ ବୃଦ୍ଧି ପାଇବାର ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାର ବରଗଡ଼, ଆସ୍କା, ରାୟଗଡ଼ା, ନୟାଗଡ଼ ଓ ବଡ଼ମ୍ବାରେ ଅବସ୍ଥିତ ଚିନି କାରଖାନାର ନିକଟବର୍ତ୍ତୀ ଅଞ୍ଚଳରେ ଓ ଅନ୍ୟାନ୍ୟ ଆଖୁ ଉତ୍ପାଦନ ଅଞ୍ଚଳଗୁଡ଼ିକରେ ଆଖୁ ଉନ୍ନୟନ ପାଇଁ ସଂପ୍ରସାରଣ କର୍ମୀଙ୍କ ମାଧ୍ୟମରେ ନୂତନ ଚାଷ କୌଶଳ ଉନ୍ନତ ବିହନ ବ୍ୟବହାର ତଥା ପ୍ରଦର୍ଶନ କ୍ଷେତ୍ର ମାଧ୍ୟମରେ ଆଖୁ ଚାଷୀଙ୍କୁ ଉତ୍ସାହିତ କରାଯାଉଛି ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ମୋଟ ୪୬ ହଜାର ହେକ୍ଟର ଜମିରେ ଆଖୁ ଚାଷ କରାଯାଇ ୨୫.୮ ଲକ୍ଷ ଟନ୍ ଆଖୁ ଉତ୍ପାଦନ ହୋଇଥିଲା । ସପ୍ତମ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ଏହି ଉତ୍ପାଦନ ୪୦.୨ ଲକ୍ଷ ଟନ୍‌କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଏତଦ୍‌ବ୍ୟତୀତ ରାଜ୍ୟ ସରକାର ରାଜ୍ୟର ୪ଟି ବୃହତ୍ ଜଳସେଚନ ପ୍ରକଳ୍ପମାନଙ୍କରୁ ମିଳୁଥିବା ଜଳର ସଦ୍ ବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ୧୯୭୮-୭୯ ମସିହାରେ ବିଶ୍ୱ ବ୍ୟାଙ୍କ ସହାୟତାରେ ସେଚାଞ୍ଚଳ ଉନ୍ନୟନ ସଂସ୍ଥା ଗଠନ କରିଥିଲେ ।

ଏହି ସଂସ୍ଥା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟ କରୁଅଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ଏହି ଯୋଜନା ଦ୍ୱାରା ୧,୩୭, ୬୮୩ ହେକ୍ଟର ଜମିରେ ଚାଷନାଳ ଯୋଗାଣ ଯୋଜନା (C . F . D) କାର୍ଯ୍ୟକାରୀ କରାଯାଇଅଛି । ଏବଂ ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ୩,୩୦,୦୦୦ ହେକ୍ଟର ଅଧିକା ଜମିରେ ଏହି କାର୍ଯ୍ୟ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ରାଜ୍ୟରେ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସମଗ୍ର ରାଜ୍ୟକୁ ୧୦ଟି ଅଞ୍ଚଳରେ ବିଭକ୍ତ କରାଯାଇ, ୭ଟି ଆଞ୍ଚଳିକ ଗବେଷଣା କେନ୍ଦ୍ର ଓ ୩ଟି ଉପକେନ୍ଦ୍ର ସ୍ଥାପନ କରାଯାଇଛି । ଏହି ଗବେଷଣା କେନ୍ଦ୍ରମାନଙ୍କରେ ସଂପୃକ୍ତ ଅଞ୍ଚଳର ମୁଖ୍ୟ ଫସଲ ଓ ଚାଷ ପ୍ରଣାଳୀର ବିଭିନ୍ନ ଦିଗ ଉପରେ ଗବେଷଣାମାନ କରାଯାଉଛି । ଗବେଷଣାଗାରର ଲବ୍ଧ ଜ୍ଞାନକୁ ଗ୍ରାମାଞ୍ଚଳରେ ବାସ କରୁଥିବା କୃଷକ ଓ କୃଷି ଶ୍ରମିକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ୧୯୭୭ ମସିହାରୁ ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭାଗୀୟ ବିଷୟବସ୍ତୁ ବିଶେଷଜ୍ଞ ଓ କୃଷି ସଂପ୍ରସାରଣ ଅଧିକାରୀମାନେ କୃଷି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କଠାରୁ ଗବେଷଣା ଲବ୍ଧ ଜ୍ଞାନ ସମ୍ବନ୍ଧରେ ଅବହିତ ହେଲାପରେ, ନିଜନିଜ ଅଞ୍ଚଳର ଗ୍ରାମ କୃଷି କର୍ମଚାରୀ, କୃଷକ, କୃଷି ଶ୍ରମିକ ତଥା କୃଷକ ଗୃହିଣୀଙ୍କ ମଧ୍ୟରେ ଏହାର ପ୍ରସାର ଘଟାଇ କୃଷି କ୍ଷେତ୍ରରେ ମଧ୍ୟ ସହଯୋଗ କରିଥାନ୍ତି ।

କୃଷି ନିର୍ଦ୍ଦେଶକ, ଓଡ଼ିଶା



ତାଲିମ ଓ ପରିଦର୍ଶନ

# ଦେଶ ଗଠନରେ ଯୁବଶକ୍ତି

ଶ୍ରୀ ବିଚିତ୍ରାନନ୍ଦ କର

ଦେଶର ସବୁଠାରୁ ବଡ଼ଶକ୍ତି ହେଉଛି ଯୁବଶକ୍ତି । ଏକଥା କହିଲାବେଳେ ଯୁବସମାଜକୁ ଅଯଥା ପ୍ରାଧାନ୍ୟ ଦିଆ ଯାଉଛି ବୋଲି କେହି ମନେ କରିବା ଉଚିତ ନୁହେଁ କିମ୍ବା ଯୁବସମାଜକୁ ଭୟ କରି ପ୍ରଶଂସା କରାଯାଉଛି ବୋଲି କେହି ଭାବିବା ମଧ୍ୟ ଠିକ୍ ନୁହେଁ । ଯୁବସମାଜ ସତରେ ବିଶ୍ୱର ଏକ ଜୋରଦାର ଶକ୍ତି । ବହୁ ଅସ୍ତ୍ର-ଶକ୍ତିଠାରୁ ମଧ୍ୟ ଯୁବଶକ୍ତି ଅଧିକ ବଳଶାଳୀ ଓ ତେଜିୟାନ । ସେହି ଶକ୍ତି ଅସୀମ, ଅମାପ ଓ ଅମିତ ।

ଜଣେ ମନୀଷୀ କହିଥିଲେ— ଯୁବସମାଜ ଇଚ୍ଛା କଲେ ଗୋଟାଏ ଦେଶକୁ ନୂଆ କରି, ସୁନ୍ଦର କରି ଗଢ଼ି ପାରନ୍ତି ଏବଂ ସେଇ ଯୁବସମାଜ ସ୍ୱଞ୍ଛିଲେ ଦେଶକୁ ଧ୍ୱଂସ କରି ଦେଇ ପାରନ୍ତି ।

ଏଠି ପ୍ରଶ୍ନ ଉଠୁଛି— ଦେଶକୁ ଧ୍ୱଂସ କରିବାର କଳ୍ପନା ଆସିବ କାହିଁକି ? ଦେଶ ତ ଆମ ସମସ୍ତଙ୍କର— ଖଟିଖୁଆ ଠାରୁ ଖଟଶୁଆ ପର୍ଯ୍ୟନ୍ତ, ଦୁଃଖୀଠାରୁ ଭୋଗୀ ପର୍ଯ୍ୟନ୍ତ । ଏ ସମସ୍ତଙ୍କୁ ନେଇ ଦେଶ । ତେଣୁ ଦେଶକୁ ଉନ୍ନତ ଓ ସମୃଦ୍ଧ କରି ଗଢ଼ିବାର ସ୍ୱପ୍ନ ଆମେ ନ ଦେଖିବା କାହିଁକି ?

### ଉନ୍ନତିର ମାପକାଠି

ଦେଶର ତଥା ଦେଶବାସୀଙ୍କର ଅର୍ଥନୈତିକ ଓ ସମାଜିକ ଉନ୍ନତି ଓ ଉତ୍ଥାନରେ ଦେଶ ଓ ଦେଶବାସୀଙ୍କର ଉନ୍ନତି ଓ ସମୃଦ୍ଧି । ଶିକ୍ଷା—ସଭ୍ୟତା, କୃଷି—କୃଷ୍ଟି, ଶିଳ୍ପ—ବାଣିଜ୍ୟ, ସ୍ୱାସ୍ଥ୍ୟ—ଚିକିତ୍ସା, ବିଜ୍ଞାନ—କାରିଗରୀ ଇତ୍ୟାଦିର ବିକାଶ ଯେତେ ଅଧିକ ହେବ ଦେଶ ସେତିକି ବିକାଶଶୀଳ ହେବ ।

ଆମେରିକା, ରୁଷିଆ, ବ୍ରିଟେନ୍ ଭଳି ଆମଦେଶ ଅଦ୍ୟାବଧି ବିକାଶଶୀଳ ରାଷ୍ଟ୍ର ହୋଇ ପାରି ନାହିଁ । ଆମ ଦେଶ ଏକ ବିକାଶୋନ୍ମୁଖ ରାଷ୍ଟ୍ର । ବିକାଶ ଆମର ଲକ୍ଷ୍ୟ ଓ ଅଭିଳାଷ । ସେଇ ଲକ୍ଷ୍ୟ ହାସଲ ପାଇଁ ଆମେ ଅପେକ୍ଷା କରିଛୁ ଏବଂ ଆମକୁ ତାହା ହାସଲ କରିବାକୁ ହେବ । ଜାତିର ଜନକ ଗାନ୍ଧିଜୀ ଯେଉଁ ରାମ ରାଜ୍ୟର ସ୍ୱପ୍ନ ଦେଖିଥିଲେ, ତାର ଅସଲ ଅର୍ଥରେ ଏକ ସମୃଦ୍ଧ ବିକାଶଶୀଳ ରାଷ୍ଟ୍ରର କଳ୍ପନା । ଶିକ୍ଷା—ସ୍ୱାସ୍ଥ୍ୟ, ଖାଦ୍ୟ—ବସ୍ତ୍ର, ବସବାସ ଉପାର୍ଜନ ଇତ୍ୟାଦି ସବୁ ସ୍ତରରେ ଓ ସବୁ କ୍ଷେତ୍ରରେ ଦେଶବାସୀ ସମସ୍ତଙ୍କର ସମାନ ଅଧିକାର ରହିବ, ସମସ୍ତେ ପାଇବେ ସମାନ ସୁଯୋଗ— ଏହାହିଁ ଦେଶହିତୈଷୀ ମନୀଷୀମାନଙ୍କର ଭାବନା ଓ କାମନା । ପ୍ରତ୍ୟେକ ଦେଶବାସୀ ତଥା ନାଗରିକର ମଧ୍ୟ ଏହି ଆଶା ଓ ଆକାଂକ୍ଷା ।

ଦେଶ କହିଲେ, କେବଳ ଜମିବାଡ଼ି, ନଈନାଳ, କୂଅ—ପୋଖରୀ, ବଣ—ଜଙ୍ଗଲ, ପାହାଡ଼ ପର୍ବତର ସମାବେଶକୁ ବୁଝାଏ ନାହିଁ । ଏ ସବୁର ଓ ମଣିଷ ସମାଜର ସର୍ବାଙ୍ଗୀନ ବିକାଶ ଯେଉଁଠାରେ ସମ୍ଭବ ଓ ସଂଗଠିତ ହୋଇଥାଏ, ତାହାହିଁ ପ୍ରକୃତରେ ଦେଶ । ଦେଶରେ ଯଦି ଅଶିକ୍ଷା ଓ ଅଜ୍ଞାନତା ରହିଛି, ଯଦି ବୈଷମ୍ୟ ଓ ଅସାମ୍ୟ ରହିଛି, ଦେଶରେ ଥିବା ପ୍ରାକୃତିକ ସମ୍ପଦର ଯଦି ସଦୁପଯୋଗ ସମ୍ଭବ ହୋଇ ପାରୁ ନାହିଁ ଏବଂ ଦେଶ ଯଦି କୃଷି, ଶିଳ୍ପ—ବାଣିଜ୍ୟରେ ଆଶାନୁରୂପ ଅଗ୍ରଗତି କରି ପାରୁ ନାହିଁ, ଖାଦ୍ୟ—ବସ୍ତ୍ର ଇତ୍ୟାଦି ବ୍ୟବହାର୍ଯ୍ୟ ଜିନିଷର ଉତ୍ପାଦନ ଯଦି ବଢ଼ୁ ନାହିଁ, ଲୋକଙ୍କର ଦାରିଦ୍ର୍ୟାବସ୍ଥା ଯଦି ଦୂର ହେଉ ନାହିଁ, ମୁଣ୍ଡ ଗୁଞ୍ଜିବାକୁ ଯଦି ଅନେକଙ୍କର ରାହା ନାହିଁ, ଚିକିତ୍ସାର ସୁବିଧା ପାଇବାରୁ ଯଦି ଲକ୍ଷଲକ୍ଷ ଲୋକ ବଞ୍ଚିତ, ତେବେ ଦେଶର ଉନ୍ନତି ହେଲା ବୋଲି କୁହାଯିବ କିପରି ? ତା' ହେଲେ କାର୍ଯ୍ୟ କରିବ କିଏ ? କାହାର ଏ ଦାୟିତ୍ୱ ? କେବଳ ସରକାରୀ ସ୍ତରରେ କ'ଣ ଏସବୁ କାମ ସମ୍ଭବ ? ତା' ନ ହେଲେ, ସାଧାରଣ ସ୍ତରରେ ବୃଦ୍ଧ ଓ ବୟସ୍କ ଲୋକଙ୍କ ଦ୍ୱାରା ମଧ୍ୟ ଏହା ସମ୍ଭବ ନୁହେଁ । ଏହା କେବଳ ସମ୍ଭବ ଓ ସଫଳ ହୋଇ ପାରିବ ଯୁବସମାଜ ଓ ଯୁବଶକ୍ତି ଦ୍ୱାରା ।

### କୁସଂସ୍କାରର ରାହୁଛାୟା

ସମାଜରେ ଜାତିଭେଦ, ଜାତିଆଣ ଭାବ ଓ ଯୌତୁକ ଦାବୀ ଭଳି କୁସଂସ୍କାର ରହିଛି, ଧାର୍ମିକ ଓ ସାମ୍ପ୍ରଦାୟିକ କୁସଂସ୍କାର ବି ରହିଛି । ଆମରି ଭଳି ଅନ୍ୟ ଜଣେ ମଣିଷକୁ ଛୁଇଁଲେ ଆମେ ଛୁଆଁ ହୋଇ ଯାଉଛୁ ! ଅଥଚ, କୁକୁରକୁ କୋଳରେ ଶୁଆଇଲେ ଆମେ ଛୁଆଁ ହେଉ ନାହୁଁ । ମନ୍ଦିରରେ ହରିଜନ ପ୍ରବେଶ ଦ୍ୱାରା ମନ୍ଦିର ମାରା ହୋଇ ଯାଉଛି, ଅଥଚ ଆମେ ସେଇ ମନ୍ଦିର ଭିତରେ କେହି ମଳମୂତ୍ର ତ୍ୟାଗ କଲେ ବି, ତାହା ମାରା ହୁଏ ନାହିଁ । ଏ ପ୍ରକାର କୁସଂସ୍କାର ଓ ସଂକୀର୍ଣ୍ଣ ମନୋଭାବ ସମାଜରୁ ହଟେଇବାର ଦାୟିତ୍ୱ ଯୁବ ସମାଜର ।

ଯୌତୁକ ଦାବୀ ଯୋଗୁଁ କେତେ କନ୍ୟା ପିତା ଋଣଗ୍ରସ୍ତ ଓ ସର୍ବସ୍ୱାନ୍ତ ଏବଂ କେତେ କନ୍ୟା ଅବିବାହିତା, ପୁଣି ଶାଶୁଘରେ ନିର୍ଯ୍ୟାତିତା ଓ ଅପମୃତ୍ୟୁଗ୍ରସ୍ତା— ଏଭଳି ସାମାଜିକ କଳଙ୍କର ବିଲୁପ୍ତି ଯୁବସମାଜର

ଦାୟିତ୍ୱ । ଶିକ୍ଷିତ ଓ ସଚେତନ ଯୁବସମାଜ ଯୌତୁକ-କଳଙ୍କ ବିରୁଦ୍ଧରେ ତୀବ୍ର ଆନ୍ଦୋଳନ କରିବା ଉଚିତ ।

ସମାଜରେ କେତେକ ଲୋକ ଯେଉଁ ଅସାମାଜିକ, ଅରୁଚିକର କାର୍ଯ୍ୟ ଓ ହିଂସାକାଣ୍ଡମାନ ଘଟାଇ ଲୋକଙ୍କୁ ଭୟଭୀତ ଓ ଆତଙ୍କିତ କରାଉଛନ୍ତି, ଏହାର ପ୍ରତିରୋଧ ଯୁବସମାଜ ଦ୍ୱାରା ହିଁ ସମ୍ଭବ । ନଗ୍ନ ଓ ଅଶ୍ଳୀଳ ଲେଖା ଛବି, ଚଳଚ୍ଚିତ୍ର, ଅଶ୍ଳୀଳ ଓ ଅରୁଚିକର ସଙ୍ଗୀତ, ଉଲଗ୍ନ ନୃତ୍ୟ ଇତ୍ୟାଦିର ପ୍ରଚାର, ପ୍ରସାର ଓ ପ୍ରଦର୍ଶନ ବିରୁଦ୍ଧରେ ଦୃଢ ସ୍ୱର ଉତ୍ତୋଳିତ ହେବା ଉଚିତ । ତା' ହେଲେ ସୁସ୍ଥ ଓ ସୁନ୍ଦର ସମାଜ ସମ୍ଭବ ହେବ ।

### ଗ୍ରାମ ଉନ୍ନୟନ

ଗାଁ ଗହଳରେ ଭଲ କୁଅଟିଏ କି ଭଲ ପୋଖରୀଟିଏ ନାହିଁ, ପାଣିକଳ ନାହିଁ କିମ୍ବା ରାସ୍ତାଘାଟ ସୁବିଧା ନାହିଁ, ଅଥବା ଆଦୌ ନାହିଁ । କାଦୁଅ ଗୋହିରୀରେ କିମ୍ବା ବିଲ ହିଡ଼ରେ ଏ ଗାଁର ଲୋକ ସେ ଗାଁକୁ ଯାଆନ୍ତି । ପାଣି ମାଠିଆ ଧରି ଝିଅବୋହୂ ମାଇଲିଏ ବାଟ ଚାଲନ୍ତି । ଏଭଳି ଅଞ୍ଚଳରେ କୁଅଟିଏ, ପୋଖରୀଟିଏ ଖୋଳିବା, ଦଳ କାଢ଼ିବା, ବନ୍ଧ ବାନ୍ଧିବା କିମ୍ବା ରାସ୍ତାଟିଏ ତିଆରି କରିଦେବା କିମ୍ବା ଗାଁ ଦାଣ୍ଡ ସଫା କରିବା କ'ଣ ଯୁବସମାଜର କାର୍ଯ୍ୟ ନୁହେଁ ?

ଗାନ୍ଧିଜୀ ଯେତେବେଳେ ଗାଁ ଗହଳରେ ଗଠନମୂଳକ କାମ ପାଇଁ ଆହ୍ୱାନ ଦେଲେ, ଅନେକ ଯୁବକ ବାହାରି ପଡ଼ିଲେ । କିନ୍ତୁ କିଛିଦିନ ପରେ ସେଇ ଯୁବକମାନେ ଗାନ୍ଧିଜୀଙ୍କ ପାଖରେ ଅଭିଯୋଗ କଲେ ଯେ, ଲୋକେ ସେମାନଙ୍କ କଥା ଶୁଣୁ ନାହାନ୍ତି । ଗାନ୍ଧିଜୀ କହିଥିଲେ— ଲୋକେ ଶୁଣନ୍ତୁ ବା ନ ଶୁଣନ୍ତୁ, ତୁମେମାନେ ପ୍ରତିଦିନ ସକାଳୁ ଲୋକଙ୍କ ଦାଣ୍ଡ ଅଗଣା ସଫା କର । ଯୁବକମାନେ ସେହି କାମ କିଛିଦିନ କରିବା ପରେ ଲୋକେ ବୁଝିଲେ ଓ ତାପରେ ସେହି ଯୁବକମାନଙ୍କ କଥା ଶୁଣିଲେ । କାର୍ଯ୍ୟଟି ନିଃସ୍ୱାର୍ଥପର ଭାବରେ ସମୂହ ସ୍ୱାର୍ଥ ଦୃଷ୍ଟିରୁ ହେବାରୁ ଫଳ ଭଲ ହେଲା ।

ଏବେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଗାଁ ଗହଳରେ ବା ସହର ଉପକଣ୍ଠରେ ଯେଉଁସବୁ ସେବା କାର୍ଯ୍ୟ ଓ ସାଧାରଣ କାର୍ଯ୍ୟ କରୁଛନ୍ତି, ତାହା ନିଶ୍ଚିତ ଭାବରେ ଉଲ୍ଲେଖନୀୟ ଓ ପ୍ରଶଂସନୀୟ ହୋଇପାରେ । ଏଥିପାଇଁ ସେମାନେ କିଛି ଅର୍ଥ ପାଉଛନ୍ତି, କିନ୍ତୁ ସେହି ଅର୍ଥ ତୁଳନାରେ ସେମାନଙ୍କର କାମ ନିଶ୍ଚିତ ଭାବରେ ଅଧିକ ମୂଲ୍ୟବାନ ଓ ବହୁଜନ ହିତାୟ । ଏନ୍.ସି.ସି. ସ୍କାଉଟ, ଗାଇଡ୍ ଇତ୍ୟାଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଅନ୍ତର୍ଭୁକ୍ତ ହୋଇ ଛାତ୍ରଛାତ୍ରୀମାନେ ସେବାରେ ବ୍ରତୀ ହେଉଛନ୍ତି ।

### ଆର୍ତ୍ତଜନର ସେବାରେ

ବାତ୍ୟା, ବନ୍ୟା, ମରୁଡ଼ି, ଘରପୋଡ଼ି ଇତ୍ୟାଦି ବିପର୍ଯ୍ୟୟ ବେଳେ ଲୋକଙ୍କ ସେବା, ରୋଗୀ ଓ ଅସହାୟର ସେବାକୁ ଯୁବସମାଜ ଆଗ୍ରହର ସହିତ ଆଦରିଥାନ୍ତି ଓ ଏପରି ହେବା ଉଚିତ ମଧ୍ୟ ।

ଚାଷୀର ଅଧିକ ଅମଳ ହେଉ ନାହିଁ, ପାଣିର ସୁବିଧା ନାହିଁ, ଫସଲ ପୋକ ଖାଇ ନଷ୍ଟ ହେଉଛି, ସୁଣା ଭଲ ବିହନ, ସାର ଓ ଋଣ ଯଥା ସମୟରେ ପାଉ ନାହିଁ କିମ୍ବା ଉତ୍ପାଦିତ ପଦାର୍ଥର ଉପଯୁକ୍ତ ବିକ୍ରି ଓ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ବିକିବାକୁ ଚାଷୀ ବାଧ୍ୟ ହେଉଛି ବା ବିକ୍ରି ନ ହୋଇ ଜିନିଷ ନଷ୍ଟ ମଧ୍ୟ ହୋଇ ଯାଉଛି । ଫଳରେ ଚାଷୀ କ୍ଷତିଗ୍ରସ୍ତ ହେଉଛି । ଠିକ ଶିଳ୍ପ କ୍ଷେତ୍ରରେ ଜଣେ ଉଦ୍ୟୋଗୀ ଏଭଳି ବହୁ ଅସୁବିଧାର ସମ୍ମୁଖୀନ ହୋଇ ଋଣଗ୍ରସ୍ତ ହେଉଛି । ଏସବୁ ଦେଖି, ବୁଝି ପ୍ରତିକାର ପାଇଁ ଯୁବସମାଜ ପଦକ୍ଷେପ ନେଇ ପାରିଲେ, ଉତ୍ପାଦନ ବୃଦ୍ଧି ପାଆନ୍ତା । ଫଳ ଗଛଟିଏ କିମ୍ବା ଅନ୍ୟ ଗଛଟିଏ ଲଗାଇବାରେ ଆନନ୍ଦ ମିଳିବା ସଙ୍ଗେ ସଙ୍ଗେ, ଏହା ଯେ ଆବଶ୍ୟକ ଏବଂ ଉପକାରୀ ଏକଥାକୁ ଭାବି ଗଛ ଲଗାଇବାରେ ଯୁବସମାଜ ଯତ୍ନବାନ ହେବା ଉଚିତ । ।

ଦେଶରେ ଚିନି, କିରାସିନି, ଖାଇବାତେଲ, ସିମେଣ୍ଟ ଇତ୍ୟାଦି ଯଦି ନ ମିଳିଲା, ଏ ଅଭାବ ଯଦି ମନୁଷ୍ୟକୃତ ଓ ଲାଭଖୋରୀ ମନୋଭାବ ସମ୍ଭୂତ ହେଲା କିଛି ଲୋକ ସୁବିଧା ପାଇଲେ ଓ ଅନ୍ୟମାନେ ବଂଚିତ ହେଲେ କିମ୍ବା ଦରଦାମ ଅକାରଣ ବୃଦ୍ଧି ପାଇଲା ଓ କଳାବଜାର ଚାଲିଲା, ଅନ୍ୟାୟ ଅନୀତି କରି ଓ ପ୍ରଚୁର ଧନ ଠୁଳ କରି କିଛି ଲୋକ ଯଦି ଶୋଷଣ କଲେ କିମ୍ବା କେଉଁ ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ନ ମିଳିଲା, ଟଙ୍କା ନ ଦେଲେ ଖଟିଆ ଓ ଔଷଧ ପାଇବାରୁ ରୋଗୀ ବଂଚିତ ହେଲେ ତେବେ ତା'ର ପ୍ରତିରୋଧ ପାଇଁ ଯୁବସମାଜ ତତ୍ପର ହେବା ଦରକାର ।

କେତେକ ଅସାମାଜିକ ଲୋକ ଯଦି ଗଣ୍ଡଗୋଳ, ଗୁଣ୍ଡାମି, ନାରୀ ନିର୍ଯ୍ୟାତନା ଓ ଧର୍ଷଣ, ସାଂପ୍ରଦାୟିକ ସଂଘର୍ଷ, ଲୁଟପାଟ, ପୋଡ଼ାଜଳା, ହତ୍ୟାକାଣ୍ଡ ଇତ୍ୟାଦି ଘଟାଇ ଲୋକଙ୍କୁ ଭୀତତ୍ରସ୍ତ କରାନ୍ତି ଓ ଦେଶରେ ଅକାରଣ ଅରାଜକତା ସୃଷ୍ଟି କରିବାକୁ ଚାହାନ୍ତି ଏବଂ ସେଥିରୁ ବ୍ୟକ୍ତିଗତ ଫାଇଦା ଉଠାଇବା ସେମାନଙ୍କ ମତଲବ ହୁଏ, ତେବେ ଏ ଦିଗରେ ସଚେତନ ଯୁବସମାଜର ଦାୟିତ୍ୱ ଅଧିକ । ସେମାନେ ଏହାର ଦୃଢ଼ ପ୍ରତିରୋଧ କରିବା ଆବଶ୍ୟକ ।

### ଜନ ବିସ୍ଫୋରଣ

ଦେଶରେ ଜନସଂଖ୍ୟା ବଢି ଚାଲିଛି ଏବଂ ଏହା ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ସଂକୁଚିତ କରିବାର କାରଣ ହେଉଛି । ଏହି 'ଜନ ବିସ୍ଫୋରଣ' କୁ ରୋକିବାରେ ଯୁବସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ରାସ୍ତା ବା ପୋଲ କାମ ହେଉ, କିମ୍ବା କୌଣସି ଉନ୍ନୟନ ଯୋଜନା ହେଉ, ତାହା ସାଧାରଣ କାମ ଏବଂ ଲୋକଙ୍କ ଉପକାର ପାଇଁ ନିଶ୍ଚିତ ଭାବରେ ଉଦ୍ଦିଷ୍ଟ ଓ ଅଭିପ୍ରେତ । ଯେଉଁମାନେ ଠକି, ଭଣ୍ଡି, ନାନା ଫନ୍ଦି ଫିକର କରି ସେହି ଅର୍ଥକୁ ତୋଷରପାତ କରୁଛନ୍ତି, ଅଥଚ କାମରେ ଖିଲାପ୍ କରୁଛନ୍ତି, ସେମାନଙ୍କୁ ଜଗିବା ମଧ୍ୟ ଯୁବସମାଜର ଦାୟିତ୍ୱ । ତା' ହେଲେ ଦେଶରେ ଖର୍ଚ୍ଚ ହେଉଥିବା ଅର୍ଥରେ ଅନେକ କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରିବ ।

ଦେଶରେ ଏବେ ମଧ୍ୟ ଶତକଡା ପ୍ରାୟ ୬୦ ଭାଗ ଲୋକ ନିରକ୍ଷର ଓ ଅଶିକ୍ଷିତ ଏବଂ ଶିଳ୍ପ କାରିଗରୀ, କ୍ଷେତ ଖମାର ଓ ଖଣିଖାଦାନ, ସ୍ୱାସ୍ଥ୍ୟ-ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଆବଶ୍ୟକୀୟ ବୈଷୟିକ ଶିକ୍ଷାରୁ ବହୁଲୋକ ବଞ୍ଚିତ । ସେମାନଙ୍କୁ ସେହି ସେହି କ୍ଷେତ୍ରରେ ଓ ସାଧାରଣ ଶିକ୍ଷା କ୍ଷେତ୍ରରେ ଶିକ୍ଷିତ କରାଇବାକୁ ହେବ । ଏ ଦିଗରେ ଯୁବସମାଜକୁ ଅଣ୍ଟା ଭିଡ଼ିବାକୁ ପଡ଼ିବ ।

ଆମ ଦେଶରେ ଗଣତନ୍ତ୍ର ଶାସନ ପ୍ରଚଳିତ । ଏହା ଲୋକଙ୍କ ଶାସନ । ଲୋକେ ଶାସନ, ସଂବିଧାନ ଓ ନିର୍ବାଚନ ଇତ୍ୟାଦିରେ ପ୍ରତ୍ୟକ୍ଷ ଭାବରେ ଭାଗୀଦାର ହେବାକୁ ହେଲେ, ଏସବୁ ବିଷୟରେ ଭଲଭାବରେ ଜାଣିବା ଦରକାର । ଏବେବି ଲୋକେ କହନ୍ତି— ଭୋଟ ହେଉଛି, ହେଉ, ଆମର ସେଥିରେ କ'ଣ ଅଛି ? ଆମର ଇଚ୍ଛା ହେଲେ ଭୋଟ ଦେବୁ ନହେଲେ ନାହିଁ, ସୁତରାଂ ଏକ ଗଣତନ୍ତ୍ର ଶାସନରେ ନିର୍ବାଚନର ଆବଶ୍ୟକତା ଓ ଭୋଟଦାନର ମୂଲ୍ୟ ସାଧାରଣ ଲୋକଙ୍କୁ ବିଶେଷଭାବରେ ବୁଝାଇବା ଦରକାର । ନିର୍ବାଚନ ତଥା ମତଦାନ ଅବାଧ ଓ ମୁକ୍ତ ହେବା ଉଚିତ । ଯୁବସମାଜ ହିଁ ଏ ଗଣଚେତନା କାର୍ଯ୍ୟ ଯଥାର୍ଥଭାବରେ ତୁଲାଇ ପାରିବ ।

## ମାତୃଭୂମିର ସୁରକ୍ଷା

ଦେଶ ଯଦି ବହିଃ ଶତ୍ରୁ ଦ୍ୱାରା ଆକ୍ରାନ୍ତ କିମ୍ବା କୌଣସି କାରଣରୁ ବିପଦାପନ୍ନ ହୁଏ ଏବଂ ଦେଶର ଐକ୍ୟ, ସଂହତି ଅଖଣ୍ଡତା ଯଦି ଆଘାତପ୍ରାପ୍ତ ହୁଏ, ଦେଶକୁ ଛିନ୍ନଭିନ୍ନ, ବିଭାଜନ କରିବାର ଚକ୍ରାନ୍ତ ସ୍ଥଳେ, ତେବେ ତାହାକୁ ରକ୍ଷା କରିବା, ଅକ୍ଷୁର୍ଣ୍ଣ ରଖିବା ସରକାର ବା ଶାସନ ପକ୍ଷରେ ସେତିକି ସମ୍ଭବ ନୁହେଁ, ତା' ଠାରୁ ଅଧିକ ସମ୍ଭବ ହେବ ଯୁବସମାଜର ଐକ୍ୟବଦ୍ଧ ଶକ୍ତି ଓ ଐକାନ୍ତିକ ନିଷ୍ଠା ଓ ଉଦ୍ୟମ ବଳରେ । ଦେଶର ସୁରକ୍ଷା ପାଇଁ, ମାତୃଭୂମିର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଯୁବସମାଜ ସୈନ୍ୟବାହିନୀରେ ଯୋଗ ଦେବାକୁ ଆଗେଇ ଆସିବା ଉଚିତ ଏବଂ ଆବଶ୍ୟକ ହେଲେ, ସ୍ୱତନ୍ତ୍ର ସେନାବାହିନୀ ଗଢି ଦେଶପାଇଁ ଲଢିବା ଦରକାର ।

ଦେଶରେ ଭାଷା, ସାହିତ୍ୟ, ସଂସ୍କୃତି ଉପରେ ଯେତେବେଳେ କୌଣସି ଆଘାତ ଆସେ, ଜାତୀୟତାବୋଧ ଯେତେବେଳେ କ୍ଷୁଣ୍ଣ ହୋଇଆସେ, ଦେଶରେ ଯେତେବେଳେ ସବୁକ୍ଷେତ୍ରରେ ଖାଣ୍ଡୁଆଳ ଦେଖାଦିଏ ଏବଂ ଯେତେବେଳେ ମନେହୁଏ ଦେଶ, ଜାତି ଧ୍ୱଂସମୁଖୀ ବା ଅଧୋଗାମୀ, ସେତିକିବେଳେ ଦେଶକୁ ଉଠାଇବାର ଦାୟିତ୍ୱ ନେବାକୁ ଆଗେଇ ଆସିବା ଉଚିତ ଯୁବସମାଜ । ନୂତନ-ଯୁବ-ଉନ୍ମାଦନାରେ ଦେଶକୁ ଗଢିବାରେ ଦୃଢ ସଂକଳ୍ପ ସେମାନେ ହିଁ ନେଇ ପାରିବେ । ଭାଙ୍ଗିବାରେ ଗୌରବ ନ ଥାଏ, ଗଢିବାରେ ହିଁ ଗୌରବ । ଭାଙ୍ଗିବା ପାଇଁ ସମୟ ଲାଗେ ନାହିଁ, ମାତ୍ର ଗଢିବା ପାଇଁ ବହୁ ସମୟର ପ୍ରୟୋଜନ । କାରଣ ରୋମ ନଗରୀ ଗୋଟାଏ ଦିନରେ ଗଢା ହୋଇ ନଥିଲା ।

ବାଳକୃଷ୍ଣ ମାର୍ଗ, କଟକ-୧



ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଧବଳେଶ୍ୱରଠାରେ ପାଠଶାଳା ଉଦ୍‌ଘାଟନ

# ପରମାଣୁ ରିଆକ୍ଟର ଆମର ଆତଙ୍କ

ଶ୍ରୀ ସହଦେବ ସାହୁ

କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ଗୋଟିଏ ପ୍ରତିନିଧି ଦଳ ପୁରୀ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ କେତୋଟି ଅଞ୍ଚଳ ଦେଖି ଯାଇଥିଲେ । ସେମାନଙ୍କ ଉଦ୍ଦେଶ୍ୟ ଥିଲା – ପରମାଣୁ ଶକ୍ତି କେନ୍ଦ୍ରଟିଏ ସ୍ଥାପନ କରିବା ପାଇଁ ଉପଯୁକ୍ତ ସ୍ଥାନ ବାଛିବା । ଧନ ଜୀବନ ପ୍ରତି ବିପଦ ସୃଷ୍ଟିହେବ ବୋଲି କେତେକ ଲୋକ ବିବୃତିମାନ ଦେଇଥିଲେ । ସ୍ଥାନ ନିର୍ବାଚନ ଚୂଡାନ୍ତ ହୋଇ ନଥିଲେ ହେଁ, ଏ ବିଷୟରେ ବିଶେଷ ଆଲୋଚନା ଆବଶ୍ୟକ । ପରମାଣୁ ବିଦ୍ୟୁତ୍ କେନ୍ଦ୍ର ବିଷୟରେ ଆମମାନଙ୍କର କେତେଗୁଡ଼ିଏ ଭୁଲ ଧାରଣା ଅଛି । ଏଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ପରମାଣୁ ବିଦ୍ୟୁତ୍ କେନ୍ଦ୍ର କିପରି କାମ କରେ ତାହା ଜାଣିବା ଦରକାର ।

ତାପଜ ବିଦ୍ୟୁତ୍‌କେନ୍ଦ୍ର ଯେପରି କୋଇଲା ବା ତୈଳକୁ ଜାଳେଣି ଭାବରେ ବ୍ୟବହାର କରି ଜଳକୁ ବାଷ୍ପ କରେ ଓ ସେହି ବାଷ୍ପ ବିଦ୍ୟୁତ୍ ଉତ୍ପାଦନକାରୀ କଳ ବା ଟର୍ବାଇନ୍ ଚଳାଏ, ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସେହିପରି ତେଜସ୍କ୍ରିୟ ପଦାର୍ଥକୁ ଜାଳେଣି ରୂପେ ବ୍ୟବହାର କରି ଟର୍ବାଇନ ଚଳାଇବାର ଜଳୀୟବାଷ୍ପ ତିଆରି କରେ । ତେଜସ୍କ୍ରିୟ ପଦାର୍ଥକୁ ଇନ୍ଧନ ଯୋଗ୍ୟ କରିବାକୁ ଯେଉଁ କଳ ଲାଗେ, ତାକୁ ହିଁ ରିଆକ୍ଟର (ପରମାଣୁ ଚୁଲା) କହନ୍ତି । ଭୂପୃଷ୍ଠରେ ୟୁରାନିଅମ ଓ ଥୋରିଅମ ଭଳି କେତେକ ପଦାର୍ଥ ତେଜସ୍କ୍ରିୟ । ୟୁରାନିଅମ ଖଣିରୁ ମିଳେ । ଛତ୍ରପୁରରେ ସମୁଦ୍ରକୂଳର ବାଲୁକାରେ ଓ ତଦ୍ରୂପ ଅନ୍ୟ ଅଞ୍ଚଳରେ ଥୋରିଅମ୍ ମିଳିଥାଏ ।

ପ୍ରକୃତିରେ ଯେଉଁ ୟୁରାନିଅମ୍ ମିଳେ, ତହିଁରେ ହଜାର ଭାଗରେ ମାତ୍ର ୭ ଭାଗ ତେଜସ୍କ୍ରିୟ ପଦାର୍ଥ ଥାଏ । ପ୍ରାକୃତିକ ୟୁରାନିଅମର ନାମ ୟୁ-୨୩୮ ଓ ତେଜସ୍କ୍ରିୟ ୟୁରାନିଅମର ନାମ ୟୁ ୨୩୫ । ଧାତୁର ପ୍ରତ୍ୟେକ ପରମାଣୁରେ କେତେ ସଂଖ୍ୟକ ପ୍ରୋଟନ ଓ ନିଉଟ୍ରନ ଅଛି, ସେହି ଅନୁସାରେ ଏହି ସଂଖ୍ୟା । ଆପେ ଆପେ କ୍ଷୟ ହୋଇ ବିକିରଣ ଉତ୍ତାପ ସୃଷ୍ଟି କରିଥିବାରୁ, ଏହାକୁ ତେଜସ୍କ୍ରିୟ କୁହାଯାଏ । ଆପେ ଆପେ କ୍ଷୟ ହେଉଥିବା ଜିନିଷକୁ ବିଭାଜନକ୍ଷମ ବା ଫିସନେବ୍‌ଲ (Fissionable) ବସ୍ତୁ କୁହାଯାଏ । ଆଇନ୍‌ଷ୍ଟାଇନ୍ ତତ୍ତ୍ୱ ବାଢିଥିଲେ E=mc² । କୌଣସି ବସ୍ତୁ କ୍ଷୟ ହେଲେ ଶକ୍ତି ଦେଇଥାଏ । ଏହି ସ୍ଥିର ପରିମାଣ କ୍ଷୟପ୍ରାପ୍ତ ବସ୍ତୁର ଓଜନକୁ ଆଲୋକ ବେଗର ବର୍ଗରେ ଗୁଣିଲେ ଯାହା ହେବ ତାହା ସହିତ ସମାନ । ଶକ୍ତି= ଓଜନ×ଆଲୋକବେଗ × ଆଲୋକ ବେଗ । ଆଲୋକର ବେଗ ପ୍ରତି ସେକଣ୍ଡକୁ ୧୮୬୨୮୨ ମାଇଲ୍ ବା ୩ ଲକ୍ଷ କିଲୋମିଟର । ଏହି କାରଣରୁ ଗୋଟିଏ ଗ୍ରାମ୍ ଓଜନର ୟୁ ୨୩୫ ରୁ ଦିନକୁ ହଜାରେ କିଲୋୱାଟ ବିଜୁଳି ମିଳେ । ତାଳଚେର ଥର୍ମାଲ୍ ଶକ୍ତି କେନ୍ଦ୍ରରେ ଏତିକି ବିଜୁଳି ଉତ୍ପାଦନ କରିବା ପାଇଁ ୩୦୦ ଟନ୍ କୋଇଲା ଖର୍ଚ୍ଚ ହେବ ।

ଏତେ ବେଶୀ ତାପ ଜନ୍ମ ହେଉଥିବାରୁ ପାଣିକୁ ବାଷ୍ପ କରିବା ସଙ୍ଗେ ସଙ୍ଗେ ରିଆକ୍ଟରକୁ ଥଣ୍ଡା ରଖିବାର ଉପାୟ ଦରକାର । ଥଣ୍ଡାକାରୀ ହିସାବରେ ଜଳ ବ୍ୟବହାର ହୁଏ । ଗୋଟିଏ ପ୍ରକାର ରିଆକ୍ଟର ସାଧାରଣ ପାଣି ବା ହାଲୁକା ଜଳ ବ୍ୟବହାର କରେ । ଅନ୍ୟ ଏକ ପ୍ରକାରର ରିଆକ୍ଟର ଭାରୀଜଳ ବା ଡ଼ିଉଟେରିଅମ୍ ବ୍ୟବହାର କରେ । ପ୍ରଥମ ପ୍ରକାରର ରିଆକ୍ଟର ସଂଖ୍ୟା ବେଶୀ । ରିଆକ୍ଟର ତାପ ୨୫୦ ଡ଼ିଗ୍ରୀ ସେଲ୍‌ସିଅସ୍‌ରେ ରହିବା କଥା । ଏହି ଉଦ୍ଦେଶ୍ୟରେ ରିଆକ୍ଟର କେନ୍ଦ୍ରାଂଶ ଚାରିପଟେ ଗୁଡ଼ାଏ ନଳରେ ଅବିରତ ଜଳ ସଞ୍ଚାଳନ ହେଉଥାଏ । କେନ୍ଦ୍ରାଂଶରୁ ତାପ ବହି ନେଇ ଜଳ ବାଷ୍ପ ହୁଏ ଓ ଟର୍ବାଇନ ଚଳାଇବାରେ ଲାଗେ । ନୂଆ ପାଣି ଅନ୍ୟବାଟେ ପୁଣି ନଳକୁ ଥଣ୍ଡା କରେ । ରିଆକ୍ଟର ଥଣ୍ଡା ରହିଲେ, ପରମାଣୁରେ ଚଳମାନ ନିୟୁଟ୍ରନର ବେଗ ଧୀର ହୋଇଯାଏ । ପଦାର୍ଥ ବିଦ୍ୟାର ନିୟମ ହେଲା ଯେ, ଯେଉଁ ପଦାର୍ଥ ଯେତେ ଗରମ ତା'ର ନିୟୁଟ୍ରନ ସେତେ ଜୋରରେ ଘୂରୁଥାଏ । ନିୟୁଟ୍ରନର ବେଗକୁ ସଂଯତ କରୁଥିବାରୁ ଜଳକୁ ନିୟାମକ ବା ମଡରେଟର କୁହାଯାଏ । ଜଳ ଥଣ୍ଡାକାରୀ (କୁଲାଣ୍ଟ – Coolant) ଏବଂ ନିୟାମକ ଉଭୟ ରୂପରେ କାମ କରେ ।

ଯଦି କୌଣସି କାରଣରୁ ଉତ୍ତପ୍ତ ଜଳ ବା ଜଳୀୟବାଷ୍ପକୁ ନେଇ ଯାଉଥିବା କୌଣସି ଗୋଟିଏ ନଳ ଅକାମୀ ହୋଇଯାଏ; ଅର୍ଥାତ୍ ବାଷ୍ପ ପ୍ରବାହ ହେବାରେ ବାଧା ଉପୁଜେ, ତେବେ ରିଆକ୍ଟର ଭିତରର ଉତ୍ତାପ ନିୟନ୍ତ୍ରଣ କରିହୁଏ ନାହିଁ । କେତେକ ରିଆକ୍ଟରରେ ଏହି ଆଶଙ୍କା ଦୂର କରିବା ପାଇଁ ବିକଳ୍ପ ନଳମାନଙ୍କର ବ୍ୟବସ୍ଥା ହୋଇଥାଏ । ଯଦି ସେଗୁଡ଼ିକ ବି ଅକାମୀ ହୋଇପଡ଼େ, ବିଭାଜନ ହେଉଥିବା ତେଜସ୍କ୍ରିୟ ବସ୍ତୁରୁ ଜାତ ଉତ୍ତାପ ବାହାରକୁ ଯାଇ ନପାରି ଇନ୍ଧନକୁ ତରଳାଇ ଦେଇପାରେ । ସାଧାରଣତଃ ପାରମାଣବିକ କ୍ଷୟ ପ୍ରକ୍ରିୟାର ବେଗ କମାଇବା ପାଇଁ ରିଆକ୍ଟରରେ ବୋରନ୍ ବା ଇସ୍ପାତ୍ ବା କାଡମିଅମ୍ ଛଡ଼ ଦିଆ ଯାଇଥାଏ । ଏହି ଛଡ଼ଗୁଡ଼ିକ ନିଉଟ୍ରନକୁ ଶୋଷି ନିଅନ୍ତି । ଛଡ଼

ଯେତେ ଭିତରକୁ ପଶିବ, ପ୍ରକ୍ରିୟା ସେତେ ଧୀର ହେବ; କାରଣ ଛଡ଼ଟି ସେତେ ବେଶୀ ପରିମାଣରେ ନିଉଟ୍ରନ ଧରି ରଖୁବ । ମୁକ୍ତ ନିଉଟ୍ରନ ହିଁ ବନ୍ଧୁକ ଗୁଳିଭଳି କାମକରି ଅନ୍ୟ ନିଉଟ୍ରନମାନଙ୍କୁ ସ୍ଥାନଚ୍ୟୁତ କରାଏ ଏବଂ ସ୍ଥାନଚ୍ୟୁତ ନିଉଟ୍ରନଗୁଡ଼ିକ ଗୁଳି ଭଳି ଧକ୍କା ଦେଇ ଆହୁରି ଅନେକ ନିଉଟ୍ରନ ବାହାର କରନ୍ତି । ଯଦି ଅତି ଗରମ ହୋଇ ଇନ୍ଧନ ଓ ଛଡ ସବୁ ତରଳି ଗଲା, ସେ ପ୍ରକାର ବିପଦରୁ ରକ୍ଷା ପାଇବା ପାଇଁ ରିଆକ୍ଟରକୁ ଗୋଟିଏ ମୋଟା ପ୍ରାଚୀର ଭିତରେ ରଖାଯାଇଥାଏ । ପ୍ରାଚୀରଟି ଖୁବ୍ ବେଶୀ ଉତ୍ତାପ ସମ୍ଭାଳି ନେବା ଷ୍ଟେନଲେସ ଷ୍ଟିଲରେ ତିଆରି ହୋଇଥାଏ । ରିଆକ୍ଟରରୁ ବାହାରୁଥିବା ପ୍ରବଳ ଉତ୍ତାପକୁ ଏହି ପ୍ରାଚୀରଟି ସମ୍ଭାଳି ନେଇଥାଏ । କାଳେ ଏହି ପ୍ରାଚୀର ବି ସମ୍ଭାଳି ନ ପାରେ, ସେଥିପାଇଁ ସମୁଦାୟ ପରମାଣୁ କେନ୍ଦ୍ରଟି ଗୋଟିଏ ଦୁର୍ଗଭଳି ଗମ୍ବୁଜାକାର ଘର ଭିତରେ ରଖାଯାଇଥାଏ । ଗମ୍ବୁଜଟି ଏତେ ଶକ୍ତ ଯେ ଗୋଟିଏ ଜେଟବିମାନ ପୁରା ବେଗରେ ଆସି ଏଥିରେ ଧକ୍କା ଖାଇଲେ ମଧ୍ୟ ଗମ୍ବୁଜଟି ଭାଙ୍ଗିବ ନାହିଁ । କୌଣସି କାରଣରୁ ତେଜସ୍କ୍ରିୟ ପଦାର୍ଥ ରିଆକ୍ଟରରୁ ନିର୍ଗତ ହେଲେ, ଗମ୍ବୁଜ ଘରଟି ତେଜସ୍କ୍ରିୟ ବିକିରଣକୁ ଅଟକାଇ ପାରିବ ।

ପରମାଣୁ ଶକ୍ତି କେନ୍ଦ୍ର ବିରୁଦ୍ଧରେ ଶୁଣାଯାଉଥିବା ସବୁ ମତକୁ ସଂକ୍ଷେପରେ ଆଲୋଚନା କରାଯାଇପାରେ । (୧) ପରମାଣୁ ରିଆକ୍ଟର ସବୁବେଳେ କିଛି ନା କିଛି ତେଜସ୍କ୍ରିୟ ବିକିରଣ ଛାଡେ, ଏହା ବିପଦର କାରଣ । (୨) ରିଆକ୍ଟର ଅତି ଗରମ ହୋଇ ତରଳୀକରଣ ଅବସ୍ଥାକୁ ଆସିଗଲେ ସବୁ ତେଜସ୍କ୍ରିୟ ପଦାର୍ଥ ବାହାରକୁ ଆସିଯିବ ଓ ଜନସ୍ୱାସ୍ଥ୍ୟକୁ ବିପନ୍ନ କରିବ । (୩) ସନ୍ତାନକାରୀ (ବ୍ରିଡ଼ର) ରିଆକ୍ଟର ଜୀବନ ଧ୍ୱଂସକାରୀ ପ୍ଲୁଟୋନିଅମ ତିଆରି କରେ । (୪) ଜଳି ସାରିଥିବା ଆଣବିକ ଇନ୍ଧନକୁ ପୋତାଯିବା ବା ସାଇତିବା ଗୋଟିଏ ବଡ଼ ସମସ୍ୟା । (୫) ତାପଜ ଦୂଷଣ (ଥର୍ମାଲ ପଲ୍ୟୁସନ) ଗୋଟିଏ ବଡ଼ ବିପଦ, ଗରମ ପାଣି ଜଳଚର ପ୍ରାଣୀଙ୍କ ପ୍ରତି ବିପଦ ହୁଏ । (୬) ସନ୍ତ୍ରାସବାଦୀ ବା ରାଜଦ୍ରୋହୀମାନେ ପ୍ଲୁଟୋନିଅମ ଚୋରିକରି ବୋମା ତିଆରି କରି ପାରିବେ । (୭) ପରମାଣୁ ଶକ୍ତି କେନ୍ଦ୍ର ବଢ଼ିଲେ ବେଶୀ ବେଶୀ ଦେଶ ପରମାଣୁ ବୋମା ତିଆରି କୌଶଳ ହାସଲ କରିବେ । ଏ ଅବସ୍ଥାକୁ ଇଂରାଜୀରେ ନ୍ୟୁକ୍ଲିଅର ପ୍ରଲିଫରେସନ୍ କୁହାଯାଏ । (୮) ଅନ୍ୟ ଉପାୟରେ ଶକ୍ତି ଉତ୍ପାଦନଠାରୁ ପରମାଣୁ ରିଆକ୍ଟର ଦ୍ୱାରା ଶକ୍ତି ଉତ୍ପାଦନ ବେଶୀ ନିର୍ଭର ଯୋଗ୍ୟ ନୁହେଁ, ବରଂ ବେଶୀ ବ୍ୟୟ ବହୁଳ ।

ବିକିରଣ ହେଉଛି କେତେକ ବସ୍ତୁର ଧର୍ମ ଏବଂ ମଣିଷ ଏହି ବସ୍ତୁମାନଙ୍କ ଭିତରେ ବଞ୍ଚି ରହିଛି । ତେଜସ୍କ୍ରିୟ-ବିକିରଣ ମାପର ଏକକ ହେଉଛି 'ରଞ୍ଜନ' (Roentgen), ଏହା ଏକ୍ସ-ରେ'ର ଆବିଷ୍କାରକ ରଏଣ୍ଟଜେନଙ୍କ ନାମାନୁସାରେ ରଖାଯାଇଛି । ମଣିଷ ଉପରେ ବିକିରଣ ମାପିବା ପାଇଁ ଯେଉଁ ଏକକ ବ୍ୟବହାର ହୁଏ ତାହାର ନାମ 'ରେମ' (Rem, Roentgen [illegible]) ବା ରଞ୍ଜନ-ସମ-ମଣିଷ ସଂକ୍ଷେପରେ ରେମ କୁହାଯାଇ ପାରେ । ଏହାର ହଜାର ଭାଗରୁ ଭାଗେକୁ millirem 'ମିଲିରେମ୍' ବା ସଂକ୍ଷେପରେ ଏମ୍‌ରେମ୍ କୁହାଯାଏ । ବିକିରଣରୁ ରକ୍ଷା ସମ୍ପର୍କୀୟ ଆନ୍ତର୍ଜାତୀୟ ନିୟୋଗ (International Commission [illegible]) ବର୍ଷକ ଭିତରେ ସାଧାରଣ ମଣିଷଟିଏ ଯେତେ ବିକିରଣ ସହି ପାରିବ ତା'ର ସୀମା ୫୦୦ ରେମ୍ ରଖିଛନ୍ତି । ଏତ ଖୁବ୍ ତଳ ସ୍ତରର ଲୋକେ ବର୍ଷକୁ ୧୫୦୦ ରେମ୍ ବିକିରଣପାଇ ମଧ୍ୟ ସୁସ୍ଥ ଜୀବନ ବିତାଉଛନ୍ତି ।

ମହାକାଶର ତେଜସ୍କ୍ରିୟ ରଶ୍ମିଠାରୁ ଆରମ୍ଭ କରି ଭୂପୃଷ୍ଠର ୟୁରାନିଅମ ଓ ଥୋରିୟମ ଭଳି ଖଣିଜ ଉପାଦାନରୁ ବିକିରଣ ଆସିଥାଏ । କେଉଁଲୋକ କେଉଁଠାରେ ରହୁଛି ବା କାମ କରୁଛି, ତା' ଉପରେ ବିକିରଣ ପରିମାଣ ନିର୍ଭର କରେ । ଗ୍ରାନାଇଟ୍ (କଳାପଥର)ଠାରୁ ମଧ୍ୟ ତେଜସ୍କ୍ରିୟ ବିକିରଣ ବାହାରେ । ଘର ତିଆରିରେ ଲାଗୁଥିବା ଏହି ଗୋଡ଼ିରୁ ବର୍ଷକୁ ପ୍ରାୟ ୧୦ ମିଲିରେମ କାମ କରୁଥିବା ଲୋକ ଓ ତଦାରଖ କରୁଥିବା ମାଲିକଙ୍କୁ ମଧ୍ୟ ମିଳେ । ଡାକ୍ତରଖାନା ଯାଇ ଥରେ ଏକ୍ସରେ କଲେ ୫୦ ରେମ୍ ବିକିରଣ ଦେହରେ ପଶେ । ହିସାବ କରନ୍ତୁ ବର୍ଷରେ କେତେଥର ଏକ୍ସରେ କରିଛନ୍ତି । ମହାଶୂନ୍ୟରୁ ବର୍ଷକୁ ୪ ଏମ୍‌ରେମ୍ ଓ ରଙ୍ଗୀନ ଟେଲିଭିଜନରୁ ବର୍ଷକୁ ୧ ଏମ୍‌ରେମ୍ ମିଳିଥାଏ । ଯୁକ୍ତରାଷ୍ଟ୍ର ଆମେରିକାରେ ଏଭଳି ହିସାବ କରାଯାଇ ଜଣାଯାଇଛି ଯେ ସାଧାରଣ ମଣିଷ ବର୍ଷକୁ ୨୫୦ ଏମ୍‌ରେମ୍ ବିକିରଣ ପାଇଥାଏ । କେବଳ ପରମାଣୁ ରିଆକ୍ଟରମାନଙ୍କରୁ ଯେଉଁ ବିକିରଣ ବ୍ୟାପିଥାଏ, ତାହା ଏକ ଏମ୍‌ରେମ୍‌ର ହଜାର ଭାଗରୁ ୩ ଭାଗ । ଅର୍ଥାତ୍ ମୋଟ୍‌ରେ ଜଣେ ଲୋକ ବର୍ଷରେ ୨୫୦.୦୦୩ ଏମ୍‌ରେମ୍ ପରିମାଣ ବିକିରଣ ପାଏ । ଏହାର ଅର୍ଥ ପରମାଣୁ ରିଆକ୍ଟରଗୁଡ଼ିକୁ ସଯତ୍ନରେ ଚଳାଗଲେ ତାହାଦ୍ୱାରା ଘଟୁଥିବା ବିକିରଣ ପରିମାଣ ନଗଣ୍ୟ ଥାଏ । ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ରର କଲରାଡ଼ୋ ଭଳି ବିକିରଣ ଗ୍ରସ୍ତ ଅଞ୍ଚଳରେ କର୍କଟ ରୋଗର ପ୍ରଭାବ କମ୍ । ଏହାର ଅର୍ଥ ନୁହେଁ ଯେ ଆମେ ବିକିରଣ ଜନିତ ବିପଦ ପ୍ରତି ଖାତିର କରିବା ନାହିଁ ।

ଇତିହାସରେ ରିଆକ୍ଟର ତରଳୀକରଣର ଏକମାତ୍ର ଦୁର୍ଘଟଣା ଚର୍ନୋବିଲ (୧୯୮୬ ଅପ୍ରେଲ ୨୮ ତାରିଖ) । ତହିଁରେ ସହସ୍ରାଧିକ ଲୋକ ମୃତ ବା ବିକଳାଙ୍ଗ ହୋଇଥିବାର ଆଶଙ୍କା । ହାଡ଼ଶସ ବା ବୋନ୍‌ମାରୋ ପୁନଃରୋପଣ କରି ଲୋକଙ୍କୁ ସୁସ୍ଥ କରିବା ପରୀକ୍ଷା ପ୍ରାୟ ବିଫଳ ହେଉଛି ବୋଲି ଖବର ମିଳେ । ଥ୍ରି ମାଇଲ୍ ଆଇଲାଣ୍ଡ ରିଆକ୍ଟର ଖୁବ୍ ବେଶୀ ତାତି ଯିବା ପୂର୍ବରୁ ୧୯୭୯ ମାର୍ଚ୍ଚ ୨୧ ତାରିଖରେ ତାକୁ ବନ୍ଦ କରି ଦିଆଯାଇଥିଲା । ଏଭଳି ଦୁର୍ଘଟଣା ସମ୍ଭାବନା ଯେତେ, ଜଳ ବିଦ୍ୟୁତ କେନ୍ଦ୍ରର ଜଳଭଣ୍ଡାର ବନ୍ଧ ଭାଙ୍ଗିବା ସମ୍ଭାବନା ତା' ଠାରୁ ବେଶୀ । ୧୯୬୩ରେ ଇଟାଲୀର ଭାଇଓଣ୍ଟ ବନ୍ଧ ଭାଙ୍ଗି ୨୦୦୦ ଲୋକ ମରିଥିଲେ । ଆମେରିକାରେ ଏପରି ଦୁଇଟି ଦୁର୍ଘଟଣା ଘଟିଛି । ଆମ ଦେଶରେ ମର୍ଭି (ଗୁଜୁରାଟ) ବନ୍ଧ ଭାଙ୍ଗି ବହୁତ ଲୋକ ମରିଥିଲେ ଓ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା । ହୀରାକୁଦ ବନ୍ଧରେ ଫାଟ ପଡ଼ିଛି ବୋଲି ଆମେ ଶୁଣୁଛୁ । ଏସବୁ ବିପଦ ସମ୍ଭାବନା ସତ୍ତ୍ୱେ ନୂଆ ଜଳ ବିଦ୍ୟୁତ୍ ଯୋଜନା ବନ୍ଦ ହେଉଛି କି ? ତେବେ ପରମାଣୁ ଶକ୍ତି ଉତ୍ପାଦନ ଯୋଜନା ବନ୍ଦ ହେବ କାହିଁକି ? ପରମାଣୁ ଶକ୍ତି କେନ୍ଦ୍ର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବେଶୀ ଦୃଢ଼ ଏବଂ ଆମ ଦେଶରେ ସାଧାରଣ ପାଣି ବଦଳରେ ଭାରୀଜଳକୁ ବ୍ୟବହାର କରାଯାଉଥିବାରୁ ଏପରି ଦୁର୍ଘଟଣା ପ୍ରାୟ ହେବ ନାହିଁ ।

ପରମାଣୁ ଇନ୍ଧନର ପାଉଁଶରୁ ଦୁଇପ୍ରକାର ଅଳିଆ ବାହାରେ । ଗୋଟିଏ ୟୁରାନିଅମଠାରୁ ହାଲୁକା ଓ ବେଶୀ ତେଜସ୍କ୍ରିୟ । ଅନ୍ୟଟି ଓଜନଦାର ଓ ଧୀରେ ଧୀରେ ବହୁଦିନ ଧରି ବିକିରଣ କରେ । ଦ୍ୱିତୀୟ ଶ୍ରେଣୀରେ ପ୍ଲୁଟୋନିଅମ ଯାଏ । ଏହା ବଡ଼ ବିଷାକ୍ତ ବା ଟକ୍‌ସିକ୍ । କିନ୍ତୁ ଏହାଠାରୁ ବେଶୀ ବିଷାକ୍ତ ଜିନିଷ ଆମେ ଦୈନନ୍ଦିନ ବ୍ୟବହାର କରୁ । ପୃଥିବୀରେ ଯେତେ ହାଇଡ୍ରୋଜେନ୍ ସିଆନାଇଡ୍ ତିଆରି ହେଉଛି, ସେଗୁଡ଼ିକୁ ବିଞ୍ଛିଦେଲେ ଯଦି ଲୋକେ ନିଶ୍ୱାସରେ ନିଅନ୍ତି, ତେବେ ୬୦୦ କୋଟି ଲୋକ ନଷ୍ଟ ହୋଇଯିବେ । ଏହା ବର୍ତ୍ତମାନ ବିଶ୍ୱଜନ ସଂଖ୍ୟାଠାରୁ ବେଶୀ । ପୃଥିବୀରେ ବାର୍ଷିକ ଯେତେ ଆମୋନିଆ ହୁଏ, ତହିଁରେ ୮୦୦ କୋଟି ଲୋକ ଶ୍ୱାସରୁଦ୍ଧ ହୋଇ ମରିଯିବେ । ସେହିଭଳି ବାର୍ଷିକ ଉତ୍ପାଦନ ଫସ୍‌ଜିନ୍‌ରେ ୨୮୦୦ କୋଟି ଓ ସାଧା କ୍ଲୋରିନ୍ ଦ୍ୱାରା ୪୦୦୦ କୋଟି ଲୋକ ପ୍ରାଣ ହରାଇବେ । ପ୍ଲୁଟୋନିଅମଠାରୁ ୫୦ ଗୁଣ ବେଶୀ ବିଷାକ୍ତ ଆର୍ସେନିକ ଟ୍ରାଇଅକ୍‌ସାଇଡ୍ କୀଟ ନାଶକ

ଭାବରେ ବ୍ୟବହାର ହେଉଛି । ଅଥଚ କର୍କଟ ରୋଗକାରୀ (କାର୍ସିନୋଜେନ) ପ୍ଲୁଟୋନିଅମର ଆଲ୍‌ଫା କଣିକାକୁ ଗୋଟିଏ କାଗଜପର୍ଦ୍ଦ ବା ପାଞ୍ଚ ଛଅ ସେଣ୍ଟିମିଟର ବାୟୁ ବା ଆମ ଚମଡ଼ାଦ୍ୱାରା ଅଟକାଇ ହେବ । କେବଳ ନାକବାଟେ ବା ଅନ୍ୟ ଉପାୟରେ ଶରୀର ଭିତରକୁ ଗଲେ ହିଁ ବିପଦ ଆସେ । ଏହା ଏଡ଼ାଇବା ପାଇଁ ପରମାଣୁ ଅବିଶିଷ୍ଟକୁ ଭୂଗର୍ଭରେ କୋଟି କୋଟି ବର୍ଷ ଧରି ଜଳ ପ୍ରବାହ ନଥିବା ସ୍ଥାନରେ, ଅର୍ଥାତ୍ ଲବଣ ଜାତୀୟ ଶିଳାରେ ପୋତି ଦିଆଯାଏ । ଆମ ଦେଶରେ ଇସ୍ପାତ ନଳ ଭିତରେ ରଖି ଗୋଟିଏ ପରମାଣୁ ଶ୍ମଶାନ (ନ୍ୟୁକ୍ଲିଅର୍ ଗ୍ରେଭ୍‌ୟାର୍ଡ) କରାଯାଉଛି । ସମ୍ପ୍ରତି କୌଣସି ଦେଶରେ ହଜାର ହଜାର ବର୍ଷ ଧରି ସାଇତିବା ଭଳି ଏତେ ପରିମାଣର ପରମାଣୁ ପାଉଁଶ ନାହିଁ । ପରିମାଣ କମ ଥିବାରୁ ଅସ୍ଥାୟୀ ଭଣ୍ଡାରରେ ରଖାଯାଉଛି ।

ପେଟ୍ରୋଲ ବା କୋଇଲା ଦ୍ୱାରା ବାଷ୍ପ ଶ୍ରୁଜିତ ବିଦ୍ୟୁତ କେନ୍ଦ୍ର ମଧ୍ୟ ତାପଜ ଦୂଷଣ କରିଥାଏ । ଏଗୁଡ଼ିକ ଶୀତଳ କରୁଥିବା ଜଳ ନଦୀ ବା ସମୁଦ୍ରରେ ପଡ଼ି ପାଖଆଖ ଜଳର ତାପ ବଢ଼ାଏ, କିନ୍ତୁ ହ୍ରଦ ବା ସମୁଦ୍ରକୁ ବ୍ୟାପିଗଲେ ସାଧାରଣ ତାପ ଗୋଟିଏ ବା ଦୁଇ ଡ଼ିଗ୍ରୀରୁ ବେଶୀ ବଢ଼େ ନାହିଁ । ଏ କାରଣରୁ କେତେକ ପ୍ରାଣୀ ମରନ୍ତି ବା ଦୂରକୁ ପଳାନ୍ତି, କିନ୍ତୁ କଙ୍କଡ଼ା, ଚିଙ୍ଗୁଡ଼ି ଭଳି ଜୀବମାନେ ଗରମ ପାଣି ପାଖରେ ବେଶୀ ଦେଖାଯାନ୍ତି ।

ପରମାଣୁ ଶକ୍ତି କେନ୍ଦ୍ର ଚଳାଇବା ପାଇଁ ଏତେ କମ୍ ବିଭାଜନକ୍ଷମ ୟୁରାନିଅମ ବ୍ୟବହୃତ ହୁଏ ଯେ ସବୁତକ ସ୍ରେଗି କଲେ ମଧ୍ୟ ବୋମା ତିଆରି ପାଇଁ ସଙ୍କଟାପନ୍ନ ଓଜନ ବା କ୍ରିଟିକାଲ ମାସ୍ ମିଳିବ ନାହିଁ । ଭାରୀ ଜଳଦ୍ୱାରା ଥଣ୍ଡା ହେଉଥିବା କାନାଡ଼ିଆନ ରିଆକ୍ଟରଗୁଡ଼ିକରେ ପ୍ରାକୃତିକ ୟୁରାନିଅମ ବ୍ୟବହାର ହୁଏ । ତାହା ବୋମା ତିଆରିରେ ଲାଗେ ନାହିଁ । ତେଣୁ ବିଦ୍ୟୁତ୍ ଉତ୍ପାଦନକାରୀ ରିଆକ୍ଟରରୁ ସ୍ରେଗିକରି ବୋମା ତିଆରି କରିବାର ସମ୍ଭାବନା ନାହିଁ । ବରଂ ଗବେଷଣା ରିଆକ୍ଟରରୁ ବେଶୀ ପ୍ଲୁଟୋନିଅମ ମିଳିବ । ଆମ ଦେଶର ପୋଖରାନ୍ ବିସ୍ଫୋରଣ ପାଇଁ କାନାଡ଼ିଆନ ଗବେଷଣା ରିଆକ୍ଟରରୁ ପ୍ଲୁଟୋନିଅମ ନିଆଯାଇଥିଲା । ଏଠାରୁ ମଧ୍ୟ ସ୍ରେଗି ହେବା ଅସମ୍ଭବ, କାରଣ ସଶସ୍ତ୍ର ପୋଲିସ ବା ସାମରିକ ପହରାରେ ପ୍ଲୁଟୋନିଅମ ନିଆଆଣା କରାଯାଏ ।

କୋଇଲା ଜାଳେଣି କମ ବିପଜ୍ଜନକ ନୁହେଁ । କୋଇଲା ଭିତରେ କିଛି କିଛି ରେଡ଼ିଅମ ଓ ଥୋରିଅମ ଥାଏ । ଏଥିରୁ ହେଉଥିବା ବିକିରଣ ପରମାଣୁ ରିଆକ୍ଟରର ବିକିରଣଠାରୁ ବେଶୀ । ଅଧିକନ୍ତୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ବଢ଼ାଇ ପୃଥିବୀକୁ ଅଧିକ ଗରମ କରିବାରେ କୋଇଲା ଜାଳୁଥିବା କାରଖାନାମାନେ ହିଁ ଦାୟୀ । ଏହାର କୁପ୍ରଭାବ କୃଷି ଏବଂ ଉଭୟ ଜଳ ଓ ସ୍ଥଳଚର ପ୍ରାଣୀଙ୍କ ଉପରେ ପଡ଼ୁଛି ।

ଏହାଛଡ଼ା ଯେଉଁ ଦେଶରେ କୋଇଲା ବା ପେଟ୍ରୋଲ ଜାତୀୟ ଶକ୍ତି ଉତ୍ସ ନାହିଁ (ଯଥା ଫ୍ରାନ୍‌ସ) ସେ ଦେଶ ପ୍ଲୁଟୋନିଅମ ପ୍ରଜନନକାରୀ କାରିଗରୀ ବ୍ୟବହାର କରିବାକୁ ବାଧ୍ୟ ହେବ; ନଚେତ୍ ଶିଳ୍ପ କାରଖାନା ତ ଦୂରର କଥା, ପ୍ରତ୍ୟେକ ଗୃହକୁ ଆଲୋକ ଯୋଗାଇ ପାରିବ ନାହିଁ । କୋଇଲା ଓ ପେଟ୍ରୋଲିୟମ ଜିନିଷର ଅଭାବ ଓ ଦର ବଢ଼ୁଥିବା ବେଳେ ପରମାଣୁ ଶକ୍ତି କେନ୍ଦ୍ରରୁ ଉତ୍ପନ୍ନ ବିଜୁଳିର ଦର ଶସ୍ତା ହେଉଛି । ଏସବୁ କାରଣରୁ ଆମେ ଦେଖୁବା, ପରମାଣୁ ଶକ୍ତି କେବଳ ଯେ ନିରାପଦ, ପରିବେଶ ସୁରକ୍ଷା ଓ ଦୀର୍ଘକାଳୀନ ଶକ୍ତି ଯୋଗାଇଥାଏ ତାହା ନୁହେଁ, ପରମାଣୁ ଶକ୍ତି ମଧ୍ୟ ଅଧିକ ଲାଭଜନକ ।

ଏସ୍.ଓ. ୨ ୨
କାଣ୍ଟନମେଣ୍ଟରୋଡ୍
କଟକ-୭୫୩୦୦୧



ଚିନାବାଦାମ ଅମଳ

# ସମାଜ ସେବାର ମନସ୍ତାତ୍ତ୍ୱିକ ଦିଗ

ଡ: ନାରାୟଣ ହଜାରି

ସମାଜ ସେବା ଅନ୍ୟର ସେବା ନୁହେଁ, ଏହା ହେଉଛି ଆତ୍ମସେବା । କାରଣ ଯେଉଁ ପରମାତ୍ମା ସେବକଙ୍କ ଦେହରେ ଅଛନ୍ତି, ସେ ମଧ୍ୟ ସେବିତଙ୍କ ଦେହରେ ଅଛନ୍ତି । ତେଣୁ କିଏ କାହାର ସେବା କରୁଛି ? ସମସ୍ତ ସେବା ନିଜର । ଯେଉଁମାନେ ସେବାର ସୁଯୋଗ ଦେଉଛନ୍ତି, ସେମାନଙ୍କ ପ୍ରତି ସେବକ କୃତଜ୍ଞ ହେବା ଉଚିତ୍ ।

ଦୁଃଖୀ ଦରିଦ୍ରଙ୍କ ସେବା ହେଉଛି, ଈଶ୍ୱରଙ୍କ ସେବା । ସମାଜ ସେବାର ଅର୍ଥ ଦୁଃଖୀ, ଦରିଦ୍ର, ନିଃସ୍ୱ, ଅସହାୟ, ବୃଦ୍ଧ, ଅନାଥ, ରୋଗୀର ସେବା । ଏହାର ଦୁଇଟି ଦିଗ ରହିଛି । ପ୍ରଥମଟି ହେଉଛି, ଦୀନ, ଦରିଦ୍ର, ନିରନ୍ନର ସେବା । ଦ୍ୱିତୀୟଟି ହେଉଛି ପ୍ରାଚୁର୍ଯ୍ୟ ଓ ଭୋଗ ବିଳାସରେ ଥାଇ ମଧ୍ୟ ଯେଉଁମାନେ ନିଃସଙ୍ଗ, ଅଲୋଡା, ଅସହାୟ, ଦୁଃଖୀ, ଆର୍ତ୍ତ ସେମାନଙ୍କ ସେବା । ସମୃଦ୍ଧଶାଳୀ ଦେଶମାନଙ୍କରେ ବୃଦ୍ଧ ଲୋକମାନଙ୍କ ଶୋଚନୀୟ ଅବସ୍ଥା ବିଚାର କରାଯାଉ । ଏହି ପରିପ୍ରେକ୍ଷୀରେ ୧୯୮୬ ମସିହାରେ ପୁରୀ ଡାକ୍ତରଖାନାରେ ଜଣେ ୪୮ ବର୍ଷୀୟ ଆମେରିକୀୟ ଇଞ୍ଜିନିୟରଙ୍କ କରୁଣ କାହାଣୀ କଥା ବିଚାର କରାଯାଉ । ଲେଖକଙ୍କର ଜଣେ ବନ୍ଧୁ ସେହି ସମୟରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଥିଲେ । ଲେଖକ ତାଙ୍କ ପାଖରେ ଥିଲା । ସେହି ସମୟରେ ଉପରୋକ୍ତ ଆମେରିକୀୟ ଟ୍ରେନ୍‌ରୁ ଖସି ପଡ଼ି, ଗୁରୁତର ଆଘାତ ପାଇ ଡାକ୍ତରଖାନାକୁ ଆସିଲେ । ତାଙ୍କର ଶରୀର କ୍ଷତ ଯୋଗୁଁ, ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ତାଙ୍କର କଷ୍ଟ ଦେଖି, ପାଖରେ ଥିବା ଲୋକମାନଙ୍କର ହୃଦୟ ବିଗଳିତ ହୋଇଥିଲା । ପଚାରିବାରେ ନିଜ କଥା କହିଥିଲେ "ମୁଁ ଯୁକ୍ତରାଷ୍ଟ୍ର ଆମେରିକାରେ ଜଣେ ଧନୀ ଓ କ୍ଷମତାଶାଳୀ ବ୍ୟବସାୟୀ ଥିଲି । ଅବିବାହିତ ଥିଲି । ୩୮ ବର୍ଷ ବୟସ ବେଳକୁ ଆମେରିକୀୟ ସଭ୍ୟତା ସମ୍ପର୍କରେ ମୋର ମୋହଭଙ୍ଗ ହୋଇଗଲା । ଜୀବନର ପ୍ରକୃତ ଅର୍ଥ ବୁଝିବାକୁ ମୁଁ ତାପରେ ଭାରତକୁ ପଳାଇ ଆସିଲି । ଏଠାରେ ହିନ୍ଦୁ ସନ୍ନ୍ୟାସୀ ହୋଇଗଲି । ...ମୋର ବାପା ଓ ମା ଜୀବିତ ଥିଲେ ମଧ୍ୟ ମୁଁ ତାଙ୍କୁ ମୋର ଦୁର୍ଦ୍ଦଶା ବିଷୟ ଜଣାଇ ନାହିଁ । କାରଣ ମୋର ବାପା ଓ ମା ମତେ ସ୍ନେହ କରୁଥିବାର ମୁଁ ଅନୁଭବ କରୁ ନାହିଁ । ମୋର ମାଙ୍କର ବର୍ତ୍ତମାନ ବୟସ ୮୪ । ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ । ସେ ସିଗାରେଟ୍ ପାନ କରନ୍ତି ଓ ମଦ ପିଅନ୍ତି ।" ତାଙ୍କର ଜୀବନରେ ଓ ତାଙ୍କ ମା, ବାପାଙ୍କ ଜୀବନରେ ଯା ଦୁର୍ଘଟଣା ଘଟି ଯାଇଥିଲା । ଏହି ପରିପ୍ରେକ୍ଷୀରେ ଦରିଦ୍ର ଭାରତରେ ପ୍ରତି ଲକ୍ଷେ ଲୋକରେ ଯେତିକି ଲୋକ ଆତ୍ମହତ୍ୟା କରନ୍ତି, ବିତ୍ତଶାଳୀ ଯୁକ୍ତରାଷ୍ଟ୍ର ଆମେରିକାରେ ତାର ୪ ଗୁଣ ଲୋକ ଆତ୍ମହତ୍ୟା କରିବା କଥା ବୁଝିହୁଏ । ଏଥିରୁ ବିତ୍ତଶାଳୀ ଲୋକଙ୍କର କାରୁଣ୍ୟମୟ ଜୀବନ ସମ୍ପର୍କରେ ସମ୍ୟକ୍ ଧାରଣା ସୃଷ୍ଟି ହୁଏ ।

ସମାଜ ସେବୀ ସମସ୍ତଙ୍କ ମଧ୍ୟରେ ନିଜକୁ ଦେଖନ୍ତି ଓ ନିଜମଧ୍ୟରେ ସମସ୍ତଙ୍କୁ ଦେଖନ୍ତି । ଅନ୍ୟର କଷ୍ଟକୁ ନିଜର କଷ୍ଟ ମନେ କରନ୍ତି । ଈଶାବାସ୍ୟ ଉପନିଷଦ୍ କହେ,

"ଦେଖଇ ଯେହୁ ସର୍ବଭୂତ,
ଆପଣା ଆତ୍ମାରେ ସତତ ।
ନିଜକୁ ଦେଖେ ସର୍ବ ଭୂତେ,
ଲୁଚଇ ନାହିଁ କେଉଁ ଚିତେ ।"

ସମାଜ ସେବକ କହେ,

"ନ ତ୍ୱହଂ କାମୟେ ରାଜ୍ୟଂ,
ନ ସ୍ୱର୍ଗଂ ନା ପୁନର୍ଭବଂ ।
କାମୟେ ଦୁଃଖ ତପ୍ତାନାଂ,
ପ୍ରାଣୀନାଂ ଆର୍ତ୍ତି ନାଶନଂ ।"

ଅର୍ଥାତ୍, "ମୁଁ ରାଜ୍ୟ, ସ୍ୱର୍ଗ, ପୁନର୍ଜନ୍ମ ଚାହୁଁ ନାହିଁ, କେବଳ ଦୁଃଖରେ ସନ୍ତାପିତ ପ୍ରାଣୀମାନଙ୍କର ଦୁଃଖର ଲାଘବ ହେବା ଚାହୁଁଛି ।

ଉପରୋକ୍ତ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି;

"ପ୍ରାଣୀର ଦୁଃଖରେ ଦୁଃଖିତ,
ସର୍ବଦା ହେଉ ମୋର ଚିତ୍ତ
ହେ ପ୍ରଭୁ ମୋତେ ଦୟାକର,
ମୁଁ କରେ ପର ଉପକାର ।"

ସମାଜ ସେବାର କର୍ମ ସହଜ ସାଧ୍ୟ ନୁହେଁ । ପଦେ ପଦେ ସନ୍ଦେହ, ସମାଲୋଚନା, ନିନ୍ଦାର ସମ୍ମୁଖୀନ ହେବାକୁ ହେବ । ନିନ୍ଦା ତାର ମୁକୁଟର ପାଚଶାଢ଼ୀର ପଗଡ଼ି । ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ସମାଜ ସଂସ୍କାର କରିବାକୁ ଯାଇ ରାଷ୍ଟ୍ରଦ୍ରୋହ ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ । ତାପରେ ତାଙ୍କୁ ପାତ୍ରରେ ବିଷ ଦିଆଯାଇଥିଲା ପାନ କରିବାକୁ । ତାଙ୍କର ଶିଷ୍ୟମାନଙ୍କର ଘୋର କ୍ରନ୍ଦନ ମଧ୍ୟରେ ସେ ବିଷ ପାନ କରି ଜୀବନ ଉତ୍ସର୍ଗ କରିଥିଲେ । ଯୀଶୁଖ୍ରୀଷ୍ଟ ସମାଜରେ ପ୍ରେମର ବାର୍ତ୍ତା ପ୍ରଚାର କରି

କ୍ରୁଶବିଦ୍ଧ ହୋଇଥିଲେ । ଇଟାଲିର ବିଶିଷ୍ଟ ବୈଜ୍ଞାନିକ ଗାଲିଲିଓ ତଥ୍ୟ ଉପସ୍ଥାପିତ କରିଥିଲେ ଯେ, ସୂର୍ଯ୍ୟ ଚାରିପଟେ ପୃଥିବୀ ବୁଲୁଛି । ତା' ପୂର୍ବରୁ ବିଶ୍ୱାସ ଥିଲା ପୃଥିବୀ ଚାରିପଟେ ସୂର୍ଯ୍ୟ ବୁଲୁଛି । ତାଙ୍କର ଏହି ବୈଜ୍ଞାନିକ ତଥ୍ୟ ଘୋର ବିଭ୍ରାନ୍ତିକର ବୋଲି ଶାସକଗୋଷ୍ଠୀ ଅଭିଯୁକ୍ତ କରି, ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ଦେଶ ନିର୍ମାତା ଆବ୍ରାହମ୍ ଲିଙ୍କନ୍ ଦେଶର ଏକତା ପାଇଁ ନିଜର ଜୀବନକୁ ବିସର୍ଜନ କରିଥିଲେ । ମହାତ୍ମା ଗାନ୍ଧୀ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ପ୍ରତିଷ୍ଠା କରିବା ପାଇଁ ପ୍ରାଣପାତ କରିଥିଲେ ।

ସମାଜସେବୀଙ୍କ ବିରୁଦ୍ଧରେ ତାଙ୍କର ପରିବାର ସଦସ୍ୟମାନେ ଅଭିଯୋଗ କରି ପାରନ୍ତି ଯେ, ସେ ପରିବାର ପାଇଁ କିଛି କରି ନାହାନ୍ତି । ସମସ୍ତ ସମୟ, ଶକ୍ତି, ଅର୍ଥ ସମାଜ ପାଇଁ ବିନିଯୋଗ କରିଛନ୍ତି । ସମାଜର କେହି କେହି କହି ପାରନ୍ତି ଯେ, ସେ ସମାଜ ପାଇଁ କିଛି ନ କରି, ପରିବାରର ସ୍ୱାର୍ଥସାଧନ ପାଇଁ ଅହରହ ବ୍ୟାକୁଳ । ଏହି ପରିସ୍ଥିତିରେ ସମାଜସେବୀଙ୍କୁ ସମାଜର ସମସ୍ତ ବିଷପାନ କରିବାକୁ ହେବ । ଶିବଙ୍କ ପରି ନୀଳକଣ୍ଠ ହେବାକୁ ପଡ଼ିବ ।

ସମାଜସେବୀଙ୍କୁ ସ୍ୱାର୍ଥ ତ୍ୟାଗ କରିବାକୁ ହେବ । ଅହଙ୍କାର ତ୍ୟାଗ କରିବାକୁ ହେବ । ସହନଶୀଳ ହେବାକୁ ହେବ । ନିଜର ମାନସମ୍ମାନ ବିଷୟରେ ଅତ୍ୟଧିକ ସଚେତନତା ସମାଜସେବା ପଥରେ ଅନ୍ତରାୟ । 'କାଦୁଅକୁ ଯିବି ନାହିଁ କି ଗୋଡ ଧୋଇବି ନାହିଁ' ନିତିରେ ବିଶ୍ୱାସ କରୁଥିବା ବ୍ୟକ୍ତି ସମାଜସେବା କରି ପାରିବେ ନାହିଁ । ଏହାର ଅର୍ଥ ନୁହେଁ ଯେ, ସମାଜସେବୀଙ୍କର ସ୍ୱାଭିମାନ ରହିବ ନାହିଁ । ସମାଜ ସେବାରେ ଆତ୍ମ ସମ୍ମାନ ଜଳାଞ୍ଜଳି ଦେବାର ଆବଶ୍ୟକତା ନାହିଁ । କିନ୍ତୁ ଆତ୍ମସମ୍ମାନର ଏକ ବିକୃତ ଅର୍ଥ ବା ସଙ୍କୀର୍ଣ୍ଣ ଅର୍ଥ କରାଯିବା ଉଚିତ୍ ନୁହେଁ ।

ସମସ୍ତ ସନ୍ଦେହ, ନିନ୍ଦା, ଅପମାନ ମଧ୍ୟରେ ସମାଜ ସେବୀଙ୍କୁ ରାମାୟଣର ଏକ ମହତ୍ତ୍ୱପୂର୍ଣ୍ଣ କଥା ନିଜ ଜୀବନ ଦର୍ଶନରେ ଅଙ୍ଗୀଭୂତ କରିବାକୁ ହେବ। । ରାମଙ୍କ ବନବାସ ଓ ରାଜତ୍ୱହାନି ପାଇଁ ଭରତ କୈକେୟୀଙ୍କୁ ତିରସ୍କାର କରିବାରୁ, ରାମଚନ୍ଦ୍ର କହିଥିଲେ "ଭରତ ତୁମେ କାହିଁକି ମା କୈକେୟୀଙ୍କୁ ନିନ୍ଦା କରୁଛ , ମୁଁ ମୋର କର୍ମର ଫଳ ସିନା ଭୋଗ କରୁଛି ।"

ସମାଜସେବୀଙ୍କୁ ନିର୍ମଳଜୀବନ ଯାପନ କରିବାକୁ ହେବ । ନିର୍ମଳ ଜୀବନର ମୂଲ୍ୟାୟନ ପିତାମହ ଭୀଷ୍ମ ମହାଭାରତ ର ଶାନ୍ତି ପର୍ବରେ କରିଛନ୍ତି । ସେ ଶରଶଯ୍ୟାରେ ଶୟନ କରିଥିବା ବେଳେ, ପାଣ୍ଡବମାନେ ରଣକ୍ଷେତ୍ରକୁ ଯାଇ ତାଙ୍କୁ ଉପଦେଶ ଦେବାକୁ ବିନୀତ ପ୍ରାର୍ଥନା କରିଥିଲେ । ଭଗବାନ ଶ୍ରୀକୃଷ୍ଣ ଓ ଦ୍ରୌପଦୀ ସେଠାରେ ଉପସ୍ଥିତ ଥିଲେ । ଭୀଷ୍ମଙ୍କର ନୀତିବାକ୍ୟ ପ୍ରଦାନ କରି କହିଥିଲେ, ଶାସକ

(୧) କାହାକୁ ଶତ୍ରୁ ମଣିବ ନାହିଁ ।
(୨) ପ୍ରଜାମାନଙ୍କୁ ପୁତ୍ରବତ୍ ଭାବିବ ।
(୩) ଦୁଃଖୀ ଦରିଦ୍ର, ଅସହାୟର ସେବା କରିବ ।

ଏହି କଥା ଶୁଣି ଦ୍ରୌପଦୀ ଉଚ୍ଚସ୍ୱରରେ ବିଦ୍ରୁପାତ୍ମକ ହସ ହସି ଥିଲେ । ଏଥିରେ ପାଣ୍ଡବମାନେ ଅପ୍ରତିଭ ଓ ମର୍ମାହତ ହୋଇଥିଲେ । ଏପରି ହସିବାର କାରଣ ପଚାରିବାରୁ ଯାଜ୍ଞସେନୀ କହିଥିଲେ, "ଯେଉଁ ପିତାମହ ଭୀଷ୍ମ କୁରୁସଭାରେ ମତେ ବିବସ୍ତ୍ର କରାବେଳେ, ମୁଣ୍ଡପାତି ଚୁପ୍ ରହିଥିଲେ, ତାଙ୍କର ନୀତିବାକ୍ୟ ଶୁଣାଇବାର ଅଧିକାର କେଉଁଠି ଅଛି ?"

ତାର ଉତ୍ତରରେ ଭୀଷ୍ମ କହିଥିଲେ, "ଧର୍ମରାଜଙ୍କ ପତ୍ନୀଙ୍କର ଅଟ୍ଟହାସ ଅସ୍ୱାଭାବିକ ନୁହେଁ । ସେତେବେଳେ ପାପମତି ଦୁର୍ଯ୍ୟୋଧନ ଅନ୍ନରେ ପାଳିତ ହୋଇ ମୋର ରକ୍ତ ଦୂଷିତ ହୋଇ ଯାଇଥିଲା । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କର ଶର ବିଦ୍ଧ ହୋଇ ମୋର ପାପରକ୍ତ ନିର୍ଗତ ହୋଇଯିବାରୁ ମୋର ମନ ପ୍ରାଣ ନିର୍ମଳ ହୋଇ ଯାଇଛି । ନୀତିବାକ୍ୟ ପ୍ରଦାନ କରିବାକୁ ବର୍ତ୍ତମାନ ମୁଁ ଯୋଗ୍ୟ ।"

ସମାଜସେବୀ କଦାପି ଭାବିବା ଉଚିତ୍ ନୁହେଁ ଯେ, ତାଙ୍କ ବିନା ସମାଜସେବା ହୋଇ ପାରି ନ ଥାନ୍ତା । ସେ ସର୍ବଶକ୍ତିମାନ୍ ଈଶ୍ୱରଙ୍କର ଇଚ୍ଛାର ମାଧ୍ୟମ ମାତ୍ର ।


ସମାଜସେବୀର ଗର୍ବ ରହିବା ଉଚିତ୍ ନୁହେଁ ଯେ, ତାଙ୍କ ହୃଦୟ ଦୀନ, ଦରିଦ୍ରଙ୍କ ପାଇଁ ବିଶେଷ ବିଗଳିତ । ଏକଦା ଲେଖକ ସଙ୍ଗରେ ୨ଟି ୮ ବର୍ଷ ବାଳକ ସାଇରାମ, ସାଇକୃଷ୍ଣ ରାସ୍ତାରେ ଯାଉଥିଲେ । ସେମାନେ ପ୍ରଥମେ ଜଣେ ଦରିଦ୍ର ମୁମୂର୍ଷୁ ବୃଦ୍ଧକୁ ରାସ୍ତାକଡରେ ପଡିଥିବା ଦେଖିଥିଲେ ଓ ସେଥିପ୍ରତି ମୋର ଦୃଷ୍ଟି ଆକର୍ଷଣ କରିଥିଲେ । ଲେଖକ ଆଖିରେ ତାହା କିପରି ନ ପଡ଼ିଲା ତାହା ଭାବି ଲେଖକ ବିସ୍ମିତ ହୋଇଥିଲେ । ଏପରିପ୍ରେକ୍ଷୀରେ ଏକ ଫରାସୀ ପ୍ରବଚନ ମନେପଡେ ।

"ମଣିଷ ଯେତେ ବଡ ହୁଏ, ତାର ପକ୍ଷୀ ସେତିକି ଛିଡ଼ିଯାଏ ଓ ତାର ଉଡିବା ଶକ୍ତି କମିଯାଏ । ଅର୍ଥାତ୍ ତାର ଚେତନା ଶକ୍ତି କମିଯାଏ ।

ସମାଜସେବୀଙ୍କର ଈଶ୍ୱରଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରହିବା ଦରକାର । ସେ ସର୍ବଦା ଉପଲବ୍ଧି କରିବା ଉଚିତ୍ ଯେ, ଈଶ୍ୱର ତାଙ୍କ ପାଖେ ପାଖେ ଅଛନ୍ତି । ଥରେ ମହମ୍ମଦ ଓ ତାଙ୍କର ସାଥି ଆବୁବକର ମକ୍କାରୁ ମଦିନାକୁ ପଳାୟନ କରୁଥିଲେ । ତାଙ୍କ ପଛରେ ବିରୋଧୀ ସୈନ୍ୟ ଧାବମାନ କରୁଥିଲେ । ସେମାନେ ପାଖେଇ ଆସିବାରୁ ଅନନ୍ୟୋପାୟ ହୋଇ, ସେ ଦୁହେଁ ନିକଟବର୍ତ୍ତୀ ଏକ ପାହାଡର ଗୁମ୍ଫା ମଧ୍ୟରେ ପ୍ରବେଶ କରିଥିଲେ । ତାପରେ ଆବୁବକର ପଚାରିଥିଲା "ଆମେ ମାତ୍ର ଦୁଇଜଣ, ଆମକୁ ଶତ୍ରୁସୈନ୍ୟ ଅଚିରେ ବାନ୍ଧି ନେବେ, ତା'ପରେ ଆମର ଅବସ୍ଥା କ'ଣ ହେବ ।" ମହମ୍ମଦ ଉତ୍ତରରେ କହିଥିଲେ, "ଆମେ ଦୁଇଜଣ ନୋହୁଁ, ଆମେ ତିନିଜଣ । ଆମ ପାଖରେ ଆଉ ଜଣେ ବ୍ୟକ୍ତି ଅଛନ୍ତି ।" ସେ କିଏ ବୋଲି ଆବୁବକର ପ୍ରଶ୍ନ କରିଥିଲେ । ଉତ୍ତରରେ ମହମ୍ମଦ କହିଥିଲେ, "ଅପେକ୍ଷା କର ।" ବିରୋଧୀ ସୈନ୍ୟମାନେ ଗୁମ୍ଫା ପାଖକୁ ଆସି ଦେଖିଥିଲେ ଯେ, ଗୁମ୍ଫାର ମୁହଁରେ ବୁଢ଼ୀଆଣୀ ଜାଲବିଛେଇ ହୋଇ ଯାଇଛି । ସେଥିରୁ ସେମାନେ ନିଶ୍ଚିତ ହୋଇଥିଲେ ଯେ, ଗୁମ୍ଫା ଭିତରେ ମହମ୍ମଦ ଓ ଆବୁବକର ପ୍ରବେଶ କରି ନାହାନ୍ତି । ସେମାନେ ଫେରିଗଲା ପରେ ମହମ୍ମଦ କହିଥିଲେ, "ଆବୁବକର ବର୍ତ୍ତମାନ ତୁମେ ବୁଝି ପାରିଥିବ, ସେ ତୃତୀୟ ବ୍ୟକ୍ତି କିଏ । ଗୁମ୍ଫା ମୁହଁରେ ଯିଏ ବୁଢ଼ୀଆଣୀ ଜାଲ ବିଛାଇଦେଇଥିଲେ, ସେ ହେଉଛନ୍ତି ଈଶ୍ୱର ।"

ସର୍ବେ ଭବନ୍ତୁ ସୁଖିନଃ,
ସର୍ବେ ସନ୍ତୁ ନିରାମୟା ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ,
ମା କଶ୍ଚିଦ୍ ଦୁଃଖଭାକ୍ ଭବେତ୍ ।

ରିଡର୍, ରାଜନୀତି ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ ।



# ସଫଳ କାହାଣୀ

## ସାନଖେମୁଣ୍ଡି ଗାଁର ରାମେୟା

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ବୁଢ଼ାଙ୍ଗପୁର ଗାଁରେ ଶ୍ରୀ ରାପାବୁଲୁ ରାମାୟା ପାତ୍ରଙ୍କ ଘର । ପାତ୍ରଙ୍କର ଘରଡ଼ିହ ୪ ହାତରେ ୧୦୦ ହାତ ପ୍ରାୟ ୨ ଡ଼ିସିମାଲ ମାତ୍ର । ସ୍ୱପକମି କିଛି ନାହିଁ । ଘରେ ୮ ପ୍ରାଣୀ କୁଟୁମ୍ବ । ନିଜେ, ସ୍ତ୍ରୀ, ୫ଟି ଝିଅ ଓ ଗୋଟିଏ ପୁଅ । ମଇଁଷି ରଖିବା ପୂର୍ବରୁ ୩ଟି ଝିଅଙ୍କୁ ସେ କୌଣସି ମତେ ତୋଳାକନ୍ୟା ପରି ବିବାହ କରି ଦେଇଥିଲେ । ସେ ପଥର କାଟି ଦୈନିକ ୧୦ ଟଙ୍କାରୁ ୨୦ ଟଙ୍କା ମଜୁରୀ ପାଉଥିଲେ । ସେଥିରେ ୫ ପ୍ରାଣୀ କୌଣସି ମତେ ଶାଗ ପଖାଳ ଖାଇ କଷ୍ଟେ ମଷ୍ଟେ ଚଳନ୍ତି । ଆସେ ଦେହରୁ ବଳ ଖସିଲା, ପଥର ବାଡେଇ ମଜୁରୀ ଆଣିବା କଷ୍ଟକର ହେଲା । ଏଇ ସମୟରେ ସ୍ଥାନୀୟ ଗ୍ରାମସେବକଙ୍କ ପରାମର୍ଶରେ ୧୯-୧୧-୮୩ ରେ ଦିଗପହଣ୍ଡି ଜାନାତୀ ବ୍ୟାଙ୍କରୁ ୨,୫୦୦ ଟଙ୍କା ଋଣ ନେଇ ୩୦୦ ଟଙ୍କାରେ ଗୁହାଳଟିଏ କଲେ ଓ ୨,୨୦୦ ଟଙ୍କାରେ ମାଈ ବାଛୁରୀ ସହ ଦୈନିକ ୫ ଲିଟର କ୍ଷୀର ଦେଉଥିବା ପାଞ୍ଚର ମୁରା ଜାତୀୟ ମଇଁଷିଟିଏ କିଣିଲେ । ଏ ୫ ଲିଟର କ୍ଷୀର ବିକ୍ରିରୁ ଦିନକୁ ୧୦ ଟଙ୍କାରୁ ୧୧ ଟଙ୍କା ଯାଏ ମିଳେ । ଏ ପ୍ରଥମ ମଇଁଷିଟି ପ୍ରାୟ ୧୧ ମାସ କ୍ଷୀର ଦେଇ ୬ ମାସ ପଡ଼ିଆ ରହି ପୁଣି ଗୋଟିଏ ମାଈ ବାଛୁରୀ ଜନ୍ମ କଲା ୨୬-୨-୮୫ ତାରିଖରେ ଓ ଏଥର ମାତ୍ର ୪ ଲିଟର ଲେଖାଏଁ କ୍ଷୀର ମିଳିଲା । କ୍ଷୀର ଦାମ୍ ବଢ଼ିଯିବାରୁ ସେଇ ୧୦/୧୧ ଟଙ୍କା ମଧ୍ୟ ମିଳିଲା । ପୁଣି ୩ୟବାର ଜନ୍ମ କରି ଏବେ ପ୍ରାୟ ଆଉ ୪ ଲିଟର କ୍ଷୀର ମିଳୁଛି ଓ ପ୍ରାୟ ୧୧ ଟଙ୍କା ବିକ୍ରି ହେଉଛି । ୨ୟ ପାଞ୍ଚର ମୁରା ମଇଁଷିଟି ସେଇ ଦିଗପହଣ୍ଡି ଜାନାତୀ ବ୍ୟାଙ୍କରୁ ୨,୩୦୦ ଟଙ୍କା ନେଇ ୨୭-୯-୮୪ ରେ କିଣିଲେ । କିଣିଲା ବେଳେ ମାଈ ବାଛୁରୀ ଭଳି ୪ ଲିଟର କ୍ଷୀର ମିଳୁଥିଲା । ଘରେ ନିଜଖର୍ଚ୍ଚ ପାଇଁ ଅଧ ଲିଟର କ୍ଷୀର ରଖନ୍ତି । ଏବେ ବର୍ଷେ ପଡ଼ିଆ ରହି ଏ ମଇଁଷିଟି ମଧ୍ୟ ବିଆଇଛି ଓ ସେଇ ୪ ଲିଟର କ୍ଷୀର ମିଳୁଛି । ଦୁଧ ବିକ୍ରିରୁ ଦୈନିକ ହାରାହାରି ୧୮ ଟଙ୍କାରୁ ୨୦ ଟଙ୍କା ମିଳେ ଓ କୁଣ୍ଡା, ପାଳ ରାଶି ୧୦ ଟଙ୍କାରୁ ୧୧ ଟଙ୍କା ଖର୍ଚ୍ଚ ହୋଇ ବାକୀ ୮-୯ ଟଙ୍କା ଲାଭ ହୁଏ । ଖତ ବିକ୍ରିରୁ ବର୍ଷକୁ କିଛି ଟଙ୍କା ମିଳେ । ଦୁଇଟିଯାକ ମଇଁଷି ପାଇଁ ଋଣ ଅଂଶ ସୁଝି ପାରିଛନ୍ତି । ସାତ ଆଠ ହଜାର ଟଙ୍କା ଖର୍ଚ୍ଚକରି ଆଉ ଭଲରେ ସାନ ଝିଅଙ୍କୁ ବିଭା ଦେଇଛନ୍ତି । ପୁଅଟିକୁ ମଧ୍ୟ ପାଟପୁର କଲେଜରେ ଆଇ: ଏ: ପଢ଼ାଉଛନ୍ତି । ଆଉ ପୂର୍ବ ଭଳି ଠିକାଦାରଙ୍କ ପାଇଁ ପଥର ବାଡେଇବା କଷ୍ଟ କରିବାକୁ ପଡୁ ନାହିଁ ସୁବିଧାରେ ଖାଇ ପିଇ ଚଳୁଛନ୍ତି ।

## 'ଶିକୁଲା' ପଲ୍ଲୀଶ୍ରୋତା ମଣ୍ଡଳୀ

ପଲ୍ଲୀ ବିକାଶହିଁ ପ୍ରଗତିର ଗୁପ୍ତିକାଠି । ଆମ ଗ୍ରାମାଞ୍ଚଳରେ ନବଜାଗରଣ ପାଇଁ ଶିକ୍ଷା ଓ ମାନସିକ ଚିନ୍ତାଧାରାରେ ପରିବର୍ତ୍ତନ ନିତ୍ୟାନ୍ତ ଆବଶ୍ୟକ । ଆମ ଦେଶରେ ୧୯୫୨ ମସିହା ପରେ ହିଁ ବିଭିନ୍ନ ବିକାଶମୂଳକ ଯୋଜନା କ୍ରମାଗତ ଭାବେ ପଞ୍ଚବାର୍ଷିକ ଯୋଜନା କରିଆରେ କାର୍ଯ୍ୟକାରୀ ହେଉଛି । ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଦେଶର ସମସ୍ତ ଜନସାଧାରଣଙ୍କ ପ୍ରତି ଉଦ୍ଦିଷ୍ଟ । ମାନବ ସମ୍ବଳ ବିନିଯୋଗ କରି ଉତ୍ପାଦନକୁ ଦ୍ୱିଗୁଣିତ କରି ଜନସାଧାରଣଙ୍କୁ ଏକ ସ୍ୱଚ୍ଛଳ ଓ ସୁସ୍ଥ ଜୀବନ ଯାପନ ପାଇଁ ସୁଯୋଗ ଦେବା ଜାତୀୟ ସମୃଦ୍ଧିର ଉପଯୁକ୍ତ ବିକାଶ ଘଟାଇବା ଏହି ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମର ଲକ୍ଷ୍ୟ ।

ଭାରତର ଶତକଡ଼ା ୭୭ ଭାଗ ଲୋକ ପଲ୍ଲୀ ଅଞ୍ଚଳରେ ରହନ୍ତି । ସମୁଦାୟ ଜନସଂଖ୍ୟାର ଶତକଡ଼ା ୨୫ ରୁ ୩୦ ଭାଗ ଲୋକ ହିଁ ସାକ୍ଷର । ପଲ୍ଲୀବାସୀଙ୍କୁ ବିଭିନ୍ନ ଯୋଜନା ଉପରେ ଧାରଣା ଦେବା ନିତ୍ୟାନ୍ତ ଆବଶ୍ୟକ । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଧାରା ବାହିକ ଭାବେ ପଲ୍ଲୀ ବିକାଶ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମମାନ 'ପଲ୍ଲୀଶ୍ରୋତାମଣ୍ଡଳୀ' କାର୍ଯ୍ୟକ୍ରମ ଜରିଆରେ ପ୍ରସ୍ତୁତ କରାଯାଏ ।

ଏହି କାର୍ଯ୍ୟକ୍ରମ ବିଶେଷତଃ ପଲ୍ଲୀବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ବୟନଶିଳ୍ପ, କୁଟୀରଶିଳ୍ପ ଓ ପଶୁପାଳନ ଇତ୍ୟାଦି ଉପରେ ଆଧାରିତ ଥାଏ । ଯାହାକୁ ଶ୍ରବଣ କରି ଏବଂ କାର୍ଯ୍ୟକାରୀ କରି ପଲ୍ଲୀବାସୀ ନିଜର ଅଜ୍ଞାନତା, କୁସଂସ୍କାରକୁ ଦୂର କରିବା ସଙ୍ଗେ ସଙ୍ଗେ ବହୁଭାବେ ଉପକୃତ ମଧ୍ୟ ହେଉଛନ୍ତି । ଏଣୁ ଏହି କାର୍ଯ୍ୟକ୍ରମ ଆଜି ପଲ୍ଲୀ ଅଞ୍ଚଳରେ ଲୋକପ୍ରିୟ ହୋଇପାରିଛି ।

ଗଞ୍ଜାମ ଜିଲ୍ଲାର ୨୯ଟି ବ୍ଲକ୍ ମଧ୍ୟରୁ ପୁରୁଷୋତ୍ତମପୁର ବ୍ଲକ୍ ଅନ୍ୟତମ । ୧୯୮୪ ମସିହାରେ ସରଖପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା "ଶିକୁଲା"କୁ ନୂଆ ଗ୍ରାମପଞ୍ଚାୟତ ରୂପେ ଗଢ଼ାଗଲା । ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୬,୨୩୫ । ପୁରୁଷଙ୍କ ସଂଖ୍ୟା ୩,୧୦୮ ଓ ସ୍ତ୍ରୀ

ସଂଖ୍ୟା ୨,୦୨୭ । ଗ୍ରାମରେ ଶିକ୍ଷିତ ପୁରୁଷଙ୍କ ସଂଖ୍ୟା ଶତକଡା ୪୦ ଥିବା ସ୍ଥଳେ ଶିକ୍ଷିତ ସ୍ତ୍ରୀ ଲୋକଙ୍କ ସଂଖ୍ୟା ମାତ୍ର ଶତକଡା ୮ ଅଟେ । ଶତକଡା ୯୦ ଭାଗ ଗ୍ରାମବାସୀ କୃଷି । ଗିରିଜନ ଓ ତଫସିଲଭୁକ୍ତ ଜାତିର ଲୋକସଂଖ୍ୟା ୧,୭୦୦ । ଶିକୁଳା ଗ୍ରାମର ପ୍ରାୟ ୮୦୦ ଏକର କୃଷି ଜମି ଉପରେ ଶିକୁଳାର ଦୁଇଟି ହଳଘାଇ ପାଣି ମାଡୁଛି । ଗୋଟିଏ ଫସଲ ସହ ଫସଲ ହୁଏ । ପାଣିମାଡ଼ି ଜଳସେଚିତ ହେବା ବ୍ୟତୀତ ଉଠାଜଳସେଚନର ବ୍ୟବସ୍ଥା ନାହିଁ । ବର୍ଷରେ ପ୍ରାୟ ୬,୦୦୦ ବସ୍ତା ଧାନ ଆଦାୟ ହୁଏ । ମାଣ୍ଡିଆ, ମୁଗ, ବିରି ଓ ଚଣା ଇତ୍ୟାଦି ଅନ୍ୟାନ୍ୟ ରବି ଫସଲ ମଧ୍ୟ ଉତ୍ପନ୍ନ ହୁଏ । ଗ୍ରାମରେ ଯେଉଁ ପନିପରିବା ଆଦାୟ ହୁଏ ତାହା ଦୁଇମାସର ପରିବା ଖର୍ଚ୍ଚ ଚଳାଇ ଦିଏ । କିନ୍ତୁ ଅନ୍ୟ ସମୟରେ ବାହାରର ବଜାରରୁ ପରିବା କିଣିବାକୁ ପଡେ । ଗାଆଁରେ ହଜାରେ ଗାଈ ଏକଶତ ମଇଁଷି ଓ ପ୍ରାୟ ତିନିଶତ ଛେଳି ଦେଖିବାକୁ ମିଳେ । ନିଜର କ୍ଷୀର ସୁବିଧା ମେଣ୍ଟାଇବା ସହ ଗ୍ରାମଟି ବାହାରକୁ ପ୍ରାୟ ୪୦ ଲିଟର କ୍ଷୀର ବିକ୍ରୀ ନିମିତ୍ତ ପଠାଏ ।

ସମ୍ପୂର୍ଣ୍ଣ ସରକାରୀ ଅନୁଦାନରେ "ଶ୍ରୀ ଗୁଣେଶ୍ୱର ହାଇସ୍କୁଲ" ଗ୍ରାମଟି ଓ ଗ୍ରାମରେ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ସ୍ୱାସ୍ଥ୍ୟସେବା ନିମନ୍ତେ ଗ୍ରାମବାସୀଙ୍କ ପାଇଁ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ରହିଛି ।ଏତଦ୍ ବ୍ୟତୀତ ସ୍ୱାସ୍ଥ୍ୟକର୍ମୀ, ମହିଳା ଓ ପୁରୁଷଙ୍କ ପାଇଁ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ନିରୀକ୍ଷକ ରହିଛନ୍ତି । ଗ୍ରାମର ପ୍ରାୟ ୨୭୦ ଜଣ ପୁରୁଷ ଓ ସ୍ତ୍ରୀ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଇଛନ୍ତି । ଏମାନଙ୍କ ମଧ୍ୟରୁ ସାତଜଣ "ସବୁଜ ପତ୍ରିକା"ର ଅଧିକାରୀ ହୋଇ ପାରିଛନ୍ତି ।

ପାନୀୟ ଜଳ ଯୋଗାଣ ନିମିତ୍ତ ସରକାରଙ୍କ ତରଫରୁ ୧୧ଟି ନଳକୂପ ଓ ୭ଟି ପୁଷ୍କରିଣୀ ଯୋଗାଇ ଦିଆ ଯାଇଛି । ନିରକ୍ଷରତା ଦୂର କରିବା ପାଇଁ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟ ଶତାଧିକ ବୃଦ୍ଧାଙ୍କୁ ସାକ୍ଷର କରାଯାଇ ପାରିଛି । ଗ୍ରାମର ଅର୍ଥନୈତିକ ବିକାଶ ପାଇଁ "ସମବାୟ ସେବା ସମିତି" ପ୍ରାୟ ଲକ୍ଷାଧିକ ଟଙ୍କାର ମୂଳଧନ ଗ୍ରାମବାସୀଙ୍କ ମଧ୍ୟରେ ବିନିଯୋଗ କରିଛି । ଏହି ସମିତି ପ୍ରାୟ ୭୫୪ ରୁ ଅଧିକ ଗ୍ରାମବାସୀ ସଭ୍ୟ ଅଛନ୍ତି । ଗ୍ରାମର ପ୍ରାୟ ୫୦ ଜଣ ଅତି ଗରିବ ପରିବାରଙ୍କୁ ଇ.ଆର୍.ଆର୍.ପି., ଆଇ.ଆର୍.ଡ଼ି.ପି. ଦ୍ୱାରା ଉପକୃତ କରାଯାଇ ପାରିଛି ।

ଏହି ଗ୍ରାମର ଶ୍ରୀ ରୋହିଣୀ ପଣ୍ଡାଙ୍କୁ ପ୍ରଥମେ ତିନିହଜାର ଟଙ୍କା ମନୋହରି ଦୋକାନ କରି ଜୀବିକା ନିର୍ବାହ କରିବାକୁ ଇ.ଆର୍.ଆର୍.ପି ଋଣ ଦିଆଯାଇଥିଲା । ଏହି ଋଣକୁ ସୁଝି ଦେବା ପରେ ପୁଣି ଦ୍ୱିତୀୟ ଥର ଋଣ ପାଇଛନ୍ତି । ସେହିପରି ଅନ୍ୟଜଣେ ଶ୍ରୀ କନ୍ଧ ବେହେରା ଯିଏ କି ଜଣେ ସବୁଜ ପତ୍ରିକାର ଅଧିକାରୀ ସେ ମଧ୍ୟ ଇ.ଆର୍.ଆର୍.ପି ଋଣ ଦ୍ୱାରା ହଳ ଓ ଶଗଡ ପାଇଛନ୍ତି । ଏହିପରି ସରକାରୀ କାର୍ଯ୍ୟକ୍ରମ ଦ୍ୱାରା ଗାଁର ଗରିବ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟୁଛି ।

ଗାଆଁରେ ଧର୍ମାନୁଷ୍ଠାନ କହିଲେ ୧୭ଟି ମନ୍ଦିର, ଗୋଟିଏ ମଠ ଓ ଦୁଇଟି ଦଣ୍ଡନାଚ ଅନୁଷ୍ଠାନକୁ ବୁଝାଏ । ପାଞ୍ଚଟି ଭାଗବତ ଘର (ଟୁଙ୍ଗିଘର) ଗାଁରେ ରହିଛି । ଯୁବକମାନେ "ଅଭୟ ନୃସିଂହ ଯୁବ ସଂସଦ" ନାମକ ଏକ ରେଜେଷ୍ଟ୍ରିକୃତ ସଂସ୍ଥା ୧୯୮୬–୮୭ ରେ ଗଠନ କରିଛନ୍ତି ।

କୃଷକ ଓ ଯୁବକମାନେ ମିଶି ଗ୍ରାମରେ "ଝିଲିମିଲି ପଲ୍ଲୀଶ୍ରୋତା ମଣ୍ଡଳ" ଗଠନ କରିଛନ୍ତି । ଏହି ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ଶୁଣି ଉତ୍ସାହିତ ହୋଇ ଗାଁର ଯୁବ ସଂସଦର ସଭ୍ୟ ଓ ଅନ୍ୟାନ୍ୟ ବସ୍ ଅଟକୁଥିବା ସ୍ଥାନରେ ଶ୍ରମ ଦାନ କରି ସଂଗୃହୀତ ୨,୫୦୦ ଟଙ୍କାରେ ଏକ ବିଶ୍ରାମାଗାର ନିର୍ମାଣ କରିଛନ୍ତି ଏବଂ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହଲାଗି ମୂଳଦୁଆ ମଧ୍ୟ ସ୍ଥାପନ କରିଛନ୍ତି । ଏହି ପଲ୍ଲୀଶ୍ରୋତା ଉଦ୍ୟମ ଫଳରେ ପୁରୁଷୋତ୍ତମପୁର ବ୍ଲକ୍‌ର ଚେୟାରମ୍ୟାନ୍ ଓ ବି.ଡ଼ି.ଓ. ଶିକୁଳା ଗ୍ରାମରେ ଥିବା ବସ୍‌ଷ୍ଟାଣ୍ଡରେ ବିଶ୍ରାମାଗାର ନିର୍ମାଣ ପାଇଁ ପାଞ୍ଚଶତ ଟଙ୍କା ମଞ୍ଜୁର କରିଥିଲେ ।

ଶ୍ରୀ ରମେଶ ଚନ୍ଦ୍ର ନାୟକ, ଝିଲିମିଲି ପଲ୍ଲୀଶ୍ରୋତା ମଣ୍ଡଳୀର ଜଣେ ଉତ୍ସାହୀ ସଭ୍ୟ । କୃଷି ହେଲା ତାଙ୍କ ବେଉସା । ସେ ନିୟମିତ ଏହି କାର୍ଯ୍ୟକ୍ରମ ଶୁଣନ୍ତି । ସେ ତାଙ୍କ ବଗିଚାରେ ଝାଉଁ ଓ ଲଙ୍କାଆମ୍ବ ଆଦି ଅର୍ଥକରି ବୃକ୍ଷମାନ ଲଗାଇଛନ୍ତି । ଲଙ୍କାଆମ୍ବ ଚାଷ ସମ୍ପର୍କରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମରେ ହେଉଥିବା ଆଲୋଚନା ଶୁଣି ଓ ତାହାକୁ ସେ କାର୍ଯ୍ୟରେ ଲଗାଇବା ଦ୍ୱାରା ଏଥର ତାଙ୍କ ଲଙ୍କାଆମ୍ବ ବଗିଚାରେ ଭଲ ଫଳ ଓ ମଞ୍ଜି ଫଳି ଅଛି । ସ୍ଥାନୀୟ ଲୋକମାନେ ମଧ୍ୟ ବର୍ତ୍ତମାନ ତାଙ୍କ ପରାମର୍ଶ ଅନୁସାରେ ଲଙ୍କାଆମ୍ବ ଚାଷ କରୁଛନ୍ତି । ଲଙ୍କାଆମ୍ବ ଚାଷୀମାନଙ୍କ ମଧ୍ୟରେ ଶ୍ରୀ ଉଦୟନାଥ ସାହୁ ବିଶେଷ ସଫଳତା ଲାଭ କରିଛନ୍ତି । ଶ୍ରୀ ସାହୁ ତାଙ୍କର ୩ ଏକର ଜମିରେ ପ୍ରାୟ ୨୦୦ ଲଙ୍କାଆମ୍ବ ଗଛ ଲଗାଇଛନ୍ତି ।

ପଲ୍ଲୀଶ୍ରୋତା ମଣ୍ଡଳୀର କୃଷି କାର୍ଯ୍ୟକ୍ରମ ଶୁଣି ଏହି ଗ୍ରାମର କୃଷୀ ସର୍ବଶ୍ରୀ ଯୋଗେନ୍ଦ୍ର ବଡ଼ଜେନା, ପ୍ରଭାକର ମହାରଣା, ବୃନ୍ଦାବନ ସାହୁ, ଗଗନ ବିହାରୀ ପଟ୍ଟନାୟକ ଓ ରାମଚନ୍ଦ୍ର ସାହୁ ଇତ୍ୟାଦି ଉନ୍ନତ ପ୍ରଣାଳୀରେ ମୁଗ ବିରି ଓ ଚିନାବାଦାମ ପ୍ରଭୃତି ଅର୍ଥକରି ଫସଲ ଉତ୍ପାଦନ କରି ବିଶେଷ ଭାବେ ଲାଭବାନ ହୋଇଛନ୍ତି । ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ କୃଷୀମାନଙ୍କୁ ବିଶେଷଭାବେ ପ୍ରଭାବିତ କରି ପାରିଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ଗାଁର କୃଷୀମାନେ ଆଧୁନିକ ଧରଣର କୃଷି ଯନ୍ତ୍ରପାତି, ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାରର ବ୍ୟବହାର ଶିଖି ପାରିଛନ୍ତି ଏବଂ ମରହଟି ପୁରୁଣା କାଳର କୃଷି ପଦ୍ଧତିକୁ ସବୁଦିନ ପାଇଁ ପରିତ୍ୟାଗ କରିପାରିଛନ୍ତି ।

○

# ଶାନ୍ତିଲତାଙ୍କ ହୋଟେଲ

ଶ୍ରୀ ବୈଷ୍ଣବ ଚରଣ ସାହୁ

ଶାନ୍ତିଲତା । ଚିର ପ୍ରଶାନ୍ତିର ଶାନ୍ତି । ଲତା ଯେପରି–ଖାଲ, ଢିପ, ବଙ୍କା ଟଙ୍କା ନ ମାନି ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ଆଗକୁ ମାଡ଼ିଗଲେ ସେହିପରି ଶାନ୍ତିଲତା ତା' ଜୀବନର ଚଲାପଥରେ ସୁଖ, ଦୁଃଖ, ଅଭାବ, ଅନାଟନ–ବାଧା, ବିଘ୍ନ ନମାନି-ଆଗେଇ ଚାଲିଛନ୍ତି । ସେ ଜାଣେନି ତା ଜୀବନର ଶେଷ ପରିଣତି । ମଣିଷ ପରି ସେ ହେବ–ଏବଂ ସେ ସଂସାର ବକ୍ଷରୁ ବିଦାୟ ନେବା ପୂର୍ବରୁ–ସ୍ମୃତିର ସ୍ମାରକୀ ସ୍ୱରୂପ କିଛି ଛାଡ଼ିଦେଇ ଯିବ ତା'ର ଏଇ ଜନ୍ମ ମାଟିରେ । "ରୂପ ଗୁଣରେ ପରିପୂର୍ଣ୍ଣ । ମଧ୍ୟବିତ୍ତ ଶ୍ରେଣୀର ସେଇ ଝିଅଟି, ମାତ୍ର କୋଡ଼ିଏ ବର୍ଷରେ ମାଧବର ହାତ ଧରିଥିଲୁ ।

ବାଣପୁର । ଯାଜପୁର ସବ୍‌ଡିଭିଜନର ଏକ ଅଖ୍ୟାତ ପଲ୍ଲୀଗାଁ । ଚାରଗୁଣ୍ଠ ଜମି ଦେଖି ଶାନ୍ତିର ବାପ ମାଧବ ହାତରେ ତା'କୁ ଟେକି ଦେଇ ଥିଲେ । ବରଟି ଦେଖିବାକୁ ସୁସ୍ଥ ଓ ସୁନ୍ଦର । ମାଧବର ନାମକୁ ସେ ସାର୍ଥକ କରିଛି ।

ଯେଉଁ ଶାନ୍ତି ବାପଘରେ ଏତେ ଅଲିଅଳରେ ବଢ଼ିଥିଲା, ସେ କିପରି ଶାଶୁଘରେ–ଶାଶୁ ଶ୍ୱଶୁର ଓ ସ୍ୱାମୀ ସହ ୧୨ ଗୁଣ୍ଠ ଜମିରେ ଚଳିବ ? ମାଧବ ହୁଏତ ୮ଟଙ୍କା ମୂଲଆଣିବ, ଏଇଥିରେ

କ'ଣ ତା'ର ସ୍ୱପ୍ନ ପୂରଣ ହେବନି ? ବିବାହପରର ୫ ବର୍ଷ ଭିତରେ ଗୋଟିକ ପରେ ଗୋଟିଏ ହୋଇ ୩ଟି ସନ୍ତାନ ଆସିଲେ ଶାନ୍ତିର କୋଳକୁ । ୨ଟି ପୁଅ ଓ ଗୋଟିଏ ଝିଅ । ଶାଶୁ, ଶ୍ୱଶୁର– ଏହି ୫ ବର୍ଷ ଭିତରେ ସେ ପୁରର ଯାତ୍ରୀ ହେଲେ । ହେଲେ ୩ଟି ପିଲା–ଆଉ ମାଧବ–ଶାନ୍ତି ଚଳିବେ କିପରି ? ୧୨ ଗୁଣ୍ଠ ଜମି ଓ ୮ଟଙ୍କା ମଜୁରୀକୁ ସମ୍ବଳ କରି ? ଏ ଆଧୁନିକ, ବୈଜ୍ଞାନିକ ଯୁଗରେ ମଣିଷ ମଣିଷ ପରି ପୁଣି ଚଳିବତ ?

ବୁଦ୍ଧି ଥିଲେ ଉପାୟ ଆସେ । ୨୫ ବର୍ଷିୟା ଶାନ୍ତିର- ଆଜି ମଣିଷ ପରି ମଣିଷହୋଇ ବଞ୍ଚି ରହିବାର ଦୁର୍ବାର ବାସନା । ସ୍ୱାମୀଙ୍କ ପରାମର୍ଶକ୍ରମେ ଶାନ୍ତି ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ ହେଲ । ସେ ଷ୍ଟେଟବ୍ୟାଙ୍କରୁ ୬,୦୦୦ ଟଙ୍କା ଋଣ ପାଇଲ ଏବଂ ମୋଟ ଋଣରୁ ୩୩ ଭାଗ ରିହାତି ମିଳିଲ । ଏ ଋଣ ତାକୁ ୧୯୮୪-୮୫ ରେ ମିଳିଥିଲ । ଯାଜପୁର ନୃସିଂହ ଚୌଧୁରୀ ମହାବିଦ୍ୟାଳୟ ପାଖରେ ସେ ଗୋଟିଏ ହୋଟେଲ ଆରମ୍ଭ କଲ । ହୋଟେଲର ଚାହିଦା କ୍ରମଶଃ ବଢ଼ିବାକୁ ଲାଗିଲ । ଶାନ୍ତି ଓ ମାଧବର ବ୍ୟବହାରରେ ସମସ୍ତେ ମୁଗ୍ଧ । କଲେଜର ଅଧ୍ୟାପକ, ଛାତ୍ର, ବନ୍ଧୁ ସରକାରୀ କର୍ମଚାରୀ ଓ ବାହାରର ଲୋକ ହୋଟେଲରେ ଖାଆନ୍ତି । ଆସ୍ତେ ଆସ୍ତେ କିସ୍ତି ଅନୁଯାୟୀ ଶାନ୍ତି ବ୍ୟାଙ୍କ ଋଣ ପରିଶୋଧ କରିବାରେ ଲାଗିଛନ୍ତି । ଦୋକାନଟିର ସାଜସଜ୍ଜା ମଧ୍ୟ ଖାଉଟି ଓ ଦର୍ଶକ ମାନଙ୍କ ଆକୃଷ୍ଟ କରିଛି । ଶାନ୍ତି ଓ ତାର ସ୍ୱାମୀଙ୍କ ଠାରୁ ଶୁଣିବାକୁ ମିଳେ ବର୍ତ୍ତମାନ ହୋଟେଲରେ ଦୈନିକ ୪୦୦ ଟଙ୍କା ରୁ ୫୦୦ ଟଙ୍କା ଭିତରେ ବିକ୍ରୟ ହେଉଛି-ଏବଂ ତାର ସମସ୍ତ ଖର୍ଚ୍ଚ ବାଦ ଦେଇ ୫୦ ଟଙ୍କାରୁ ୮୦ଟଙ୍କା ଲାଭ ପାଉଛନ୍ତି ।

ଆଜି ଶାନ୍ତିର ମନ ଆକାଶରେ ଅଜସ୍ର ଭାବନା........ ଅନେକ ଜୁଆର.........ଅନେକ ସ୍ୱପ୍ନ...........ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ! ଅନେକ ତଫାତ–ସେ ଦିନ ଓ ଆଜିଦିନ ଭିତରେ । ଜୀବନ ତା'ର ସାର୍ଥକ ହୋଇଛି । ମୁଖମଣ୍ଡଳରେ ନୂତନ ଦୀପ୍ତି, ନୂତନ ଆଭା । ମାଧବ ମନ ବୃନ୍ଦାବନରେ ଶାନ୍ତିର କର୍ମପ୍ରବଣତା............ .ସରକାର ନିଷ୍ପତ୍ତି କରିଛନ୍ତି ଶାନ୍ତିଲତା ସାହୁକୁ ଦ୍ୱିତୀୟ କିସ୍ତିରେ ୨,୦୦୦ ଟଙ୍କା ଋଣ ଦେବେ ଏବଂ ତହିଁରୁ ସେ ୧,୦୦୦ ଟଙ୍କା ରିହାତି ପାଇବ ।

ବ୍ୟାଙ୍କଋଣ ପରିଶୋଧ କରିବାରେ ଶାନ୍ତି ଶିଖିଛ କରିନାହାନ୍ତି । ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ଶାନ୍ତି ମଧ୍ୟ ସଞ୍ଚୟାଭିମୁଖୀ ହୋଇ ପଡ଼ିଛନ୍ତି । ବର୍ତ୍ତମାନ ଶାନ୍ତି ଗୋଟିଏ ରେଫ୍ରିଜେଟର କିଣିବା ପାଇଁ ନିଷ୍ପତ୍ତି କରିଛନ୍ତି, କାରଣ ପନିପରିବା, ମାଛ, ମାଂସ ବେଶୀଦିନ ତହିଁରେ ରଖାଯାଇପାରିବ ।

ମାଧବର ବୟସ ବର୍ତ୍ତମାନ ୩୮ ଓ ଶାନ୍ତିର ବୟସ ୨୫ ବର୍ଷ । ଜୀବନକୁ ଅବହେଳି ରହିବାର ଦିନ ଆଜି ଆଉ ନାହିଁ । ଜୀବନକୁ ସରସ, ସୁନ୍ଦର କରିବାକୁ ହେବ । ଭବିଷ୍ୟତକୁ ଉଜ୍ଜ୍ୱଳ ଓ ଗରିମାମୟ କରିବାକୁ ପଡ଼ିବ । ଶରୀରକୁ ସୁସ୍ଥ ଓ ନିରାମୟ ରଖିବାକୁ ହେବ, ପିଲମାନଙ୍କର ଉଚ୍ଚଶିକ୍ଷା ପ୍ରତି ନଜର ଦେବାକୁ ହେବ.........ସବୁ ମୂଳରେ ଅର୍ଥର ଆବଶ୍ୟକତା !!

ଆଜି ଶାନ୍ତି ମୁଖମଣ୍ଡଳରେ ହସର ଜୁଆର......ଭବିଷ୍ୟତ ତା' ପାଖରେ ଦୀପ୍ତିମୟ । ସେ ଆଜି ସମସ୍ତଙ୍କୁ ଆହ୍ୱାନ କରୁଛି "ଆସ ଏଇ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଭାଗୀଦାର ହୁଅ–ମୋ' ପରି ଆଶାବାଦୀ ଓ ସୌଭାଗ୍ୟବତୀ ହୁଅ" ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ
ଅଧିକାରୀ, ଯାଜପୁର ।

○

# ଦରଜୀ ଭାଇ ଶ୍ୟାମଲାଲ୍

ଶ୍ରୀ ନୃସିଂହ ଚରଣ ଦାଶ

ରାଉରକେଲାର ବିଶ୍ରା ବ୍ଲକ ଅନ୍ତର୍ଗତ ଦରେଇକେଲା ଗ୍ରାମରେ ଶ୍ୟାମଲାଲ୍ ମହାନ୍ତର ଘର । ୨୮ ବର୍ଷର ଯୁବକ ଶ୍ୟାମଲାଲ୍ । ବାପା, ମା, ଦୁଇଭାଇ ଏବଂ ଦୁଇଭଉଣୀଙ୍କୁ ନେଇ ସାତଜଣିଆ ସଂସାର । ଜମିବାଡ଼ି ନାହିଁ । ଅନ୍ୟ ପାଖରେ ମଜୁରୀ କରି, ଗାଈ ଛେଳି ଜଗି, ସେମାନେ ପେଟ ପୋଷନ୍ତି । ଶ୍ୟାମଲାଲଙ୍କୁ ଏପରି କାମ ଭଲ ଲାଗେନି । ତେଣୁ ଅନେକ ଥର ବିଶ୍ରା ଆସିଛି କାମ ଅନ୍ୱେଷଣରେ । ଯାହାହେଉ ଜଣେ ପରିଚିତ ଦରଜୀ ଦୋକାନରେ କାମକରି ସିଲାଇ କାମଟି ଭଲଭାବେ ଜାଣିଗଲା । ତା'ପରେ ସେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାପାଇଁ ଚିନ୍ତା କଲା । ପରିବାରର ସମସ୍ତଙ୍କୁ ସାହାଯ୍ୟ କରିବାପାଇଁ ସେ ଦୃଢ଼ ପ୍ରତିଜ୍ଞ । ହେଲେ ପଇସା କେଉଁଠୁ ଆସିବ ଯେ ସେ ସିଲାଇମେସିନ୍ କିଣିବ । ଯାହାହେଉ ପୂର୍ବର ସାହାଯ୍ୟ ପାଇଥିବା ଜଣେ ବ୍ୟକ୍ତିଙ୍କ ଠାରୁ ସରକାର ସିଲେଇ-ମେସିନ୍ ଦେଉଥିବା କଥା ଶୁଣିଥିଲା । ଶ୍ୟାମର ମନକୁ କଥାଟା ବେଶ୍ ପାଇଲା । ବିଶ୍ରା ବି. ଡି. ଓ.ଙ୍କୁ ଦେଖାକଲା । ୧୯୮୪-୮୫ ବର୍ଷରେ ଶ୍ୟାମଲାଲଙ୍କୁ ଇ. ଆର. ଆର. ପି. ରେ ଅନ୍ତର୍ଭୁକ୍ତ କରାଯାଇ ଗୋଟିଏ ସିଲେଇ ମେସିନ୍ ଏବଂ ନୂଆ କପଡ଼ା ମାଧ୍ୟମରେ ମୋଟ ତିନିହଜାର ଟଙ୍କା ତାକୁ ପ୍ରଦାନ କରାଗଲା । ମୋଟ ଟଙ୍କାରୁ ବାଇଶି ଶହ ପଚାଶ ଟଙ୍କା ଛାଡ଼ ପାଇଲା ଏବଂ ଅବଶିଷ୍ଟ ସାତଶହ ପଚାଶଟଙ୍କା ଶ୍ୟାମଲାଲଙ୍କୁ ସୁଝିବାକୁ ପଡ଼ିବ । ଏହି ଦିଗରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଶ୍ରାଙ୍କର ସହଯୋଗ ପ୍ରଶଂସନୀୟ ।

ଶ୍ୟାମଲାଲ ଦରଜୀ ଦୋକାନ କଲା ବିଶ୍ରାରେ । ସେ ଜାଣିଥିଲା ଗାଁ ଅପେକ୍ଷା ବିଶ୍ରାରେ ଦୋକାନ ଭଲ ଚାଲିବ । ଖୁବ୍ ଅଳ୍ପ ଦିନରେ ତାର ଦୋକାନ ସମସ୍ତଙ୍କ ପାଇଁ ଜଣାଶୁଣା ହୋଇଗଲା । କେବଳ ତାର ଗୋଟିଏ କାରଣ ତା ହେଉଛି ତା ସିଲେଇ କାମର ଚତୁରୀ । ଏବେ ସେ ଆଉ ଗୋଟିଏ ମେସିନ କିଣିଛି । କମ୍ ସମୟ ମଧ୍ୟରେ ଏକା ଲୋକ ହେଲେ ବି ସରକାରଙ୍କର ଋଣ ସୁଝିବା ଦିଗରେ ସେ ସଚେତନ । ଆଉ ଅଳ୍ପଦିନ ଭିତରେ ସମସ୍ତ ଋଣ ସୁଝିଦେବ ।

ଏବେ ସେ ଘରର ସମସ୍ତଙ୍କୁ ସାହାଯ୍ୟ ଯୋଗାଇ ଦେଇପାରୁଛି । ଭାଇଭଉଣୀଙ୍କ ଶିକ୍ଷା ଦିଗରେ ମଧ୍ୟ ସେ ଯତ୍ନବାନ । ସରକାର ଗ୍ରାମାଂଚଳର କାରିଗର, ଅଣକୁଶଳୀ ମାନଙ୍କୁ ସାହାଯ୍ୟ ଯୋଗାଇ ଦେଉଥିବା କଥା ସେ ତା ସୁବନ୍ଧୁମାନଙ୍କୁ ଶୁଣାଉଥାଏ । ସରକାର ହେଉଛନ୍ତି ଗ୍ରାମ୍ୟକାରିଗର ମାନଙ୍କର ବନ୍ଧୁ । ସର୍ବୋପରି ସମସ୍ତଙ୍କ ମଙ୍ଗଳାକାଂକ୍ଷୀ । ଶ୍ୟାମଲାଲ ତାର ଗାଁ ପାଖର ଅନ୍ୟ ପିଲାମାନଙ୍କୁ ମଧ୍ୟ ନିଜ ଦୋକାନ ରେ ନିୟୋଜିତ କରି, ସେମାନଙ୍କୁ ତାଲିମ ଦେଉଛି । ଶ୍ୟାମଲାଲର ଘରେ ଆର୍ଥିକ ଅନାଟନର ପରିସମାପ୍ତି ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ରାଉରକେଲା ।

# ଗପ ହେଲେ ବି ସତ

ଶ୍ରୀମତୀ ଜ୍ୟୋତ୍ସ୍ନା ଡାଲି

ରାଜ୍ୟସ୍ତରୀୟ ଉଚ୍ଚପଦସ୍ଥ ଅଫିସରଙ୍କ ସହ ଦିନେ ମୁଁ ବକୁକୋଟ ଏରିଆ ଗସ୍ତରେ ଯିବାର ସୁଯୋଗ ପାଇଥିଲି । ଅଫିସର ମହୋଦୟ ଗସ୍ତ କାର୍ଯ୍ୟକ୍ରମ ଶେଷକରି ମଧ୍ୟାହ୍ନ ଭୋଜନ ବିରତି ସମୟରେ ବିଶ୍ରାମ କରୁଥିଲେ । ଏହି ଅବସରରେ ମୁଁ ଆମ ସରକାରୀ ନାଲି ତ୍ରିକୋଣ ଚିହ୍ନ ଥିବା ଧଳା ଗାଡ଼ି ସିଟ୍ ଉପରେ ବସି ଆମ କ୍ଷେତ୍ରକର୍ମୀଙ୍କ ପ୍ରତୀକ୍ଷାରେ ଥାଏ । ଏହି ସମୟରେ ହଠାତ୍ ଜଣେ ସୁଶ୍ରୀ ଭଦ୍ରବ୍ୟକ୍ତି ଏପଟ ସେପଟ ହୋଇ ଜିଜ୍ଞାସୁ ନୟନରେ ଗାଡ଼ିକୁ ଅନାଉବାର ଦେଖିଲି । ତାଙ୍କ ଜିଜ୍ଞାସୁଭାବ ଦେଖି ନମ୍ରତାର ସହ ପଚାରିଲି ଆଜ୍ଞା, ଆପଣ କ'ଣ କିଛି କହିବାକୁ ଚାହାନ୍ତି । ଭଦ୍ରତାର ସହ ନମସ୍କାରଟିଏ ପକାଇ ଭଦ୍ରବ୍ୟକ୍ତିଟି ପଚାରିଲେ–"ଜୀ–କ୍ୟା–କ୍ୟାମ୍ପ୍ କା ଗାଡ଼ି ଆୟା"? ପ୍ରତିନମସ୍କାର ସହ ମୁଁ ପ୍ରତ୍ୟୁତ୍ତର ଦେଲି–ଏ କ୍ୟାମ୍ପ୍ ଗାଡ଼ି ନୁହେଁ–କିନ୍ତୁ କିଛିଦିନ ପରେ କ୍ୟାଂପ୍ ହେବ । ସେ ପଚାରିଲେ କେବେ ଆଜ୍ଞା? ମୁଁ ପଚାରିଲି କାହିଁକି? ଆପଣ କ'ଣ ଅପରେସନ ହେବେ କି? ଭଦ୍ର ବ୍ୟକ୍ତିଟି କହିଲେ ମୁଁ ନୁହେଁ ଯେ କିନ୍ତୁ ମୋ ସ୍ତ୍ରୀ ଅପରେସନ ହେବେ । ମୁଁ ପଚାରିଲି–ଆପଣଙ୍କର କେତୋଟି ପିଲା? ଭଦ୍ରବ୍ୟକ୍ତିଟି କହିଲେ–ସେ କଥା ଆଉ ପଚାରନ୍ତୁ ନାହିଁ ଆଜ୍ଞା । ତଥାପି ମୁଁ ପଚାରିଲି–କାହିଁକି" ଆଜ୍ଞା କହନ୍ତୁ ନା କେତେ? ଓ ବାତ୍ ଛୋଡ଼ ଦିଯିଏ–ଲାଇନ୍ ଲଗଗିୟା । (ତାଙ୍କର ପ୍ରତ୍ୟେକ ବାକ୍ୟ ହିନ୍ଦିରେ ଥିଲା)

ଆମର ଏହି କଥୋପକଥନ ମଧ୍ୟରେ କ୍ଷେତ୍ର କର୍ମୀ ଜଣକ ଆସି ପହଞ୍ଚିଲେ । ଭଦ୍ରବ୍ୟକ୍ତି ଜଣକ କ୍ଷେତ୍ରକର୍ମୀବାବୁଙ୍କୁ ନମସ୍କାର ଜଣାଇ ମଥା ଅବନତ କରି ଚୁପ୍‌କରି ଠିଆହେଲେ । ଲକ୍ଷ୍ୟକଲି ଭଦ୍ରବ୍ୟକ୍ତି ଜଣକ ଯେପରି ମନେ ମନେ ଲଜ୍ଜିତ, କାରଣ କ'ଣ କିଛି ବୁଝି ପାରିଲି ନାହିଁ । କ୍ଷେତ୍ରକର୍ମୀଙ୍କୁ ପଚାରିଲି ଆପଣ କ'ଣ ଏ ଭଦ୍ରବ୍ୟକ୍ତିଙ୍କୁ ଜାଣନ୍ତିକି ? ସାଙ୍ଗେ ସାଙ୍ଗେ ସେ କହିଲେ–ହଁ ଆଜ୍ଞା–ସିଂହବାବୁଙ୍କୁ ମୁଁ ଭଲକରି ଜାଣେ । ସେ ପରା ମୋ ଏରିଆ ଲୋକ । ଦୁଇଟି ଝିଅ ହେବା ଦିନଠାରୁ ମୁଁ ତାଙ୍କୁ ବୁଝାଇ ବୁଝାଇ ଥକି ଗଲିଣି । ପୁଅଟିଏ ହେଲେ ଅପରେସନ ହେବେ ବୋଲି କହୁଛନ୍ତି । ବର୍ତ୍ତମାନ ତାଙ୍କର ଛଅଟି ଝିଅ । ଏବେ ପୁଣି କ'ଣ ହେବ । ସିଂହବାବୁ କ୍ଷେତ୍ରକର୍ମୀଙ୍କ ପାଟିରୁ କଥା ସରୁ ନ ସରୁଣୁ କହିଲେ–ବାବୁ–ଏଥର ମଧ୍ୟ ସେଇ ଝିଅଟିଏ ହୋଇଛି । ଗୁହୁଁ ଗୁହୁଁ ସାତଟି ଝିଅ ହେଲେ । ଏଥରକ କିନ୍ତୁ ମୁଁ ମୋ ସ୍ତ୍ରୀର ଅପରେସନ କରାଇବି । ଅଜ୍ଞା ଓ ନମ୍ରତାର ସହିତ ମୁଁ କହିଲି ଏତେଦିନ ତ ଅପେକ୍ଷା କଲେଣି–ଆଉ କିଛିଦିନ ଅପେକ୍ଷା କରନ୍ତୁ । ଅଷ୍ଟମ ଗର୍ଭରେ କୃଷ୍ଣଭଳି ପୁଅଟିଏ ଜନ୍ମ ହୋଇପାରେ ।

ମୋ କଥାରେ କିନ୍ତୁ ଭଦ୍ରବ୍ୟକ୍ତିଙ୍କ ଆଖିରେ ଦେଖା ଦେଇଥିଲା ଲୁହ । ଅଶ୍ରୁସିକ୍ତ ନୟନରେ ଭଦ୍ରବ୍ୟକ୍ତିଟି କହିଥିଲେ "ଓ ଯବ୍ ଆୟେଗା ଉସକେଲିଏ କ୍ୟା ରହେଗା?–ଉସସେ ନେହି ହୋନା ଅଚ୍ଛା ହାଏ" । ଏହାଦ୍ୱାରା ସେ କହିବାକୁ ଚାହିଁଥିଲେ–ମୁଁ ତ ଜଣେ ଖାଦାନ ଶ୍ରମିକ–ସାତୋଟି ଝିଅଙ୍କୁ ଖାଇବାକୁ ପିନ୍ଧିବାକୁ ଦେଇ ମଣିଷ କରି ବିରା ଦେଲା ପରେ ନିଜ ପେଟପାଇଁ ଦାନା ଗଣ୍ଡାଏ ମିଳିବା ତ ଅସମ୍ଭବ ହେବ–ଏବେ ପୁଅ ହେଲେ ମଣିଷ କରିବି କିପରି? ପୁଅ ଜନ୍ମ କରି ତାକୁ ଭିକାରୀ କରି ସଂସାରରେ ଛାଡ଼ିଯିବା ଅପେକ୍ଷା–ଜନ୍ମ ନ ଦେବା ହିଁ ଭଲ । ତେଣୁ ମୁଁ ସିଦ୍ଧାନ୍ତ ନେଇଛି ଅପରେସନ ପାଇଁ । ଏହି କଥା କହୁ କହୁ ତାଙ୍କ ଆଖିରୁ ଝରି ଯାଇଥିଲା ଲୁହର ଧାର । ଅପଲକ ନେତ୍ରରେ ସେଇ ଭଦ୍ରବ୍ୟକ୍ତିଙ୍କ କଥା କେଇପଦ ଶୁଣୁ ଶୁଣୁ ଅଜାଣତରେ ମୋ ଆଖିରୁ ମଧ୍ୟ ଗଡ଼ି ପଡ଼ିଥିଲା ଦୁଇଟୋପା ଲୁହ । ନିଜର ଦୁର୍ବଳତାକୁ ଲୁଚାଇବାକୁ ଯାଇ ପଛପଟକୁ ମୁହଁ ବୁଲାଇ ଲୁହଟୋପା ପୋଛୁ ପୋଛୁ ମୁଁ କହିଲି ସିଂହବାବୁ ଏହି ସିଦ୍ଧାନ୍ତଟି ଟିକିଏ ଆଗରୁ ନେଇଥିଲେ କ'ଣ ଆପଣଙ୍କ ଆଖିରେ ଆଜି ଲୁହ ଆସିଥାନ୍ତା?

ଦୁଇହାତ ଯୋଡ଼ି ସେ କହିଲେ–ସେ କଥା ଛାଡନ୍ତୁ ଭଉଣୀ–ମୁଁ କିନ୍ତୁ ପରବର୍ତ୍ତୀ କ୍ୟାମ୍ପରେ ମୋ ସ୍ତ୍ରୀଙ୍କର ଅପରେସନ କରାଇବି । ମୁଁ ଧୀରେ କହିଲି ଆଜ୍ଞା–ଆସନ୍ତା ହାଟ ପାଳିଦିନ ଆମେ କେବଳ ଆପଣଙ୍କ ପାଇଁ ପରିବାର କଲ୍ୟାଣ ଅପରେସନ କ୍ୟାମ୍ପ୍ କରିବୁ । ଭଦ୍ରବ୍ୟକ୍ତି ଜଣକ ଧନ୍ୟବାଦ କହି ଚାଲିଗଲେ ।

ଅଜାଣାରି ସେଇଠି ମୁଁ ସେମିତି ବସିରହି ଭାବୁଥିଲି ଭଦ୍ରବ୍ୟକ୍ତିଙ୍କ ଜୀବନବୃତ୍ତାନ୍ତ । "ନେଡ଼ିଗୁଡ଼ କହୁଣୀକୁ ବୋହିଗଲା ପରେ ଭାବି ଲାଭ କ'ଣ?" ଆମ କ୍ଷେତ୍ରକର୍ମୀଙ୍କ ପରାମର୍ଶ ଅନୁଯାୟୀ ସେ ଯଦି ଦୁଇ ସନ୍ତାନ ପରେ ପରିବାର କଲ୍ୟାଣର ସ୍ଥାୟୀ ପଦ୍ଧତି ଗ୍ରହଣ କରିଥାନ୍ତେ–ତାଙ୍କର ଆଖିରେ କ'ଣ ଆଜି ଲୁହ ଆସିଥାନ୍ତା?

ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବାକୁ ହେଲେ ପୁଅ ବା ଝିଅ ହେଉ–"ଦୁଇଟି ସନ୍ତାନ ଯଥେଷ୍ଟ" ।

ଜିଲ୍ଲା ଗଣଶିକ୍ଷା
ସୂଚନା ଅଧିକାରୀ
ପୁରୀ

# ବୁଲାର ନୂଆ ରିକ୍ସା

ଜୟକୃଷ୍ଣ ସାହୁ

ବୁଲୁ ନାଏକ, ହରିଜନ ଯୁବକ । ଘର ଢେଙ୍କାନାଳ ଜିଲ୍ଲା ବର୍ଥରପାଳ ପଞ୍ଚାୟତ ସମିତିରେ । ପାଞ୍ଚପ୍ରାଣୀ କୁଟୁମ୍ବ । ବୁଢ଼ା ବାପ । ଗୁଜୁରାଣ କରିବାକୁ ଜମି ଗୁଣ୍ଠେ ନାହିଁ । ରହିବାକୁ ବି ଭଲ ଘର ଖଣ୍ଡିଏ ନାହିଁ । ଜେଜେ ବାପ, ଗୋସେଇଁ ବାପ ଅମଳରୁ ସେ ବୁଲି ମୂଲିଆ ହୋଇ ଚଳି ଆସୁଛି । ତାର ଗୋସେଇଁ ବାପ ମୂଲ ଲାଗୁଥିଲା, ମାଲିକର ଗୋସେଇଁ ବାପ ପାଖରେ, ଆଜି ସେ ମୂଲ ଲାଗୁଛି ମାଲିକ ପାଖରେ । ସେ ମଧ୍ୟ ସ୍ୱପ୍ନଦେଖେ ମୋର ନିଜର ଜମି ଥାଆନ୍ତା କି ! ମୋ ପାଖରେ କିଛି ଟଙ୍କା ଥାଆନ୍ତା, ତେବେ ମୋ ନିଜ ଜମିରେ କାମ କରନ୍ତି ବା ସ୍ୱାଧୀନଭାବେ ବ୍ୟବସାୟ କରନ୍ତି । ପିଲାମାନେ ଓଳିଏ ଖାଇ ଓଳିଏ ଆଉ ଉପାସ ରହନ୍ତେ ନାହିଁ ।

ଦିନ ଘୁରୁଛି, ଯୁଗ ବି ବଦଳିଛି, ତାର ସ୍ୱପ୍ନ ସାର୍ଥକ ହୋଇଛି । ଦୀନବନ୍ଧୁ ତାର ଡାକ ଶୁଣିଛନ୍ତି । ଦୁର୍ବଳ ଶ୍ରେଣୀ ଲୋକଙ୍କର, ବିଶେଷକରି ଆଦିବାସୀ ଓ ହରିଜନ ଶ୍ରେଣୀ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ଦିଗରେ କାର୍ଯ୍ୟକାରୀ ହୋଇଛି–ସ୍ୱର୍ଗତଃ ପ୍ରଧାନ ମନ୍ତ୍ରୀ ଶ୍ରୀ ମତୀ ଇନ୍ଦିରା-ଗାନ୍ଧୀଙ୍କ କୋଡ଼ିଏସୂତ୍ରୀ କାର୍ଯ୍ୟକ୍ରମ । "ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ" ଏହି ପରିକଳ୍ପନାର ଅନ୍ତର୍ଭୁକ୍ତ ଉପରୁ ନିର୍ଦ୍ଦେଶ ଆସିଲା । ଆବଶ୍ୟକ ସହଯୋଗ ତଥା ଦିଗଦର୍ଶନ ମିଳିଲା-ସ୍ଥାନୀୟ ବି. ଡି. ଓ ଏବଂ ସଂପ୍ରସାରଣ କର୍ମଚାରୀଙ୍କ ନିକଟରୁ । ଗାଁ ଗାଁ ବୁଲି ଲୋକମାନଙ୍କୁ ଚିହ୍ନଟ କଲେ । ସୂଚନା ଓ ଲୋକ ସଂପର୍କ ବିଭାଗର କର୍ମଚାରୀ-ମାନେ ଗାଁ ଗାଁ ବୁଲି ଆଲୋଚନା ଚକ୍ର, ଚଳଚ୍ଚିତ୍ର ଓ ପ୍ରଦର୍ଶନୀ କରିଥାଇ ଯୋଜନା ସମ୍ବନ୍ଧରେ ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲେ ।

ସତକୁ ସତ ଦୁଇ ବର୍ଷତଳେ ବୁଲୁ ଭାଗ୍ୟରେ ପରିବର୍ତ୍ତନ ଆସିଲା । ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ ଯୋଜନାନୁଯାୟୀ ବର୍ଥରପାଳ ୟୁନାଇଟେଡ୍ କମର୍ସିଆଲ ବ୍ୟାଙ୍କ ତରଫରୁ ବୁଲୁକୁ ୧୭୦୦ ଟଙ୍କା ଋଣ ମିଳିଲା । ଋଣ ଟଙ୍କାରେ ସେ ଗୋଟିଏ ରିକ୍ସା କିଣି ବେଶ ଦି ପଇସା ରୋଜଗାର କରିପାରୁଛି । ସଂପ୍ରତି ବୁଲୁ ଦିନକୁ ପ୍ରାୟ ୩୦ ଟଙ୍କା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଉଛି । ବୁଢ଼ାବାପ, ସ୍ତ୍ରୀ ଓ ପିଲାମାନଙ୍କୁ ଭଲ ଗଣ୍ଡିଏ ଖାଇବାକୁ ଦେଇ ପାରୁଛି । ବଡ ସୁଖର କଥା ଋଣକୁ ଶତକଡ଼ା ୫୦ ଭାଗ ତାକୁ ରିହାତି ମିଳିଛି । ଅର୍ଥାତ୍ ସେ ୮୫୦ ଟଙ୍କା ଛାଡ଼ ପାଇଛି । ଏହା ମଧ୍ୟରେ ସେ ସମସ୍ତ ଋଣ ପରିଶୋଧ କରି ବେଶ ସୁଖରେ କାଳାତିପାତ କରୁଛି ।

ସଂପ୍ରତି ଦୁର୍ବଳ ଶ୍ରେଣୀ, ଆଦିବାସୀ ଓ ହରିଜନ ଶ୍ରେଣୀ ଲୋକମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା ଦିଗରେ ରାଜ୍ୟ ସରକାର ଅନେକ ଗୁଡ଼ିଏ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଆମ ଯୁବ ପ୍ରଧାନ ମନ୍ତ୍ରୀ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏ ଦିଗରେ ଯେଉଁସବୁ ଦୃଢ଼ ପଦକ୍ଷେପ ନିଆ-ଯାଉଛି, ତା ମଧ୍ୟରେ 'ଭୂମିହୀନଙ୍କୁ ଘର ଡିହ ଜମି ପଟ୍ଟା ବଣ୍ଟନ, ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା' ସୁଲଭ ମୂଲ୍ୟ ଦୋକାନ କରିଆରେ ଅତ୍ୟାବଶ୍ୟକ ଦ୍ରବ୍ୟ-ଯୋଗାଣ ପ୍ରଭୃତି ଅନ୍ତର୍ଭୁକ୍ତ । ଏ ସବୁ କାର୍ଯ୍ୟରେ ସରକାରୀ କର୍ତ୍ତୃପକ୍ଷ, ସ୍ୱେଚ୍ଛା ସେବୀ ସଂଗଠନମାନଙ୍କ ସହିତ ସର୍ବସାଧାରଣ ପୂର୍ଣ୍ଣ ପ୍ରାଣରେ ସହଯୋଗ କଲେ ବୁଲୁପରି ଅନେକ ଲୋକଙ୍କର ଆର୍ଥିକମାନଦଣ୍ଡ ସୁଦୃଢ଼ ହୋଇ ପାରିବ ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଅନୁଗୋଳ

○

# ଚୈତନ୍ୟଙ୍କ ସାର୍ଥକ ସ୍ୱପ୍ନ

ଶ୍ରୀ ଅର୍ଜ୍ଜୁନ ଲେଙ୍କା

ଯୋରନ୍ଦାର ପବିତ୍ର ମହିମା ପୀଠ । ଏହି ଗାଦି–ଢେଙ୍କାନାଳର ଏକ ପବିତ୍ର ତୀର୍ଥ ସ୍ଥାନ । ଏଠାକୁ ବର୍ଷସାରା ବହୁ ସଂଖ୍ୟାରେ ତୀର୍ଥଯାତ୍ରୀ ଆସିଥାନ୍ତି । ମାଘ ଚତୁର୍ଦ୍ଦଶୀରେ ଏକ ମେଳା ହୁଏ । ଲକ୍ଷାଧିକ ଭକ୍ତମାନେ ଏଠାରେ ରୁଣ୍ଡ ହୁଅନ୍ତି । ଏହି ପବିତ୍ର ସ୍ଥଳି ଯୋରନ୍ଦା, ନିକଟରେ ଡାଲ୍‌ସିଂହ ମାର୍ଥାପୁର ଗ୍ରାମଟି ଅବସ୍ଥିତ । ଗ୍ରାମର ଉତ୍ତର ଦିଗ ଘଞ୍ଚ ଅରଣ୍ୟାବୃତ । ଏହି ଗ୍ରାମରେ ଶ୍ରୀ ଚୈତନ ବେହେରାଙ୍କ ଘର । ତାଙ୍କର ବୟସ ୩୫ । ସୁନ୍ଦର ସ୍ୱାସ୍ଥ୍ୟ, ଖୁବ୍ ପରିଶ୍ରମୀ ।

ଶ୍ରୀ ବେହେରା ପ୍ରକୃତରେ ଏହି ଗ୍ରାମର ଜଣେ ଅଧିବାସୀ ନୁହନ୍ତି । ସେ କର୍ମ ଅନ୍ୱେଷଣରେ ଏହି ଗ୍ରାମକୁ ଆସିଥିଲେ । ସେ ଏହି ଗ୍ରାମରେ ହଳିଆ ରହି କିଛି ଆୟ କରି ଚଳୁଥିଲେ । ଏହି ଗ୍ରାମରେ ବିବାହ କରି ତାଙ୍କର ପାରିବାରିକ ଜୀବନ ଆରମ୍ଭ କଲେ । ବର୍ତ୍ତମାନ ତାଙ୍କର ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ଝିଅଟିଏ । ଜମି ଗୁଣ୍ଠେ ନାହିଁ । ଅନ୍ୟ ଗ୍ରାମରୁ ଆସି-ଥିବାରୁ ମୁଣ୍ଡ ଗୁଞ୍ଜିବାପାଇଁ ଘର ଓ ଘର ଡ଼ିହ ମଧ୍ୟ ନାହିଁ । ସେ ଶ୍ୱଶୁରାଳୟରେ ଆଶ୍ରୟ ନେଲେ । ସବୁବେଳେ ଚିନ୍ତାକଲେ କିପରି ସ୍ୱାବଲମ୍ବୀ ହେବେ ।

୧୯୮୩ ମସିହାର ଇ. ଆର. ଆର. ପି. ଋଣ ଦେବା ନିମନ୍ତେ ତାଲିକା ପ୍ରସ୍ତୁତ କରିବାକୁ ଏହି ଗ୍ରାମକୁ ବ୍ଲକ ସଂପ୍ରସାରଣ ଅଧିକାରୀ ଯାଇଥିଲେ । ଗ୍ରାମରେ ନନ୍ଦନ ରାଉତଙ୍କ ନେତୃତ୍ୱରେ ଏକ ବୈଠକ କରାଯାଇ ଋଣ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଏଥି ମଧ୍ୟରୁ ଶ୍ରୀ ବେହେରା ସେମାନଙ୍କ ମଧ୍ୟରେ ଅନ୍ୟତମ । ସେ ଶଗଡ଼ ବଳଦ ଋଣପାଇଁ ଦରଖାସ୍ତ କରିଥିଲେ । ଢେଙ୍କାନାଳ ଷ୍ଟେଟବ୍ୟାଙ୍କରୁ

ଶ୍ରୀ ବେହେରାଙ୍କୁ ୪,୦୦୦ ଟଙ୍କା ଋଣ ମିଳିଲା । ସେହି ଋଣର ସଦ୍‌ବ୍ୟବହାର କରି ସେ ଗୋଟିଏ ହଳ ଓ ଶଗଡ଼ କ୍ରୟ କଲେ । ଲୋକମାନେ ଗୃହ ନିର୍ମାଣ ନିମନ୍ତେ ବାଲି, ପଥର ଓ କାଠ ତାଙ୍କ ଗାଡ଼ିରେ ଆଣି ତାଙ୍କୁ ଉପଯୁକ୍ତ ଭଡା ଦେଇଥାନ୍ତି । ଏହି ବ୍ୟବସାୟ ଦ୍ୱାରା ସେ ଲୋକପ୍ରିୟତା ଅର୍ଜନ କଲେ । ପ୍ରତ୍ୟେକ ଦିନ ସକାଳୁ ଗ୍ରାମର ଧନୀଲୋକମାନେ ତା' ଘରକୁ ଯାଇ ବାଲି, ପଥର ଓ କାଠ ଆଣିବା ପାଇଁ ବରାଦ କରିଥାନ୍ତି । ଏଥିରେ ଏହାର ଆନନ୍ଦ କହିଲେ ନ ସରେ । ଭଡ଼ାବୋହି ଦୈନିକ ୨୫.୦ଟଙ୍କା ଆୟକରେ । ଖର୍ଚ୍ଚ ବାଦ୍ ଯାଇ ଦୈନିକ ୩୦ଟଙ୍କା ସଂଞ୍ଚୟକରେ ଋଣ ପରିଶୋଧ କରିବା ପାଇଁ ।

ହଳଥିବାରୁ ତାଙ୍କୁ ଲୋକେ ଆଗ୍ରହରେ ଭାଗ ଚାଷ କରିବା ପାଇଁ ଚାଷଜମି ଦେଲେ । ଏହି ଚାଷ ଜମିରୁ ତାର ବାର୍ଷିକ ଆହାର ସଂଗ୍ରହ କରିପାରିଲା । ଋଣ ସବ୍‌ସିଡ଼୍ ମିଳିଗଲା ଓ ଅବଶିଷ୍ଟ ଋଣ ୧୯୮୪ ମସିହାରେ ପରିଶୋଧ କରି ଘର ଡିହ ୩ଗୁଣ୍ଠ କ୍ରୟ କରି ୩ବଖରା ଆଟୁ ଘର ନିର୍ମାଣ କଲା । ୧୯୮୫ ମସିହାରେ ୧ ଏକର ୫୦ ଡେସିମିଲ ଜମି କ୍ରୟ କରି ଚାଷ ମଧ୍ୟ କଲା । ବର୍ତ୍ତମାନ ସେ ତାର ଝିଅକୁ ପାଠ ପଢ଼ାଉଛି । କିଛି କିଛି ଆୟ ସଞ୍ଚୟକରି ରଖିଥାଏ, କିଣିଥିବା ଜମିରୁ ୪ଗୁଣ୍ଠବିକ୍ରୟ କରି ୪,୦୦୦ଟଙ୍କା ନେଇ ସେ ଢେଙ୍କାନାଳରୁ ତେଲ, ଲୁଣ, ଡାଲି, ଆଳୁ, ମସଲା, ବିସ୍କୁଟ ସାବୁନ୍ ଇତ୍ୟାଦି ସଉଦା କ୍ରୟ କରି ଆଣିଲା । ତାର ସ୍ତ୍ରୀ ଗ୍ରାମରେ ଦୋକାନ କରି ବିକ୍ରିକଲା । ପଲ୍ଲି ଅଞ୍ଚଳରେ ଏହି ଦୋକାନଟି ପ୍ରଥମେ ହୋଇଥିବାରୁ ଲୋକମାନେ ଆବଶ୍ୟକ ଜିନିଷ ଆଗ୍ରହରେ ଏଠାରୁ କିଣିଥାନ୍ତି । ଦୋକାନଟି ଭଲ ଚାଲିଲା । ତାର ସ୍ତ୍ରୀ ଏହି ଦୋକାନରୁ ପ୍ରତ୍ୟେକ ଦିନ ୧୫ଟଙ୍କା ଆୟ କରେ । ବର୍ତ୍ତମାନ ସ୍ୱାମୀ ସ୍ତ୍ରୀ ଉଭୟେ ଆୟ କରୁଛନ୍ତି । ସେ ଆଉ ଅନ୍ୟ କାହା ଉପରେ ନିର୍ଭର କରୁ ନାହିଁ ବରଂ ଲୋକେ ତାଠାରୁ ନେଇ ଚଳୁଛନ୍ତି ।

ତାଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ଦେଖି ଲୋକେ ଖୁବ୍ ଖୁସି ହେଉଛନ୍ତି । ଗ୍ରାମର ଅନ୍ୟ ଲୋକମାନେ ଋଣ ନେଇ ବ୍ୟବସାୟ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଅନୁ ବିଭାଗୀୟ ସୂଚନା ଓ ଲୋକ ସଂପର୍କ
ଅଧିକାରୀ, ଢେଙ୍କାନାଳ

## ନରେନ୍ଦ୍ରଙ୍କ ବୟନ କଳା

ନଗେନ୍ଦ୍ର ନାଥ ନାୟକ

କଇଁତରାଗଡ ଗ୍ରାମ ପଞ୍ଚାୟତ ଅଧୀନରେ ଲିପ୍ରିଙ୍ଗା ଏକ ଗ୍ରାମ । ଗ୍ରାମଟି ସହରର ଉପକଣ୍ଠରେ ଅବସ୍ଥିତ । ବିଭିନ୍ନ ଜାତିର ଅଧିବାସୀଙ୍କୁ ନେଇ ଏହି ଗ୍ରାମଟି ପରିପୁଷ୍ଟ । ଗତ ୧୯୮୨ ବନ୍ୟାରେ ଏହି ଗ୍ରାମର କେତେକ ଲୋକଙ୍କର ଘରଦ୍ୱାର ଭାଙ୍ଗିଯିବାରୁ ସରକାରଙ୍କ ତରଫରୁ ବିପନ୍ନ ଲୋକଙ୍କୁ ଗ୍ରାମର ଶେଷଭାଗରେ ଘର ତିଆରି କରି ଯୋଗାଇ ଦିଆଯାଇଛି । ୪୨ ବର୍ଷ ବୟସ ଶ୍ରୀ ନରେନ୍ଦ୍ର ମେହର ଏହି ଗ୍ରାମର ଜଣେ ସ୍ଥାୟୀ ବାସିନ୍ଦା । ତାର ପିତାଙ୍କ ନାମ ସୁରମା ମେହର । ବାପାଙ୍କ ଅନ୍ତେ ନରେନ୍ଦ୍ର ନିଜେ ତିନି ପରିବାରଟିକୁ ବିଭିନ୍ନ ଝଡ଼ଝଞ୍ଜା ଦେଇ ଚଳାଇ ଆସିଛି । ପୈତୃକ ସଂପତ୍ତି କହିବାକୁ ଗଲେ ମାତ୍ର ଏକ ଡିସିମିଲ ଜାଗାରେ ନୂଆଣିଆ ଚାଳ ଘର ବ୍ୟତୀତ ଆଉ କିଛି ନାହିଁ । ପ୍ରତିଦିନ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ମଜୁରି ଲାଗନ୍ତି ଓ ଯାହା ରୋଜଗାର ହୁଏ ଦୁଇଝିଅ ଓ ଗୋଟିଏ ପୁଅର ଦୈନଂଦିନ ଖର୍ଚ୍ଚ ତୁଲାଇ ଥାଆନ୍ତି । ସମୟର ସ୍ରୋତ ଗଡ଼ି ଚାଲେ ଓ ନରେନ୍ଦ୍ରର ଭାଗ୍ୟ ଆକାଶରେ ଉଜ୍ଜ୍ୱଳ ତାରାଟି ପରିଲକ୍ଷିତ ହୁଏ । ୨୦ ଦଫା କାର୍ଯ୍ୟକ୍ରମ ଅନୁଯାୟୀ ୩ଟି ସନ୍ତାନ ପରେ ୧୯୮୦ ମସିହାରେ ନିଜ ସ୍ତ୍ରୀର ଅସ୍ତ୍ରୋପଚାର କରାଏ । କାରଣ ସେ ଅନୁଭବ କରିଥିଲା ଅଧିକ ସନ୍ତାନ ହେବାହିଁ ନିଜର ଆର୍ଥିକ ଓ ମାନସିକ କ୍ଷତି । ଅପରେସନ୍ ପରଠାରୁ ନରେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କରେ ଅବଗତ ହେବାକୁ ଆଗ୍ରହୀ ହେଲା ଓ ସେ କିପରି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜର ଆର୍ଥିକ ମାନଦଣ୍ଡର ଉନ୍ନତି କରିବ, ସେଥିପ୍ରତି ଚେଷ୍ଟିତ ହେଲା ।

କିଛିଦିନ ପରେ ଗ୍ରାମ କମିଟି ଦ୍ୱାରା ନରେନ୍ଦ୍ରର ନାମ ଋଣ ପାଇବା ପାଇଁ ସୁପାରିଶ ହେଲା ଓ ଯଥା ସମୟରେ ସରକାରଙ୍କ ତରଫରୁ ୨୦ ଦଫା କାର୍ଯ୍ୟକ୍ରମର ଯୋଜନା ମାଧ୍ୟମରେ ୯।୬।୧୯୮୩ରେ ୩,୦୦୦.୦୦ ଟଙ୍କା ଋଣ ପାଇଲା । କିନ୍ତୁ ଋଣ ବାବଦକୁ ୨,୨୫୦.୦୦ଟଙ୍କା ଛାଡ଼ ମିଳିବାରୁ ୭୫୦.୦୦ ଟଙ୍କା ପରିଶୋଧ କରିବାକୁ ପଡ଼ିବ । ନରେନ୍ଦ୍ର ଏକ ତନ୍ତୀ ଘରର ପିଲା ହୋଇଥିବାରୁ ଓ ସେ ତାହାର କୌଳିକ ବୃତ୍ତି ବଞ୍ଚାଇ ରଖିବାର ପ୍ରୟାସୀ ଥିବାରୁ, ଲୁଗା ବୁଣିବା ପାଇଁ ଦରକାର ହେଉଥିବା ସମସ୍ତ ପ୍ରକାର ସରଂଜାମ ତାହାକୁ ଋଣ ଟଙ୍କାରେ ଯୋଗାଇ ଦିଆଯାଇଥିଲା । ସରଂଜାମ ପାଇଲାମାତ୍ରେ ନରେନ୍ଦ୍ର ନୂତନ ଉତ୍ସାହ ନେଇ କାର୍ଯ୍ୟକ୍ଷେତ୍ରରେ ଆଗେଇ ଚାଲିଲା । ଫଳରେ ୧୯୮୪ ମସିହା ସୁଦ୍ଧା ସେ ସମସ୍ତ ଋଣ ପରିଶୋଧ କରିଦେବାକୁ ସକ୍ଷମ ହୋଇଥିଲା । ବର୍ତ୍ତମାନ ସେ ଆଉ ମଜୁରୀ ଲାଗିବାକୁ ଯାଉନାହିଁ । ଦୈନିକ ତାର ୧୫.୦୦ ଟଙ୍କା ହେବ ରୋଜଗାର ହେଉଛି । ପ୍ରତି ସପ୍ତାହରେ ଅନ୍ତତଃ ସେ ୧୦ ଖଣ୍ଡ ଶାଢୀ ବୁଣି ପାରୁଛି ଓ ସ୍ଥାନୀୟ ବଜାରରେ ବିକ୍ରୀକରି ସୁଖରେ ଚଳୁଛି । ଏଥି ମଧ୍ୟରେ ସେ ଏକ ଡେସିମିଲ ଯାଗା ଘରଡିହ କିଣିବା ସହିତ ଝିଅବିଭାଘର ଉଦ୍ଦେଶ୍ୟରେ କିଛି କିଛି ଅଳଙ୍କାର ଓ ଆସବାବ ପତ୍ର କରୁଛି ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ
ଅଧିକାରୀ ଆଠମଲ୍ଲିକ

## ପ୍ରଗତି ପଥେ କୁକୁରପେଟା

ଶ୍ରୀ ଜୟକୃଷ୍ଣ ସାହୁ

ଅନୁଗୋଳ ସଦର ମହକୁମାଠାରୁ ୩୨ କିଲୋମିଟର ଅନୁଗୋଳ-ଦେବଗଡ଼ ରାସ୍ତାରେ ପାହାଡ଼ପରେ ଡାମକୁ ବୁଦବୁଦ-

କିଆ ଜଙ୍ଗଲ ଦେଇ ୩ କିଲୋମିଟର ପରେ ଜୁଜୁରପେଟା ଗ୍ରାମଟି ଆମ ସମସ୍ତଙ୍କ ଆଖିରେ ପଡ଼େ । ଛେଣ୍ଡିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ଏହି ଗ୍ରାମରେ ୨୦୦ ପରିବାରକୁ ନେଇ ୨୫୦ ଲୋକ ବାସ କରନ୍ତି । ଅଭାବ ତ ସମସ୍ତଙ୍କୁ ଲାଗିରହିଛି, ଅଭାବକୁ ଏ ଗାଁର ଲୋକେ ଆଉ ଖାତିରି କରୁନାହାନ୍ତି । ତାର କାରଣ ଗାଁର ଏକତା । ସଭିଙ୍କର ଏକ ମନୋଭାବ, ସମସ୍ତେ ଭାଇ ଭାଇ ପରି କାନ୍ଧକୁ କାନ୍ଧ ମିଶାଇ ଚାଲିବାପାଇଁ ମନୋବୃତ୍ତି ।

ଏ ଗ୍ରାମର ଅଧିବାସୀମାନେ ଚାଷ ଉପରେ ନିର୍ଭର କରିଥାନ୍ତି । ଜମି ସେତେ ଉର୍ବର ନୁହେଁ । ପାହାଡ଼ିଆ ଡାଙ୍ଗର, ଜଳ ସେଚନ ସୁବିଧା ନାହିଁ । ତଥାପି ଗ୍ରାମର ଆଗୁଆ ଚାଷୀ ଚନ୍ଦ୍ରମଣି ଗଡନାୟକ, ଗଙ୍ଗାଧର ସାହୁ, ଗଣେଶ୍ୱର-ସାହୁ, ବୈଦ୍ୟନାଥ ସାହୁ, ବିଶ୍ୱନାଥ ପ୍ରଧାନ, ଜୁଡୁକା ସାହୁ, ଉପେନ୍ଦ୍ର ସାହୁ, ଅନନ୍ତ ଦେହୁରୀ, ଗୋବିନ୍ଦ ସାହୁ, ଜୟକୃଷ୍ଣ ସାହୁ, କଇରା ଦେହୁରୀ, ଈଶ୍ୱର ସାହୁ, ମୁକୁନ୍ଦ ବେହେରା, ଭୂବନ୍ଧକ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ ଓ ସେବା ସମବାୟ ସମିତିରୁ ଋଣ ଆଣି ସେଚ କୂପରେ ବିଦ୍ୟୁତ୍ କରଣ କରି ଏବଂ ଗୌରହରୀ ସାହୁ, ରଘୁନାଥ ସାହୁ, ସୁଧାକର ଗଡ଼ନାୟକ ଋଣ ଆଣି ଡିଜେଲ ପମ୍ପ ସେଟ୍ କିଣି ଧାନ, ଆଳୁ, ପୋଟଳ ଓ ଅନ୍ୟାନ୍ୟ ପନି ପରିବା ଚାଷ କରି ନିଜ ପରିବାର ଖର୍ଚ୍ଚ ତୁଲାଇବା ସଙ୍ଗେ ସଙ୍ଗେ ବଜାରକୁ ପଠାଇ ଦି ପଇସା ବେଶ୍ ରୋଜଗାର କରିପାରୁଛନ୍ତି । ଏହା ମଧ୍ୟରେ ଅଧିକାଂଶ ବ୍ୟକ୍ତି ସେମାନଙ୍କର ଋଣ ପରିଶୋଧ କରି ସାରିଛନ୍ତି ।

ଶ୍ରୀ ଜୟକୃଷ୍ଣ ସାହୁ ଷ୍ଟେଟବ୍ୟାଙ୍କରୁ ୬୦୦୦ ଟଙ୍କା ଋଣ ଆଣି ଗୋଟିଏ 'ଗୋବର ଗ୍ୟାସ ପ୍ଲାଣ୍ଟ' ସ୍ଥାପନ କରିଛନ୍ତି । ଏ ବାବଦରେ ସେ ୫୦ ଭାଗ ରିହାତି ଅର୍ଥାତ୍ ୩୦୦୦ ଟଙ୍କା ଛାଡ଼ ପାଇଛନ୍ତି । ଏହି ପ୍ଲାଣ୍ଟ ଦ୍ୱାରା ସେ ବିଦ୍ୟୁତ୍ ଆଲୋକ ପାଇବା ସଙ୍ଗେ ସଙ୍ଗେ ରୋଷେଇ କାର୍ଯ୍ୟଟି କରୁଛନ୍ତି । ଏହା ମଧ୍ୟରେ ସେ ସମସ୍ତ ଋଣ ପରିଶୋଧ କରିସାରିଛନ୍ତି ।

ଗୋଡ଼ିସାହି ଚେଣ୍ଡଲେଇ ଗ୍ରାମ ପଞ୍ଚାୟତର ଉପସରପଞ୍ଚ ତଥା ଏ ଗ୍ରାମର ଅଧିବାସୀ ଶ୍ରୀ ଗୌରହରି ସାହୁ ସେବା ସମବାୟ ସମିତିରୁ ୧୯୭୯ ମସିହାରେ ୧୦,୦୦୦ ଟଙ୍କା ଋଣ ଆଣି ଗୋଟିଏ ଧାନକୁଟା କଳ ବସାଇ ଦୁଇ ପଇସା ରୋଜଗାର କରିବା ସାଙ୍ଗକୁ ଆଖପାଖ ଅଞ୍ଚଳର ଲୋକମାନେ ବି ଉପକୃତ ହେଉଛନ୍ତି । ଏହା ମଧ୍ୟରେ ସେ ଋଣ ବାବଦକୁ ୬୦୦୦ଟଙ୍କା ପରିଶୋଧ କରିଛନ୍ତି ।

ସାମାଜିକ ବନୀକରଣ ଯୋଜନା ଅନୁଯାୟୀ ଏହି ଗ୍ରାମର ବୈଦ୍ୟନାଥ ସାହୁ ୧୪ ଏକର ଗଣେଶ୍ୱର ସାହୁ ୧୨ ଏକର, ଅନନ୍ତ ବେହେରା ୮ ଏକର, ଭଗବାନ ମୁଷାମାର୍ ୫ ଏକର ଜମିରେ କାଜୁବାଦାମ ଚାଷ କରି ବେଶ ଲାଭବାନ ହେଉଛନ୍ତି । ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଫଳରେ ଦୁଇ ଗୋଟି ଜଙ୍ଗଲରେ ୩୦୦ ଏବଂ ୬୦ ଏକର ଜମିରେ ଶାଳ, ବାଉଁଶ, ପିଆଶାଳ ଭଳି ବିଭିନ୍ନ କାଠ ଗଛ ସୁରକ୍ଷିତ ହୋଇପାରିଛି । ସେଥିପାଇଁ ଗ୍ରାମବାସୀମାନେ ପହରା ଦେଇ ଜଗୁଆଳି ରଖୁଛନ୍ତି ଏବଂ ଏକ କମିଟି ଗଠନ କରିଛନ୍ତି ଓ ଲୋକମାନେ ଗୃହିତା ମୁତାବକ କାଠ କମିଟି ଜରିଆରେ ପାଇଥାନ୍ତି । ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଆଗେଇ ନେବାକୁ ସମସ୍ତେ ବଦ୍ଧପରିକର । ସ୍ଥାନୀୟ ଡାକଘରେ ଗ୍ରାମବାସୀମାନେ ୧୧୩ ଗୋଟି ପାସ୍ ବହି ଖୋଲି ୧,୦୫,୦୦୦ ଟଙ୍କା ଏବଂ ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଜରିଆରେ ଏକ ଲକ୍ଷ ଟଙ୍କା ସଞ୍ଚୟ କରିପାରିଛନ୍ତି । ପରିବାର ନିୟୋଜନ କଥା ଆଉ ଗାଁ ଲୋକଙ୍କୁ ବୁଝାଇବାକୁ ପଡ଼ିବ ନାହିଁ । ସମସ୍ତେ ଅନୁଭବ କଲେଣି ଛୋଟ ପରିବାର ସୁଖୀ ପରିବାର । ଅସ୍ତ୍ରୋପଚାର, ଗର୍ଭ ନିରୋଧ ଉପକରଣ ବ୍ୟବହାରକୁ ଆଉ ଗାଁର ଯୁବକ ଯୁବତୀଏ ଡ଼ରୁ ନାହାଁନ୍ତି ।

ଗ୍ରାମବାସୀଙ୍କ ଶ୍ରମଦାନରେ ଗାଁର ସ୍କୁଲଘର ନିର୍ମାଣ ଓ ମରାମତି, ଦୁଇ ଗୋଟି ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରର ଗୃହ ନିର୍ମାଣ, ଜଙ୍ଗଲ ସଂରକ୍ଷଣ ପ୍ରଭୃତି ସମ୍ଭବ ହୋଇ ପାରିଛି । ସବୁରି ମୂଳରେ ଗାଁ ଲୋକଙ୍କ ଆଗ୍ରହ ଓ ଏକତା ଆଜି ଜୁଜୁରପେଟା ଗ୍ରାମବାସୀଙ୍କୁ ଆଗେଇ ନେଇଯାଉଛି ପ୍ରଗତି ପଥରେ ।

ଅନୁବିଭାଗୀୟ ସୂଚନା ଓ ଲୋକସଂପର୍କ
ଅଧିକାରୀ ଅନୁଗୋଳ ।

# ଦାରିଦ୍ର୍ୟ ମୋଚନ କାର୍ଯ୍ୟକ୍ରମର ଛତ୍ରତଳେ

ଶ୍ରୀ ନୃସିଂହଚରଣ ଦାଶ

କାଶିମ କହନ୍ତି ଆଉ, ଯିସ୍‌କୋ ଦେତାହେ ଛପର ଫାଡ଼କେ ଦେତା ହେ । ପଇଁତିରିଶ ବର୍ଷ ବୟସ କାଶିମ୍ ମିଆଁ, ଝୁଲିମୁଣା-ରେ ଛୁଞ୍ଚି ସୂତା, ଭଙ୍ଗାଛତାର କିଛି ଜିନିଷ ଧରି ବିଶ୍ରା ବ୍ଲକର ପ୍ରାୟ ପ୍ରତ୍ୟେକ ବଜାରକୁ ଯାଇଥାଏ । ଛତା ମରାମତି କରି ଯାହାପାଏ ସେତିକି ସମ୍ବଳରେ କୁଟୁମ୍ବ ପରିପୋଷଣ କରିଥାଏ । ଘରେ ତାର ଚାରି ପ୍ରାଣୀ । କାମ କରିବା ଲୋକ ସେ ଏକା । ପାଖରେ ପଇସା ନାହିଁ । ଯଦି ଥାଆନ୍ତା ତାହେଲେ ଛତା ମରାମତି ସରଞ୍ଜାମ କିଛି କିଣନ୍ତା । କାଶିମ୍‌ର ଗାଁ କୁହୁକା, ବିଶ୍ରା ବ୍ଲକ୍ ଠାରୁ ଅଳ୍ପ ଦୂରରେ ରହିଛି । ସୌଭାଗ୍ୟ ବଶତଃ ବିଶ୍ରା ବଜାରରେ ବ୍ଲକ୍ କର୍ମଚାରୀ ଜଣଙ୍କର ଛତା ମରାମତି କରୁଥିବା ସମୟରେ ବାବୁ ଜଣଙ୍କ କାଶିମ୍‌କୁ ସରକାରୀ ସାହାଯ୍ୟ କଥା କହିଲେ ଏବଂ ପରଦିନ ସକାଳ ସମୟରେ ବ୍ଲକ୍ ଅଫିସକୁ ଆସିବା ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ । କାଶିମ୍‌ର ଜମି ବାଡ଼ି କିଛି ନାହିଁ । ଆବଶ୍ୟକ ତଦନ୍ତ ପରେ କାଶିମ୍‌କୁ ୧୯୮୪-୮୫ ଆର୍ଥିକ ବର୍ଷରେ ଆଇ. ଆର. ଡି. ପି. ର ଅନ୍ତର୍ଭୁକ୍ତ କରାଗଲା । ଛତା ବ୍ୟବସାୟ ଓ ମରାମତି ପାଇଁ ୩୦୦୦ ଟଙ୍କା ଋଣ ମଞ୍ଜୁର କରାଗଲା । କାର୍ଯ୍ୟକ୍ରମ ଅନୁଯାୟୀ ତାକୁ କେବଳ ୭୫୦ ଟଙ୍କା ଋଣ ପଇଠ କରିବାକୁ ପଡ଼ିବ । ଏହି କାର୍ଯ୍ୟକ୍ରମରେ ସିଣ୍ଡିକେଟ୍ ବ୍ୟାଙ୍କ ରାଉରକେଲା ଶାଖା ସାହାଯ୍ୟ କରିଥିଲେ । କାଶିମ୍ ପୂର୍ବ ପରି ବଜାର ହାଟ ବୁଲୁଛି । କିନ୍ତୁ ପାଦରେ ଚାଲି ଚାଲି ନୁହେଁ । ସାଇକେଲ ଖଣ୍ଡିଏ କରିଛି । ନୂଆ ଛତା ବିକି ଏବଂ ପୁରୁଣା ଫଟା ଛତା ମରାମତି କରି ସେ ମାସକୁ ସାତ-ଆଠ ଶହ ଟଙ୍କା ପାଇ ପାରୁଛି । ରବିବାର ଦିନ ବିଶ୍ରା, ଗୁରୁବାର ଦିନ

ଭାଲୁଲତା, ଏବଂ ବୁଧବାର ଦିନ ଜରେଇକେଲା ଏହି ତିନୋଟି ବଡ଼ ବଜାରରେ ତାର ବ୍ୟବସାୟ ଅତି ଉତ୍ତମ ଚାଲେ ବୋଲି ସେ ପ୍ରକାଶ କରିଥାଏ । କାଶିମ୍ ଋଣ ମଧ୍ୟ ପରିଶୋଧ କରୁଛି, କିଛି ପଇସା ମଧ୍ୟ ସଞ୍ଚୟ କରୁଛି । ବର୍ତ୍ତମାନ ସେ ଚିନ୍ତା କରୁଛି ଭଲ ଜାଗା ଦେଖି ବିଶ୍ରାମଠାରେ ଗୋଟିଏ ଛତା ଦୋକାନ କରିବ । ବର୍ତ୍ତମାନ ତାର ଘରର ଆର୍ଥିକ ପରିସ୍ଥିତି ସ୍ବଚ୍ଛଳ । କାଶିମ ଆବେଗ ଭରା କଣ୍ଠରେ କହନ୍ତି "ଆଲ୍ଲା ଜିସ୍‌କୋ ଦେତାହେ ଛପର ଫାଡକେ ଦେତା ହୈ" । ସରକାରଙ୍କର ଏହି ଉନ୍ନୟନ ଯୋଜନାର ଛତ୍ର ତଳେ ରହି କାଶିମ୍ ଆଜି ଦାରିଦ୍ର୍ୟ ଯନ୍ତ୍ରଣାରୁ ମୁକ୍ତି ପାଇ ପାରିଛି । କାଶିମ୍ ତାର ନିଜ ଲୋକଙ୍କୁ ମଧ୍ୟ ଏହିପରି ସାହାଯ୍ୟ ପାଇବା ପାଇଁ ପ୍ରବର୍ତ୍ତାଇ ଥାଏ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ରାଉରକେଲା ।

## ତିଳ ପେଣ୍ଡିଆଁଙ୍କ ଦୁଃଖ ଘୁଞ୍ଚିଲା

କୋରାପୁଟ ଜିଲ୍ଲାର ୪୨ ଗୋଟି ପଞ୍ଚାୟତ ସମିତି ମଧ୍ୟରୁ କୁନ୍ଦୁରା ପଞ୍ଚାୟତ ସମିତି ଅନ୍ୟତମ । ଏଇ ସମିତିଟି ଜୟପୁର ଉପଖଣ୍ଡ ମଧ୍ୟରେ ଅନ୍ତର୍ଭୁକ୍ତ । "ଶ୍ରୀ ତିଳ ପେଣ୍ଡିଆ" ସେହି କୁନ୍ଦୁରା ସମିତି ସଦର ମହକୁମାର ଜଣେ ନିତାନ୍ତ ଗରିବ ଆଦିବାସୀ ଯୁବକ । ମଜୁରି ଲାଗି ନିଜ ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟ ହେଉଥିଲା । ଅନେକ ହତାଶା, ଯନ୍ତ୍ରଣା ଭିତରେ ତାଙ୍କର ଦୁଃଖର ଦିନ ଗୁଡ଼ିକ ଗଡ଼ି ଚାଲିଥିଲା । କେବଳ ଈଶ୍ବରଙ୍କୁ ପ୍ରାର୍ଥନା କରିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା । ସମୟ କ୍ରମେ ତାଙ୍କପାଇଁ ସୁଯୋଗ ଆସିଲା । ୧୯୮୧ ମସିହାରେ, ତାଙ୍କର ଏହି ଦାରିଦ୍ର୍ୟ ଅବସ୍ଥା, ଗ୍ରାମ୍ୟ କମିଟିର ଦୃଷ୍ଟି ଆକର୍ଷଣ କଲା । ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଶ୍ରୀ ପେଣ୍ଡିଆଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଟ ୨,୦୦୦ଙ୍କା (ଦୁଇ ହଜାର ଟଙ୍କା) ମୂଲ୍ୟର ଦଶଟି ମାଈ ଛେଳି ସହ ଗୋଟିଏ ଅଣ୍ଡିରା ଛେଳି (ବୋଦା) ଏହିପରି ସମୁଦାୟ ୧୧ଟି ଛେଳି ଦିଆଗଲା । ୧୯୮୧–୮୨ ଆର୍ଥିକ ବର୍ଷ ଋଣ ବାବଦକୁ ଅଧା ରିହାତି ଦିଆଯାଇଥିଲା ।

ଶ୍ରୀ ପେଣ୍ଡିଆ ଛେଳିଗୁଡ଼ିକୁ ନେଇ ଖୁବ୍ ଯତ୍ନ ସହକାରେ ପାଳନ କରିବାକୁ ଲାଗିଲେ । ବର୍ଷପରେ ବର୍ଷ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ତାଙ୍କର ଛେଳି ମଧ୍ୟ ବଢ଼ିବାକୁ ଲାଗିଲେ । ସେଥିରୁ କେତେକ ଛେଳି ବିକ୍ରି କରି ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ, ବର୍ତ୍ତମାନ କିଛି ଜମି, ହଳ –ବଳଦ ଓ ନିଜପାଇଁ ଘର ଖଣ୍ଡିଏ କରି, ପୂର୍ବାପେକ୍ଷା ଅତି ଆନନ୍ଦରେ ଦିନ କାଟୁଛନ୍ତି । ବର୍ତ୍ତମାନ ତାଙ୍କର ୧୫ଟି ଛେଳି ନିଜ ଘରେ ଅଛନ୍ତି । ଏହାକୁ ତାଙ୍କର ମୁଖ୍ୟ ପେଶାରୂପେ ଗ୍ରହଣକରି ଛେଳି ପଲକୁ ଅଧିକ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

କୋରାପୁଟ ଜିଲ୍ଲାରେ ଏହି ଯୋଜନା ୧୯୮୧-୮୨ରେ ଆରମ୍ଭ ହୋଇଥିଲା । ସେହି ବର୍ଷ ତିଳ ପେଣ୍ଡିଆ ଭଳି ଅହୁରି ୭୫୦ ଜଣଙ୍କୁ ଏଇଭଳି ସୁବିଧା, ସୁଯୋଗ ଦିଆଯାଇଥିବାବେଳେ ତାହା ୧୯୮୪-୮୫ ଶେଷ ବେଳକୁ ବୃଦ୍ଧିପାଇ ୬୬,୭୬୬ରେ ପହଞ୍ଚି ପାରିଛି । ୧୯୮୫-୮୬ ବର୍ଷ ମଧ୍ୟରେ ୧୬,୮୦୦ ହିତାଧିକାରୀଙ୍କୁ ଥଇଥାନର ଲକ୍ଷ୍ୟ ରଖାଯାଇ ଥିବାବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ୧୬,୯୧୮ ଜଣ ହିତାଧିକାରୀ ଥଇଥାନ କରିବାରେ ସକ୍ଷମ ହୋଇ ପାରିଛି ।

ଅକ୍ଳାନ୍ତ ପରିଶ୍ରମ କରି ମଧ୍ୟ, ଦୁଇବେଳି ଦୁଇ ମୁଠା ଖାଇବାକୁ ନପାଇ କେବଳ ଦରିଦ୍ର ପଞ୍ଚାକ୍ଷର ମନ୍ତ୍ର "କଣ କରିବା" ଜପ କରି କରି ଯାହାର ଦିନ ଯାଉଥିଲା, ସେମାନଙ୍କ ପାଇଁ ଆଜିର ଏହି ଅର୍ଥନୈତିକ ଥଇଥାନ ଯୋଜନା ନିଶ୍ଚିତ ଭାବେ ଏକ ଆଶୀର୍ବାଦ । ଶ୍ରୀ ପେଣ୍ଡିଆଙ୍କ ଭଳି ଦୃଢ଼ ମନୋବଳ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ଓ ଅକ୍ଳାନ୍ତ ପରିଶ୍ରମ କରୁଥିବା ବ୍ୟକ୍ତି ଯେ ଦିନେ ନିଶ୍ଚିତ ଭାବେ ଭଗବାନ୍‌ଙ୍କର ଆଶୀର୍ବାଦ ଲାଭକରିବ ଏଥିରେ ସନ୍ଦେହ ନାହିଁ ।

## ଭିକ୍ଷା କରିବାକୁ ପଡୁ ନାହିଁ

ଶ୍ରୀ ବିଧୁଭୂଷଣ ମାନସିଂହ

ରଂଗ ବେଓ୍ବା କଟକ ଜିଲ୍ଲାର ମାହାଙ୍ଗା ଗାଁର ଜଣେ ଅସହାୟ ମହିଳା । ଦୀର୍ଘ ୧୫ ବର୍ଷ ହେଲା ରଙ୍ଗକୁ ଏକାକୀ କରି ସ୍ବାମୀ ୰ଦାଶରଥି ଜେନା ଇହଧାମ ତ୍ୟାଗ କରିଛନ୍ତି । ରଙ୍ଗର ୫ଟି ପୁଅ । ତା'ର ସ୍ବାମୀ ତେଲେଙ୍ଗାବାଜା ବଜାଇ ପରିବାର ପ୍ରତିପୋଷଣ କରୁଥିଲା । ଦୁଃଖର ବିଷୟ ବାଜା ବଜାଇ ଯାଉଥିବା ବେଳେ ଝାଡ଼ା ବାନ୍ତି ହୋଇ ତାର ମୃତ୍ୟୁ ହେଲା । ତାର ସ୍ତ୍ରୀ ଓ ପିଲାମାନଙ୍କୁ ସବୁଦିନ ପାଇଁ ଦୁଃଖ ସାଗରରେ ଭସାଇ ଦେଇ ଦାଶରଥି ଚାଲିଗଲା । ଏହାପରେ ରଙ୍ଗ ଉପରେ ବଜ୍ର ପଡ଼ିଲା—ତାକୁ ଅନ୍ଧକାର ଦିଶିଲା—ତା ଆଗରେ ଗୋଟିଏ ପ୍ରଶ୍ନ କ'ଣ କରିବ ? ପିଲାମାନଙ୍କୁ ବଞ୍ଚାଇବ କିପରି? 'ସଂପତ୍ତି ବୋଲି ମାତ୍ର ୧ ଗୁଣ୍ଠ ଭିଟାମାଟି, ତା ଛଡ଼ା ଇଞ୍ଚେ ଜମି ମଧ୍ୟ ନାହିଁ । ସେ ଜମି ଏକ ଗୁଣ୍ଠ ଜମିଦାରଙ୍କ ଘରେ ବେଠି ଖଟି ମିଳିଥିଲା । ତା ପରେ ରଙ୍ଗ ଅନ୍ୟ ଘରେ ବାସନ ମାଜି ମୂଲ ଲାଗି ଓ ମଗାଯାଚ୍ କରି ପିଲାମାନଙ୍କୁ କୌଣସି ପ୍ରକାରେ ୫ ବର୍ଷ ଚଳାଇ ଦେଲା ; ତା ପରେ ସମୟର ବିଡ଼ମ୍ବନା—ପିଲାମାନଙ୍କ ମୁହଁରେ ଖାଦ୍ୟ ଟିକେ ଦେବା ପାଇଁ ତା ପକ୍ଷେ ସଂଭବ ହେଲା ନାହିଁ—ବାଧ୍ୟରେ ତାକୁ ଭିଟାମାଟି ଛାଡ଼ିବାକୁ ପଡ଼ିଲା, ଶେଷରେ ମନ ସ୍ଥିରକରି କଟକ ସହରରେ ଭିକ୍ଷା କରିବା ସଙ୍ଗେ ସଙ୍ଗେ ମାଲଗୋଦାମରେ ଚାଉଳ, ଡାଲି ଗୋଟାଇ ନିଜର ପରିବାରକୁ ଚଳାଇଲା । କିନ୍ତୁ ମନରେ ଦୃଢ଼ ଆଶା ପୁଅମାନେ ବଡ଼ ହୋଇଗଲେ ମୋତେ ଆଉ ଭିକ୍ଷା କରିବାକୁ ପଡ଼ିବ ନାହିଁ । ବୋଝ ଉପରେ ନଳିତା ବିଡ଼ା' ପରି ରଙ୍ଗ ଭାଗ୍ୟରେ ପଡ଼ିଲା । ପୁଅମାନେ ବଡ଼ ହୋଇ ରଙ୍ଗଠାରୁ ଦୂରେଇ ଗଲେ । ଶେଷରେ ରହିଲା ୧୩ ବର୍ଷର ଏକ ମାତ୍ର ଛୋଟା ପୁଅ— ଭିକ୍ଷା ବ୍ୟତୀତ ଅନ୍ୟ କାମ ତା ଦ୍ବାରା ସଂଭବ ନୁହେଁ ।

ଭାଗ୍ୟର ବିବର୍ତ୍ତନ ଫଳରେ ରଙ୍ଗର ସୁଖ ଦିନ ଜୀବନ ଆକାଶରେ ଘନୀଭୂତ ହୁଏ । ୧୯୮୩-୮୪ ମସିହାରେ

ରାଜ୍ୟ ସରକାରଙ୍କ ଆଇ. ଆର. ଡି. ଯୋଜନାରେ ସେ ଅନ୍ତର୍ଭୁକ୍ତ ହୁଏ—ତୁଆଁପାଳ ୟୁନାଇଟେଡ୍ କମର୍ସିଆଲ୍ ବ୍ୟାଙ୍କ ଜରିଆରେ ତାକୁ ଟ୨୫୦୦ ଋଣ ଗୋଟି କିସ୍ତିରେ ମିଳେ— ସେ ଟଙ୍କାରେ ସେ ତା କୌଳିକ ପ୍ରଥାରେ ଝୁଡ଼ି, ଟୋକେଇ ପ୍ରଭୃତି ବାଉଁଶ ତିଆରି ଜିନିଷ କରେ—ରଙ୍ଗ କହେ ଗୋଟାଏ ଭଲ ବାଉଁଶର ଦାମ୍ ଟ୮, ଗୋଟିଏ ବାଉଁଶରେ ୫ଟି ଝୁଡ଼ି ହୋଇପାରେ ଏବଂ ଏହା କରିବାକୁ ତାକୁ ୧ ଦିନ ସମୟ ଲାଗେ—ଗୋଟିଏ ଝୁଡ଼ିକୁ ଟ୨.୫୦ ଦରରେ ଗୋଟିଏ ବାଉଁଶରୁ ସେ ଟ୪.୫୦ ପଇସା ଲାଭ ପାଆନ୍ତି । ବର୍ତ୍ତମାନ ସେ ମୂଳ ସଙ୍ଗିନୀ ସହିତ ଅବସର ସମୟ ଝୁଡ଼ି ଟୋକେଇ କରିବାରେ ଲଗାଉଛି ।

ରଙ୍ଗର ଛୋଟପୁଅ କାଳିଆ ବର୍ତ୍ତମାନ ମହାଙ୍ଗା ସ୍କୁଲର ୮ଶ୍ରେଣୀର ଛାତ୍ର । ପୁଅର ପଢ଼ାପଢ଼ି ପ୍ରତି ସେ ଅଧିକ ଧ୍ୟାନ ଦେଉଛି । କାଳିଆ ହରିଜନ ଛାତ୍ରଭାବରେ ବର୍ଷକୁ ୫୫ଟଙ୍କା ବୃତ୍ତି ପାଏ । ଛୋଟ (ଅସହାୟ) ହିସାବରେ ତାକୁ କିଛି ସାହାଯ୍ୟ ମିଳି ନାହିଁ । ୧୯୮୪-୮୫ରେ ରଣ ପରିଶୋଧ ବାବଦକୁ ଟ୯୦୦ ପଇଠ କରିଛି ଏବଂ ନିଜ ପାଖରେ ଟ୧୦୦୦ ଜମା ରଖିଛି । ମନରେ ଆଶା ରଖିଛି— ଆଗାମୀ ବୈଶାଖ ମାସରେ ବାକୀ ରଣ ପରିଶୋଧ କରିବ— ତାର ମନ ଆଉ ବିରସ ନାହିଁ—ରଙ୍ଗ କହେ, ସରକାରଙ୍କ ଯୋଜନା ଦ୍ୱାରା ତାକୁ ଆଉ ଭିକ୍ଷା କରିବାକୁ ପଡୁ ନାହିଁ। ସାଇ ପଡ଼ୋଶୀଙ୍କ ପାଖରେ ସେ ଏକ ଆଦର୍ଶ ନାରୀ ।

ଅନୁବିଭାଗୀୟ
ସୂଚନା ଓ ଲୋକସଂପର୍କ ଅଫିସର,
କଟକ

*With best compliments from :*

# ORISSA CEMENT LIMITED

**RAJAGANGPUR-770017**


TELEX-0635 240

**OCL A NAME CEMENTED QUALITY**


* Leading Manufacturers of wide spectrum of highly sophisiticated World-Class REFRACTORIES Tailormade to suit Customer's requirements.

A trusted and guarenteed name for top quality for years OCL's KONARK BRAND DALMIA PORTLAND CEMENT (ISI 269 and 465).


For quality and satisfactory performance insist on OCL products.



ଶିଳ୍ପ ବିଭାଗ ପାଇଁ ଉଦ୍ଦେଶ୍ୟରେ ଆଲୋଚନା ....





ଶିକ୍ଷା, କ୍ରୀଡ଼ା ଏବଂ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଦାଶ ମହାପାତ୍ରଙ୍କ ଦ୍ୱାରା ଭୁବନେଶ୍ୱର ଠାରେ କ୍ରୀଡ଼ା ନିର୍ଦ୍ଦେଶାଳୟର ଉଦ୍‌ଘାଟନ . . .



ଅଗ୍ନିଦଗ୍ଧ ଭୁବନ ଗ୍ରାମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ





ଭୁବନ ଗ୍ରାମର ଆହତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା .










# ରାଜଧାନୀରେ ଉତ୍କଳ ଦିବସ ସମାରୋହ




ଉତ୍କଳ-ଦିବସ
୧୯୮୬


ଉତ୍କଳ-ଦିବସ



ଉତ୍କଳ-ଦିବସ


ଉତ୍କଳ-ଦିବସ
୧୯୮୬



ଆଇ.ସି.ସି.ଆଇ. ମହିଳା ସ୍ତ୍ରି ଗ୍ରୁପ୍‌ଙ୍କ ଗହଣରେ ମୁଖ୍ୟମନ୍ତ୍ରୀ .


ରଘୁରାଜ ପୁର (ପୁରୀ) ରେ ପଟ୍ଟଚିତ୍ର ପରିଦର୍ଶନ ....





ପୁରୀଧାମରେ
◁ ଜଗନ୍ନାଥ ପାଣି ଜୟନ୍ତୀ ·

ସିଂହଦ୍ୱାରରେ ଆୟୋଜିତ
ହନୁମାନ ଜୟନ୍ତୀ ··






◁ ପୁରୀଧାମରେ
ଆମ୍ବେଦକର ଜୟନ୍ତୀ ·








# ଓଡ଼ିଶାରେ ଝାମୁ ଯାତ୍ରା



ଫଟୋ



## ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଜାନୁଆରୀ ମାସରେ ରାଜ୍ୟର ୨୧,୮୩୭ ଜଣ ବ୍ୟକ୍ତି ଜନ୍ମ ନିରୋଧ ଅସ୍ତ୍ରୋପଚାର କରିଛନ୍ତି । ସେମାନଙ୍କ ମଧ୍ୟରେ ୧,୨୦୦ ଜଣ ପୁରୁଷ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଏହି ମାସରେ ୯,୮୮୬ ଜଣ ବିବାହିତା ମହିଳା 'କପର-ଟି' ଗ୍ରହଣ କରିଛନ୍ତି ଏବଂ ସନ୍ତାନ ଜନନକ୍ଷମ ବିବାହିତା ମହିଳାମାନଙ୍କୁ ୪୭,୦୭୩ ଟି ଜନ୍ମ ନିରୋଧକ ଓରାଲ ବଟିକା ବଣ୍ଟନ କରାଯାଇଛି । ବିବାହିତ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟାନ୍ୟ ୧୧ ଲକ୍ଷ ୧୯ ହଜାର ୪୧୪ଟି ଜନ୍ମ ନିରୋଧକ ସାମଗ୍ରୀ ମଧ୍ୟ ବଣ୍ଟନ କରାଯାଇଛି ।

ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ଅଧିକ ଲୋକପ୍ରିୟ କରିବା ପାଇଁ ଜାନୁଆରୀ ମାସରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧୨୧ଟି ଚଳଚ୍ଚିତ୍ର ପ୍ରଦର୍ଶନ, ୨୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ, ୫୮ଟି ପରିବାର କଲ୍ୟାଣ ଲିଡ଼ର୍ସ କ୍ୟାମ୍ପ ଓ ୧୧ଟି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏହା ବ୍ୟତୀତ ପରିବାରକୁ ସୀମିତ କରିବାର ଆବଶ୍ୟକତା ଓ ସ୍ୱାସ୍ଥ୍ୟରକ୍ଷା ସମ୍ବଳିତ ୯୦୦ଟି ପ୍ରଚାରପତ୍ର ବିଭାଗ ତରଫରୁ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

## ଗୋତି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷରେ ଗତ ମାସ ସୁଦ୍ଧା କଳାହାଣ୍ଡି ଜିଲ୍ଲାରେ ୧୩ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟରେ ୧୪୯ ଜଣ ତଫସିଲଭୁକ୍ତ ଜାତି ଓ ୨୭୨ ଜଣ ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକଙ୍କ ସମେତ ମୋଟ ୬୫୮ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ରାଜ୍ୟରେ ଗୋତି ଶ୍ରମିକ ଥଇଥାନ ଯୋଜନା କାର୍ଯ୍ୟକ୍ରମ ଆରମ୍ଭରୁ ଗତମାସ ସୁଦ୍ଧା ଜିଲ୍ଲାରେ ୬୯୭ ଜଣ ତଫସିଲଭୁକ୍ତ ଜାତି ଓ ୧,୧୯ ଜଣ ତଫସିଲଭୁକ୍ତ ସମ୍ପ୍ରଦାୟର ଲୋକଙ୍କ ସମେତ ମୋଟ ୮୭୧ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଇଛି ଏବଂ ଏ ବାବଦରେ ମୋଟ ୭୭ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟ ହୋଇଛି । ଏହି ସମୟ ମଧ୍ୟରେ ଜିଲ୍ଲାରେ ୨,୯୮୪ ଜଣ ଗୋତି ଶ୍ରମିକଙ୍କୁ ମୁକ୍ତ କରାଯାଇଛି ।

## ରାଜ୍ୟରେ ମତ୍ସ୍ୟ ଉତ୍ପାଦନ

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଚିଲିକାରୁ ୨୭ କୋଟି ୬୦ ଲକ୍ଷ ଟଙ୍କା ମୂଲ୍ୟର ୬,୬୭୫ ମେଟ୍ରିକ ଟନ ଚିଙ୍ଗୁଡ଼ି ଧରାଯାଇଛି ।

ଉକ୍ତ ସମୟ ମଧ୍ୟରେ ରାଜ୍ୟର ସମୁଦ୍ର, ହ୍ରଦ, ପୋଖରୀ ଓ ନଦୀମାନଙ୍କରୁ ମୋଟ ୪ ଲକ୍ଷ ୩୦ ହଜାର ୩୬୫ ମେଟ୍ରିକ ଟନ ଉଭୟ ମିଠା ଓ ଲୁଣିମାଛ ଉତ୍ପାଦିତ ହୋଇଛି । ତନ୍ମଧ୍ୟରେ ୧ ଲକ୍ଷ ୨୯ ହଜାର ୬୯୮ ମେଟ୍ରିକ ଟନ ମଧୁର ମାଛ ଓ ୩ ଲକ୍ଷ ୬୬୭ ମେଟ୍ରିକ ଟନ ଲୁଣିମାଛ ଅନ୍ତର୍ଭୁକ୍ତ । ଷଷ୍ଠ ଯୋଜନାର ଶେଷବର୍ଷ ଅର୍ଥାତ୍ ୧୯୮୪-୮୫ ମସିହାରେ ସର୍ବାଧିକ ୩୦,୩୩୬ ମେଟ୍ରିକ ଟନ ମଧୁରମାଛ ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ ୧୯୮୩-୮୪ ମସିହାରେ ସର୍ବାଧିକ ୬୯,୮୨୪ ମେଟ୍ରିକ ଟନ ଲୁଣିମାଛ ଉତ୍ପାଦିତ ହୋଇଥିଲା । ଷଷ୍ଠ ଯୋଜନାରେ ଉତ୍ପାଦିତ ହୋଇଥିବା ଉଭୟ ମଧୁର ଓ ଲୁଣିମାଛର ଆନୁମାନିକ ମୂଲ୍ୟ ହେଉଛି ପ୍ରାୟ ୪୦୧ କୋଟି ୫୨ ଲକ୍ଷ ଟଙ୍କା ।

## ଯଶୋବନ୍ତ ବିଦ୍ୟାପୀଠ ବାର୍ଷିକୋତ୍ସବ

ଜଗତସିଂହପୁର ଅନ୍ତର୍ଗତ ନାଇଲୋଠାରେ ଯଶୋବନ୍ତ ବିଦ୍ୟାପୀଠର ସମ୍ପ୍ରତି ବାର୍ଷିକ ଉତ୍ସବରେ ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପଦ୍ମା ପୂଜାରୀ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇ ନାରୀ ଶିକ୍ଷାର ପ୍ରସାର ପାଇଁ ଜନସାଧାରଣ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଦେଶର ଉନ୍ନତି ପାଇଁ ବହୁବିଧ କାର୍ଯ୍ୟକ୍ରମ ମଧ୍ୟରୁ ଶିକ୍ଷାପ୍ରତି

ପ୍ରଧାନମନ୍ତ୍ରୀ ସୁରକ୍ଷା ପ୍ରଦାନ କରୁଥିବା ବିଷୟରେ ବୁଝାଇ ଶ୍ରୀମତୀ ପୂଜାରୀ ନବୋଦୟ ବିଦ୍ୟାଳୟ ମାଧ୍ୟମରେ ବହୁ ମେଧାବୀ ଛାତ୍ର ଛାତ୍ରୀ ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ସ୍ଥାନୀୟ ବିଧାୟକ ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ନୂତନ ଚିନ୍ତାଧାରା ଓ ଅଭିନବ ପରିକଳ୍ପନା ସହିତ ଶିକ୍ଷାନୀତି ପ୍ରଣୟନ ଦ୍ୱାରା ଦେଶର ଅର୍ଥନୀତି ଓ ସାମାଜିକ ମୂଲ୍ୟବୋଧକୁ ସୁଦୃଢ଼ କରାଯାଇ ପାରିବ ବୋଲି କହିଥିଲେ । ଶିକ୍ଷାର ମାନବୃଦ୍ଧି ଦିଗରେ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶିକ୍ଷାମନ୍ତ୍ରୀ ବୁଝାଇଥିଲେ ।

## ଜାତୀୟ ବିଜ୍ଞାନ ଲେଖା ପ୍ରତିଯୋଗିତା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶେଷ ତାରିଖ ଘୁଞ୍ଚିଲା

ଜାତୀୟ ବିଜ୍ଞାନ ଲେଖା ପ୍ରତିଯୋଗିତା ନିମନ୍ତେ ଜିଲ୍ଲା ସ୍ତରରେ ପ୍ରବନ୍ଧ ଓ ସୃଜନଶୀଳ ଲେଖା (ବିଜ୍ଞାନ କବିତା, ଗଳ୍ପ, ଉପନ୍ୟାସ ପ୍ରଭୃତି), ସ୍କୁଲ ସର୍କଲ ଇନସପେକ୍ଟରଙ୍କ ପାଖରେ ୩୧-୩-୧୯୮୭ ତାରିଖ ସୁଦ୍ଧା ପହଞ୍ଚାଇବା ପାଇଁ ବିଜ୍ଞାପନ ବାହାରିଥିଲା । କେତେକ ଅନିର୍ବାର୍ଯ୍ୟ କାରଣରୁ ଏହି ଶେଷ ତାରିଖକୁ ୨୦-୪-୧୯୮୭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ।

ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ (ଯୁକ୍ତ ଦୁଇ ଶ୍ରେଣୀ)ରେ ପଢୁଥିବା ଛାତ୍ର ଛାତ୍ରୀ ୧,୦୦୦ ରୁ ୧,୨୦୦ ଶବ୍ଦ ମଧ୍ୟରେ ପ୍ରବନ୍ଧ କିମ୍ବା ବିଜ୍ଞାନ ଗଳ୍ପ, ଉପନ୍ୟାସ, କବିତା ପ୍ରଭୃତି ନିଜ ହାତରେ ଲେଖି ତିନିକିତା ନକଲ ୨୦-୪-୧୯୮୭ ତାରିଖ ସୁଦ୍ଧା ନିଜ ସର୍କଲର ସ୍କୁଲ ଇନସ୍ପେକ୍ଟରଙ୍କ ପାଖରେ ଦାଖଲ କରିବାକୁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ବିଜ୍ଞାନ ବିଭାଗ ମୁଖ୍ୟ ଜଣାଇଛନ୍ତି ।

ପ୍ରବନ୍ଧ ବା ସୃଜନଶୀଳ ଲେଖା ଯେକୌଣସି ଭାରତୀୟ ଭାଷାରେ ଲେଖାଯାଇଥିବ । ଏଥିପାଇଁ ତିନୋଟି ବିଷୟ ରଖାଯାଇଛି, ଯଥା – (୧) କେତେକ ସ୍ଥାନୀୟ ଅନ୍ଧ ବିଶ୍ୱାସ ଓ ସେଗୁଡ଼ିକର ଉତ୍ପତ୍ତି, (୨) ବିଜ୍ଞାନ ଆମକୁ ଏକତାବଦ୍ଧ କରେ କି ? ଓ (୩) ଶକ୍ତି ସଞ୍ଚୟ ନ କରିବା କାହିଁକି ?

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଏହି ପ୍ରତିଯୋଗିତା ସମ୍ପର୍କରେ ମାର୍ଚ୍ଚ ୨୩ ତାରିଖର "ଦୈନିକ ଆଶା" ଓ "ସମାଜ", ମାର୍ଚ୍ଚ ୨୪ ତାରିଖର "ହୀରାଖଣ୍ଡ" ଏବଂ ମାର୍ଚ୍ଚ ୨୭ ତାରିଖର "ସମ୍ବାଦ"ରେ ବିଶଦ ବିବରଣୀ ପ୍ରକାଶ ପାଇଛି ।

## ବ୍ରହ୍ମପୁର ସହରର ସର୍ବାଙ୍ଗୀନ ଉନ୍ନତି

ସମ୍ପ୍ରତି ନଗରଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ବ୍ରହ୍ମପୁରଠାରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଡାକ୍ତରଖାନା ପରିସରରେ ଏକ ସୁଲଭ ଶୌଚାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଲେ ଯେ, ଏହି ସୁଲଭ ଶୌଚାଳୟ ନିର୍ମାଣରେ ୨ ଲକ୍ଷ ୭୪ ହଜାର ଟଙ୍କା ବ୍ୟୟ ହେବ । ଏହାର ନିର୍ମାଣ କାର୍ଯ୍ୟ ଆସନ୍ତା ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ସେ ଘୋଷଣା କରିଥିଲେ । ଏହି ଶୌଚାଳୟ ସ୍ଥାପନ ପାଇଁ ବହୁଦିନରୁ ଦାବୀ ହୋଇ ଆସୁଥିଲା । ଏହା ସମ୍ପୂର୍ଣ୍ଣ ହେଲେ ରୋଗୀମାନଙ୍କ ସେବା ପାଇଁ ପ୍ରତିଦିନ ଆସୁଥିବା ସେମାନଙ୍କର ଆତ୍ମୀୟ ଓ ତତ୍ତ୍ୱାବଧାରକମାନେ ବିଶେଷ ଭାବେ ଉପକୃତ ହେବେ । ପ୍ରସଙ୍ଗକ୍ରମେ ଶ୍ରୀ ଜେନା କହିଲେ ଯେ ଛତ୍ରପୁରଠାରେ ୮ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଋଷିକୁଲ୍ୟା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପ୍ରତିଦିନ ୯୦ ଲକ୍ଷ ଗ୍ୟାଲେନ୍ ପାଣି ଯୋଗାଇ ଦିଆଯାଉଛି । ଫଳତଃ ୨୦୦୧ ମସିହା ପର୍ଯ୍ୟନ୍ତ ସେଠାରେ ଆଉ ଜଳକଷ୍ଟ ରହିବ ନାହିଁ । କଟକ ଓ ଭୁବନେଶ୍ୱର ମ୍ୟୁନିସିପାଲିଟିକୁ କର୍ପୋରେସନ କରାଗଲା ପରେ ଅନ୍ୟ ମ୍ୟୁନିସିପାଲଟି କଥା ମଧ୍ୟ ବିଚାର କରାଯିବ ବୋଲି ସେ କହିଥିଲେ ।

ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ଶ୍ରୀ ଶିବ ଶଙ୍କର ସାହାଣୀ ପୌରୋହିତ୍ୟ କରି ବ୍ରହ୍ମପୁର ସହରବାସୀଙ୍କ ପାଇଁ ରାଜ୍ୟ ସରକାର କିପରି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି, ତାହା ଦର୍ଶାଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମର ଜିଲ୍ଲାପାଳ ତଥା ବ୍ରହ୍ମପୁର ପୌର ପରିଷଦର ଚେୟାରମ୍ୟାନ ଶ୍ରୀ ରମାନାଥ ମହାନ୍ତି ଓ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରମୁଖ ଭାଷଣ ଦେଇଥିଲେ । ବିଭାଗୀୟ ଅଫିସରମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ ।

ପରେ ସେ ଦିନ ସନ୍ଧ୍ୟାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜେନା ବ୍ରହ୍ମପୁର ଇଞ୍ଜିନିୟରିଙ୍ଗ ସ୍କୁଲର ବାର୍ଷିକୋତ୍ସବରେ ଯୋଗ ଦେଇ ଆଜିର ସମାଜରେ ଛାତ୍ରମାନଙ୍କର ଶୃଙ୍ଖଳାବୋଧ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଭାରତର ସାଂସ୍କୃତିକ ମୂଲ୍ୟବୋଧ ଓ ଉଚ୍ଚ ପରମ୍ପରା ସମ୍ପର୍କରେ ସୂଚନା ଦେଇ ଜାତୀୟ ଐକ୍ୟ ଓ ଅଖଣ୍ଡତା ରକ୍ଷାପାଇଁ ମଧ୍ୟ ସେ ଛାତ୍ର ସମାଜକୁ ଆହ୍ୱାନ ଦେଇଥିଲେ ।

## ଗୋଡି ଶ୍ରମିକ ଥଇଥାନ

ଗୋଡି ଶ୍ରମିକଙ୍କ ଥଇଥାନ ଲାଗି ଓଡ଼ିଶାରେ ମୋଟ ୧୧ କୋଟି ୫୯ ଲକ୍ଷ ୧ ହଜାର ଟଙ୍କା ବ୍ୟୟ ହୋଇଛି । ରାଜ୍ୟରେ ଗୋଡି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଗତମାସ ଶେଷସୁଦ୍ଧା ଏହି ଟଙ୍କା ବ୍ୟୟ କରାଯାଇଛି । ଏ ମଧ୍ୟରେ ଚଳିତ ଆର୍ଥିକ ବର୍ଷରେ ଗତମାସ ସୁଦ୍ଧା ବ୍ୟୟ ହୋଇଥିବା ୧ କୋଟି ୬୮ ଲକ୍ଷ ୫୭ ହଜାର ଟଙ୍କା ଅନ୍ତର୍ଭୁକ୍ତ ।

ଏହି ଯୋଜନା ଆରମ୍ଭରୁ ଗତମାସ ସୁଦ୍ଧା ଜିଲ୍ଲାୱାରି ବ୍ୟୟ ଟଙ୍କାର ପରିମାଣ ହେଲା :—ବାଲେଶ୍ୱର ଜିଲ୍ଲାରେ ୩୫ ଲକ୍ଷ ୯୭ ହଜାର ଟଙ୍କା, ବଲାଙ୍ଗିର ଜିଲ୍ଲାରେ ୧ କୋଟି ୬୭ ଲକ୍ଷ ୨୧ ହଜାର ଟଙ୍କା, କଟକ ଜିଲ୍ଲାରେ ୨ କୋଟି ଏକ ଲକ୍ଷ

୮୭ ହଜାର ଟଙ୍କା, ଢେଙ୍କାନାଳ ଜିଲ୍ଲାରେ ୪୧ ଲକ୍ଷ ୬୯ ହଜାର ଟଙ୍କା, ଗଞ୍ଜାମ ଜିଲ୍ଲାରେ ୫୨ ଲକ୍ଷ ଟଙ୍କା, କଳାହାଣ୍ଡି ଜିଲ୍ଲାରେ ୭୭ ଲକ୍ଷ ୪୩ ହଜାର ଟଙ୍କା, କେନ୍ଦୁଝର ଜିଲ୍ଲାରେ ୫୪ ଲକ୍ଷ ୮୨ ହଜାର ଟଙ୍କା, କୋରାପୁଟ ଜିଲ୍ଲାରେ ୧କୋଟି ୪୪ ଲକ୍ଷ ୮୧ ହଜାର ଟଙ୍କା, ମୟୂରଭଞ୍ଜ ଜିଲ୍ଲାରେ ୨୬ ଲକ୍ଷ ୫୮ ହଜାର ଟଙ୍କା, ଫୁଲବାଣୀ ଜିଲ୍ଲାରେ ୭୭ ଲକ୍ଷ ୪୮ ହଜାର ଟଙ୍କା, ପୁରୀ ଜିଲ୍ଲାରେ ୧ କୋଟି ୨ ଲକ୍ଷ ୫୬ ହଜାର ଟଙ୍କା, ସମ୍ବଲପୁର ଜିଲ୍ଲାରେ ୧ କୋଟି ୬୬ ହଜାର ଟଙ୍କା ଓ ସୁନ୍ଦରଗଡ଼ ଜିଲ୍ଲାରେ ୭୫ ଲକ୍ଷ ୮୩ ହଜାର ଟଙ୍କା ।

## ନୂଆପଡାଠାରେ ନୂଆ ସବ୍‌ଜଜ୍ କୋର୍ଟ ଉଦ୍‌ଘାଟିତ

କଳାହାଣ୍ଡି ଜିଲ୍ଲାର ନୂଆପଡ଼ା ସବ୍‌ଡିଭିଜନ ସଦର ମହକୁମାରେ ଗତ ୨୧ ତାରିଖରେ ଏକ ନୂଆ ସବ୍‌ଅର୍ଡିନେଟ ଜଜ୍ ଓ ଆସିଷ୍ଟାଣ୍ଟ ସେସନସ୍ ଜଜ୍ କୋର୍ଟ ଉଦ୍‌ଘାଟିତ ହୋଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀ ହରିଲାଲ ଅଗ୍ରୱାଲ୍ ଏହି ଅଦାଲତ ଉଦ୍‌ଘାଟନ କରି କହିଛନ୍ତି ଯେ, କଳାହାଣ୍ଡି ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଦରିଦ୍ର ଜନସାଧାରଣ ସ୍ୱଳ୍ପ ଖର୍ଚ୍ଚରେ ନ୍ୟାୟ ବିଚାର ପାଇବା ଦିଗରେ ଏହା ସହାୟକ ହେବ ।

ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇ କହିଲେ ଯେ, ଆଇନଜୀବୀମାନେ ନ୍ୟାୟ ବିଚାର ପଦ୍ଧତି ଓ ଆଇନର ଧାରାଗୁଡ଼ିକୁ ଅଶିକ୍ଷିତ ତଥା ଦରିଦ୍ର ଜନସାଧାରଣଙ୍କୁ ସରଳ ଭାଷାରେ ବୁଝାଇ ଦେଇ ପାରିଲେ, ସେମାନଙ୍କ ମନରେ ବିଚାରଧାରା ପ୍ରତି ଅଧିକ ଆସ୍ଥା ଉପୁଜିବ । ଏହି କଚେରୀରେ ଜନସାଧାରଣ ନିର୍ଦ୍ଧାରିତ ସମୟରେ ଦୂର ସ୍ଥାନରୁ ଆସି ପହଞ୍ଚିବା ଏବଂ କାର୍ଯ୍ୟକରି ଫେରିଯିବା ଲାଗି ଯାତ୍ରୀବାହୀ ବସର ସମୟ ପରିବର୍ତ୍ତନ କରାଯାଇଥିବା ବିଷୟ ଶ୍ରୀ ସିଂହ ଏହି ଉତ୍ସବରେ ସୂଚନା ଦେଇଥିଲେ । ଉତ୍ସବ ପ୍ରାରମ୍ଭରେ ଓକିଲ ସଂଘ ସଭାପତି ଶ୍ରୀ କୁଳଦୀପ ପାତ୍ରୀ ସ୍ୱାଗତ ଜଣାଇଥିଲେ ।

## ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା

ଓଡ଼ିଶାର ୧୩ଟି ଜିଲ୍ଲା ମଧ୍ୟରୁ ୧୨ଟି ଜିଲ୍ଲାରେ ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥା ସ୍ଥାପିତ ହୋଇଛି । ଉକ୍ତ ସଂସ୍ଥାର ବ୍ୟୟ ଓ ମିଳିତ ଭାରତ ସରକାର ତଥା ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ବହନ କରୁଛନ୍ତି । ଗ୍ରାମାଞ୍ଚଳର ପଡ଼ିତ ପୋଖରୀଗୁଡ଼ିକର ଉନ୍ନୟନ ଓ ଘରୋଇ ମତ୍ସ୍ୟ ଚାଷୀଙ୍କୁ ମତ୍ସ୍ୟଚାଷରେ ତାଲିମ ଦେବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ।

କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ଏହି ସଂସ୍ଥାଦ୍ୱାରା ମତ୍ସ୍ୟଚାଷ ପାଇଁ ୧୯୮୫-୮୬ ମସିହା ଓ ୧୯୮୬-୮୭ ଆର୍ଥିକ ବର୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶ ବାବଦରୁ ଉପରୋକ୍ତମାନଙ୍କୁ ୧ ଲକ୍ଷ ୫୭ ହଜାର ଟଙ୍କା ସବ୍‌ସିଡ଼ି ଆକାରରେ ମଞ୍ଜୁର କରାଯାଇଛି । ଏହା ବ୍ୟତୀତ ଚଳିତ ଆର୍ଥିକ ବର୍ଷରେ ଆଦିବାସୀମାନଙ୍କୁ ମତ୍ସ୍ୟଚାଷ ପାଇଁ ୧ ଲକ୍ଷ ୮୭ ହଜାର ୫୦୦ ଟଙ୍କା ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ମଧ୍ୟ ମଞ୍ଜୁର କରାଯାଇଛି ।

ଉକ୍ତ ସମୟ ମଧ୍ୟରେ ଏହି ସଂସ୍ଥା ତରଫରୁ ୨୫ ଜଣ ଆଦିବାସୀ ଓ ତିନିଜଣ ହରିଜନ ବ୍ୟକ୍ତି ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ତରଫରୁ ୧ ଲକ୍ଷ ୯୪ ହଜାର ଟଙ୍କା ଋଣ ନେଇ ମତ୍ସ୍ୟ ଚାଷ କରିଥିବାରୁ ସେମାନଙ୍କୁ ୨,୯୬,୮୮୦ ଟଙ୍କା ସବ୍‌ସିଡ଼ି ଆକାରରେ ଦିଆଯାଇଛି ।

## କଟକ ଜିଲ୍ଲାରେ ହାରାହାରି ଦୈନିକ ଗୋଟିଏ କ୍ଷୁଦ୍ରଶିଳ୍ପ ଓ ୧୬ଟି କୁଟୀର ଶିଳ୍ପ ପ୍ରତିଷ୍ଠିତ

ଚଳିତ ଆର୍ଥିକ ବର୍ଷର ଗତ ଡ଼ିସେମ୍ବର ମାସ ସୁଦ୍ଧା ୯ ମାସ ମଧ୍ୟରେ କଟକ ଜିଲ୍ଲାରେ ୮୨ ଲକ୍ଷ ୫୨ ହଜାର ଟଙ୍କା ବିନି-ଯୋଗରେ ୩୧୫୦ଟି କୁଟୀର ଶିଳ୍ପ ଓ ୫ କୋଟି ୧୪ ଲକ୍ଷ ୩୮ ହଜାର ଟଙ୍କା ବିନିଯୋଗରେ ୩୬୫ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିମାଧ୍ୟମରେ ଯଥାକ୍ରମେ ୬,୩୦୦ ଜଣ ଓ ୧,୯୨୯ ଜଣଙ୍କୁ କାମ ଯୋଗାଇ ଦିଆଯାଇ ପାରିଛି ।

## କୋରାପୁଟ ଜିଲ୍ଲାରେ ଆଇନ ସହାୟତା କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲାରେ ୧୯୮୧ରୁ ଗୋଟିଏ ଜିଲ୍ଲା ସ୍ତରୀୟ ଆଇନ ସାହାଯ୍ୟ କମିଟି କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ନବରଙ୍ଗପୁର ରାୟଗଡ଼ା, ମାଲକାନଗିରି, ଗୁଣୁପୁର ଓ କୋରାପୁଟଠାରେ ଗୋଟିଏ କରି ସବ୍‌ଡିଭିଜନାଲ ଆଇନ ସହାୟତା କମିଟି କାର୍ଯ୍ୟ କରୁଛି । ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆଇନଗତ ସାହାଯ୍ୟ ଓ ଉପଦେଶ ଦେବା ହିଁ ଜିଲ୍ଲା ଓ ସବ୍‌ଡିଭିଜନ୍ କମିଟି ଗୁଡ଼ିକର କାର୍ଯ୍ୟ ।

୧୯୮୬ ମସିହା ଆରମ୍ଭରେ ଉକ୍ତ ଆଇନ ସହାୟତା କମିଟି ଗୁଡ଼ିକର ବିଭିନ୍ନ ମାମଲାର ବିଚାର ପାଇଁ ୧୨୨ଟି ଦରଖାସ୍ତ ବିଚାରା-ଧୀନ ଥିଲା ଏବଂ ୧୯୮୬ ରେ ଉକ୍ତ କମିଟି ଗୁଡ଼ିକ ୫୭୪ଟି ଦରଖାସ୍ତ ପାଇଥିଲେ । ଉକ୍ତ ଦରଖାସ୍ତ ଗୁଡ଼ିକ ବିଚାର କରି ମୋଟ୍ ୨୯୨ ଜଣଙ୍କୁ ଆଇନ ସାହାଯ୍ୟ ଦିଆଯାଇଛି । ତନ୍ମଧ୍ୟରେ ୮୫ ଜଣ ହରିଜନ, ୯୩ ଜଣ ଆଦିବାସୀ, ୬୦ ଜଣ ମହିଳା, ଜଣେ ନାବାଳକ ଓ ଅନ୍ୟାନ୍ୟ ୫୩ ଜଣ ବ୍ୟକ୍ତି ଅଛନ୍ତି ।

## ସାମାଜିକ ବନୀକରଣ ଯୋଜନା

ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲାରେ ସାମାଜିକ ବନୀକରଣ ଯୋଜନା ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ଉକ୍ତ ବର୍ଷ ୩୪୬୪ ହେକ୍ଟର ଜମିରେ ବୃକ୍ଷ ରୋପଣ ଓ ୬୮୯୧

ହେକ୍ଟର ପତିତ ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟ କରାଯାଇ ପାରିଛି । ଏହି ଯୋଜନା ଗୁଡ଼ିକୁ ଫଳପ୍ରଦ କରାଇବା ଦିଗରେ ଜିଲ୍ଲାର କେତେକ ଏଜେନ୍ସିର କାର୍ଯ୍ୟ ଉଲ୍ଲେଖନୀୟ । ସେମାନଙ୍କ ମଧ୍ୟରେ ଡ଼ି. ଏଫ୍. ଓ. ରାଉରକେଲା, ସୁନ୍ଦରଗଡ଼, ବଣାଇ ଡ଼ିଭିଜନ୍ ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ, ପାନପୋଷ ଓ ସୁନ୍ଦରଗଡ଼ ଅନ୍ୟତମ ।

ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପରୋକ୍ତ ଏଜେନ୍ସି ଗୁଡ଼ିକ ୭୨,୦୨,୬୧୫ଟି ଚାରା ବିତରଣ କରିଥିଲେ ଓ ୧୪୨ ଲକ୍ଷ ଚାରା ରୋପଣ କରି ପତିତ ଜଙ୍ଗଲର ପୁନରୁଦ୍ଧାର କରି ପାରିଥିଲେ । ଏଥିପାଇଁ ଏନ୍. ଆର. ଇ. ପି. ଯୋଜନାର ୩୮,୬୬,୧୮୦ ଟଙ୍କା ଓ ଆର. ଏଲ୍. ଇ. ଜି. ପି. ଯୋଜନାର ୬୭,୧୪,୭୨୩ ଟଙ୍କା ଚଳିତ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାର ବିଭିନ୍ନ ଏଜେନ୍ସି ମାନଙ୍କ ଦ୍ୱାରା ଜିଲ୍ଲା ସାମାଜିକ ବନୀକରଣ ଯୋଜନାରେ ପ୍ରାୟ ୧ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରୁଛି ବୋଲି ସୁନ୍ଦରଗଡ଼ ଡ଼ି. ଏଫ୍. ଓ. ଜଣାଇଛନ୍ତି ।

## ରାଜଭବନରେ ଟେଲକ୍ସ ଓ ଜେରକ୍ସ ପ୍ରତିଷ୍ଠା

ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ଆଜି ସ୍ଥାନୀୟ ରାଜଭବନ ଠାରେ ନୂତନ ଭାବେ ପ୍ରତିଷ୍ଠିତ ଟେଲେକ୍ସ ଓ ଜେରକ୍ସ ବ୍ୟବସ୍ଥା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି ।

ଅଫିସ ପରିଚାଳନାରେ ଆଧୁନିକୀକରଣ ବ୍ୟବସ୍ଥା ସ୍ୱରୂପ ରାଜଭବନରେ ଏହି ନୂତନ ଯୋଗାଯୋଗ ଓ ନକଲ ପ୍ରସ୍ତୁତକାରୀ ଯନ୍ତ୍ର ସ୍ଥାପନ କରାଯାଇଛି ।

ଏହି ଉତ୍ସବ ଉପଲକ୍ଷେ ଟେଲିକମ୍ୟୁନିକେସନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଏସ. ଏମ୍ .ରାୟ, ମୋଦି ଜେରକ୍ସର ପ୍ରତିନିଧି, ରାଜ୍ୟପାଳଙ୍କ ଶାସନ ସଚିବ ଶ୍ରୀ ଲକ୍ଷ୍ମୀଧର ମିଶ୍ର ଓ ରାଜଭବନର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ପଣ୍ୟ ଦ୍ରବ୍ୟ କାରବାରରେ ପାରଦୀପ ବନ୍ଦର ଦେଶରେ ପ୍ରଥମ

ଚଳିତ ବର୍ଷ, ପାରାଦୀପ ବନ୍ଦର ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ । ଚଳିତ ଫେବୃଆରୀ ମାସରେ ପୂର୍ବବର୍ଷ ଅପେକ୍ଷା ଶତକଡ଼ା ୩୧.୬ ଭାଗ ଅଧିକ ମାଲ କାରବାର କରି ଦେଶର ବୃହତ ବନ୍ଦର ମାନଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛି । ମାଲ, କାରବାର କ୍ଷେତ୍ରରେ ଏ ପ୍ରକାର ସଫଳତା ପଛରେ ବିଦେଶରୁ ଆମଦାନୀ ହୁକିଙ୍ଗ୍ କୋଇଲା, ଚୂନ ପଥର ସ୍ଲାପ, ଫସଫୁରିକ ଏସିଡ୍, ପରିଶୋଧିତ ଲୌହପିଣ୍ଡ, କେୟାର-ଉତ୍ପାଦୀ ପଣ୍ୟଦ୍ରବ୍ୟ ରହିଥିଲା ଓ ଚୂନା ପଥର, କ୍ରୋମ ପଥର, କୋଇଲା ପ୍ରଭୃତି କ୍ରମବୃଦ୍ଧି ରହିଅଛି ।

ବର୍ତ୍ତମାନ ପାରାଦୀପ ବନ୍ଦରର ବାଣିଜ୍ୟ ପୂର୍ବଭଳି ଏକମାତ୍ର ଲୌହ ପଥର କାରବାରରେ ସୀମୀତ ନ ରହି ବହୁବିଧ ପଣ୍ୟ କାରବାର କ୍ଷେତ୍ରରେ ପ୍ରବେଶ କରିଛି । ଏହା ବ୍ୟତୀତ ଉଭୟ ରପ୍ତାନୀ ଓ ଆମଦାନୀ ପଣ୍ୟଦ୍ରବ୍ୟ ପରିମାଣରେ ଭାରସାମ୍ୟ ରକ୍ଷା କରାଯିବା ଦ୍ୱାରା ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ମିଳିଛି ।

ଚଳିତ ବର୍ଷ ବନ୍ଦରର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଏ ପ୍ରକାର ଉଲ୍ଲେଖନୀୟ ପଣ୍ୟଦ୍ରବ୍ୟ କାରବାର ପାରାଦୀପ ବନ୍ଦର ସ୍ଥିତିକୁ ସୁଦୃଢ଼ କରିଛି । ଚଳିତ ଆର୍ଥିକବର୍ଷ ଶେଷ ଅର୍ଥାତ୍ ମାର୍ଚ୍ଚ ୧୯୮୭ ସୁଦ୍ଧା ପାରାଦୀପ ବନ୍ଦରରେ ୪୫ ଲକ୍ଷ ମେଟ୍ରିକ୍ ଟନ ଅଧିକ ପଣ୍ୟଦ୍ରବ୍ୟ କାରବାର କରାଯାଇ ସର୍ବକାଳୀନ ରେକର୍ଡ ସୃଷ୍ଟି ହେବା ନିଶ୍ଚିତ ।

## ସପ୍ତମ ଯୋଜନାରେ ଗୋ-ମହିଷାଦି ବୃଦ୍ଧି ନିମନ୍ତେ ପଦକ୍ଷେପ

ଓଡ଼ିଶାରେ ଗୋ-ମହିଷାଦିର ଚାହିଦା ମେଣ୍ଟାଇବା ପାଇଁ ଏବଂ ସେମାନଙ୍କର ସଂଖ୍ୟା ବୃଦ୍ଧି ନିମନ୍ତେ ରାଜ୍ୟ ପଶୁପାଳନ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସେଥି ମଧ୍ୟରେ ରାଜ୍ୟରେ ଥିବା କୃତ୍ରିମ ପ୍ରଜନନ କେନ୍ଦ୍ର ଗୁଡ଼ିକରେ ହିମୀକୃତ ଶୁକ୍ର ଦ୍ୱାରା ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ପ୍ରଜନନ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ହେଉଥିବା ଉନ୍ନତ ଷଣ୍ଢ ସରକାରୀ ଫାର୍ମ ମାନଙ୍କରୁ ମିଳିବା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପାଇଁ ଉନ୍ନତ ଦୁଧିଆଳୀ ଗାଈ ଯୋଗାଇ ଦେବା ନିମନ୍ତେ ଉନ୍ନତ ଛଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । 'ଓଡ଼ିଶା ରାଜ୍ୟ ହରିଜନ ଓ ଆଦିବାସୀ ଉନ୍ନୟନ ଅର୍ଥ ନିଗମ ସହାୟତାରେ ହରିଜନ ଓ ଆଦିବାସୀ ମାନଙ୍କୁ ନେଇ ସମନ୍ୱିତ ଦୁଗ୍ଧ ଉତ୍ପାଦନ କେନ୍ଦ୍ରମାନ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ କଟକ, ପୁରୀ, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରେ ସଙ୍କର ଜାତୀୟ ମାଈ ବାଛୁରୀମାନଙ୍କୁ ପୁଷ୍ଟିକର ଦାନା ଯୋଗାଇ ଉନ୍ନତ ଗାଈ ସୃଷ୍ଟି କରାଯାଇଛି ।

## ଥୁଆମୂଳ ରାମପୁରରେ ଇନ୍ଦିରା ଆବାସ ଯୋଜନା

କଳାହାଣ୍ଡି ଜିଲ୍ଲାର ଶୈଳନିବାସ ଭାବେ ଖ୍ୟାତ ଆଦିବାସୀ ବହୁଳ ଥୁଆମୂଳ—ରାମପୁର ପାହାଡ଼ିଆ ଅଞ୍ଚଳରେ ଇନ୍ଦିରା ଆବାସ ଯୋଜନା ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ସୂଚନା ଓ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଏହି ଯୋଜନାନୁଯାୟୀ ସଂପ୍ରତି ୨୩ ଜଣ ବ୍ୟକ୍ତିଙ୍କୁ ଗୃହ ବଣ୍ଟନ କରିଥିଲେ । ଏହା ବ୍ୟତୀତ ଶ୍ରୀ ସିଂହ ୨୭ ଜଣ ବାସହୀନ ଦରିଦ୍ର ଲୋକଙ୍କୁ ୪ ଡେସିମାଲ ଲେଖାଏଁ ଘରଡ଼ିହ ପଟ୍ଟା ଓ ୨୦ ଜଣଙ୍କୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଅନୁଯାୟୀ ଏକ ହଜାର ଟଙ୍କା ଲେଖାଏଁ ଋଣ ସାହାଯ୍ୟ ବଣ୍ଟନ କରିଥିଲେ ।

ଭବାନୀପାଟଣାରୁ ଥୁଆମୂଳ-ରାମପୁର ଯିବା ବାଟରେ ରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ଥାନୀୟ ଗ୍ରାମବାସୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ସମବେତ ଗ୍ରାମବାସୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ କହିଲେ ଯେ, ପୋଡୁଚାଷ କରିବା ଫଳରେ ପରିବେଶ ନଷ୍ଟ ହେବା ସଙ୍ଗେ ସଙ୍ଗେ ବୃଷ୍ଟିପାତରେ ବାଧା ସୃଷ୍ଟି ହେଉଛି । ଏଣୁ ଏହାକୁ ପରିହାର କରି ଅନ୍ୟ ଲାଭ ଜନକ ଧନ୍ଦାରେ ଜୀବିକା ନିର୍ବାହ କରିବା ଲାଗି ଉଦ୍ୟମ କଲେ ବ୍ୟାଙ୍କ ଓ ସରକାର ଆର୍ଥିକ ସାହାଯ୍ୟ ଯୋଗାଇ ଦେବେବୋଲି ସେ ପ୍ରକାଶ କରିଥିଲେ ।

ବାଲିସରା ଗ୍ରାମକୁ ପରିଦର୍ଶନରେ ଯାଇ ଶ୍ରୀ ସିଂହ ୩୩ଟି କୁମ୍ଭାର ପରିବାର ସୁନ୍ଦର ମାଟିପାତ୍ର ନିର୍ମାଣ କରୁଥିବାର ଲକ୍ଷ୍ୟ କରିଥିଲେ । ଉତ୍ପାଦିତ ପାତ୍ରଗୁଡ଼ିକୁ ବିକ୍ରୟ କରି ସେମାନେ ଜୀବିକା ନିର୍ବାହ କରୁଥିବାରୁ ଶ୍ରୀ ସିଂହ ସନ୍ତୋଷ ପ୍ରକାଶ କରିଥିଲେ । ଏକ ଗ୍ରାମ୍ୟ କାରିଗରମାନେ ଅଧିକ ଆର୍ଥିକ ସାହାଯ୍ୟ ପାଇଲେ ଏହି ଗୋଷ୍ଠୀ କର୍ମଶାଳା ନିର୍ମାଣ କରିବେ ବୋଲି ଶ୍ରୀ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରସ୍ତାବିତ ଏହି କର୍ମଶାଳାରେ ୩୩ଟି ପରିବାରର ଲୋକେ ଏକତ୍ର ମିଶି ବିଭିନ୍ନ କାରୁକାର୍ଯ୍ୟ ଖଚିତ ମାଟିପାତ୍ର ନିର୍ମାଣ କରି ଜିଲ୍ଲା ବାହାରକୁ ରପ୍ତାନୀ କରିବାର ପରିକଳ୍ପନା କରିଛନ୍ତି ବୋଲି ପ୍ରକାଶ କରିଥିଲେ ।

ଏହାପରେ ଥୁଆମୂଳଠାରେ ଶ୍ରୀ ସିଂହ କଫିଚାଷ ପରିଦର୍ଶନ କରିଥିଲେ । ସେ ସ୍ଥାନୀୟ ମହିଳାମାନଙ୍କୁ ପଲ୍ଲୀ ବସ୍ତ୍ର ଓ ଏଣ୍ଡିଚାଷ ଭଳି କୁଟୀର ଶିଳ୍ପରେ ନିୟୋଜିତ ହେବାକୁ ଏବଂ ପୁରୁଷମାନଙ୍କୁ ମଦ୍ୟପାନ ଭଳି କୁଅଭ୍ୟାସରୁ ନିବୃତ୍ତ ହେବା ଲାଗି ପରାମର୍ଶ ଦେଇଥିଲେ ।

ସେ ଦିନ ସନ୍ଧ୍ୟାରେ ଭବାନୀପାଟଣା ପୌର ପରିଷଦ ଦ୍ୱାରା ପରିଚାଳିତ ତାରିଣୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ ଶ୍ରୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

## ଗାଈ ଗୋରୁଙ୍କ ସାଧାରଣ ରୋଗର ଚିକିତ୍ସା

କଟକ ସଘନ ଗୋ-ଉନ୍ନୟନ ଯୋଜନାଞ୍ଚଳରେ ଗତ ଜାନୁୟାରୀ ମାସରେ ୨୦୦୮ଟି ଗାଈଙ୍କୁ କୃତ୍ରିମ ପ୍ରଜନନ ଉପାୟରେ ଗର୍ଭାଧାନ କରାଯାଇଥିଲା ଏବଂ ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରୁ ଏହି ମାସରେ ୪୯୪ଟି ଅଣ୍ଡିରା ଓ ୪୯୪ଟି ମାଈ, ଏପରି ମୋଟ ୯୮୮ଟି ଉନ୍ନ ସଙ୍କର ବାଛୁରୀ ଜନ୍ମି ଥିଲେ । ଏହି ସମୟରେ ୨୫ଟି ଅଣ୍ଡିରା ବାଛୁରୀଙ୍କର ଧରାଣ କରାଯାଇ ୬୭୫୪ଟି ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ପ୍ରତିଷେଧକ ଟିକା ଦିଆଯାଇଥିଲା । ଉକ୍ତ ମାସରେ ୧୯,୯୪୦ଟି ଗୋରୁଙ୍କର ସାଧାରଣ ରୋଗର ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୩୮୫୦ଟି ଘାସବୁଦା ଓ ୩୬ କେ: ଜି: ଘାସମଞ୍ଜି ଯୋଗାଯାଇ ୭ ଏକର ୫୦ ଡେସିମିଲ ପରିମିତ ୩୭ଟି ବ୍ୟକ୍ତିଗତ ପ୍ଲଟରେ ଘାସଚାଷ କରାଯାଇଛି ।

## ମୃତ୍ତିକା ସଂରକ୍ଷଣ ସଂସ୍ଥା ପରଫରୁ ବୃକ୍ଷ ରୋପଣ

ଚଳିତ ଆର୍ଥିକ ବର୍ଷରେ ବୃକ୍ଷରୋପଣ, ଆଡ଼ିବନ୍ଧ ଓ ଜଳମଣ୍ଡ ନିର୍ମାଣ, କ୍ଷେତ ମଧ୍ୟରେ ଚୁଆ ଖନନ ଓ ଝରଣା କୂଳ ମୃତ୍ତିକା କ୍ଷୟ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତନ୍ମଧ୍ୟରୁ ୧୦,୧୭୯ ହେକ୍ଟର ଜମିରେ ବୃକ୍ଷରୋପଣ, ୪୩୮ ହେକ୍ଟର ଜମିରେ ଉନ୍ନୟନ, , ୧୪୪ଟି ଆଡ଼ିବନ୍ଧ ନିର୍ମାଣ, ୮୩ କିଲୋମିଟର ଝରଣା କୂଳ ମୃତ୍ତିକା କ୍ଷୟ ନିୟନ୍ତ୍ରଣ ଓ ୩୭୫ ହେକ୍ଟର ଚାରଣ ଭୂମିର ବିକାଶ ସାଧନ କରାଯାଇଛି । ଜଳ ସେଚନର ସୁବିଧା ନିମନ୍ତେ ୩୧୮ଟି ସ୍ଥାନରେ ଜଳମଣ୍ଡ ନିର୍ମାଣ କରାଯାଇ ଅଧିକ ୬,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇ ପାରିଛି ।

ଆସନ୍ତା ଆର୍ଥିକ ବର୍ଷରେ କେନ୍ଦ୍ର ପ୍ରବର୍ତ୍ତିତ ଜାତୀୟ ଜଳମଣ୍ଡ ବିକାଶ ଯୋଜନା କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ୧୭ ହଜାର ହେକ୍ଟର ଜମିରେ ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ କାର୍ଯ୍ୟକ୍ରମ ରହିଛି ।

## ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର

ପରିବେଶ ସୁରକ୍ଷା କ୍ଷେତ୍ରରେ ସର୍ବୋତ୍କୃଷ୍ଟ କାର୍ଯ୍ୟ ଲାଗି ପ୍ରତି ଜିଲ୍ଲାର ଗୋଟିଏ ଗ୍ରାମ ଓ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଗତବର୍ଷଠାରୁ 'ପ୍ରକୃତି ମିତ୍ର' ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଛି । ଏହି ଆର୍ଥିକ ପୁରସ୍କାରର ପରିମାଣ ୫ ହଜାର ଟଙ୍କା । ଏ ବର୍ଷ ମଧ୍ୟ ଉପରୋକ୍ତ ପୁରସ୍କାର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପରିବେଶ ସଂରକ୍ଷଣ ତଥା ପରିବେଶ ସଚେତନତା ବୃଦ୍ଧି ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ବ୍ୟକ୍ତି ବିଶେଷଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରାଯିବ । ଏହାର ପରିମାଣ ଏକ ହଜାର ଟଙ୍କା ରଖାଯାଇଛି । ନିଜ ଉଦ୍ୟମରେ ବା ଅନ୍ୟମାନଙ୍କୁ ଉତ୍ସାହିତ କରି ବୃକ୍ଷ ରୋପଣ, ଜଙ୍ଗଲ ସୁରକ୍ଷା ଓ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ବନ୍ୟ ପଶୁପକ୍ଷୀଙ୍କର ସଂରକ୍ଷଣ, ଅକ୍ଷୟ ଶକ୍ତିର ବ୍ୟବହାର ଓ ପ୍ରସାର, ଜଳ ଓ ମୃତ୍ତିକା ସଂରକ୍ଷଣ, ପରିମଳ ଓ ପରିଚ୍ଛନ୍ନତା ବୃଦ୍ଧି, ଜନସଂଖ୍ୟା ନିୟନ୍ତ୍ରଣ, ଚାରଣ ଭୂମିର ସୁରକ୍ଷା ଇତ୍ୟାଦି ପାଇଁ ଏହି 'ପ୍ରକୃତି ବନ୍ଧୁ' ପୁରସ୍କାର ଦିଆଯିବ ।

ଉପରୋକ୍ତ ଉଭୟ ପୁରସ୍କାର ଆସନ୍ତା ଜୁନ୍ ୫ ତାରିଖ ଦିନ ବିଶ୍ୱ ପରିବେଶ ଦିବସ ପାଳନ ସମୟରେ ପ୍ରଦାନ କରାଯିବ । ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିବେଶ ସମିତିର ଚେୟାରମ୍ୟାନ୍, ଜିଲ୍ଲା ପରିବେଶ ସମିତିର ସଂପାଦକ ଓ ନେହେରୁ ଯୁବକେନ୍ଦ୍ରର ସଂଯୋଜକମାନଙ୍କୁ ଏ ସଂପର୍କରେ ରାଜ୍ୟ ବିଜ୍ଞାନ କାରୀଗରି ଓ ପରିବେଶ ବିଭାଗ ତରଫରୁ ଜଣାଇଦିଆ ଯାଇଛି ।

'ପ୍ରକୃତି ବନ୍ଧୁ' ପୁରସ୍କାର ସଂପର୍କରେ ଜିଲ୍ଲାପାଳଙ୍କ ନିକଟରେ ସୁପାରିଶ୍ ଅପ୍ରେଲ ୨୫ ତାରିଖ ଓ 'ପ୍ରକୃତି ମିତ୍ର' ପୁରସ୍କାର

ସଂପର୍କରେ ଜିଲ୍ଲା ପରିବେଶ ସମିତିର ସୁପାରିଶ ଓ ସରକାରଙ୍କ ଠାରେ ପହଞ୍ଚିବା ଶେଷ ତାରିଖ ମଇ ୫ ତାରିଖ ରଖାଯାଇଛି ।

## ଆଇ.ଆର.ଡ଼ି କାର୍ଯ୍ୟକ୍ରମ ପ୍ରଣାଳୀ ସନ୍ତୋଷ ଜନକ

ଓଡ଼ିଶାରେ ଆଇ. ଆର. ଡ଼ି. ହିତାଧିକାରୀମାନଙ୍କୁ ବାଛିବା ସମୟରେ କଡ଼ାକଡ଼ି ଭାବରେ ସମାଜର ଦରିଦ୍ରତମ ଲୋକଙ୍କୁ ବଛାଯାଉଛି ବୋଲି ଏକ ସର୍ବଭାରତୀୟ ସମୀକ୍ଷାରୁ ପ୍ରକାଶ । ଜାତୀୟ ସ୍ତରରେ ବାର୍ଷିକ ୨,୨୬୫ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ମଧ୍ୟରୁ ଶତକଡ଼ା ୬୧ ଭାଗ ଆଇ. ଆର. ଡ଼ି. ହିତାଧିକାରୀଙ୍କୁ ବଛା ଯାଉଥିବା ବେଳେ ରାଜ୍ୟରେ ଏହି ଆୟକାରୀଙ୍କ ମଧ୍ୟରୁ ଶତକଡ଼ା ୮୨ ଭାଗ ହିତାଧିକାରୀଙ୍କୁ ବଛାଯାଉଛି । ଓଡ଼ିଶାରେ ବାର୍ଷିକ ୩୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରୁଥିବା କୌଣସି ବ୍ୟକ୍ତିଙ୍କୁ ଆଇ. ଆର. ଡ଼ି. ସାହାଯ୍ୟ ପାଇବା ପାଇଁ ବଛାଯାଉ ନାହିଁ ବୋଲି ଏହି ସମୀକ୍ଷାରୁ ମଧ୍ୟ ଜଣାଯାଇଛି ।

ପ୍ରତି ମାସରେ ଓଡ଼ିଶା ସମେତ ସମଗ୍ର ଦେଶର ୩୬ଟି ଜିଲ୍ଲାରେ ୭୨ଟି ବ୍ଲକ୍‌ର ୧୪୪୦ ଜଣ ଆଇ. ଆର. ଡ଼ି. ହିତାଧିକାରୀଙ୍କ ସଂପର୍କରେ ଏକ ସର୍ବଭାରତୀୟ ମୂଲ୍ୟାୟନ କରାଯାଉଛି । କେନ୍ଦ୍ର ଗ୍ରାମାଞ୍ଚଳ ଉନ୍ନୟନ ବିଭାଗ କେତେକ ସଂସ୍ଥାର ସହାୟତାରେ ଗତ ୧୯୮୫ ଅକ୍ଟୋବର ଠାରୁ ୧୯୮୬ ଜୁନ୍ ପର୍ଯ୍ୟନ୍ତ ୯ ମାସ ଧରି ମୂଲ୍ୟାୟନ କରିଛନ୍ତି । ଆମ ରାଜ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଏହି ସର୍ଭେ କାର୍ଯ୍ୟ କରାଯାଉଛି ।

ରାଜ୍ୟରେ ଆଇ. ଆର. ଡ଼ି. ହିତାଧିକାରୀଙ୍କର ବାର୍ଷିକ ଆୟ ନିର୍ଣ୍ଣୟ କରିବା ବେଳେ ଯେପରି କୌଣସି ଅସଦୁପାୟ କରା ନଯାଏ, ସେ ଦିଗରେ କଡ଼ାକଡ଼ି ପଦ୍ଧତି ଅନୁସରଣ କରାଯାଉଛି । ଏହି ସମୀକ୍ଷାରୁ ଆହୁରି ପ୍ରକାଶ ଯେ ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ଗ୍ରାମ ସଭା ଗୁଡ଼ିକ ଦ୍ୱାରା ଶତକଡ଼ା ୮୦ ଭାଗ ହିତାଧିକାରୀଙ୍କୁ ବଛା ଯାଉଥିବା ସ୍ଥଳେ ଜାତୀୟ ସ୍ତରରେ ଶତକଡ଼ା ୫୮ ଭାଗ ହିତାଧିକାରୀ ଏପରି ସଭା ଦ୍ୱାରା ବଛାଯାଉଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଯେ ରାଜ୍ୟରେ ଆଇ. ଆର. ଡ଼ି. କାର୍ଯ୍ୟକ୍ରମ ଅନୁଯାୟୀ ହିତାଧିକାରୀଙ୍କୁ ବାଛିବା ବେଳେ ଭୁଲ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା ସମ୍ଭାବନାକୁ ବହୁ ପରିମାଣରେ ଏଡ଼ାଇ ଦିଆଯାଇ ପାରିଛି ।

ହିତାଧିକାରୀମାନଙ୍କୁ ବ୍ଲକ୍, ବ୍ୟାଙ୍କ୍ ଓ ଅନ୍ୟାନ୍ୟ ଦପ୍ତର ମାନଙ୍କରେ ଆବଶ୍ୟକୀୟ ସାହାଯ୍ୟ ପ୍ରଦାନ କରାଯିବା ସମୟରେ ହେଉଥିବା ବିଳମ୍ବ ସଂପର୍କରେ ମଧ୍ୟ ଅନୁଧ୍ୟାନ କରାଯାଇଛି । ଅନୁଧ୍ୟାନରୁ ପ୍ରକାଶ ଯେ ଓଡ଼ିଶାର ବ୍ଲକ୍ ସ୍ତରରେ ହାରାହାରି ୧୯୦ ଦିନ ବିଳମ୍ବ ହେଉଥିବା ବେଳେ ଜାତୀୟ ସ୍ତରରେ ୩୩୦ ଦିନ ବିଳମ୍ବ ହେଉଛି । ଆହୁରି ଜଣାଯାଇଛି ଯେ ଓଡ଼ିଶାର ଆଇ. ଆର. ଡ଼ି. ହିତାଧିକାରୀମାନେ ଯଥେଷ୍ଟ ପରିମାଣରେ ଋଣ ଓ ସବ୍‌ସିଡ଼ି ଆକାରରେ ସାହାଯ୍ୟ ପାଉଛନ୍ତି । ରାଜ୍ୟରେ ଏପରି ହିତାଧିକାରୀଙ୍କ ସଂଖ୍ୟା ଶତକଡ଼ା ୯୩ ଭାଗ ଥିବା ବେଳେ ଜାତୀୟ ସ୍ତରରେ ଏମାନଙ୍କ ସଂଖ୍ୟା ଶତକଡ଼ା ୬୮ ଭାଗ ବୋଲି ସମୀକ୍ଷାରୁ ଜଣାଯାଇଛି ।

## ବାଲେଶ୍ୱର ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ରାଜ୍ୟରେ ଗୋତି ଶ୍ରମିକ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଗତମାସ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ୩୨୮ ଜଣ ତପସିଲଭୁକ୍ତ ଜାତି ଓ ୧୧୫ ଜଣ ତପସିଲଭୁକ୍ତ ସମ୍ପ୍ରଦାୟର ଲୋକଙ୍କ ସମେତ ମୋଟ୍ ୯୧୯ଜଣଙ୍କ ଥଇଥାନ କରାଯାଇଛି । ଏ ମଧ୍ୟରେ ଚଳିତ ଆର୍ଥିକ ବର୍ଷର ଗତ ମାସ ଶେଷ ସୁଦ୍ଧା ୬୮ ଜଣ ତପସିଲଭୁକ୍ତ ଜାତି ଓ ୩୦ ଜଣ ତପସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ଥଇଥାନ ହେଉଥିବା ୧୨୭ ଜଣ ଅନ୍ତର୍ଭୁକ୍ତ ଏବଂ ଏ ବାବଦରେ ୭ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟ କରାଯାଇଛି । ଯୋଜନା ଆରମ୍ଭରୁ ଗତମାସ ସୁଦ୍ଧା ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ ବାବଦରେ ମୋଟ୍ ୩୫ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏହି ଯୋଜନା ଆରମ୍ଭରୁ ଗତ ମାସ ଶେଷ ସୁଦ୍ଧା ଜିଲ୍ଲାରେ ଚିହ୍ନଟ କରାଯାଇଥିବା ସମସ୍ତ ୧୧୯୮ ଜଣ ଗୋତି ଶ୍ରମିକଙ୍କୁ ମୁକ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ୫୩୫ଜଣ ତପସିଲଭୁକ୍ତ ଜାତି ଓ ୬୭୪ ଜଣ ତପସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

## ଓଡ଼ିଶାର ପଞ୍ଚାୟତ ଗୁଡ଼ିକର ଆୟ ପନ୍ଥାକୁ ପ୍ରଶଂସା

ଓଡ଼ିଶାରେ ପଞ୍ଚାୟତିରାଜ ଅନୁଷ୍ଠାନର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ଲାଗି ପଞ୍ଜାବରୁ ଆସିଥିବା ଏକ ସରପଞ୍ଚ ପ୍ରତିନିଧି ଦଳ ମାଛଚାଷ ଦ୍ୱାରା ଓଡ଼ିଶା ପଞ୍ଚାୟତଗୁଡ଼ିକର ଆୟ ବୃଦ୍ଧି ପନ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି ।

ଚଣ୍ଡୀଗଡ଼ର ବ୍ଲକ ଉନ୍ନୟନ ଅଧିକାରୀ ସର୍ଦ୍ଦାର ପ୍ରୀତମ ସିଂହ ଜୋହାଲଙ୍କ ନେତୃତ୍ୱରେ ଆସିଥିବା ଏହି ୨୬ ଜଣିଆ ପ୍ରତିନିଧି ଦଳରେ ଆଇନ ବ୍ୟବସାୟୀ, ଗୋପାଳନ ବିଶେଷଜ୍ଞ ଓ କୃଷିବିତମାନେ ରହିଛନ୍ତି । ଏମାନେ ଗତ ୯ଦିନ ଧରି ପୁରୀ, ବ୍ରହ୍ମପୁର କୋଣାର୍କ ଓ କଟକରେ ଥିବା ବିଭିନ୍ନ ପଞ୍ଚାୟତିରାଜ ଅନୁଷ୍ଠାନ, ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଆଦି ବୁଲି ଦେଖିଥିଲେ ।

ଓଡ଼ିଶା ପରିଦର୍ଶନର ଅନୁଭୂତି ସମ୍ପର୍କରେ ପଞ୍ଜାବ ପଞ୍ଚାୟତ ପରିଷଦ ସଭାପତି ସର୍ଦ୍ଦାର ରବିନ୍ଦର ସିଂହ, ଯୁଗ୍ମ ସମ୍ପାଦକ ସର୍ଦ୍ଦାର ଲମ୍ବୋଦର ଗୁରୁଚରଣ ସିଂହ ଗ୍ରେୱାଲ, ଲସୋର ଗ୍ରାମପଞ୍ଚାୟତ ସରପଞ୍ଚ ସର୍ଦ୍ଦାର ମେହର ସିଂହଙ୍କ ସମେତ ଅନ୍ୟମାନେ କହିଛନ୍ତି ଯେ, ଓଡ଼ିଶାର ସରଳ ଜନସାଧାରଣ ସେମାନଙ୍କୁ ଅତୁଳ ସୌହାର୍ଦ୍ଦ ଓ ଆତିଥ୍ୟ ପ୍ରଦର୍ଶନ କରିଛନ୍ତି । ଏଠାରେ ମାଛଚାଷ ତରିଆରେ ପଞ୍ଚାୟତର ଆୟବୃଦ୍ଧି କରିବା ବ୍ୟବସ୍ଥା ସେମାନଙ୍କୁ ଆକୃଷ୍ଟ କରିଛି । ବି. ଡ଼ି. ଓ. ଏବଂ ପ୍ରତିନିଧି ଦଳର ସମସ୍ତ ସଦସ୍ୟ ପଞ୍ଚାୟତଗୁଡ଼ିକୁ ଅଧିକା କ୍ଷମତା ପ୍ରଦାନ ଏବଂ ସରପଞ୍ଚମାନଙ୍କୁ ଅଧିକ ଭତ୍ତା ପ୍ରଦାନ ସପକ୍ଷରେ ମତ ଦେଇଛନ୍ତି । ପଞ୍ଚାୟତରାଜ

ଗ୍ରାମାଞ୍ଚଳରେ ଅଧିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି ।

ଗତକାଲି ଏହି ପ୍ରତିନିଧିଦଳ ରାଜ୍ୟ ସୂଚନା ଓ ଲୋକ ସଂପର୍କ ଏବଂ ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ସିଂହ, ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହବିବୁଲ୍ଲା ଖାଁ, ସଂସଦ ବ୍ୟାପାର, ବିଦ୍ୟୁତ୍ ଓ ଜଳସେଚନ ମନ୍ତ୍ରୀ ଶ୍ରୀ ମତଲୁବ ଅଲ୍ଲୀ, ଶିଳ୍ପ, ବିଜ୍ଞାନ ଓ କାରିଗରୀ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହ ଏକ ନୈଶ୍ୟ ଭୋଜିରେ ସାକ୍ଷାତ କରି ସେମାନଙ୍କ ଓଡ଼ିଶା ଭ୍ରମଣର ଅନୁଭୂତି ସଂପର୍କରେ ବର୍ଣ୍ଣନା କରିଥିଲେ । ଆଜି ସେମାନେ ଓଡ଼ିଶା ବିଧାନସଭାର ବୈଠକ ମଧ୍ୟ ଦେଖିଥିଲେ ।

## ଚାକିରୀ ଅନ୍ବେଷଣ କାରୀଙ୍କୁ ବୃତ୍ତିଗତ ମାର୍ଗ ପରାମର୍ଶ

ଜିଲ୍ଲା କର୍ମ ଯୋଗାଣ ସଂସ୍ଥା ନାମ ରେଜେଷ୍ଟ୍ରିକରଣ ଓ ରେଜେଷ୍ଟ୍ରିଭୁକ୍ତ ନାମ ସୁପାରିଶ ସମେତ ବହୁ ବେକାରଙ୍କ ଫଳପ୍ରଦ ନିଯୁକ୍ତି ପାଇଁ ବୃତ୍ତିଗତ ମାର୍ଗ ନିମନ୍ତେ ପରାମର୍ଶ ଦେଇଥାଏ । ବେକାର ବ୍ୟକ୍ତି ଓ ସ୍କୁଲ-କଲେଜର ଛାତ୍ର ଛାତ୍ରୀମାନଙ୍କୁ ବୃତ୍ତିଗତ ମାର୍ଗ ପ୍ରଦର୍ଶନ ପାଇଁ ତାଲିମ ସୁବିଧା ତଥା ସାମ୍ଭାବ୍ୟ ଜୀବିକା ଉପାର୍ଜନ ଓ ଆତ୍ମ ନିଯୁକ୍ତି ସଂପର୍କରେ ଏହି ସଂସ୍ଥା ତରଫରୁ ସୂଚନା ଦିଆଯାଇଥାଏ ।

ଏହି ଅନୁଯାୟୀ ସଂସ୍ଥା ତରଫରୁ ୧୯୮୬ ମସିହାରେ ୩୨,୧୩୩ ଜଣ ବ୍ୟକ୍ତିଗତ ଭାବେ ଏବଂ ୧,୭୬୩ ଜଣ ଦରଖାସ୍ତକାରୀ ରେଜେଷ୍ଟ୍ରିକରଣ ସମୟରେ ବୃତ୍ତିଗତ ମାର୍ଗ ସଂପର୍କରେ ସୂଚନା ପାଇଥିଲେ । ସେହିପରି ଆୟୋଜିତ ୩,୦୪୮ଟି ଆଲୋଚନା ବୈଠକରେ ୨୦,୬୫୪ ଜଣ ଦରଖାସ୍ତକାରୀ ଯୋଗ ଦେଇଥିଲେ । ଏହାଛଡ଼ା ସ୍କୁଲ ଓ କଲେଜରେ ୩୧୬ଟି ଶିକ୍ଷାଗତ ଆଲୋଚନା ବୈଠକର ଆୟୋଜନ କରାଯାଇଥିଲା । ୭,୯୭୫ ଜଣ ଦରଖାସ୍ତକାରୀଙ୍କୁ ଶିକ୍ଷାନବୀଶ ତାଲିମ ନିମନ୍ତେ ମଧ୍ୟ ପ୍ରେରଣା ଦିଆଯାଇଥିଲା ।

## ଜନସାଧାରଣଙ୍କୁ ବ୍ୟାଙ୍କ୍ ସେବା ସୁବିଧା ଯୋଗାଣ

ଜନସାଧାରଣଙ୍କୁ ଅଧିକ ସେବା ଯୋଗାଇ ଦେବାପାଇଁ ରାଜ୍ୟରେ ବର୍ତ୍ତମାନ ୨୪ଟି ଜାତୀୟକରଣ ବ୍ୟାଙ୍କ ଓ ୯ଟି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ କାର୍ଯ୍ୟ କରୁଛି । ଉକ୍ତ ବ୍ୟାଙ୍କଗୁଡ଼ିକର ଯଥାକ୍ରମେ ୯୬୮ଟି ଓ ୭୮୦ଟି ଶାଖା, ଏହିପରି ମୋଟ ୧,୭୪୮ଟି ଶାଖା ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି । ତନ୍ମଧ୍ୟରେ କଟକ ଜିଲ୍ଲାରେ ୩୧୭ଟି, ପୁରୀ ଜିଲ୍ଲାରେ ୨୨୨ଟି, ବାଲେଶ୍ୱର ଜିଲ୍ଲାରେ ୧୬୪ଟି, ବଲାଙ୍ଗୀର ଜିଲ୍ଲାରେ ୮୪ଟି, ଢେଙ୍କାନାଳ ଜିଲ୍ଲାରେ ୧୧୪ଟି, ଫୁଲବାଣୀ ଜିଲ୍ଲାରେ ୫୪ଟି, କଳାହାଣ୍ଡି ଜିଲ୍ଲାରେ ୯୦ଟି, ଗଞ୍ଜାମ ଜିଲ୍ଲାରେ ୧୮୫ଟି, କେନ୍ଦୁଝର ଜିଲ୍ଲାରେ ୬୯ଟି, ମୟୂରଭଞ୍ଜ ଜିଲ୍ଲାରେ ୧୦୩ଟି, କୋରାପୁଟ ଜିଲ୍ଲାରେ ୧୪୩ଟି, ସମ୍ବଲପୁର ଜିଲ୍ଲାରେ ୧୨୯ଟି ଓ ସୁନ୍ଦରଗଡ଼ ଜିଲ୍ଲାରେ ୯୪ଟି ଶାଖା ବ୍ୟାଙ୍କ ଅନ୍ତର୍ଭୁକ୍ତ ।

## ଅନୁଷ୍ଠାନିକ ଋଣ ପ୍ରଦାନ

ରାଜ୍ୟରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା :— କୃଷି ଓ ତତ୍‌ସମ୍ବନ୍ଧୀୟ କାର୍ଯ୍ୟକ୍ରମ, କ୍ଷୁଦ୍ରଶିଳ୍ପ, ଖୁଚୁରା ବେପାର ଓ କ୍ଷୁଦ୍ର ବ୍ୟବସାୟ ପ୍ରଭୃତି ପାଇଁ ୧୯୮୬ ମସିହାରେ ୩୫୬ କୋଟି ୪୪ ଲକ୍ଷ ଟଙ୍କା ଋଣ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତନ୍ମଧ୍ୟରୁ ଗତ ସେପ୍‌ଟେମ୍ବର ମାସ ଶେଷସୁଦ୍ଧା ୨୧୦ କୋଟି ୬୧ ଲକ୍ଷ ଟଙ୍କା ଋଣ ଦିଆଯାଇଛି । ଏଥିରେ ଉପକୃତ ହୋଇଥିବା ଲୋକମାନଙ୍କ ସଂଖ୍ୟା ହେଉଛି ୬ ଲକ୍ଷ ୫ ହଜାର ୫୯ । ଯୋଗାଇ ଦିଆଯାଇଥିବା ମୋଟ ଋଣ ମଧ୍ୟରୁ ଶସ୍ୟଋଣ ବାବଦରେ ୬୦ କୋଟି ୬୫ ଲକ୍ଷ ଟଙ୍କା ମିଆଦୀ ଋଣପାଇଁ ୨୨ କୋଟି ୫୯ ଲକ୍ଷ ଟଙ୍କା, କୃଷି ସମ୍ବନ୍ଧୀୟ ଋଣ ୧୬ କୋଟି ୮୦ ଲକ୍ଷ ଟଙ୍କା, କ୍ଷୁଦ୍ରଶିଳ୍ପ ବାବଦରେ ୫୫ କୋଟି ୪୦୯ ଲକ୍ଷଟଙ୍କା ଓ ଅନ୍ୟାନ୍ୟ ବାବଦରେ ୫୫ କୋଟି ୮ ଲକ୍ଷ ଟଙ୍କା ଋଣ ଦିଆଯାଇଛି ।

ପ୍ରକାଶ ଥାଉକି, ୧୯୮୫ ମସିହାରେ ରାଜ୍ୟରେ ୯ ଲକ୍ଷ ୧୫ ହଜାର ୬୨୯ ଜଣ ବ୍ୟକ୍ତିଙ୍କୁ ୨୭୪ କୋଟି ୪୦ ଲକ୍ଷ ଟଙ୍କା ଅଗ୍ରାଧିକାର ଭିତ୍ତିରେ ଆନୁଷ୍ଠାନିକ ଋଣ ଦିଆଯାଇଥିଲା ।

## ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସୂଚନା ରାଷ୍ଟ୍ର ମନ୍ତ୍ରୀଙ୍କ କୋରାପୁଟ ଓ କଳାହାଣ୍ଡିର ରୋଗଗ୍ରସ୍ତ ଅଞ୍ଚଳ ପରିଦର୍ଶନ

କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର କେତେକ ରୋଗଗ୍ରସ୍ତ ଅଞ୍ଚଳକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏବଂ ସୂଚନା ଓ ଲୋକ ସମ୍ପର୍କ ତଥା ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ସିଂହ ସମ୍ପ୍ରତି ତିନିଦିନିଆ ଗସ୍ତରେ ଯାଇ ପ୍ରପୀଡ଼ିତ ଲୋକଙ୍କ ଚିକିତ୍ସା ଓ ରୋଗ ପ୍ରତିଷେଧକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ମନ୍ତ୍ରୀ ଦ୍ୱୟଙ୍କ ସହିତ ଲୋକସଭା ସଦସ୍ୟ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ସ୍ୱାସ୍ଥ୍ୟ ଶାସନ ସଚିବ, ବିଭାଗୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସମ୍ପୃକ୍ତ ଜିଲ୍ଲାପାଳ ଏବଂ ସ୍ଥାନୀୟ ବିଧାୟକମାନେ ଗସ୍ତ କରିଥିଲେ । ସେମାନେ ଲଂଜିଗଡ଼ ବ୍ଲକର ବିଶ୍ୱନାଥପୁର, ଲଂଜିଗଡ଼ ଓ ଦୁର୍ଗମ ଜଙ୍ଗଲ ପରିବେଷ୍ଟିତ ବେନଗାଁଓ ପ୍ରଭୃତି କେତେକ ଗ୍ରାମକୁ ଯାଇ ରୋଗ ପ୍ରପୀଡ଼ିତ ଲୋକଙ୍କୁ ଡାକ୍ତରୀ ଚିକିତ୍ସାର ସୁଯୋଗ ନେବାପାଇଁ ପ୍ରବର୍ତ୍ତାଇଥିଲେ । ମନ୍ତ୍ରୀଙ୍କ ଉପସ୍ଥିତିରେ କେତେକ ରୋଗୀଙ୍କୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସ୍ଥାନୀୟ ଡାକ୍ତରଖାନାକୁ ପଠାଯାଇ ସେମାନଙ୍କ ଆଶୁ ଚିକିତ୍ସାର ବନ୍ଦୋବସ୍ତ କରାଯାଇଥିଲା । ପ୍ରପୀଡ଼ିତ ଅଞ୍ଚଳର ସ୍ଥାନୀୟ ଜନସାଧାରଣଙ୍କୁ ମନୋବଳ ନ ହରାଇବା ପାଇଁ ସେମାନେ ଆଶ୍ୱାସନା ଦେବା ସଙ୍ଗେ ସଙ୍ଗେ ରୋଗର

ଯେପରି ସଂକ୍ରମଣ ନ ହୁଏ, ସେ ଦିଗରେ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମନ୍ତ୍ରୀଦ୍ୱୟ କର୍ତ୍ତବ୍ୟରତ ଚିକିତ୍ସକ ଦଳଙ୍କୁ ପରାମର୍ଶ ଦେଇଥିଲେ । ସେସବୁ ଅଞ୍ଚଳରେ ଗଞ୍ଜାମ, ଫୁଲବାଣୀ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଅଭିଜ୍ଞ ଡାକ୍ତରମାନଙ୍କ ନେତୃତ୍ୱରେ ଚିକିତ୍ସକ ଦଳମାନେ ରୋଗୀମାନଙ୍କର ଚିକିତ୍ସା କରୁଥିବାର ସେମାନେ ବୁଲି ଦେଖିଥିଲେ । ଏହିସବୁ ଚିକିତ୍ସକଦଳଙ୍କୁ ନେହେରୁ ଯୁବକେନ୍ଦ୍ର, କଂଗ୍ରେସ ସେବାଦଳ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ସମେତ ବିଧାୟକ ଶ୍ରୀ ହୃମରମଣି ଶବର, ପଞ୍ଚାୟତ ସମିତି ଚେୟାରମ୍ୟାନ ଉପାଧ୍ୟକ୍ଷ ଓ ସରପଞ୍ଚମାନେ ସାହାଯ୍ୟ କରୁଥିବାରୁ ମନ୍ତ୍ରୀଦ୍ୱୟ ସେମାନଙ୍କର ଉଦ୍ୟମର ପ୍ରଶଂସା କରିଥିଲେ ।

ଏହି ଦୁଇଜିଲ୍ଲାର ରୋଗାକ୍ରାନ୍ତ ଅଞ୍ଚଳରେ ସରକାରଙ୍କ ତରଫରୁ ଚଳିତ ମାସ ପ୍ରାରମ୍ଭରୁ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ବ୍ୟାପକ ଭାବରେ କରାଯାଉଥିବା ଯୋଗୁ ମନ୍ତ୍ରୀ ଓ ପଦସ୍ଥ ଅଫିସରଙ୍କ ଦ୍ୱାରା ସେସବୁ କାର୍ଯ୍ୟର ତନାଘନା ଅନୁଧ୍ୟାନ କରାଯାଉଥିବାରୁ ଅବସ୍ଥାର ଯଥେଷ୍ଟ ଉନ୍ନତି ଘଟିଛି । ଏହା ବ୍ୟତୀତ ସ୍ଥାନୀୟ ଲୋକମାନଙ୍କ ମନରେ ଅହେତୁକ ଆଶଙ୍କା କ୍ରମଶଃ ଦୂର ହେଉଥିବାର ମନ୍ତ୍ରୀମାନେ ଲକ୍ଷ୍ୟ କରିଥିଲେ ।

ଏହି ଅବସରରେ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହ ଅପର କୋଲାବ ସେଚ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ । ସେଠାରେ ସମବେତ ଜନତାଙ୍କୁ ଆଦିବାସୀମାନେ ଯେପରି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ କ୍ଷତିଗ୍ରସ୍ତ ନ ହୁଅନ୍ତି, ସେ ଦିଗରେ ପ୍ରବର୍ତ୍ତାଇବା ପାଇଁ ଶ୍ରୀ ସିଂହ ଅନୁରୋଧ କରିଥିଲେ ।

## ୩୧ ଲକ୍ଷରୁ ଅଧିକ କୃଷକ ପରିବାର ସମବାୟ ପରିସରଭୁକ୍ତ

ଚଳିତ ଆର୍ଥିକ ବର୍ଷରେ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କ ପାଖରେ କୃଷି ସାମଗ୍ରୀ ପହଞ୍ଚାଇ ଦିଆଯିବା ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି । ରାଜ୍ୟର ୩୬ ଲକ୍ଷ ୭୨ ହଜାର କୃଷକ ପରିବାରଙ୍କ ମଧ୍ୟରୁ ୩୧ ଲକ୍ଷ ୪୯ ହଜାର ପରିବାରଙ୍କୁ ସମବାୟ ପରିସରଭୁକ୍ତ କରାଯାଇ ପାରିଛି । ତନ୍ମଧ୍ୟରୁ ଶତକଡ଼ା ୭୦ ଭାଗରୁ ଅଧିକ ଅର୍ଥାତ୍ ୨୨ ଲକ୍ଷ ୨୧ ହଜାର ପରିବାର ହେଉଛନ୍ତି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକ । ସପ୍ତମ ଯୋଜନାରେ ସମସ୍ତ କୃଷକ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ବିଭିନ୍ନ ସମୟରେ ହେଉଥିବା ଫସଲ ପାଇଁ ଚଳିତ ଆର୍ଥିକ ବର୍ଷରେ ସ୍ୱଳ୍ପ ମିଆଦୀ ଋଣ ସୂତ୍ରରେ ପ୍ରାୟ ୮୦ କୋଟି ଟଙ୍କା ବ୍ୟୟ କରାଯାଉଛି । ୧୯୮୫-୮୬ରେ ଏହି ବାବଦରେ ୪୮ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ଆସନ୍ତା ଆର୍ଥିକ ବର୍ଷରେ, ଅର୍ଥାତ୍ ୧୯୮୭-୮୮ରେ ଚାଷୀମାନଙ୍କୁ ମଧ୍ୟମ ଓ ଦୀର୍ଘ ମିଆଦୀ ଋଣ ସୂତ୍ରରେ ୨୨ କୋଟି ଟଙ୍କା ଦେବାକୁ ପରିକଳ୍ପନା ରହିଛି ;

## 'ମା' ଓ ଶିଶୁ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ

'ମା', ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ପ୍ରତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବିଶେଷ ଧ୍ୟାନ ଦେଉଛନ୍ତି । ଗତ ଡିସେମ୍ବର ମାସରେ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୩୮,୮୪ ଜଣଙ୍କୁ ପ୍ରଥମ ମାତ୍ରା, ୩୨,୯୬୮ ଜଣଙ୍କୁ ଦ୍ୱିତୀୟ ମାତ୍ରା ଓ ୩,୮୮୩ ଜଣଙ୍କୁ ପୂର୍ଣ୍ଣମାତ୍ରା ଡି. ପି. ଟି ଇଂଜେକ୍ସନ୍ ଦିଆଯାଉଛି । ସେହିପରି ୩ ବର୍ଷରୁ ୫ ବର୍ଷ ମଧ୍ୟରେ ଥିବା ୩୯,୪୮୬ ଜଣ ଶିଶୁଙ୍କୁ ପ୍ରଥମ ମାତ୍ରା , ୨୨,୨୧୬ଜଣ ଶିଶୁଙ୍କୁ ଦ୍ୱିତୀୟ ମାତ୍ରା ଓ ୩,୧୯୪ ଜଣ ଶିଶୁଙ୍କୁ ପୂର୍ଣ୍ଣମାତ୍ରା ଡିପ୍‌ଥେରିଆ ପ୍ରତିଶେଷଧକ ଟିକା ଦିଆଯାଇଛି । ଏହି ମାସରେ ୬୪,୧୩୮ ଜଣ ଶିଶୁଙ୍କୁ ପ୍ରଥମ ୫୦,୩୫୯ ଜଣ ଶିଶୁଙ୍କୁ ଦ୍ୱିତୀୟ, ୭୬୭ଜଣ ଶିଶୁଙ୍କୁ ତୃତୀୟ ଓ ୫,୬୦୪ ଜଣ ଶିଶୁଙ୍କୁ ପୂର୍ଣ୍ଣମାତ୍ରା ପୋଲିଓ ପ୍ରତିଷେଧକ ଟିକା ଦିଆଯାଇଛି । ଏହା ବ୍ୟତୀତ ୩୨,୪୬୫ ଜଣଙ୍କୁ ପ୍ରଥମ ମାତ୍ରା ଓ ୨୫,୪୭୫ ଜଣଙ୍କୁ ଦ୍ୱିତୀୟ ମାତ୍ରା, ଜଣଙ୍କୁ ନିମୋନିଆ ରୋଗ ପ୍ରତିଷେଧକ ଟିକା ଦିଆଯାଇଛି । ଦଶ ବର୍ଷର '୨୨,୩୧୨ ଜଣଙ୍କୁ ପ୍ରଥମ ମାତ୍ରା ଓ ୧୬,୭୩୯ ଜଣଙ୍କୁ ଦ୍ୱିତୀୟ ମାତ୍ରା ଧନୁଷ୍ଟଙ୍କାର ରୋଗ ପ୍ରତିଷେଧକ ଇଂଜେକ୍ସନ ଦଆଯାଉଛି ।

ଜୀବସାର 'କ' ଅଭାବ ଜନିତ ସ୍ୱାସ୍ଥ୍ୟହାନୀ ଘଟିଥିବା ୨ ଲକ୍ଷ ୩୧ ହଜାର ୧୦୭ ଜଣଙ୍କର ଚିକିତ୍ସା କରାଯାଇଛି । ସେହିପରି ପୁଷ୍ଟିସାର ଅଭାବ ଜନିତ ରକ୍ତହୀନତା ରୋଗରେ ପୀଡ଼ିତ ଥିବା ୩୭,୫୨୮ ଜଣ ମହିଳା, ୩୦,୪୧୬ ଜଣ ମା' ଓ ୩୪,୭୯୬ ଜଣ ଶିଶୁଙ୍କର ଚିକିତ୍ସା କରାଯାଇଛି । ଏହି ମାସରେ ୮,୫୨୭ ଜଣଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟିକା ଏବଂ ଏବଂ ୩୩,୯୦୦ ଜଣଙ୍କୁ ମିଳମିଳା ପ୍ରତିଷେଧକ ଟିକା ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଏକ ସମୀକ୍ଷାରୁ ଜଣାଯାଇଛି ।

## ଗୋତି ଶ୍ରମିକ ଥଇଥାନ

ରାଜ୍ୟରେ ଗୋତି ଶ୍ରମିକଙ୍କ ଥଇଥାନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଗତମାସ ସୁଦ୍ଧା ୫୨ ଲକ୍ଷ ଟଙ୍କା ବ୍ୟୟରେ ଗଞ୍ଜାମ ଜିଲ୍ଲାରେ ୪୪୩ ଜଣ ତଫସିଲଭୁକ୍ତ ଜାତି ଓ ୨୦୪ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୧,୩୯୫ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏ ମଧ୍ୟରେ ଚଳିତ ଆର୍ଥିକ ବର୍ଷର ଗତ ମାସ ସୁଦ୍ଧା ୩୨ ଜଣ ତଫସିଲଭୁକ୍ତ ଜାତି ଓ ୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ଥଇଥାନ ହୋଇଥିବା ୬୮ ଜଣ ଗୋତି ଶ୍ରମିକ ଅନ୍ତର୍ଭୁକ୍ତ । ଚଳିତ ଆର୍ଥିକ ବର୍ଷରେ ଏହି ଗୋତି ଶ୍ରମିକଙ୍କ ଥଇଥାନ ବାବଦରେ ୬ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟ କରାଯାଇଛି । ଗତ ମାସ ସୁଦ୍ଧା ଜିଲ୍ଲାରେ ୬୧୮ ଜଣ ତଫସିଲଭୁକ୍ତ ଜାତି ଓ ୩୦୩ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ଚିହ୍ନଟ ହୋଇଥିବା ସମସ୍ତ ୧,୮୯୫ ଜଣଙ୍କୁ ଗୋତିମୁକ୍ତ କରାଯାଇଛି । ଚଳିତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୧୨୪ ଜଣ ଶ୍ରମିକଙ୍କୁ ଗୋତିମୁକ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ୪୭ ଜଣ ତଫସିଲଭୁକ୍ତ ଜାତି ଓ ୩୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

# ଉତ୍କଳର ବରପୁତ୍ର ନୀଳମଣି ବିଦ୍ୟାରତ୍ନ

**ଶ୍ରୀ ଉଦ୍ଧବ ଚରଣ ନାୟକ**

ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା, ପ୍ରସାର ତଥା ବିକାଶ ନିମନ୍ତେ ଉତ୍କଳର ଅନ୍ୟତମ ବରପୁତ୍ର ନୀଳମଣି ବିଦ୍ୟାରତ୍ନଙ୍କ ଦାନ ଉଲ୍ଲେଖନୀୟ । ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ସ୍ୱନାମଧନ୍ୟ କବି, ମହାନ୍ ସଂସ୍କୃତ ପଣ୍ଡିତ, ଆଦର୍ଶ ସଂସ୍କାରକ, ମହାନ୍ ସ୍ୱଦେଶପ୍ରେମୀ, ନିରହଙ୍କାର ଦେଶଭକ୍ତ ଓ ନିର୍ଭୀକ ତଥା ସ୍ପଷ୍ଟବାଦୀ ସାମ୍ବାଦିକ । ସେ ଥିଲେ ଉତ୍କଳ ଜନନୀର ଅନ୍ୟତମ ଶକ୍ତିଧର ଅମର ସନ୍ତାନ । ତାଙ୍କ ମହାନ୍ ଜୀବନଚରିତ, ଚିନ୍ତା, ଚେତନା, ଆଦର୍ଶ ଓ ବ୍ୟକ୍ତିତ୍ୱ ସ୍ୱତଃ ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ନୂତନ ସ୍ପନ୍ଦନ ସୃଷ୍ଟିକରେ ।

"ଜନ୍ମ ପରିବାର, ଆଦର୍ଶ ଛାତ୍ରଜୀବନ ଓ ଆଦର୍ଶ ଶିକ୍ଷକ ଜୀବନ"

୧୮୬୬ ମସିହା, ଉତ୍କଳର ତତ୍କାଳୀନ ଗଜପତି ଦିବ୍ୟସିଂହ ଦେବଙ୍କ ନଅଙ୍କରେ ଓଡ଼ିଶାରେ ମହାକାଳ ପଡ଼ିଥିଲା, ଯାହାକି ନଅଙ୍କ ଦୁର୍ଭିକ୍ଷ ଭାବରେ ଜଣାଶୁଣା । ନଅଙ୍କ ଦୁର୍ଭିକ୍ଷ ପଡ଼ିବାର ଠିକ ଏକବର୍ଷ ପରେ, ଅର୍ଥାତ୍, ୧୮୬୭ ମସିହା ଡିସେମ୍ବର ମାସ ୧୪ତାରିଖ ଦିନ କଟକ ଜିଲ୍ଲା ବାଙ୍କି ନିକଟବର୍ତ୍ତୀ ବୈଦେଶ୍ୱର ଅନ୍ତର୍ଗତ ବ୍ରଜବିହାରୀପୁର ଶାସନର ଏକ ଶାସେନୀ ବ୍ରାହ୍ମଣ ପରିବାରରେ ନୀଳମଣି ବିଦ୍ୟାରତ୍ନ ଜନ୍ମଗ୍ରହଣ କରିଥିଲେ । 'ବିଦ୍ୟାରତ୍ନ' ତାଙ୍କ କୌଳିକ ସଂଜ୍ଞାନୁହେଁ । ଏହା ତାଙ୍କ କବିତ୍ୱ ପରାକାଷ୍ଠାର ନିଦର୍ଶନ ସ୍ୱରୂପ ଏକ ଗୌରବର ପଦବୀ । ତାଙ୍କ କୌଳିକ ସଂଜ୍ଞାଥିଲା 'ମିଶ୍ର' । ତାଙ୍କ ପିତାଙ୍କ ନାମ ଶ୍ରୀଧର ଚରଣ ମିଶ୍ର ଓ ମାତାଙ୍କ ନାମ ରୋହିଣୀଦେବୀ । ଶ୍ରୀଧର ମିଶ୍ରେଥିଲେ ଅତ୍ୟନ୍ତ ଗରିବ କିନ୍ତୁ ମହାନ୍ ପଣ୍ଡିତ । କର୍ମକାଣ୍ଡ ଓ ଶାସ୍ତ୍ରପୁରାଣରେ ତାଙ୍କର ଖୁବ୍ ଦକ୍ଷତାଥିଲା । ସେ ଥିଲେ ନୀଳମଣିଙ୍କ ସମେତ ସାତୋଟି ପୁତ୍ର ଓ ତିନୋଟି କନ୍ୟାଙ୍କର ଜନକ । ତାଙ୍କର ଅନ୍ୟ ପୁତ୍ରମାନେ ହେଲେ ଦାମୋଦର, ବିଦ୍ୟାଧର, ଦିଗମ୍ବର, ଗଦାଧର, ଗଙ୍ଗାଧର ଓ ବିଶାଧର ।

ବାଲ୍ୟକାଳରେ ନୀଳମଣି ଗ୍ରାମ୍ୟ ଚାଟଶାଳୀରୁ ବିଦ୍ୟା ଅଧ୍ୟୟନ କରି ବୈଦେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ନାଁ ଲେଖାଇଥିଲେ । ସେଠାରୁ ଅଧ୍ୟୟନ କରି ସେ ଚର୍ଚ୍ଚିକା ମଧ୍ୟ ଓଡ଼ିଆ ବିଦ୍ୟାଳୟରେ ଆସି ଅଧ୍ୟୟନକଲେ । ସେ ଥିଲେ ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର । ସେ ଥରେ ଯାହା ପଢ଼ୁଥିଲେ ଓ ଶୁଣୁଥିଲେ ତାହା ତାଙ୍କର ସବୁଦିନ ପାଇଁ ମନେ ରହୁଥିଲା । ତାଙ୍କର ଏପରି ବିଚକ୍ଷଣ ବୁଦ୍ଧି ସନ୍ଦର୍ଶନକରି ସେତେବେଳେ ସମସ୍ତେ କହୁଥିଲେ, 'ଏ ପିଲା ବଡ଼ହେଲେ ଭଲ ମଣି ପରିଏ ହୋଇ ବାହାରିବ' ।

ସେ ଚର୍ଚ୍ଚିକାରେ ଅଧ୍ୟୟନ କରୁଥିବାବେଳେ, ପାଠ୍ୟ-ପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ପୁସ୍ତକମାନ ଅଧ୍ୟୟନକରିବାକୁ ଭଲପାଉଥିଲେ । ବିଦ୍ୟାଳୟକୁ ଆସୁଥିବା ସମସ୍ତ ପତ୍ରପତ୍ରିକା-ସମେତ ବହୁ ବଙ୍ଗଳା ଓ ଓଡ଼ିଆ ବହି ଅଧ୍ୟୟନକରି ଗଭୀର ଜ୍ଞାନ ଅର୍ଜନରେ ବ୍ରତୀଥିଲେ । ତାଙ୍କ ପରିବାର ଦାରିଦ୍ର୍ୟର କଶାଘାତ ମଧ୍ୟରେ ଗତିକରୁଥିବାହେତୁ, ତାଙ୍କ ପିତା ତାଙ୍କ ପାଠପଢ଼ାପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ପାରୁ ନ ଥିଲେ । ଫଳରେ ସେ ତେଲ କିଣି ନ ପାରି ରାତିରେ ନିର୍ମଳ ଜହ୍ନ ଆଲୁଅରେ ଓ କନିଅର ମଞ୍ଜିରୁ ତେଲ ବାହାରକରି ପ୍ରଦୀପଜାଳି ଅଧ୍ୟୟନ ରତ ଥିଲେ । ତାଙ୍କର ହସ୍ତାକ୍ଷର ଖୁବ୍ ସୁନ୍ଦରଥିଲା, ଫଳରେ ସେ ଅର୍ଥାଭାବ ଦୂରକରିବାପାଇଁ ଚର୍ଚ୍ଚିକା ସବ୍ ରେଜିଷ୍ଟ୍ରାରଙ୍କ ଅଫିସର ମୋହରିରମାନଙ୍କଠାରୁ ଦଲିଲଆଣି ତାକୁ କପିକରି ତଦ୍ୱାରା ଦିଛି ଦିଛି ପଇସା ରୋଜଗାର କରୁଥିଲେ । ସେ ଛାତ୍ରାବସ୍ଥାରେ ମଧ୍ୟ ବୃତ୍ତି ପାଉଥିଲେ : ସେ ପିଲଦିନରୁ ନିଜଗୋଡ଼ରେ ଠିଆ ହେବାପାଇଁ ଶିଖିଥିଲେ

ସେ ଚର୍ଚ୍ଚିକା ମଧ୍ୟ-ଓଡ଼ିଆ ବିଦ୍ୟାଳୟରୁ ଅଧ୍ୟୟନ ଶେଷ କରିବାପରେ ଅର୍ଥାଭାବରୁ ତାଙ୍କ ପାଠପଢ଼ାରେ ଡୋରିବନ୍ଧାହେଲା । ତଥାପି ସେ ଉଚ୍ଚଶିକ୍ଷା ଲଭର ଆଶା ତ୍ୟାଗ କରିପାରିଲେନାହିଁ ଘୁଲିଆସିଲେ କଟକ ସହରକୁ । ହେଲେ ତାଙ୍କୁ କୌଣସି ସୁବିଧା

ଛୁଟିଲନାହିଁ । ଦୈବକ୍ରମେ ତାଙ୍କର ସାକ୍ଷାତ ଘଟିଲା ରାଧାନାଥ ରାୟଙ୍କ ସହ । ସେତେବେଳେ ରାଧାନାଥରାୟ ଓଡ଼ିଶା ସ୍କୁଲ ବିଭାଗର ପରିଦର୍ଶକ ଥାଆନ୍ତି । ନୀଳମଣିଙ୍କ ବୁଦ୍ଧି, ସ୍ୱଭାବ, ଆଦର୍ଶ ଓ ସାଧୁ ପଣିଆଦେଖି ତାଙ୍କ ମନରେ ଦୟାଭାବ ଜାଗ୍ରତ ହେଲା । ସେ ବଡ଼ମ୍ବା ଗଡ଼ଜାତ ରାଜ୍ୟର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବରେ ନୀଳମଣିଙ୍କୁ ନିଯୁକ୍ତି କଲେ । ସେ ଗୋପୀନାଥପୁରରେ ଶିକ୍ଷକ ଭାବରେ କାର୍ଯ୍ୟକରି ଖୁବ୍ ଲୋକପ୍ରିୟ ହୋଇ ଗଲେ । ତାଙ୍କର ଅମାୟିକ ବ୍ୟବହାର ସମସ୍ତଙ୍କ ମନରେ ଚହଳ ପକାଇଦେଲା । ଦୂରଦୂରାନ୍ତରୁ ପିଲାଆସି ଗୋପିନାଥପୁର ପ୍ରାଥମିକ ବିଦ୍ୟାଳୟରେ ନାଁ ଲେଖାଇଲେ ।

ଗୋପୀନାଥପୁରରେ ଶିକ୍ଷକ ଥିବାବେଳେ ତାଙ୍କ ମୁଣ୍ଡରେ ଏକ ନୂଆକଥା ଛୁଟିଲା, ସେ ଭାବିଲେ ଦେଶର ସବୁଶ୍ରେଣୀର ଲୋକେ ଶିକ୍ଷିତ ନ ହେଲେ ଦେଶର ବିକାଶ ସମ୍ଭବ ନୁହେଁ । ଗାଁ ଗହଳିରେ ବାସକରୁଥିବା କୃଷକ, ମୂଲିଆ, ବଢ଼େଇ, କମାର ମାନଙ୍କୁ ଶିକ୍ଷାପ୍ରଦାନ ନିମନ୍ତେ ସେ ନୈଶ ଶିକ୍ଷା ପ୍ରବର୍ତ୍ତନକଲେ । ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ନୈଶ ବିଦ୍ୟାଳୟ ଆରମ୍ଭକରି ଗାଁ ଗହଳିର ଏହିସବୁ ଲୋକଙ୍କପାଇଁ ଶିକ୍ଷାର ସୁବିଧାକଲେ । ଜଣାଯାଏ ଗୋପୀନାଥପୁର ନୈଶ ବିଦ୍ୟାଳୟ ଥିଲା ଓଡ଼ିଶାର ପ୍ରଥମ ନୈଶ ବିଦ୍ୟାଳୟ । ସେ ଏଠାରେ ଶିକ୍ଷକତା କରୁଥିବାବେଳେ ବହୁ ପ୍ରବନ୍ଧ ଓ କବିତା ଲେଖି ବିଭିନ୍ନ ପତ୍ରପତ୍ରିକାକୁ ପଠାଉଥିଲେ । ସେତେବେଳେ ବାମଣ୍ଡା ରାଜ୍ୟରୁ ପ୍ରକାଶ ପାଉଥିବା 'ସଂସାର' ପତ୍ରିକାରେ ତାଙ୍କ ଉଚ୍ଚକୋଟୀର ଲେଖାମାନ ପ୍ରକାଶ ପାଉଥିଲା । ସେ ଯେଉଁ ସବୁ କବିତା ଲେଖୁଥିଲେ ତାହା ତାଙ୍କ ଛାତ୍ରମାନଙ୍କୁ ବୋଲିବା-ପାଇଁ ଦେଉଥିଲେ । ଥରେ ତାଙ୍କର କେତେଜଣ ଛାତ୍ର ବଡ଼ମ୍ବା ରାଜଦରବାରରେ ତାଙ୍କ ରଚିତ କେତୋଟି କବିତା ଗାନକଲେ । ନୀଳମଣି ମିଶ୍ରଙ୍କ ସୁଲଳିତ କବିତା ଶ୍ରବଣକରି ବଡ଼ମ୍ବାର ତତ୍କାଳୀନ ମହାରାଣୀ ଅତ୍ୟନ୍ତ ମୁଗ୍ଧହୋଇ ତାଙ୍କୁ ରାଜ-ଦରବାରକୁ ସ୍ୱାଗତକଲେ । ସେ ରାଜଦରବାରରେ ଉପସ୍ଥିତ ହେବାରୁ ରାଣୀ ତାଙ୍କୁ ପାଟଯୋଡ଼ ଓ ଟଙ୍କା ପଇସା ପ୍ରଦାନକରି ରାଜକୀୟ ଢଙ୍ଗରେ ତାଙ୍କ ମଥାରେ ପାଟବାନ୍ଧି ତାଙ୍କୁ 'ବିଦ୍ୟା-ରତ୍ନ' ଉପାଧିରେ ଭୂଷିତକଲେ । ଫଳରେ ସେଇଦିନଠାରୁ ସେ 'ନୀଳମିଶ୍ର' ପରିବର୍ତ୍ତେ 'ନୀଳମଣି ବିଦ୍ୟାରତ୍ନ' ଭାବରେ ପରିଚିତ ହେଲେ ।

ସେଥିଲେ ଜଣେ ଦାନୀ ଓ ମାନୀ ମଣିଷ । ଗୋପୀନାଥପୁରଠାରେ ଶିକ୍ଷକତା କରୁଥିବା ସମୟରେ ମୋହନ ସୁବୁଦ୍ଧି ନାମରେ ଜଣେ ଗରିବଲୋକ ବାସକରୁଥିଲେ । ବିଦ୍ୟାରତ୍ନ ନିଜ ଦରମାରୁ କିଛିଟଙ୍କା ମୋହନ ସୁବୁଦ୍ଧିଙ୍କୁ ଦେଇ ବ୍ୟବସାୟ ଆରମ୍ଭକରିବାକୁ କହିଲେ । କ୍ରମେ ମୋହନ ସୁବୁଦ୍ଧି ବ୍ୟବସାୟ ଆରମ୍ଭକରି ସେହି ଅଞ୍ଚଳର ଖ୍ୟାତନାମା ବ୍ୟବସାୟୀ ଭାବରେ ପ୍ରତିଷ୍ଠା ଲାଭକଲେ । ଆଜି ବଡ଼ମ୍ବା ଗଡ଼ରେ 'ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ' ଓ 'ମୋହନ ସୁବୁଦ୍ଧି ମହାବିଦ୍ୟାଳୟ' ନାମରେ ଯେଉଁ ଦୁଇଟି ମହା ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି ତାହା ବିଦ୍ୟାରତ୍ନଙ୍କଠାରୁ ସାହାଯ୍ୟ ପାଇଥିବା ବ୍ୟବସାୟୀ ମୋହନ ସୁବୁଦ୍ଧିଙ୍କ ଅର୍ଥଦାନରେ ପ୍ରତିଷ୍ଠିତ । ନୀଳମଣିବାବୁ ନିଜେ ଗରିବ ଘରେ ଜନ୍ମଲାଭକରି ଥିବାରୁ ପ୍ରକୃତଭାବରେ ଗରିବର ମନପ୍ରାଣକୁ ଚିହ୍ନିବାରେ ସକ୍ଷମଥିଲେ । ବଙ୍ଗପ୍ରଦେଶର ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପରି ଓଡ଼ିଶାର ନୀଳମଣି ବିଦ୍ୟାରତ୍ନଙ୍କ ଚରିତ୍ରର ସାମଞ୍ଜସ୍ୟ ରହିଛି । ତାଙ୍କ ମହତ ଦାନାପଣିଆର ଅନେକକଥା ଶୁଣାଯାଏ ତାହା ଏହି ପ୍ରବନ୍ଧରେ ପ୍ରସଙ୍ଗକ୍ରମେ ଉଲ୍ଲେଖହେବ ।

ନୀଳମଣି ବିଦ୍ୟାରତ୍ନଙ୍କ ଆଦର୍ଶ ଚରିତ୍ର, ତ୍ୟାଗ ଓ ଦାତାପଣିଆକୁ ତାଙ୍କର କେତେଜଣ ସହକର୍ମୀ ସହ୍ୟକରି ପାରିଲେନାହିଁ । ସେମାନେ ତାଙ୍କପ୍ରତି ଈର୍ଷା ପ୍ରଣୋଦିତହୋଇ ତାଙ୍କୁ ବଦନାମ କରିବାର ଚେଷ୍ଟାକରିବାରୁ ବିଦ୍ୟାରତ୍ନ ମହାଶୟ ବଡ଼ମ୍ବା ତ୍ୟାଗକରି ବାମଣ୍ଡା ରାଜ୍ୟକୁ ଚାଲିଆସିଲେ । ସେତେବେଳେ ସାର ବାସୁଦେବ ସୁଦ୍ଧଳଦେବ ବାମଣ୍ଡାର ରାଜା ଥାଆନ୍ତି । ସେ ଥିଲେ ଜଣେ ଗୁଣଗ୍ରାହୀ ଓ ସୁଶାସକ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରସାର ଓ ବିକାଶପାଇଁ ଯଥେଷ୍ଟ ଅବଦାନ ରହିଛି । ନୀଳମଣି ବିଦ୍ୟାରତ୍ନ ସେଠାରେ ପହଂଚିବାରୁ ରାଜା ସୁଦ୍ଧଳଦେବ ତାଙ୍କୁ ଶିକ୍ଷକ ଭାବରେ ପ୍ରଥମେ ନିଯୁକ୍ତି ପ୍ରଦାନକଲେ । କିନ୍ତୁ ତାଙ୍କଠାରେ ବହୁଗୁଣ ପ୍ରତିରହିଥିବାର ଲକ୍ଷ୍ୟକରି ତାଙ୍କୁ ଶିକ୍ଷକକାର୍ଯ୍ୟରୁ ଅବ୍ୟାହତି ଦେଇ ପ୍ରତ୍ୟକ୍ଷ ଭାବରେ ରାଜଦରବାରରେ ଅବସ୍ଥାପିତକରି ବିଭିନ୍ନ ବିଭାଗର ପରାମର୍ଶଦାତା ଭାବରେ ନିଯୁକ୍ତିକଲେ । ସେ ଯେଉଁ କାର୍ଯ୍ୟରେ ହାତଦେଉଥିଲେ ତାହା ସଫଳହେବା ପର୍ଯ୍ୟନ୍ତ ସେ ସେଥିରେ ଲାଗିପଡୁଥିଲେ । କୌଣସି କାର୍ଯ୍ୟରେ ସେ ପଛଘୁଞ୍ଚା ଦେଉ ନ ଥିଲେ । ଏପରି କି ନୀଳମଣିବାବୁ ବାମଣ୍ଡା ଷ୍ଟେଟ୍ କାଉନସିଲର ଅବୈତନିକ ସଭ୍ୟପଦରେ ମଧ୍ୟ ଅଧିଷ୍ଠିତ ହୋଇଥିଲେ ।

## ଓଡ଼ିଆ ପତ୍ର ପତ୍ରିକାର ସମ୍ପାଦକ

ରାଜା ସୁଦ୍ଧଳଦେବ 'ସମ୍ବଲପୁର ହିତୈଷିଣୀ' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶକରି ତାର ସଂପାଦନା ଦାୟିତ୍ୱ ନୀଳମଣି ବାବୁଙ୍କ ଉପରେ ନ୍ୟସ୍ତକଲେ । ସୁଦ୍ଧଳଦେବଙ୍କ ମତରେ ତାଙ୍କ ପତ୍ରିକାର ସଂପାଦନା ଦାୟିତ୍ୱ ବହନକରିବାରେ ନୀଳମଣି ବିଦ୍ୟାରତ୍ନ ହେଉଛନ୍ତି ଉପଯୁକ୍ତବ୍ୟକ୍ତି । ୧୮୮୭ ଖ୍ରୀଷ୍ଟାବ୍ଦରେ 'ସମ୍ବଲପୁର ହିତୈଷିଣୀ' ପ୍ରକାଶ ପାଇଲା । ଦୀର୍ଘ ଷୋହଳବର୍ଷ ପର୍ଯ୍ୟନ୍ତ ଏହିପତ୍ରିକା ପ୍ରକାଶ ପାଇଥିଲା ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ । ସମ୍ବଲପୁର ହିତୈଷିଣୀ ପ୍ରକାଶ ପାଇବା ସମୟରେ କଟକ ପ୍ରିଂଟିଂ କଂପାନୀ ଦ୍ୱାରା 'ବିଜୁଳି' ନାମକ ଏକ ମାସିକ ପତ୍ରିକା ପ୍ରକାଶ ପାଇଲା । ଫଳରେ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ବାମଣ୍ଡାରୁ 'ଇନ୍ଦ୍ରଧନୁ' ନାମରେ ଅନ୍ୟଏକ ମାସିକ ପତ୍ରିକା ମଧ୍ୟ ପ୍ରକାଶ ପାଇଲା ।

'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ବିଭିନ୍ନ ଦେଶର କୃଷି, ଶିଳ୍ପ, ବିଜ୍ଞାନ, ବାଣିଜ୍ୟ, ତଥା ଓଡ଼ିଆ ଲେଖକମାନଙ୍କର ପ୍ରବନ୍ଧ, ଗଳ୍ପ, ପ୍ରହେଳିକା, କବିତାମାନ ପ୍ରକାଶ ପାଇଥିଲା । ସେ କେବଳ ପ୍ରଭାବଶାଳୀ ବା ପରିଚିତ ଲେଖକମାନଙ୍କର

ଲେଖା ହିତୈଷିଣୀରେ ପ୍ରକାଶନକରି ବହୁ ନବୀନ ଲେଖକମାନଙ୍କର ଲେଖାପ୍ରକାଶ କରୁଥିଲେ । ଲୋକ ଦେଖି ସେ ଲେଖାପ୍ରକାଶ କରୁ ନ ଥିଲେ, ଲେଖାଦେଖି ସେ ଲେଖା ପ୍ରକାଶ କରୁଥିଲେ । ଚିନ୍ତାମଣି ମହାନ୍ତି ଓ ଗଙ୍ଗାଧର ମେହେର ସେତେବେଳେ ନବୀନ ଲେଖକ ଭାବରେ ପରିଚିତ ଥିଲେ । ଏମାନେ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ଵାରା ଆଲୋକକୁ ଆସି ଓଡ଼ିଆ ସାହିତ୍ୟ ଜଗତରେ ଚିର ଅମର କବି ଭାବରେ ସୁପ୍ରତିଷ୍ଠିତ । ଏମାନଙ୍କ ବ୍ୟତୀତ ରାଧାନାଥ, ଫକିରମୋହନ, ଚନ୍ଦ୍ରମୋହନ ମହାରଣା, ମଧୁସୂଦନ, ବିଶ୍ଵନାଥକର ଓ ନନ୍ଦକିଶୋରବଳ ଆଦିଙ୍କ ଲେଖା ହିତୈଷିଣୀରେ ଧାରାବାହିକ ଭାବରେ ପ୍ରକାଶ ପାଉଥିଲା । ପ୍ରତିଷ୍ଠିତ ଲେଖକମାନଙ୍କ ଲେଖା ଓ ନବୀନ ଲେଖକମାନଙ୍କ ଲେଖା ତାଙ୍କ ପତ୍ରିକାରେ ପ୍ରକାଶିତ ହେବାରୁ ଅଳ୍ପଦିନ ମଧ୍ୟରେ 'ହିତୈଷିଣୀ' ଏକ ପ୍ରତିଷ୍ଠିତ ଓଡ଼ିଆ ପତ୍ରିକା ଭାବରେ ପରିଚିତ ହେଲା । ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା, ପତ୍ରିକା ମାଧ୍ୟମରେ ଦେଶ ଗଢ଼ିବେ ।

ସେ ସମୟରେ ସମ୍ବଲପୁର ମଧ୍ୟପ୍ରଦେଶ ଅଧୀନରେ ଥିଲା । ସମ୍ବଲପୁର ଅଞ୍ଚଳରେ ହିନ୍ଦୀଥିଲା ସରକାରୀ ଭାଷା । ଏହାର ଘୋର ବିରୋଧ କରି ନୀଳମଣିବାବୁ ବରାବର ତାଙ୍କ ପତ୍ର ପତ୍ରିକାରେ ପ୍ରବନ୍ଧମାନ ପ୍ରକାଶକଲେ । ଫଳରେ ୧୯୦୩ ମସିହା ଜାନୁଆରୀମାସ ପହିଲା ତାରିଖରୁ ଓଡ଼ିଆ ଭାଷା ସମ୍ବଲପୁରରେ ସରକାରୀ ଭାଷାଭାବରେ ପ୍ରଚଳିତ ହେଲା ଓ ୧୯୦୫ରେ ସମ୍ବଲପୁର ଓଡ଼ିଶା ସହ ମିଶିଲା । ଅସି ଅପେକ୍ଷା ମସିର କରାମତି ଅଧିକ ଏହା ନୀଳମଣି ବିଦ୍ୟାରତ୍ନଙ୍କୁ ବେଶ୍ ଜଣାଥିଲା । ସମୟ ସବୁଦିନ ଠିକ୍ ଯାଏନାହିଁ । ବାମଣ୍ଡା ରାଜା ସାର ସୁଚଳଦେବଙ୍କ ସହ ତାଙ୍କର ମତାନ୍ତର ଘଟିଲା । ଏହି ମତାନ୍ତରର କାରଣ ସଂପର୍କରେ ଶୁଣାଯାଏ ଯେ, ପୁରୀରାଜାଙ୍କର ବାମଣ୍ଡା ରାଜବଂଶରୁ ପୋଷ୍ୟ ପୁତ୍ର ଗ୍ରହଣ କରିବା ବିଷୟରେ ତାଙ୍କର ସୁଚଳଦେବଙ୍କ ସହ ମତପାର୍ଥକ୍ୟ ଘଟିଥିଲା । ପୁରୀ ଗଜପତିରାଜା ତୃତୀୟ ମୁକୁନ୍ଦଦେବ (୧୮୮୮– ୧୯୨୬) ଅପୁତ୍ରିକ ଥିବାରୁ ବାମଣ୍ଡା ରାଜବଂଶରୁ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ସେ ବସନ୍ତ ରୋଗରେ ପ୍ରାଣ ହରାଇବାରୁ ତାଙ୍କ ପରେ ବାମଣ୍ଡା ରାଜବଂଶରୁ ଆସିଥିବା ସେହି ପୋଷ୍ୟପୁତ୍ର 'ଚତୁର୍ଥ ରାମଚନ୍ଦ୍ର ଦେବ' ନାମଧାରଣ ପୂର୍ବକ ଗଜପତିରାଜା ଭାବରେ ସିଂହାସନ ଆରୋହଣ କରିଥିଲେ । ତାଙ୍କର ରାଜୁତି କାଳ ଥିଲା ୧୯୨୬–୧୯୫୬ ପର୍ଯ୍ୟନ୍ତ । ନୀଳମଣିବାବୁଙ୍କର ବାମଣ୍ଡା ତ୍ୟାଗ ସଂପର୍କରେ ଆଉ ଗୋଟିଏ ଘଟଣା ମଧ୍ୟ ଶୁଣାଯାଏ ଯେ, ରାଧାନାଥ ରାୟଙ୍କ 'ପାର୍ବତୀ' କାବ୍ୟ ପ୍ରକାଶ ବିଷୟ ନେଇ ରାଜା ସୁଚଳଦେବଙ୍କ ସହ ତାଙ୍କର ମତପାର୍ଥକ୍ୟ ଘଟଣାରୁ ସେ ବାମଣ୍ଡା ରାଜ୍ୟ ତ୍ୟାଗ କରିଥିଲେ । ନୀଳମଣିବାବୁ ଥିଲେ ସ୍ପଷ୍ଟବାଦୀ, ସତ୍ୟବାଦୀ ଓ ନିର୍ଭୀକ ବ୍ୟକ୍ତି । ସେ ନିଜ ବିଚାରରେ ଯାହା ଠିକ୍ ବୋଲି ଭାବୁଥିଲେ ତାହା ସଂପାଦନ କରୁଥିଲେ । ସେ ବାମଣ୍ଡା ରାଜ୍ୟରେ ଦୀର୍ଘ ଷୋଳ ବର୍ଷ କଟାଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଓ ବିଚ୍ଛିନ୍ନ ସମ୍ବଲପୁରକୁ ଓଡ଼ିଶାରେ ମିଶାଇବା ପାଇଁ ପ୍ରଗାଢ଼ ଉଦ୍ୟମ କରି ସଫଳତା ଲାଭ କରିଥିବା ଘଟଣା ସ୍ଵତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିବ ।

"ନୀଳମଣି ବିଦ୍ୟାରତ୍ନଙ୍କ ସଂପର୍କରେ ବଙ୍ଗୀୟ ସାହିତ୍ୟିକଙ୍କ ମତ"

ନୀଳମଣି ବିଦ୍ୟାରତ୍ନଙ୍କ ଗୁଣାବଳୀ ସନ୍ଦର୍ଶନ କରି, ବିଶିଷ୍ଟ ବଙ୍ଗୀୟ ସାହିତ୍ୟିକ ଚଣ୍ଡୀଚରଣ ବନ୍ଦୋପାଧ୍ୟାୟ ସ୍ଵରଚିତ "ସାର୍ ବାସୁଦେବଙ୍କର ଜୀବନୀ" ଗ୍ରନ୍ଥରେ ଲେଖିଛନ୍ତି–

ସମ୍ବଲପୁର ହିତୈଷିଣୀ ସମ୍ବନ୍ଧେ ଆର୍ ଏକଟି କଥା ବଲିବାର ଆଛେ । ଯାହାର ଦୀର୍ଘକାଲବ୍ୟାପୀ ଅକ୍ଲାନ୍ତ ଶ୍ରମେର ଫଲେ ସମ୍ବଲପୁର ହିତୈଷିଣୀ ନାନାବିଧ ସଂବାଦ ସମ୍ଭାରେ ସଜ୍ଜିତ ହଇୟା ସପ୍ତାହେ ସପ୍ତାହେ ପାଠକେର ନିକଟେ ଦେଖାଦିତେ ଆରମ୍ଭକରେ, ସେ ରୂପ ଅସାଧ୍ୟ ସାଧନେ, ସେ କାଲେ ପଣ୍ଡିତ ନୀଳମନି ବିଦ୍ୟାରତ୍ନ ନିଯୁକ୍ତ ଛିଲେନ୍ । ତିନି ନିଜେ ସୁପଣ୍ଡିତ ଓ ଭାଷାଜ୍ଞ ବ୍ୟକ୍ତି ଛିଲେନ୍ । କାବ୍ୟେ, ଅଲଙ୍କାରେ, ସାହିତ୍ୟେ ଓ ଇତିହାସେ ତାହାର ଯଥେଷ୍ଟ ଅଧିକାର ଛିଲ । ତାହାର ଭାଷା ପ୍ରାଞ୍ଜଲ ଓ ମଧୁର ଛିଲ । ସେ ବିଷୟେ ହସ୍ତକ୍ଷେପ କରିତେନ, ତାହାର ସଙ୍ଗେ କେହ ତାହାକେ ଖର୍ବକରିତେ ପାରିତ ନା, ରାଜନୀତି, ସମାଜ ଓ ସଂସାର ବିଷୟେ ତାହାର ଗଭୀର ଅଭିଜ୍ଞତା ଛିଲ । ରାୟ ରାଧାନାଥ ରାୟ ବାହାଦୁର, ରାୟ ମଧୁସୂଦନ ରାଓ ବାହାଦୁର, ବ୍ରାହ୍ମଧର୍ମ ପ୍ରଚାରକ ନନ୍ଦଲାଲ ବନ୍ଦୋପାଧ୍ୟାୟ, ଉତ୍କଳ ସାହିତ୍ୟର ସଂପାଦକ ଶ୍ରୀଯୁକ୍ତ ବିଶ୍ଵନାଥ କର ପ୍ରଭୃତି ବହୁବ୍ୟକ୍ତି ବହୁବାର ବାମଣ୍ଡାର ଭ୍ରମଣ ଓ ଅବସ୍ଥିତି ସୂତ୍ରେ ପଣ୍ଡିତ ନୀଲମନି ବିଦ୍ୟାରତ୍ନେର ବିବିଧ ଗୁଣେର ଓ ବିଦ୍ୟାବତ୍ତାର ଭୂରି ଭୂରି ପ୍ରଶଂସା କରିୟାଛେନ ।

[ସାର ବାସୁଦେବର ଜୀବନୀ—ପୃଷ୍ଠା-୧୨୧-୧୨୨]

"ଗଞ୍ଜାମ ଜିଲ୍ଲାରେ ନୀଳମଣି ବିଦ୍ୟାରତ୍ନ ଓ ଓଡ଼ିଶା ମିଶ୍ରଣରେ ତାଙ୍କ ଭୂମିକା"

୧୯୦୨ ମସିହାରେ ନୀଳମଣି ବିଦ୍ୟାରତ୍ନ ବାମଣ୍ଡା ତ୍ୟାଗକରି ଗଞ୍ଜାମର ଖଲିକୋଟ ରାଜ୍ୟରେ ଆସି ପହଞ୍ଚିଲେ । ସେତେବେଳେ ହରିହର ମର୍ଦ୍ଦରାଜ ଦେବ ଥାଆନ୍ତି ଖଲିକୋଟର ରାଜା । ସମଗ୍ର ଗଞ୍ଜାମ ଜିଲ୍ଲା ରହିଥାଏ ମାନ୍ଦ୍ରାସ ପ୍ରୋଭିନସ୍ ଅଧୀନରେ । ରାଜା ହରିହର ମର୍ଦ୍ଦରାଜ ଥିଲେ ଜଣେ ସଂସ୍କୃତି ସଂପନ୍ନ ତଥା ସ୍ଵଦେଶ ପ୍ରେମୀ ସୁଶାସକ । ତାଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ପତ୍ରପତ୍ରିକା ମାଧ୍ୟମରେ ଦେଶ ସେବା କରିବେ, ହେଲେ ଏଥିପାଇଁ ଉପଯୁକ୍ତ ଲୋକ ପାଉ ନ ଥିଲେ । ବିଦ୍ୟାରତ୍ନଙ୍କୁ ପାଇ ସେ କୋଟି ନିଧି ପାଇଲେ ଭଳି ମନେକରି ସଙ୍ଗେ ସଙ୍ଗେ ରମ୍ଭାଠାରେ ଏକ ପ୍ରେସ ପ୍ରତିଷ୍ଠାକରି "ପ୍ରଜାବନ୍ଧୁ" ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ ଓ ନୀଳମଣିବାବୁ ହେଲେ ଏହି ପତ୍ରିକାର ସଂପାଦକ । ଏହାର ପ୍ରଥମ ସଂଖ୍ୟା ୧୯୦୨ ଜୁନ ମାସରେ ପ୍ରକାଶ ପାଇଲା । ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକା ଖୁବ୍ ଶିଘ୍ର ଏକ ପ୍ରତିଷ୍ଠିତ ପତ୍ରିକା ଭାବରେ ପରିଗଣିତ ହେଲା । ବିଚ୍ଛିନ୍ନ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶାରେ ସାମିଲ କରିବାପାଇଁ ସେ ପତ୍ରିକା ମାଧ୍ୟମରେ ଆନ୍ଦୋଳନର ସୂତ୍ରପାତ କଲେ ।

ଫଳରେ ଗଞ୍ଜାମବାସୀ ଓଡ଼ିଆମାନଙ୍କ ମନରେ ନବ ଉଦ୍ଦୀପନା ଜାଗ୍ରତ ହେଲା । ସେ ପତ୍ରିକା ମାଧ୍ୟମରେ ଡାକରାଦେଇ କହିଲେ–

"ଗଞ୍ଜାମ ଜିଲ୍ଲା ଏକ ଖାଣ୍ଟି ଓଡ଼ିଆ ଅଞ୍ଚଳ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଏହି ଜିଲ୍ଲାର ମହନୀୟ ଅବଦାନ ରହିଛି । ଓଡ଼ିଆ ଭାଷା ସାହିତ୍ୟର ଅଗ୍ରଦୂତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକ, ମହାଭାରତ ଲେଖକ ଭକ୍ତକବି କୃଷ୍ଣସିଂହ ଏହି ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ସ୍ଥଳେ, କାହିଁକି ଅନ୍ଧ କୁଷ୍ମାନଣା ନ୍ୟାୟରେ ଏହି ଜିଲ୍ଲାକୁ ମାନ୍ଦ୍ରାଜ ରାଜ୍ୟ ସହ ଯୋଡି ଦିଆଯାଇଛି ? ଆଜି ଓଡ଼ିଆମାନେ ମାନ୍ଦ୍ରାଜ ରାଜ୍ୟ ସହ ସାମିଲ ହୋଇ ବହୁକଷ୍ଟ ସହ୍ୟ କରୁଛନ୍ତି । ଏଣୁ ପ୍ରଥମେ ଗଞ୍ଜାମ ଜିଲ୍ଲା ଓଡ଼ିଶାସହ ସାମିଲ୍ ହେବା ଉଚିତ । " ତାଙ୍କର ଏହି ମର୍ମସ୍ପର୍ଶୀ ବାଣୀରେ ଗଞ୍ଜାମ ବାସୀଙ୍କ ମନରେ ନବ ଜାଗରଣ ସୃଷ୍ଟି ହେଲା । ବାସ୍ତବିକ ନୀଳମଣି ବିଦ୍ୟାରତ୍ନଙ୍କ ଏହି ମନ୍ତବ୍ୟ ଯଥାର୍ଥ । ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟତମ ସ୍ୱାଭିମାନୀ କବି ଅଦ୍ୱୈତ ଚରଣ ମହାନ୍ତି ସ୍ୱରଚିତ 'ବନ୍ଦୀ ଓଡ଼ିଆ' କାବ୍ୟରେ, ପାରଳାଖେମୁଣ୍ଡି ଓଡ଼ିଶାରେ ନ ଥିବା ଲକ୍ଷ୍ୟକରି ଗାଇଛନ୍ତି–

"କମଳା ଲୀଳାଭୂମି ଶସ୍ୟ-ଶ୍ୟାମଳା,
ସୁବର୍ଣ୍ଣପ୍ରସୂ ଶୋଭାଷଣ୍ଡ ପାଉଳା ।
ଉତ୍କଳ ଲୀଳା ଭୂମି ବୀରଅବନୀ
ପବିତ୍ର ଗଜପତି-ବାଣୀ ଧରଣୀ ।
ଯା ସ୍ମୃତେ ତାଳ ବର୍ଣ୍ଣା ତାସୁ ଅସିରେ,
ସଦର୍ପେ ଜାଣି ଥିବ ରକ୍ତ ଶୋଷିଲେ ।
ସେଭୂମି ପୂର୍ଣ ଆଜି ଉତ୍କଳେ ନହେଁ,
ଜୀବନ ଧାଇ କିଏ କହିବ ମୁହିଁ ?

(ବନ୍ଦୀ ଓଡ଼ିଆ)

ସ୍ୱଦେଶପ୍ରେମୀ କବି ଅଦ୍ୱୈତ ଚରଣ ମହାନ୍ତିଙ୍କୁ ଓଡ଼ିଆ ଜାତି ଏ ପର୍ଯ୍ୟନ୍ତ ଚିହ୍ନି ପାରି ନାହିଁ । ସେ ଅନାଲୋଚିତ କବି ଭାବରେ ଆତ୍ମ ଗୋପନ କରି ପଡ଼ିରହିଛନ୍ତି । ଏଠାରେ କବି ଅଦ୍ୱୈତ ଚରଣ ମହାନ୍ତିଙ୍କ ସଂପର୍କରେ ଆଲୋଚନା କରିବାକୁ ଉଚିତ ମନେ କରୁନାହିଁ । ତାଙ୍କୁ ନିଶ୍ଚେ ଓଡ଼ିଆ ଜ ଦିନେ ପରିଚିତ କରାଇବି, ଏ ବାସନା ମୋର ରହିଲା ।

ଯାହାହେଉ ଗଞ୍ଜାମକୁ ଓଡ଼ିଶାରେ ସାମିଲ କରିବା ପାଇଁ ନୀଳମଣି ବିଦ୍ୟାରତ୍ନ ପଣ ରଖିଲେ । ପ୍ରଜାବନ୍ଧୁ ସମିତି ନାମରେ ଏକ ଅନୁଷ୍ଠାନ ଗଠନ କରି ଗଞ୍ଜାମ ଜିଲ୍ଲାର ମୁଖ୍ୟ ସ୍ଥାନମାନଙ୍କରେ ଏହାର ଶାଖାମାନ ସ୍ଥାପନ ପୂର୍ବକ ଗଞ୍ଜାମ ମିଶଣ ଆନ୍ଦୋଳନକୁ ସେ ତ୍ୱରାନ୍ୱିତ କଲେ । ରାଜା ହରିହର ମର୍ଦ୍ଦରାଜ ଦେବ ମଧ୍ୟ ଏଥିପାଇଁ ଅକାତରେ ବହୁ ଅର୍ଥ ଖାଇକୋଟକୁ ଖର୍ଚ୍ଚ କଲେ । ନୀଳମଣିବାବୁଙ୍କର ଏତାଦୃଶ କାର୍ଯ୍ୟରେ ରାଜା ମଧ୍ୟ ବହୁ ପ୍ରଶଂସା କଲେ । 'ଗଞ୍ଜାମ ସମ୍ମିଳନୀ' 'ଗଞ୍ଜାମ ଓଡ଼ିଆ ସଭା' ପରେ 'ମାନ୍ଦ୍ରାସ ଓଡ଼ିଆ ପ୍ରବାସୀ ସଭା' ନୀଳମଣି ବିଦ୍ୟାରତ୍ନଙ୍କ ଉଦ୍ୟମରେ ଓ ରାଜାଙ୍କ ସହାୟତାରେ ଗଢି ଉଠିଲା । ସାର ପର୍ଶୁରାମ ପାତ୍ର (ବିଖ୍ୟାତ ଓକିଲ) ଏହାର ସଭାପତି ହେଲେ । ଗଞ୍ଜାମ ଓଡ଼ିଆ ସଭାର ଏକ ଅଧିବେଶନ ବ୍ରହ୍ମପୁରଠାରେ ୧୯୦୨ ମସିହାରେ ଅନୁଷ୍ଠିତ ହେଲା । ଏହି ସଭାକୁ ମଧୁସୂଦନ ଦାସ ଓ ବିଶ୍ୱନାଥ କର ନିମନ୍ତ୍ରିତ ହୋଇ ଯୋଗଦାନ କଲେ । ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରି କିପରି ଭାବରେ ନୂତନ ଓଡ଼ିଶା ପ୍ରଦେଶ ଗଠନ କରିବାକୁ ହେବ ଏହି କଥା ମଧୁସୂଦନ ଦାସ ଏହି ସମ୍ମିଳନୀରେ ପ୍ରଥମେ ଉପଲବ୍ଧି କଲେ । ଏହି ଗଞ୍ଜାମ ସମ୍ମିଳନୀକୁ କେବଳ ଗଞ୍ଜାମ ମଧ୍ୟରେ ସୀମାବଦ୍ଧ ନ ରଖି ସାରା ଓଡ଼ିଶାରେ ବିସ୍ତାରିତ କରିବା ପାଇଁ ମଧୁବାବୁ ଉକ୍ତ ସମ୍ମିଳନୀରେ ପ୍ରସ୍ତାବ ଆଗତ କଲେ । ଫଳରେ ବିଦ୍ୟାରତ୍ନଙ୍କ ପ୍ରତିଷ୍ଠିତ 'ଗଞ୍ଜାମ ସମ୍ମିଳନୀ' 'ଉତ୍କଳ ସମ୍ମିଳନୀ' ନାମରେ ମଧୁବାବୁଙ୍କ ଦ୍ୱାରା ନାମିତ ହେଲା । ଏହି ସମ୍ମିଳନୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉଦ୍ଦିଷ୍ଟ ରହିବ ବୋଲି ସର୍ବସମ୍ମତି କ୍ରମେ ଗୃହିତ ହେଲା । ଏଣୁ ନୀଳମଣି ବିଦ୍ୟାରତ୍ନ ପ୍ରକୃତରେ ହେଉଛନ୍ତି ଉତ୍କଳ ସମ୍ମିଳନୀର ସ୍ରଷ୍ଟା, ଜନ୍ମଦାତା ବା ଜନକ । ୧୯୦୩ ମସିହା ଡିସେମ୍ବର ମାସରେ କଟକ ଇଦ୍‌ଗା ପଡ଼ିଆରେ "ଉତ୍କଳ ସମ୍ମିଳନୀ"ର ପ୍ରଥମ ବୈଠକ ମୟୂରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଗଞ୍ଜାମ ସମ୍ମିଳନୀ ଉତ୍କଳ ସମ୍ମିଳନୀ ନାମରେ ଆଖ୍ୟାୟିତ ହେଲା ।

'ପ୍ରଜାବନ୍ଧୁ ପତ୍ରିକା'ର ପ୍ରଥମ ସଂଖ୍ୟା ଖୁବ୍ ଉଚ୍ଚକୋଟିର ହୋଇଥିଲା । ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦିତ ପ୍ରଜାବନ୍ଧୁ ପତ୍ରିକାର ପ୍ରଥମ ସଂଖ୍ୟା ପାଠକରି ଖଲିକୋଟର ଅନ୍ୟତମ ଶିକ୍ଷିତ ଯୁବକ ଦେଶପ୍ରାଣ ନରସିଂହ ଦାସ ଗଭୀର ଭାବରେ ଉଦ୍‌ବୁଦ୍ଧ ହୋଇ ଦେଶ ସେବାରେ ମନପ୍ରାଣ ଢାଳି ଦେଇଥିଲେ । ଖଲିକୋଟର ରାଜା ହରିହର ମର୍ଦ୍ଦରାଜ ଦେଶ ମିଶ୍ରଣ, ଜନହିତକର କାର୍ଯ୍ୟ, ପ୍ରଜା ମଙ୍ଗଳ, ରାଜ୍ୟର ଉନ୍ନତି ନିମନ୍ତେ ବହୁ ଅର୍ଥ ବ୍ୟୟ କରିବାରୁ ରାଜକୋଷ ଶୂନ୍ୟ ହୋଇଗଲା । ଫଳରେ ରାଜା ବହୁ ଅର୍ଥ ଋଣ କରି ବସିଲେ । ସେହି ଋଣ ଅର୍ଥକୁ ରାଜା ପରିଶୋଧ କରି ନ ପାରିବାରୁ ଖଲିକୋଟ ରାଜ୍ୟ କମ୍ପାନୀ ସରକାର ହାତକୁ ଚାଲିଗଲା । ଫଳରେ 'ପ୍ରଜାବନ୍ଧୁ' ପତ୍ରିକା ସଂପାଦନ ଓ ପ୍ରକାଶନ କାର୍ଯ୍ୟ ଆପେ ଆପେ ବନ୍ଦ ହୋଇଗଲା ।

ଖ୍ୟାତନାମା ସାମ୍ବାଦିକ, ସଂପାଦକ, ଦେଶସେବୀ ନୀଳମଣି ବିଦ୍ୟାରତ୍ନ ବହୁସମୟ ବେକାର ହୋଇ ବସି ରହିଲେ । ସେ ଏପରି ଅବସ୍ଥାରେ ଖଲିକୋଟରେ ରହିଥିବାର ସମୟରେ ତତ୍କାଳୀନ ବଡ଼ଖେମୁଣ୍ଡିର ରାଜା କୃପାମୟ ଅନଙ୍ଗଭୀମଦେବ ଏକଥା ଜାଣିପାରି ତାଙ୍କୁ ନିଜ ରାଜ୍ୟକୁ ଆମନ୍ତ୍ରଣ କଲେ । ନୀଳମଣି ବିଦ୍ୟାରତ୍ନ ବଡ଼ଖୁସିରେ ଯାଇ ବଡ଼ଖେମୁଣ୍ଡି ରାଜ୍ୟରେ ପହଞ୍ଚିଲେ । "ଗୁଣବାନ ବ୍ୟକ୍ତିମାନେ ହିଁ କେବଳ ଗୁଣିଲୋକର ଗୁଣକୁ ଉତ୍ତମ ରୂପେ ଚିହ୍ନି ପାରନ୍ତି" । ସାରସ୍ୱତ ପୀଠ ବଡ଼ଖେମୁଣ୍ଡି ରାଜ୍ୟ ବିଦ୍ୟାରତ୍ନଙ୍କ ଜ୍ଞାନର ବିକାଶ ପାଇଁ ଉପଯୁକ୍ତ ସ୍ଥାନ ଭାବରେ ବିବେଚିତ ହେଲା

ବଡ଼ଖେମଣ୍ଡି ରାଜ୍ୟ କବିସୂର୍ଯ୍ୟ ବଳଦେବ ରଥ ଓ ପଣ୍ଡିତ ଚକ୍ରପାଣି ପଟ୍ଟନାୟକଙ୍କ ଜନ୍ମସ୍ଥାନ ଭାବରେ ବିବେଚିତ । ରାଜା କୃପାମୟ ଦେବ ଥିଲେ ଅତ୍ୟନ୍ତ ଗୁଣଗ୍ରାହୀ ରାଜା । ମଧୁସୂଦନ ତର୍କ ବାଚସ୍ପତି, ଗଦାଧର ବିଦ୍ୟାଭୂଷଣ, ମାୟାଧର ତର୍କ ପଞ୍ଚାନନ ଓ ଚନ୍ଦ୍ରଶେଖର ସାହିତ୍ୟ ରତ୍ନାକର ଆଦି ବିଶିଷ୍ଟ ପଣ୍ଡିତଗଣ ଖେମଣ୍ଡି ରାଜସଭା ମଣ୍ଡନ କରୁଥିଲେ । ଏଠାରେ ପହଞ୍ଚି ବିଦ୍ୟାରତ୍ନ ମହୋଦୟଙ୍କର କୌଣସି ଅସୁବିଧା ହେଲା ନାହିଁ । ରାଜା ସେତେବେଳେ 'ଗଞ୍ଜାମ ଗୁଣ ଦର୍ପଣ' ନାମରେ ଏକ ପତ୍ରିକା ପ୍ରକାଶ କରୁଥିଲେ । ତା'ର ସଂପାଦକ ଥିଲେ ମାର୍କଣ୍ଡେୟ ତର୍କ ପଞ୍ଚାନନ । ସେ ସଦାସର୍ବଦା ରାଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ପତ୍ରିକା ପ୍ରକାଶନରେ ବିଳମ୍ବ ଘଟୁଥିଲା । ଫଳରେ ପତ୍ରିକାର ସଂପାଦନା ଦାୟିତ୍ୱ ନୀଳମଣି ବିଦ୍ୟାରତ୍ନଙ୍କ ଉପରେ ନ୍ୟସ୍ତ କଲେ । ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ପତ୍ରିକା ନବ କଳେବର ହୋଇ ଓଡ଼ିଆ ପତ୍ରିକା ଜଗତରେ ଶୀର୍ଷ ସ୍ଥାନ ଅଧିକାର କଲା । ଫଳରେ ରାଜା ବିଦ୍ୟାରତ୍ନଙ୍କୁ ଖୁବ୍ ଆଦର କଲେ । ଏହି ସମୟରେ ତାଙ୍କର ସ୍ତ୍ରୀ ଓ ଦୁଇପୁତ୍ର ଆକସ୍ମିକ ଭାବରେ ପ୍ରାଣ ହରାଇବାରୁ ନୀଳମଣି ବାବୁ ଦୁଃଖରେ ଭାଙ୍ଗିପଡ଼ିଲେ । ଦ୍ୱିତୀୟତଃ କେତେକ ଈର୍ଷାପରାୟଣ ବ୍ୟକ୍ତି ବିଦ୍ୟାରତ୍ନଙ୍କ ଖ୍ୟାତିକୁ ସହ୍ୟ କରି ନ ପାରି ରାଜାଙ୍କ ପାଖରେ ତାଙ୍କ ନାମରେ ନାନା କୁତ୍ସା ଓ ଖଚ ମିଛ କହିଲେ । ଫଳରେ ରାଜା ତାଙ୍କୁ ଅନ୍ୟ ଦୃଷ୍ଟିରେ ଦେଖିଲେ । ରାଜାଙ୍କ ମନୋଭାବ ବୁଝିପାରି ନୀଳମଣିବାବୁ କୌଣସି ପ୍ରତିବାଦର ସ୍ୱର ଉତ୍ତୋଳନ ନ କରି 'ଆଗେ ସର୍ଷି ଆପଣା ମହତ ଆପେ ରକ୍ଷି' ନ୍ୟାୟରେ ବଡ଼ଖେମୁଣ୍ଡି ରାଜ୍ୟ ତ୍ୟାଗ କଲେ । ଖ୍ୟାତସଂପନ୍ନ ବ୍ୟକ୍ତିମାନଙ୍କ ନାଁରେ କୁତ୍ସା ରଟନା କରିବା ଓ ଖଚ କହିବା ଈର୍ଷାପରାୟଣ ବ୍ୟକ୍ତିମାନଙ୍କର ଏକ ଦେହଜ ବ୍ୟାଧି । କାଳେ କାଳେ ଏକଥା ରହିଛି । ଯଦି ମୁଖ୍ୟ ବ୍ୟକ୍ତି (ଖଚ ଶୁଣୁଥିବା ବ୍ୟକ୍ତି) ଏଥିପ୍ରତି ସତର୍କ ନ ରହିବେ ବା ନିଜେ ସଚେତନ ନ ହେବେ ତେବେ ଏପରି ଲୋକ ଧରାପଡ଼ିବେ ନାହିଁ କି, ସେମାନଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ବରଂ ଖଚୁଆ ବା ଈର୍ଷାପରାୟଣ ବ୍ୟକ୍ତିଙ୍କ କୁଚକ୍ରାନ୍ତରେ ମୁଖ୍ୟ ବ୍ୟକ୍ତିମାନେ ନିଜର ମାନ ସମ୍ମାନ ହରାଇ ବସିବେ । ଏଣୁ ଖଚୁଆଙ୍କ ପ୍ରତି ସାବଧାନ ରହିବା ବିବେକୀ ଲୋକର ପ୍ରକୃତ ଧର୍ମ ।

ନୀଳମଣିବାବୁ ନିଜର ଆତ୍ମମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ବଡ଼ଖେମଣ୍ଡି ରାଜ୍ୟ ତ୍ୟାଗକରି ଧରାକୋଟ ରାଜ୍ୟରେ ଆସି ପହଞ୍ଚିଲେ । ସେଠାକାର ରାଜା ମଦନ ମୋହନ ସିଂହ ପତ୍ରିକା ପ୍ରକାଶ କରିବା ପାଇଁ ଆଗ୍ରହ ପ୍ରକାଶ କରି ତାଙ୍କୁ ବ୍ରହ୍ମପୁର ବସନ୍ତାରେ କିଛିଦିନ ଅବସ୍ଥାପିତ କଲେ । ବହୁଦିନ ରହି ପତ୍ରିକା ପ୍ରକାଶନ ହେବାର କୌଣସି ସୂଚନା ନ ପାଇ ସେ ବ୍ୟସ୍ତ ଥିବାବେଳେ ବଡ଼ଖେମୁଣ୍ଡି ରାଜାଙ୍କ ମୁଣ୍ଡରେ ଚେତନା ପଶିଲା । ସେ ନିଜର ଭୁଲ୍ ବୁଝିପାରି ପୁଣିଥରେ ନୀଳମଣି ବିଦ୍ୟାରତ୍ନଙ୍କୁ ନିଜ ରାଜ୍ୟକୁ ସସମ୍ମାନେ ଫେରାଇ ନେଇ ପତ୍ରିକା ପ୍ରକାଶ କଲେ । ନୀଳମଣିବାବୁ ବଡ଼ଖେମୁଣ୍ଡି ଫେରିଯାଇ ସେଠାରେ ଅବସ୍ଥାନ କରି ରାଜାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ପତ୍ରିକା ସଂପାଦନ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ଅନେକ ସାପ୍ତାହିକ ପତ୍ରିକା ସଂପାଦନ ବ୍ୟତୀତ ସେ 'ଉତ୍କଳ ମଧୁପ' ନାମରେ ଏକ ମାସିକ ପତ୍ରିକା ବଡ଼ଖେମୁଣ୍ଡିଠାରୁ ପ୍ରକାଶ କରୁଥିଲେ । ଏଥିରେ କୃଷି, ଶିକ୍ଷା, ବାଣିଜ୍ୟ, ଶିଳ୍ପ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବହୁତଥ୍ୟ ସମ୍ବଳିତ ଲେଖାମାନ ପ୍ରକାଶିତ ହେଉଥିଲା ।

ଗୌରୀଶଙ୍କର ରାୟ ସେତେବେଳେ କଟକରୁ ପ୍ରକାଶିତ ଉତ୍କଳ ଦୀପିକାର ସଂପାଦକ ଥିଲେ । ଏହି ସମୟରେ ତାଙ୍କର ମୃତ୍ୟୁ ଘଟିବାରୁ ଉତ୍କଳ ଦୀପିକା ସଂପାଦନା ଦାୟିତ୍ୱ ବହନ କରିବା ନିମନ୍ତେ ତାଙ୍କୁ ଆହ୍ୱାନ କରାଗଲା । ସେ କଟକ ଆସି ଉତ୍କଳ ଦୀପିକାର ସଂପାଦନା ଦାୟିତ୍ୱ ବହନ କରି ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ପ୍ରାଣ ପଣେ ଚେଷ୍ଟା ଓ ସଂଗ୍ରାମ ଅବ୍ୟାହତ ରଖିଲେ । ନୀଳମଣି ବିଦ୍ୟାରତ୍ନ ଥିଲେ ଅନେକ ଗଦ୍ୟ ଓ ପଦ୍ୟ ପୁସ୍ତକର ରଚୟିତା । ସେ ତାଙ୍କ ଜୀବନରେ ବହୁ କବି, ଲେଖକ ମାନଙ୍କୁ ସାହାଯ୍ୟ କରିଥିଲେ । ମହାମହୋପାଧ୍ୟାୟ ପଠାଣିସାମନ୍ତ, ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି ଆଦି ଉତ୍କଳର ଯୋଗ୍ୟ ବ୍ୟକ୍ତିଙ୍କୁ ସେ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିଲେ । ଗଙ୍ଗାଧର ମେହେର ତାଙ୍କ ମାନବିକ ମହିମା ବର୍ଣ୍ଣନା କରି ଏକ କବିତା ରଚନା କରିଯାଇଛନ୍ତି । ଗଞ୍ଜାମ ଜିଲ୍ଲାର ହରିହର ସଦସ୍ୟ ନାମରେ ଜଣେ ଦେଶ ଭକ୍ତ ଅର୍ଥାଭାବରୁ ବୃଦ୍ଧକାଳରେ ବହୁ ଦୁଃଖ ପାଉଥିବାର ଲକ୍ଷ୍ୟ କରି ସେ ସଂପାଦିତ ପତ୍ରିକାରେ ତାଙ୍କ ପାଇଁ ସାହାଯ୍ୟ ନିମନ୍ତେ ନିବେଦନ କରି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହା ବ୍ୟତୀତ ସତ୍ୟବାଦୀ ବନ ବିଦ୍ୟାଳୟ, ଶଶୀଭୂଷଣଙ୍କ 'ଆଶା' କାଗଜ ଓ 'ସମାଜ' ପତ୍ରିକାକୁ ସେ ବରାବର ଅର୍ଥ ସାହାଯ୍ୟ କରୁଥିଲେ ।

"ସମାଜ ସଂସ୍କାରକ ନୀଳମଣି ବିଦ୍ୟାରତ୍ନ"

ଜଣେ ସମାଜ ସଂସ୍କାରକ ଭାବରେ ନୀଳମଣି ବିଦ୍ୟାରତ୍ନ ଯଥେଷ୍ଟ ଖ୍ୟାତି ଅର୍ଜନ କରି ଯାଇଛନ୍ତି । ସେ ତତ୍କାଳୀନ ସମାଜରେ ବହୁବିଧ ବ୍ୟତିକ୍ରମ ଦେଖି ତାଙ୍କ ମନରେ ଗଭୀର ଦୁଃଖ ଜାତ ହେଲା, ଫଳରେ ସେ ସବୁର ସମାଧାନ ପାଇଁ ଯଥୋଚିତ ଉଦ୍ୟମ ଅବ୍ୟାହତ ରଖିଥିଲେ । ସେ ଖଲ୍ଲିକୋଟରେ ଥିବାବେଳେ ବ୍ରାହ୍ମଣମାନଙ୍କ ଶାସ୍ତ୍ରଜ୍ଞାନ ବୃଦ୍ଧି ପାଇଁ ସଂସ୍କୃତ ଟୋଲ ବସାଇ ଥିଲେ ଓ ବ୍ରାହ୍ମଣ ସମିତି ଗଠନ କରିଥିଲେ । ତତ୍କାଳୀନ ସମାଜରେ ପ୍ରଚଳିତ ବାଲ୍ୟ ବିଧବା ପ୍ରଥା ତାଙ୍କ ମନରେ ବିଶେଷ ଆଘାତ ପ୍ରଦାନ କରିଥିଲା । ଫଳରେ ସେ ଏହି କଳଙ୍କ ସମାଜରୁ ଦୂର କରିବା ପାଇଁ ବଦ୍ଧପରିକର ହୋଇ ପତ୍ର ପତ୍ରିକା ମାଧ୍ୟମରେ ଲେଖା ପ୍ରକାଶ କରି ଆନ୍ଦୋଳନ ଆରମ୍ଭ କରିଥିଲେ । ସମାଜର ତଥାକଥିତ ବହୁ ବଡ଼ ପଣ୍ଡା ତାଙ୍କର ଏହି କାର୍ଯ୍ୟକ୍ରମକୁ ବିରୋଧ କଲେ । କିନ୍ତୁ ସେ ଛାଡ଼ିବା ଲୋକ ନୁହନ୍ତି, ସଭା ସମିତି ମାଧ୍ୟମରେ ବିଧବା ବିବାହ ପ୍ରଚଳନ ନିମନ୍ତେ ଆହ୍ୱାନ ପ୍ରଦାନ କରି ବହୁ ପରିମାଣରେ ସଫଳତା ଲାଭ କରିଥିଲେ । ତାଙ୍କ ଉଦ୍ୟମରେ ପୁରୀରେ ବିଧବାଶ୍ରମ ପ୍ରତିଷ୍ଠା ହୋଇଥିଲା ।

### ଶେଷ ନିଶ୍ୱାସ

ସେ ନିର୍ଭିକ ସତ୍ୟବାଦୀ ଓ ସଚ୍ଚୋଟ ବ୍ୟକ୍ତି ଥିବାରୁ ତାଙ୍କଠାରେ (ଗୋଡ଼ାଣିଆ) ପ୍ରବୃତ୍ତି ପ୍ରକାଶ ପାଇ ନ ଥିଲା, ଫଳରେ ସେ ସର୍ବଦା ଦୃଢ଼ ରହୁଥିଲେ । ଏଣୁ ଅନେକ ଲୋକ ତାଙ୍କୁ ଅନ୍ତର ସହକାରେ ଭଲ ପାଉ ନ ଥିଲେ । 'ଉତ୍କଳ ଦୀପିକା' ସଂପାଦନା କରୁଥିବା ସମୟରେ ପରିଚାଳନା ପରିଷଦର ସଭ୍ୟମାନଙ୍କ ସହ ତାଙ୍କର ମତଭେଦ ଘଟିଲା । ମୃତ୍ୟୁର ତିନିମାସ ପୂର୍ବରୁ ସେ ଉତ୍କଳ ଦୀପିକାର ସଂପାଦନା ଦାୟିତ୍ୱ ତ୍ୟାଗ କରି ସ୍ୱାଧୀନ ଭାବରେ ଏକ ପତ୍ରିକା ସଂପାଦନା କରିବା ଚେଷ୍ଟାରେ ଥିବା କାଳରେ ତାଙ୍କର ଆକସ୍ମିକ ବିୟୋଗ ଘଟିଲା । ୧୯୨୪ ମସିହା ଜୁନ ମାସ ୨୬ ତାରିଖ ଦିନ ରାତ୍ରି ବାରଟା ସମୟରେ ସେ କଟକ ସହରରେ ଇହଲୀଳା ସାଙ୍ଗ କଲେ ।

ଜଣେ ସାମାନ୍ୟ ପ୍ରାଥମିକ ଶିକ୍ଷକରୁ ଜଣେ ଶ୍ରେଷ୍ଠ ସାମାଜିକ, ସାହିତ୍ୟିକ ଓ ନେତା ଭାବରେ ସେ ଓଡ଼ିଶା ପାଇଁ ଯେଉଁ କାର୍ଯ୍ୟ କରି ଯାଇଛନ୍ତି ତାହା ଚିରଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବ ଏଥିରେ ସନ୍ଦେହ ନାହିଁ । ପ୍ରକୃତରେ ବଡ଼ ଦୁଃଖର ବିଷୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜାତୀୟ ଋଣ ସଂପର୍କରେ ଓଡ଼ିଶାବାସୀ ଏ ପର୍ଯ୍ୟନ୍ତ ସଚେତନ ହୋଇପାରି ନାହାନ୍ତି । ଓଡ଼ିଆ ଜାତି ତାଙ୍କୁ ଠିକ୍ ଭାବରେ ଚିହ୍ନି ପାରି ନାହିଁ । କବି ଗଙ୍ଗାଧର ତାଙ୍କ ଗୁଣ ଗାଇ ଲେଖିଯାଇଛନ୍ତି—

ଯାବତ ରହିବେ ଥିବ ବାଣୀ-ନିକେତନ ।
ତାବତ୍ ରହିବ ତୁମ କୀରତି-କେତନ ॥

ଯଥାର୍ଥରେ ନୀଳମଣି ବିଦ୍ୟାରତ୍ନ ଉତ୍କଳ ଜନନୀର ଅମର ସନ୍ତାନ ।

ଓଡ଼ିଶା ସୁଦୂର ପର୍ଯ୍ୟବେକ୍ଷଣ ଉପଯୋଗ କେନ୍ଦ୍ର
ବିଜ୍ଞାନ ବୈଷୟିକ ଓ ପରିବେଶ ବିଭାଗ
୧୭, ସତ୍ୟନଗର, ଭୁବନେଶ୍ୱର—୭୫୧୦୦୭



ସୂଚନା ଓ ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଧୀରେନ୍ଦ୍ର ସିଂହଙ୍କ ଗଞ୍ଜାମ ଜିଲ୍ଲାର ହରଭଙ୍ଗୀ ମଧ୍ୟମ ଜଳସେଚନ ଯୋଜନା

# ରୋଗ ନିବାରଣ ଓ ନିରାକରଣ

ଶ୍ରୀ ଲକ୍ଷ୍ମୀନାରାୟଣ ରାଉତରାୟ

ରୋଗ ମନୁଷ୍ୟର ପ୍ରଧାନ ଶତ୍ରୁ । ଏହା ମନର ଶାନ୍ତିକୁ ବିଶେଷଭାବେ ବ୍ୟାହତ କରିଥାଏ । ପ୍ରତ୍ୟେକ ମନୁଷ୍ୟ ତାର ଜୀବନ କାଳ ମଧ୍ୟରେ ରୋଗରେ ପୀଡ଼ିତ ହେବା ଏକପ୍ରକାର ଧ୍ରୁବ ସତ୍ୟ । ଏଥିରୁ ଜଣେ ହେଲେ କେହି ନିସ୍ତାରଲାଭ କରିନାହିଁ । ଏହି କାରଣରୁ ମନୁଷ୍ୟ ଆବହମାନ କାଳରୁ ରୋଗ ବିରୁଦ୍ଧରେ ସଂଗ୍ରାମ ଚଳାଇ ଆସୁଛି । ଏହି ସଂଗ୍ରାମ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟର ଅସ୍ତିତ୍ୱ ଥିବାପର୍ଯ୍ୟନ୍ତ ହୁଏତ ଚାଲିବ ।

ଅଧୁନା ବିଜ୍ଞାନୀମାନେ ଜଡ଼ବାଦୀ । ଏମାନେ ପଞ୍ଚମହାଭୂତକୁ ନେଇ ଗବେଷଣା କରି ଅନେକ କିଛି ଉଦ୍‌ଭାବନ କରିଥିଲେବି ମନୋମୟ ବିଜ୍ଞାନ ସମ୍ବନ୍ଧରେ ପାରଦର୍ଶିତା ଲାଭ କରିପାରିନାହାଁନ୍ତି । ଦୃଶ୍ୟମୟ ଜଗତକୁ ପ୍ରାଧାନ୍ୟ ଦେବା ଏହାର ଏକମାତ୍ର କାରଣ । ଯେଉଁ ବିଜ୍ଞାନୀମାନେ ତାଙ୍କ ନିଜ ମନକୁ ଦୃଢ଼ଭାବେ ସ୍ଥିରକରି ନିସ୍ୱାର୍ଥପର ଭାବରେ ଗବେଷଣା ଚଳାଇ ବିଜ୍ଞାନରେ ଚମକ ସୃଷ୍ଟି କରିପାରିଛନ୍ତି, ସେମାନେ ତାଙ୍କ ଇଚ୍ଛାଶକ୍ତିକୁ ଭୌତିକଶକ୍ତି ଆଗରେ ହେୟ ବା ଗୌଣ ମନେକରିବା ସ୍ପୃହଣୀୟ କି ? ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଈଶ୍ୱରଙ୍କ ଇଚ୍ଛାଶକ୍ତିର ସଫଳ ରୂପାୟନ ହୋଇଥିବାରୁ ଇଚ୍ଛାଶକ୍ତି (ମନୁଷ୍ୟର ଅନ୍ତର୍ନିହିତ ଆତ୍ମିକ ଶକ୍ତି) ବ୍ରହ୍ମ ଶକ୍ତିର ଅର୍ଦ୍ଧାଙ୍ଗିନୀ । ଏହି ଇଚ୍ଛାଶକ୍ତିହିଁ ପ୍ରକୃତିରୂପେ ବିଦିତ । ଏହାକୁ ଭିତ୍ତିକରି ଜଡ଼ବାଦୀ ବିଜ୍ଞାନୀମାନେ ତାଙ୍କ ବିଜ୍ଞାନ ଗବେଷଣାକୁ ନୂତନ ମୋଡ଼ ଦେବା ଆବଶ୍ୟକ । ଆଧୁନିକ ବିଜ୍ଞାନରେ ପାରଦର୍ଶିତା ଲାଭ କରିଥିବା ଶ୍ରେଷ୍ଠ ବୈଜ୍ଞାନିକ "ଆଇନ୍‌ଷ୍ଟାଇନ୍" ବ୍ରହ୍ମଙ୍କର ଏହି ଇଚ୍ଛାଶକ୍ତିକୁ ସଠିକ୍‌ଭାବେ ଅନୁଭବ କରିପାରିଥିଲେ ।

ଉପରୋକ୍ତ ପର୍ଯ୍ୟାଲୋଚନା କରିବାର ମୂଳଲକ୍ଷ୍ୟ ହେଉଛି ଏହି ବିଶ୍ୱବ୍ରହ୍ମାଣ୍ଡ ଜଣକର ଇଚ୍ଛାଶକ୍ତିରେ ପରିଚାଳିତ ହେଉଅଛି । ଏହି ମହା ? ଶକ୍ତିର କ୍ଷୟନାହିଁ ଏବଂ ଏହା ସ୍ୱୟଂସମ୍ଭୂତା ଏହାର ଅନ୍ତ ନାହିଁ ଓ ଏହା ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ। ବିଭିନ୍ନ ଉପାୟରେ ରୋଗର ନିରାକରଣ କରାଯାଇଥାଏ । ଏଣୁ ଏ ବିଷୟ ଅତ୍ୟନ୍ତ ବ୍ୟାପକ । ସୁଷ୍ଠୁଉପାୟରେ ରୋଗର ନିରାକରଣ ସରଳ, ସହଜଲବ୍ଧ ଓ ସମସ୍ତଙ୍କ ହୃଦ୍‌ବୋଧ ହେବା ଉଚିତ୍ । ଏଠାରେ ରୋଗ ନିବାରଣ ଓ ନିରାକରଣ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଉପରେ ବିଶେଷଭାବରେ ପର୍ଯ୍ୟବେସିତ । ଏହି ବିଶ୍ୱବ୍ରହ୍ମାଣ୍ଡରେ ଆକର୍ଷଣଶକ୍ତି (ଚୁମ୍ବକୀୟ ଓ ବୈଦ୍ୟୁତିକ) ଅହରହ କାର୍ଯ୍ୟକରୁଅଛି । ଏହି ଆକର୍ଷଣଶକ୍ତିର ସାମାନ୍ୟ ତାରତମ୍ୟ ଓ ବ୍ୟତିକ୍ରମରେ ପୃଥିବୀ ପୃଷ୍ଠରେ ନାନାପ୍ରକାର ବ୍ୟତ୍ୟୟ ଦେଖାଦେଇଥାଏ । ଠିକ୍ ସେହିପରି ମନୁଷ୍ୟର ଶରୀରରେ ପ୍ରାଣଶକ୍ତି ପରମେଶ୍ୱରଙ୍କର ଶକ୍ତି ଦ୍ୱାରା ଆକର୍ଷିତ ହୋଇ ନିର୍ଦ୍ଦିଷ୍ଟ ନିୟମରେ କାର୍ଯ୍ୟ କରୁଅଛି । ମନୁଷ୍ୟ ପରମେଶ୍ୱରଙ୍କଠାରୁ ଯେତେ ଦୂରେଇଯାଉଥିବ ତାର ପ୍ରାଣଶକ୍ତି ସେତେ ସେତେ ଦୁର୍ବଳ ହୋଇ ଚାଲିଥିବ । ଦୁର୍ବଳ-ପ୍ରାଣଶକ୍ତି ମନୁଷ୍ୟକୁ ମୃତ୍ୟୁମୁଖକୁ ଧୀରେ ଧୀରେ ଟାଣିନିଏ । ଆତ୍ମଶକ୍ତିର ଚମତ୍କାରିତା ବିଷୟରେ M. R. V. M. BHAT ତାଙ୍କ Yogic powers and God realisation ପୁସ୍ତକରେ ଲେଖିଛନ୍ତି;

"Now if this "Spirit" or "mind stuff" and 'psychic energy' according to Mc Dougall is immanent in the universe, and if we are a microcosmic part and parcel of the same universe if follows that the same Cosmic energy or spirit must be in us also. For our microcosom is planned by the same architect, and it must contain the same energy. Following this line, Mc Dugall in his Energies of Man says that there must be some one causal energy to explain the the Law of causation in the universe. We daily experience it in reviving our exhausted energies by taking nourishing food, and converting it inro psychic energy. Human energy is like physical

energy such as heat, light and electricity but has an element of consciousness.

ରୋଗ ନିରାକରଣ ପ୍ରସଙ୍ଗ ଆରମ୍ଭକରିବା ପୂର୍ବରୁ ରୋଗ ନିବାରଣ ବିଷୟରେ ଆଲୋକପାତ କରିବା ସମୀଚୀନ ହେବ ।

କଥାରେ ଅଛି 'Prevention is better than cure' ରୋଗ ସୃଷ୍ଟିହେବା ପରେ ଚିକିତ୍ସା ଆରମ୍ଭ କରିବା ପରିବର୍ତ୍ତେ ରୋଗ ସୃଷ୍ଟି କିପରି ନହେବ ସେଥିପାଇଁ ବିଶେଷ ଭାବରେ ଧ୍ୟାନଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ସଂପୂର୍ଣ୍ଣଭାବେ ରୋଗ ନିବାରଣ ନିମ୍ନଲିଖିତ କାରଣରୁ ମନୁଷ୍ୟ ଜୀବନରେ ସମ୍ଭବ ହୋଇନଥାଏ ।

୧ । ପ୍ରତ୍ୟେକ ମନୁଷ୍ୟର ପୂର୍ବଜନ୍ମ ରହିଛି । ପୂର୍ବଜନ୍ମର କୃତକର୍ମର କୁଫଳ ଓ ସୁଫଳ ଇହଜନ୍ମରେ ମନୁଷ୍ୟକୁ ଭୋଗ କରିବାକୁ ପଡ଼ିଥାଏ । ଏହା ପ୍ରକୃତିର ନିୟମ । ଏହାକୁ ପ୍ରାରବ୍ଧ କର୍ମକର ଫଳ କୁହାଯାଇଥାଏ । ପୂର୍ବଜନ୍ମରେ ମନୁଷ୍ୟର ଚରିତ୍ର ଯେଉଁ ସ୍ତରରେ ମୃତ୍ୟୁ ବେଳକୁ ଥାଏ ଇହ ଜନ୍ମରେ ସେହି ଚରିତ୍ରର ସେହିସ୍ତରରୁ ଆରମ୍ଭ ହୋଇଥାଏ । ସାତ୍ତ୍ୱିକ, ରାଜସିକ ଓ ତାମସିକ ଗୁଣତ୍ରୟର ତାରତମ୍ୟରେ ରୋଗର ଉତ୍ପତ୍ତି ହୋଇଥାଏ । ତେଣୁ ମନୁଷ୍ୟ ରୋଗ ଭୋଗ କରିବା ଏକପ୍ରକାର ନିର୍ଦ୍ଦିଷ୍ଟ । ପୂର୍ବଜନ୍ମର କର୍ମଫଳ ଅନୁସାରେ ମନୁଷ୍ୟର ଜନ୍ମ ପ୍ରକୃତିର ବିଶିଷ୍ଟ ନୀତିନିୟମ ଭିତରେ ହୋଇଥାଏ । ଏହି କାରଣରୁ ହୁଏତ କେତେକ ମନୁଷ୍ୟ ଉତ୍ତମ ପିତା ମାତା କୋଳରେ ଓ ଉତ୍ତମ ପରିବେଶ ମଧ୍ୟରେ ଜନ୍ମଗ୍ରହଣ କରିଥାଆନ୍ତି । ସେହିପରି କେତେକ ମନୁଷ୍ୟ ନିକୃଷ୍ଟ ପିତାମାତା ଓ ଅତ୍ୟନ୍ତ ଆବର୍ଜନାପୂର୍ଣ୍ଣ ପରିବେଶ ମଧ୍ୟରେ ଜନ୍ମ ଲାଭ କରିଥାନ୍ତି । ଅସୁସ୍ଥ ଓ ଆବର୍ଜନାପୂର୍ଣ୍ଣ ପରିବେଶରେ ଜନ୍ମ ଲାଭ କଲେ ରୋଗ ଆକ୍ରମଣ କରିବା ଅତ୍ୟନ୍ତ ସହଜ । ଏହି କାରଣରୁ ରୋଗ ନିବାରଣ ଏକପ୍ରକାର ଅସମ୍ଭବ ମନେ ହୋଇଥାଏ । ପ୍ରତ୍ୟେକ ମନୁଷ୍ୟର ନିଜସ୍ୱ ବିବେକ ଓ ଜ୍ଞାନ ଥିବାରୁ ରୋଗ ନିବାରଣ କ୍ଷେତ୍ରରେ ସେ ନିର୍ଦ୍ଦିଷ୍ଟ ଭାବରେ ଆଗେଇଯାଇପାରିବ । ଏଥିପାଇଁ ପ୍ରତ୍ୟକ୍ଷ ଜ୍ଞାନ ଓ ଦୃଢ଼ମନ ଆବଶ୍ୟକ ।

୨ । ଅନେକ ରୋଗ ବଂଶପରମ୍ପରାରୁ ଜାତହୋଇଥାଏ । ତେଣୁ ମନୁଷ୍ୟର ଜନ୍ମ ତା'ର ପୂର୍ବଜନ୍ମର କର୍ମଫଳ ଅନୁସାରେ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଥିବାରୁ ବଂଶପରମ୍ପରା ହେତୁ ରୋଗ ଜାତ ହେବା ସ୍ୱାଭାବିକ । ଏହି ବଂଶପରମ୍ପରା ରୋଗରୁ ମୁକ୍ତି ଲାଭ କରିବାର ଉପାୟ ମନୁଷ୍ୟ ଈଶ୍ୱରଙ୍କ କୃପା ଲାଭକରିବା । ଅନେକ ଔଷଧଅଛି ଯାହାର ବଂଶ ପରମ୍ପରା ରୋଗରୁ ମୁକ୍ତି ଦେବାପାଇଁ ଶକ୍ତି ଓ ସାମର୍ଥ୍ୟ ରହିଛି । ତେଣୁ ଆମସମସ୍ତଙ୍କର ଏହିପ୍ରକାର ଔଷଧ ବିଷୟରେ ସମ୍ୟକ୍ ଜ୍ଞାନ ହେବା ଉଚିତ୍ । ଅବଶ୍ୟ ବଂଶପରମ୍ପରା ରୋଗ ଓ ଅସୁସ୍ଥ ପରିବେଶ ମଧ୍ୟରୁ ଜାତ ରୋଗ ଭୋଗକରିବା କୃତକର୍ମର ଫଳ ହୋଇଥିବାରୁ ସେଥିରୁ ମୁକ୍ତି ଲାଭ କରିବା ଅତ୍ୟନ୍ତ କଷ୍ଟକର । ଈଶ୍ୱରଙ୍କର ଆଶୀର୍ବାଦ ଓ କରୁଣା ବଳରେ ସବୁ କିଛି ସମ୍ଭବ ହୋଇପାରିବ । ଏଥିପାଇଁ ଈଶ୍ୱରଙ୍କର ଶରଣାପନ୍ନ ହେବା ବିଧେୟ । ନଚେତ୍ ରୋଗରେ ପୀଡ଼ିତ ହୋଇ ସଂସାରର ସମସ୍ତ ସୁଖରୁ ବଂଚିତ ହେବାକୁ ପଡ଼ିବ ।

୩ । ଉପରୋକ୍ତ ଦୁଇଟି କାରଣ ମନୁଷ୍ୟର କୃତ କର୍ମର ଫଳସ୍ୱରୂପ । କିନ୍ତୁ ଇହଜନ୍ମରେ ମନୁଷ୍ୟ ତାର ବିବେକ ଓ ବୁଦ୍ଧି ବଳରେ କୃତକର୍ମର ଫଳକୁ ମଧ୍ୟ ଏଡ଼ାଇଦେଇପାରେ । ଅପର ପକ୍ଷରେ ଇହଜନ୍ମରେ ବିବେକ ଓ ବୁଦ୍ଧିହୀନ ହେଲେ ମନୁଷ୍ୟ କୃତକର୍ମର ଫଳ ଭୋଗ କରିବା ସଂଗେ ସଂଗେ ଅଧିକରୁ ଅଧିକ ପାପାକ୍ରାନ୍ତ ହୋଇଥାଏ ।

ତେବେ ରୋଗ ବିରୁଦ୍ଧରେ ସଂଗ୍ରାମ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କର୍ମ କରିବାର ଅଧିକାର ଆମର ରହିଛି । ଫଳକଥା ଈଶ୍ୱରଙ୍କର ଇଚ୍ଛା ଉପରେ ନିର୍ଭର କରେ । ରୋଗ ନିବାରଣ ନିମ୍ନଲିଖିତ କେତୋଟି ପଦ୍ଧତିର ଅବଲମ୍ବନରେ ସମ୍ଭବ ହୋଇପାରେ ।

## ରୋଗ ପ୍ରତିରୋଧକ ଶକ୍ତିର ବୃଦ୍ଧି

ପୂର୍ବ ଲେଖାରେ ପର୍ଯ୍ୟାଲୋଚନା କରାଯାଇଛି ଯେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସରେ ମନୁଷ୍ୟ ରୋଗାକ୍ରାନ୍ତ ହୋଇପଡ଼େ । ଏହି ଶକ୍ତି ପ୍ରାଣଶକ୍ତିର ଅନ୍ତର୍ଗତ । ଜୀବାଣୁମାନେ ରୋଗ ସୃଷ୍ଟିକରନ୍ତି । ଆମ ସମସ୍ତଙ୍କର ଏପ୍ରକାର ଦୃଢ଼ଧାରଣା ରହିଛି । ଏହି ଧାରଣାର ବଶବର୍ତ୍ତୀହୋଇ ଡାକ୍ତରମାନେ ଜୀବାଣୁ ବିଧ୍ୱଂସୀ ଔଷଧର ସେବନପାଇଁ ରୋଗୀକୁ ପରାମର୍ଶ ଦେଇଥାନ୍ତି । ରୋଗ ପ୍ରତିରୋଧକଶକ୍ତିର ଅଭାବରେ ମନୁଷ୍ୟ ରୋଗାକ୍ରାନ୍ତ ହୋଇଥିବାରୁ ଏହାର ବୃଦ୍ଧି ଦିଗରେ ଯତ୍ନବାନହେବା ଉଚିତ୍ । ଏହିଶକ୍ତି ମନୋମୟ ଓ ପ୍ରାଣମୟ ଶକ୍ତିର ଅନ୍ତର୍ଗତ ହୋଇଥିବାରୁ ଏହାର ବୃଦ୍ଧିପାଇଁ ନିମ୍ନଲିଖିତ ଉପାୟରେ ମନୁଷ୍ୟ ଦୈନନ୍ଦିନ କାର୍ଯ୍ୟକରିବା ଉଚିତ୍ :

(କ) ସୁସ୍ଥମନ ସୁସ୍ଥଶରୀର ଗଠନକରେ । ମନକୁ ନିର୍ମଳ ରଖିପାରିଲେ ଆତ୍ମାର ତେଜ ଭୌତିକ ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ । ଚିତ୍‌ଶକ୍ତି ହିଁ ଆତ୍ମା ସ୍ୱରୂପ ଏବଂ ଏହା ପରମାତ୍ମାଙ୍କ ଅଂଶ ହୋଇଥିବାରୁ ଆତ୍ମା ପରମାତ୍ମାଙ୍କ ମିଳନରେହିଁ ମନୁଷ୍ୟ ଅସୀମ ଶକ୍ତିର ଅଧିକାରୀ ହୋଇପାରିବ । ତେବେ କେବଳ ମନୁଷ୍ୟ ତା'ର ଚିତ୍ତକୁ ଈଶ୍ୱରଙ୍କପାଖେ ଅର୍ପଣ ମାତ୍ରେହିଁ ତାର ଅହଂଭାବ ବିଲୀନହେବା ସଂଗେ ସଂଗେ ସମସ୍ତ କୁକର୍ମ ଓ ବିକାରମନରୁ ବିଲୟ ଘଟିବ । ଅବଶ୍ୟ ଏହି ଅବସ୍ଥାକୁ ମନୁଷ୍ୟ ଆସିବାପାଇଁ ସଂପୂର୍ଣ୍ଣ ନିଷ୍ଠାପରଭାବେ ପ୍ରତିଦିନ ଈଶ୍ୱର ଚରଣରେ ଚିତ୍ତ ସମର୍ପଣକରି ଅହଂଭାବକୁ ଦୂରେଇଦେବା ଉଚିତ୍ । ଏହିପ୍ରକାର ଅଭ୍ୟାସ କିଛିଦିନକଲେ ଆତ୍ମାର ତେଜ ଶରୀରର ସମସ୍ତ ସୂକ୍ଷ୍ମାଂଶରେ ପତିତହୋଇ ରୋଗ ପ୍ରତିରୋଧକ ଶକ୍ତିର ବୃଦ୍ଧି ଘଟିଥାଏ । ଏହି ତେଜଶକ୍ତିରେ ଜୀବାଣୁମାନେ ନିଷ୍କ୍ରିୟ ହୋଇଯାନ୍ତି । ଅତଏବ ଈଶ୍ୱରଙ୍କଠାରେ ଚିତ୍ତ ସମର୍ପଣ ଜୀବାଣୁଜନିତ ରୋଗପାଇଁ ଶ୍ରେଷ୍ଠ ଆଣ୍ଟିବାଓଟିକ୍ ଔଷଧ । ପୁନଶ୍ଚ ସତ୍ତ୍ୱଗୁଣର ବୃଦ୍ଧିଯୋଗୁଁ ରଜ ଓ ତମୋଗୁଣରୁ ଜାତ ରୋଗ ଧୀରେଧୀରେ ବିଲୀନ ହୋଇଥାଏ । ଅପରପକ୍ଷରେ ସତ୍ତ୍ୱଗୁଣ ଶରୀରର ପୁଷ୍ଟିସାଧନ ଓ ଗଠନରେ ଯଥେଷ୍ଟ ସହାୟକ ହୋଇ ମନୁଷ୍ୟକୁ ଅପରିମିତ ଶାରୀରିକ ଓ ମାନସିକବଳ ପ୍ରଦାନ କରିଥାଏ ।

## ଉତ୍ତମ ସ୍ୱାସ୍ଥ୍ୟପାଇଁ ଉତ୍ତମ ଖାଦ୍ୟ ଅପରିହାର୍ଯ୍ୟ

(ଖ) ଉତ୍ତମ ଖାଦ୍ୟର ସଂଜ୍ଞା କ'ଣ ? ଆମ ସମସ୍ତଙ୍କର ଉତ୍ତମ ଖାଦ୍ୟ ବିଷୟରେ ସମ୍ୟକ୍ ଜ୍ଞାନରହିବା ଉଚିତ୍ । କିନ୍ତୁ ମନେ ରଖିବାକୁ ପଡ଼ିବ ଉତ୍ତମ ଖାଦ୍ୟ ଗ୍ରହଣ କଲେଯେ ଉତ୍ତମ ସ୍ୱାସ୍ଥ୍ୟ ଜଣେ ଧାରଣ କରିପାରିବ ଏପ୍ରକାର ଭ୍ରାନ୍ତ ଧାରଣା ରଖିବା ଉଚିତ୍ ନୁହେଁ । ଉତ୍ତମ ଖାଦ୍ୟରୁ ସାରାଂଶ ଗ୍ରହଣ କରିବାପାଇଁ ଶରୀରର ଗ୍ରାହ୍ୟଶକ୍ତି ରହିବା ଉଚିତ୍ । ସୁନିଶ୍ଚିତ ଶରୀରର ଖାଦ୍ୟରୁ ସାରାଂଶ ଗ୍ରହଣ କରିବାର ଗ୍ରାହ୍ୟଶକ୍ତି ଥିଲେବି ଯଦିଖାଦ୍ୟର ଗୁଣାତ୍ମକ ମୂଲ୍ୟବୋଧକୁ ମନୁଷ୍ୟର ମନ ସଠିକ୍‌ଭାବେ ଗ୍ରହଣ କରି ନ ପାରେ ତେବେ ଉତ୍ତମ ଖାଦ୍ୟର ଉପଯୋଗିତା ସଂପୂର୍ଣ୍ଣରୂପେ ବିଫଳ ହେବବୋଲି ଜାଣିବାକୁ ପଡ଼ିବ । ଆମର ହିନ୍ଦୁଶାସ୍ତ୍ର ଅନୁସାରେ ଖାଦ୍ୟ ତିନି ଶ୍ରେଣୀରେ ବିଭକ୍ତ : ସାତ୍ତ୍ୱିକ, ରାଜସିକ ଓ ତାମସିକ । ସାତ୍ତ୍ୱିକ ଖାଦ୍ୟ ସାତ୍ତ୍ୱିକ ଗୁଣର ଅଭିବୃଦ୍ଧି କରାଇଥାଏ । ତେଣୁ ସାତ୍ତ୍ୱିକ ଖାଦ୍ୟ ଉତ୍ତମ ସ୍ୱାସ୍ଥ୍ୟପାଇଁ ଏକାନ୍ତ ଅପରିହାର୍ଯ୍ୟ । ଖାଦ୍ୟର ତ୍ରିବିଧ କ୍ରିୟାଶକ୍ତି ବିଷୟରେ "ଛାନ୍ଦୋଗ୍ୟ ଉପନିଷଦ" କହେ ;

"ଅନ୍ନମଶିତଂ ତ୍ରେଧାବିଧିୟତେ ତସ୍ୟଯଃ ସ୍ଥବିଷ୍ଠୋ ଧାତୁସ୍ତତ୍‌ପୁରିଷଂ ଭବତିଯୋ ମଧ୍ୟମସ୍ତ ମାଂସଂ ଯୋଃଣିଷ୍ଠ ସ୍ତନ୍ମନଃ "

ଅର୍ଥାତ୍ ଖାଦ୍ୟ ମନୁଷ୍ୟ ଗ୍ରହଣ କଲପରେ ତିନିଭାଗରେ ବିଭକ୍ତ ହୋଇଥାଏ । ଯଥା (୧) ମଳ (୨) ମେଦ (୩) ମନ ।

ସେହିପରି ଜଳର ତ୍ରିବିଧ କ୍ରିୟାଶକ୍ତି ବିଷୟରେ "ଛାନ୍ଦୋଗ୍ୟ ଉପନିଷଦ୍" କହେ :

"ଆପଃ ପୀତାଃତ୍ରେଧା ବିଧୀୟନ୍ତେ ତାସାଂଯଃ ସ୍ଥବିଷ୍ଠୋ ଧାତୁସ୍ତନ୍ମୁତ୍ରଂ ଭବତିଯୋ ମଧ୍ୟମସ୍ତଲ୍ଲୋହିତଂ ଯୋଣିଷ୍ଠଃ ସ ପ୍ରାଣଃ "

ଅର୍ଥାତ୍ ଜଳମନୁଷ୍ୟ ଶରୀରରେ ତିନିପ୍ରକାର କାର୍ଯ୍ୟକରେ । ଯଥା—ଏହାର ସ୍ଥଳଅଂଶ ମୂତ୍ର ଆକାରରେ ଶରୀରରୁ ନିର୍ଗତ ହୋଇଥାଏ । ଏହାର ସୂକ୍ଷ୍ମାଂଶ ରକ୍ତରେ ମିଶିଥାଏ । ଏହାର ସୂକ୍ଷ୍ମତମ ଅଂଶ ପ୍ରାଣ ଶକ୍ତିରେ ପରିଣତ ହୋଇଥାଏ ।

ଉପରୋକ୍ତ ମର୍ମରେ ଅଗ୍ନି ବିଷୟରେ ଛାନ୍ଦୋଗ୍ୟ ଉପନିଷଦ କହେ :

ତେଜୋଶିତଂ ତ୍ରେଧା ବିଧିୟତେ ତସ୍ୟଯଃ ସ୍ଥବିଷ୍ଠୋ ଧାତୁସ୍ତଦସ୍ଥି ଭବତି ଯୋ ମଧ୍ୟମଃ ସ ମଜ୍ଜା ଯୋଣିଷ୍ଠଃ ସା ବାକ୍ ।

ଏହାର ବ୍ୟାଖ୍ୟାକରି ସ୍ୱାମୀ ସ୍ୱାହାନନ୍ଦ କହିଲେ—"Fire (in the form of oil, clarified butter) when eaten, becomes divided into three parts. What is its grossest ingredient, that is bone, what is the middling ingredient that is marrow and what is the subtlest ingredient that is speech.

ଉପରୋକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟଭାବେ ସୂଚିତ ହେଉଛିଯେ ଖାଦ୍ୟରୁ ମନୁଷ୍ୟର ମନର ସୃଷ୍ଟି, ଜଳରୁ ମନୁଷ୍ୟର ପ୍ରାଣ-ଶକ୍ତିର ସୃଷ୍ଟି ଓ ଅଗ୍ନିରୁ ବାକ୍‌ଶକ୍ତିର ସୃଷ୍ଟି ହୋଇଥାଏ । ଏଣୁ ଉତ୍ତମଖାଦ୍ୟ ଓ ଜଳର ଆବଶ୍ୟକତା ମନୁଷ୍ୟ ପକ୍ଷେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ରୋଗ ନିବାରଣରେ ପରିବେଶର ଭୂମିକା

(ଗ) ସୁସ୍ଥ ପରିବେଶ ମନୁଷ୍ୟକୁ ଅନେକାଂଶରେ ରୋଗ ନିବାରଣ ଓ ନିରାକରଣରେ ସାହାଯ୍ୟ କରିଥାଏ । ନିମ୍ନଲିଖିତ କାରଣରୁ ସୁସ୍ଥପରିବେଶର ଅବନତି ଘଟେ । ଏହାର ଅବନତିରେ ରୋଗ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ରୋଗ ନିରାକରଣରେ ମଧ୍ୟ ପ୍ରଧାନ ଅନ୍ତରାୟ ହୋଇଥାଏ ।

୧। ବନ୍ୟ ସଂପଦର ନିରବଚ୍ଛିନ୍ନ ଧ୍ୱଂସସାଧନ ।

୨। ସହରାଞ୍ଚଳକୁ ଲାଗି କଳକାରଖାନାମାନଙ୍କର ବହୁଳ-ଭାବେ ପ୍ରତିଷ୍ଠା ଓ ସଂପ୍ରସାରଣ । ଅନେକ କଳକାରଖାନା-ମାନଙ୍କରୁ ବିଷାକ୍ତ ବାଷ୍ପ ଓ ଧୂଆଁ ନିର୍ଗତ ହୋଇ ବାୟୁ ମଣ୍ଡଳକୁ ଦୂଷିତ କରିଥାଏ ।

୩। ବହୁଳଭାବେ ମଟରଗାଡିର ବ୍ୟବହାର ବାୟୁମଣ୍ଡଳକୁ ମଧ୍ୟ ଦୂଷିତ କରିଥାଏ ।

୪। ସହରର ନାଳ ନର୍ଦ୍ଦମାର ମଇଳା ନିୟମିତଭାବେ ନିଷ୍କାସନ ନହୋଇ ପାରିବା ।

୫। ସହରରେ ବେନିୟମଭାବେ ବହୁଳ ଗୃହନିର୍ମାଣ ସୁସ୍ଥବାୟୁ ଚଳାଚଳରେ ବାଧାପ୍ରାପ୍ତ କରାଇଥାଏ ।

୬। ସର୍ବୋପରି ସହରରେ ବିଭିନ୍ନ ପ୍ରକାରର ଶବ୍ଦତରଙ୍ଗ (ଯେଥା—ମଟର ଗାଡି ଶବ୍ଦ, ମାଇକ୍‌ରେ ପ୍ରଖର ଶବ୍ଦ, ପର୍ବ-ପର୍ବାଣୀମାନଙ୍କରେ ବାଜା ଓ ବାଣ ଶବ୍ଦ ଇତ୍ୟାଦି) ମନୁଷ୍ୟର ସୂକ୍ଷ୍ମ ତନ୍ତ୍ରୀରେ ପ୍ରତିଧ୍ୱନିତ ହୋଇ ଶରୀରରେ ପ୍ରବାହିତ ବୈଦ୍ୟୁତିକ ତରଙ୍ଗରେ ବାଧା ସୃଷ୍ଟି କରିଥାଏ । ମନୁଷ୍ୟ ଶରୀରରେ ପ୍ରବାହିତ ବିଦ୍ୟୁତ ତରଙ୍ଗରୁ ସୃଷ୍ଟ ପ୍ରାଣଶକ୍ତିକୁ ଏହି ବିରକ୍ତିକର ଶବ୍ଦ ତରଙ୍ଗ ଦୁର୍ବଳ କରିଥାଏ । ଉପରୋକ୍ତ ସମସ୍ତପ୍ରକାର ଅସୁସ୍ଥ ଭୌତିକ ପରିବେଶ ବାଦ୍ ମଧ୍ୟ ଅସାମାଜିକ ପରିବେଶ ମଧ୍ୟ ରୋଗ ସୃଷ୍ଟିରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ରୋଗ ନିବାରଣରେ ପ୍ରଧାନ ଅନ୍ତରାୟ ହୋଇଥାଏ । ଏହି ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ହେଉ ;

(କ) ମାଦକଦ୍ରବ୍ୟ ସେବନକାରୀଙ୍କର ସଂଖ୍ୟା ବୃଦ୍ଧି : ବହୁଳଭାବରେ ମାଦକଦ୍ରବ୍ୟ ସେବନ ମନୁଷ୍ୟ ମସ୍ତିଷ୍କର ସେଲସ୍ ( Cells ) ସମୂହକୁ ଧୀରେ ଧୀରେ ଶକ୍ତିହୀନ କରିଦିଏ । ମସ୍ତିଷ୍କ ଶକ୍ତିହୀନ ହେଲେ ସୁସ୍ଥ ଚିନ୍ତାଧାରା ବାଧାପ୍ରାପ୍ତ ହୋଇଥାଏ । ଅସୁସ୍ଥ ଚିନ୍ତାଧାରା ମନୁଷ୍ୟକୁ ବିପଥଗାମୀ କରିବା ସଙ୍ଗେ ସଙ୍ଗେ ପରିବେଶର ବାତାବରଣକୁ Negative thought ରେ ଭରିଦିଏ । ଏହି ପ୍ରକାର ପରିବେଶ

ମଧ୍ୟରେ ଜୀବନଯାପନ କଲେ ମନୁଷ୍ୟର ଅନ୍ତର୍ନିହିତ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡେ । ତେଣୁ ଏ ପ୍ରକାର ପରିବେଶ ମଧ୍ୟରେ ଜୀବନଯାପନ ସ୍ପୃହଣୀୟ ନୁହେଁ ।

## ରୋଗ ନସ୍ୟକରଣ :

ଅଧୁନା ଏହା ଏକ କଷ୍ଟକର ବ୍ୟାପାର, ଭିନ୍ନ ଭିନ୍ନ ପଦ୍ଧତିର ଅବଲମ୍ବନରେ ରୋଗ ନିରାକରଣ କରାଯାଉଛି । ସଂପୂର୍ଣ୍ଣଭାବେ ରୋଗ ନିରାକରଣ ସମ୍ଭବ ନୁହେଁ । କାରଣ ମନୁଷ୍ୟର ଆଶା ଓ ଆକାଂକ୍ଷା ବଳବତ୍ତର ରହିଥିବା ପର୍ଯ୍ୟନ୍ତ ରୋଗ ନିଶ୍ଚିତଭାବେ ଛାଇ ଭଳି ଲାଗି ରହିବ । ତେବେ ଆମକୁ ତ ବଞ୍ଚିବାକୁ ପଡିବ । ବ୍ୟାଧିର ଯାତନା ବେଶି ସମୟ ସହ୍ୟ କରିବା ସମ୍ଭବ ହୁଏ ନାହିଁ । ଏହି ପ୍ରକାର ଯାତନାର ଆଶୁ ଉପଶମ ଆମ ସମସ୍ତଙ୍କର କାମ୍ୟ । ତେବେ ରୋଗ ନିରାକରଣ କେତୋଟି ନିର୍ଦ୍ଦିଷ୍ଟ ନୀତି ନିୟମରେ ହେବା ଉଚିତ । ଖାଦ୍ୟରୁ ଯେପରି ମନର ସୃଷ୍ଟି ହୋଇଥାଏ ସେହିପରି ଔଷଧ ଖାଦ୍ୟ ସହ ତୁଳନୀୟ, ତେଣୁ ଔଷଧର ମଧ୍ୟ ଖାଦ୍ୟ ଭଳି ମନଉପରେ ଯଥେଷ୍ଟ ପ୍ରଭାବ ରହିଛି । ଉଦାହରଣ ସ୍ୱରୂପ ପାରଦ ଔଷଧ ହିସାବରେ ବ୍ୟବହୃତ ହୋଇଥାଏ । ଏହାର ନିମ୍ନଲିଖିତ ପ୍ରଧାନ ପ୍ରଧାନ ମାନସିକ ଲକ୍ଷଣ ରହିଛି । ଯଥା–ଅତ୍ୟନ୍ତ ବିରକ୍ତିକର ଭାବ, ଅସ୍ଥିରତା ବା ମୁହୁର୍ମୁହୁ ସ୍ଥାନ ପରିବର୍ତ୍ତନ, ଆନ୍ଦୋଳିତ ମନ, ବିବେକ ଶକ୍ତିର ହ୍ରାସ ହେବା ଭୟ, କୌଣସି ଗର୍ହିତ ଦୋଷ କରୁଛି ଅନୁଭବ, ନୈତିକ ଅଧୋଗତି, ହତୋତ୍ସାହିତ ହୋଇପଡିବା, ପରିଶ୍ରମକାତର, ବୀତସ୍ପୃହ ଭାବ, ବୋଧଗମ୍ୟ ଶକ୍ତିର ହ୍ରାସ, ଅହରହ କାତରତା, ସ୍ମୃତିଶକ୍ତିର କ୍ରମଶଃ ହ୍ରାସ, ସ୍ଥୂଳ ଶରୀରର ମେଦ ବୃଦ୍ଧି ଓ ବିବେକହାନୀ ଇତ୍ୟାଦି ।

ଏହିପ୍ରକାର ମାନସିକ ଲକ୍ଷଣ ବିଦ୍ୟମାନଥିବା ରୋଗୀର ଚିକିତ୍ସା ଏହି ପାରଦ ସାହାଯ୍ୟରେ କରାଯାଇପାରେ, କିନ୍ତୁ ଏଠାରେ ଗୋଟିଏ କଥା ମନେରଖିବାକୁ ପଡିବ, ନିର୍ବାଚିତ ଔଷଧର ସୂକ୍ଷ୍ମତମ ଅଂଶକୁ ମନୁଷ୍ୟ ଶରୀରରେ ପ୍ରବେଶ କରାଇପାରିଲେ ଔଷଧର ମାନସିକ ଧର୍ମକୁ ବିନିଯୋଗ କରାଯାଇପାରେ ଏଥିପାଇଁ ହୋମିଓପାଥି ଔଷଧର ପ୍ରସ୍ତୁତ ପ୍ରଣାଳୀ ( Dilution principle ) ବିଶେଷଭବେ ଗ୍ରହଣୀୟ । ହୋମିଓପାଥି ନିୟମରେ ଲଘୂକରଣ ଔଷଧର ନିରାକରଣ ଶକ୍ତିକୁ ଅନେକାଂଶରେ ବୃଦ୍ଧି କରିଥାଏ ।

ଏହି ନୀତିକୁ ଅବଲମ୍ବନକରି ଯାବତୀୟ ମାନସିକ ରୋଗର ଚିକିତ୍ସା କରାଯାଇପାରେ । କିନ୍ତୁ ରୋଗୀପାଇଁ ଔଷଧ ନିର୍ବାଚନ ଓ ଔଷଧ ସେବନ ବିଧି ଏକ ଜଟିଳ ସମସ୍ୟା, କାରଣ ମନୁଷ୍ୟ ମନ ଦୁର୍ବୋଧ୍ୟ ହୋଇଥିବାରୁ ଔଷଧ ନିର୍ବାଚନ ମଧ୍ୟ ସେହିଭଳି ଦୁର୍ବୋଧ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପୃଥିବୀର ଚୁମ୍ବକୀୟ ଶକ୍ତି ଓ ଗ୍ରହମାନଙ୍କର ପୃଥିବୀ ଉପରେ ଆକର୍ଷଣ ଶକ୍ତି ମନୁଷ୍ୟ ଓ ସକଳ ଜୀବଜନ୍ତୁମାନଙ୍କୁ ମଧ୍ୟ ସମଭାବେ ପ୍ରଭାବିତ କରିଥାଏ । ଏହି କାରଣରୁ ମନୁଷ୍ୟ ଶରୀରରେ ଅହରହ ବୈଦ୍ୟୁତିକ ଓ ଚୁମ୍ବକୀୟ ଶକ୍ତି କାମ କରୁଅଛି । ଯେହେତୁ ଚିତ୍‌ଶକ୍ତି ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ଏବଂ ଯେହେତୁ ଏହା ସତ୍ ଓ ଏହାର ଆଦିଅନ୍ତ ନାହିଁ ସେହେତୁ ମନୁଷ୍ୟ ଶରୀରରେ କାର୍ଯ୍ୟକାରୀ ଚୁମ୍ବକୀୟ ଓ ବୈଦ୍ୟୁତିକ ଶକ୍ତି ସତ୍ତ୍ୱ ରଜ ତମୋ ଗୁଣ ତ୍ରୟ ଦ୍ୱାରା ସଂପୂର୍ଣ୍ଣଭାବେ ନିୟନ୍ତ୍ରଣାଧୀନ । ସତ୍ତ୍ୱ ଗୁଣର ହ୍ରାସ ଘଟିଲେ ଏହି ବୈଦ୍ୟୁତିକ ଓ ଚୁମ୍ବକୀୟ ଶକ୍ତି ବିଶେଷଭବେ ବ୍ୟାହତ ହୋଇଥାଏ । ଏହି ତ୍ରୁଟି ବିଚ୍ୟୁତିର ସୁଯୋଗରେ ଶରୀରରେ ରୋଗ ପ୍ରବେଶ କରିଥାଏ । ହୋମିଓପାଥି ସୂତ୍ର ଅନୁସାରେ ସୋରା, ସାଇକୋସିସ୍ ଓ ସିଫ୍‌ଲିଶ୍ ଏହି ତିନି ପ୍ରକାର ବିଷ ମନୁଷ୍ୟ ଶରୀରରେ ଜାତ ହୋଇ ରୋଗ ସୃଷ୍ଟି କରିଥାନ୍ତି । ସତ୍ତ୍ୱ ଗୁଣର ଅବନତିରେ ଉପରୋକ୍ତ ତିନି ପ୍ରକାର ବିଷ ଶରୀରରେ ଆବିର୍ଭାବ ହୋଇଥାଏ । ଏହି ତିନିପ୍ରକାର ବିଷର ତାରତମ୍ୟରେ ନାନାପ୍ରକାର ରୋଗର ଆବିର୍ଭାବ ହୋଇଥାଏ । ଅତଏବ ଉପରୋକ୍ତ ତିନିପ୍ରକାର ବିଷକୁ ଶରୀରରୁ ସଂପୂର୍ଣ୍ଣରୂପେ ଦମନ କରିପାରିଲେ ମନୁଷ୍ୟ ନିଶ୍ଚିତଭାବେ ରୋଗମୁକ୍ତ ହୋଇପାରିବ । DR. WILLIAM BOERICKE ମହାତ୍ମା ହାନିମେନଙ୍କର 11th and 12th text of Organon o Medicine କୁ ବ୍ୟାଖ୍ୟା କରି ଲେଖିଲେ–

Far more healing energy is expressed in a case in point by the smallest dose of the best dynamised medicines in which there can be according to calculation, Only so little of material substance that its minuteness can not be thought and conceived by the best arithematical mind than by large doses of the same medicine in substance. That smallest dose can therefore contain almost entirely only the pure. truely developed conceptual medicinal energy and bring about only dynamically such great effects as can never be reached by the crude medicinal substance itself taken in large doses.

ମନୁଷ୍ୟ ଶରୀର ସର୍ବୋପରି ମସ୍ତକର ଗଠନ ଓ କାର୍ଯ୍ୟକାରୀତା ଶକ୍ତି ଅତ୍ୟନ୍ତ ଜଟିଳ । ଏହା ଏକ Super Computer ଠାରୁ ବହୁଗୁଣରେ ଅଧିକ ଶକ୍ତିଶାଳୀ । ଏହି ମସ୍ତକ ମନୁଷ୍ୟର ସମସ୍ତ କାର୍ଯ୍ୟଧାରାକୁ ନିୟନ୍ତ୍ରିତ କରିଥାଏ । ଏହି ମସ୍ତକ ବିଦ୍ୟୁତ୍ ଶକ୍ତିର ଉତ୍ସ । ଉତ୍ତମ ସ୍ୱାସ୍ଥ୍ୟବାନ ମନୁଷ୍ୟର ମସ୍ତକ ଧନାତ୍ମକ (Positive) ଶକ୍ତିରେ ପ୍ରବୁଦ୍ଧ ହୋଇଥାଏ । ପରମାଣୁ ସୂତ୍ର ଅନୁସାରେ ଯେପରି Positron (Protont Nutron) ପରମାଣୁର କେନ୍ଦ୍ର ସ୍ଥଳରେ ଅବସ୍ଥିତ ସେହିପରି ମନୁଷ୍ୟ ଶରୀରରେ Positive Energy ଏହି ମସ୍ତକ ବା କେନ୍ଦ୍ରସ୍ଥଳରେ ସଂଗୃହୀତ ହୋଇଥାଏ । କିନ୍ତୁ ସୃଷ୍ଟିର ନିୟମାନୁସାରେ ମସ୍ତିଷ୍କରେ ଏହି ଧନାତ୍ମକ (Positive) ବିଦ୍ୟୁତ୍‌ଶକ୍ତି ରକ୍ତ ସ୍ରୋତରେ ପ୍ରବାହିତ ଋଣାତ୍ମକ ଶକ୍ତି (Negative Energy ଦ୍ୱାରା ନିଷ୍କ୍ରିୟ ହୋଇଥାଏ । ଏହି ପ୍ରକ୍ରିୟାଦ୍ୱାରା ଧନାତ୍ମକ ଶକ୍ତି (Positive Energy) ର କ୍ରମଶଃ ହ୍ରାସ ଘଟିଥାଏ । ତେଣୁ ମନୁଷ୍ୟ ତା'ର

ଧନାତ୍ମକ ଶକ୍ତି (Positive Energy) ର ବୃଦ୍ଧି ଦିଗରେ ଧ୍ୟାନଦେଲେ ତାର ଏହି ଶକ୍ତିକୁ ଶେଷ ଜୀବନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଅତୁଟ ରଖିପାରେ । ଅତଏବ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେଉଛି ଆମର ଯେତେ ପ୍ରକାର Negative thought ଅଛି ତାକୁ ଦୂରୀଭୂତ କରି Positive thought ର ଆଶ୍ରୟ ନେବା ଉଚିତ, ଯେହେତୁ ଏହା ସଦ୍‌ଗୁଣର ଅନ୍ତର୍ଗତ । (Negative thought) ଧ୍ୱଂସଶକ୍ତି ନିହିତ ଥିବାରୁ Negative Energy) ର ଉପଯୋଗୀତା ଧୀରେ ଧୀରେ ହ୍ରାସ କରିବା ଉଚିତ୍ । ଏହି Negative Energy ହିଁ ମନୁଷ୍ୟର ଜ୍ଞାନ ଏବଂ ମନୁଷ୍ୟ କୁ ଧ୍ୱଂସ ମୁଖକୁ ଟାଣିନିଏ । କିନ୍ତୁ ଏହା କ'ଣ ମନୁଷ୍ୟ ପକ୍ଷେ ସମ୍ଭବ ? ମନୁଷ୍ୟ ଜୀବନଧାରଣ କରିବାକୁ ହେଲେ (Negative Energy) ବା ଋଣାତ୍ମକ ଶକ୍ତିର ଆବଶ୍ୟକତା ନିଶ୍ଚିତ ଭାବେ ରହିଛି । ତେବେ ଏହି ଶକ୍ତିକୁ ମନୁଷ୍ୟ ତାର ବିବେକ ବଳ ବା Will Power ଦ୍ୱାରା ସୁନିୟନ୍ତ୍ରିତ କରିପାରେ । ଗୋଟିଏ ଛୋଟ ଉଦାହରଣ ଦେଲେ ଏହି ଋଣାତ୍ମକ ଶକ୍ତିର ଧ୍ୱଂସକାରିତା ଶକ୍ତି ବିଷୟରେ ଆମର ବେଶ୍ ଧାରଣା ହୋଇପାରିବ ।

କୌଣସି ସୁନ୍ଦରୀ ସ୍ତ୍ରୀର ଅବଲୋକନରେ ମନୁଷ୍ୟ ମନରେ ଯଦି ପାପ ଲିପ୍‌ସା ଜାଗ୍ରତ ହୁଏ ଏବଂ ଅସଂଯମ ମନର ତରଙ୍ଗ ଜନିତ ସ୍ରୋତ (Negative thought energy Vibrations) ମସ୍ତିଷ୍କରେ ପ୍ରବାହିତ ହୋଇ ଧନାତ୍ମକ ଶକ୍ତି ସହ ପୁନଃ ପୁନଃ ମିଳନରେ ପ୍ରଚଣ୍ଡ ଉତ୍ତାପଶକ୍ତି ଜାତ କରାଇ କାମ ଉଦ୍ରେକ କରାଇଥାଏ । ତତ୍‌ପରେ ମନୁଷ୍ୟ ତାର ବିବେକକୁ ବଳିଦେଇ କୁକର୍ମରେ ଲିପ୍ତ ହେବାପାଇଁ ପ୍ରୟାସ କରିଥାଏ । ପୁନଶ୍ଚ କୁକର୍ମରେ ଲିପ୍ତ ହେଲପରେ ଧନାତ୍ମକଶକ୍ତି (Positive Energy ) ର ଅଶେଷ ହ୍ରାସ ଘଟିଥାଏ । ଏହି ଶକ୍ତିର କ୍ଷୟାଂଶ ପୂରଣ ନହୋଇ ପାରିଲେ ମନୁଷ୍ୟର ପୌରୁଷ ହାନି ଘଟିଥାଏ । ଅପର ପକ୍ଷରେ ଏହି ଅସଂଯମ ମନର ତରଙ୍ଗ ସ୍ରୋତକୁ ଯଦି ବିବେକର ତରବାରୀରେ ଛିନ୍ନ କରାଯାଇ ପାରେ ତେବେ ମସ୍ତିଷ୍କର ଧନାତ୍ମକ ଶକ୍ତିର କ୍ଷୟ ହେବ ନାହିଁ । ଏହି କାରଣରୁ ଈଶ୍ୱର ଦତ୍ତ ଧନାତ୍ମକ ଶକ୍ତି (Positive Energy) ର ସୁନିୟନ୍ତ୍ରିତ ଭାବରେ ବିନିଯୋଗ କରିବା ଉଚିତ୍ ।

କୌଣସି ରୋଗୀକୁ ସୁସ୍ଥାବସ୍ଥାକୁ ଆଣିବାକୁ ହେଲେ ନିମ୍ନଲିଖିତ ବିଷୟମାନ ପ୍ରତି ଦୃଷ୍ଟିଦେଇ ଚିକିତ୍ସା ବ୍ୟବସ୍ଥା କରିବା ଉଚିତ ହେବ ।

(କ) ବଂଶ ପରମ୍ପରା ରୋଗର ବିସ୍ତୃତ ବିବରଣୀ ନେବା ଉଚିତ ।

(ଖ) ରୋଗୀର ରାଶିଚକ୍ର ବା ନବଗ୍ରହମାନଙ୍କର ଜନ୍ମ ସମୟରେ ଅବସ୍ଥିତି ଓ ବର୍ତ୍ତମାନର ଦଶା ଅନ୍ତର୍ଦ୍ଦଶାର ରୋଗ ଉପରେ ପ୍ରଭାବ ସମ୍ବନ୍ଧରେ ବିସ୍ତୃତ ବିବରଣୀ ସଂଗ୍ରହ କରିବା ଉଚିତ ।

(ଗ) ରୋଗୀ ଚରିତ୍ରର ସଂପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରିବା ଉଚିତ୍ ।

(ଘ) ପୁରାତନ ରୋଗ ସାଧାରଣତଃ ମାନସିକ ସ୍ତରରୁ ଆସିଥାଏ, ତେଣୁ ପୁରାତନ ରୋଗର ଚିକିତ୍ସା କରିବାକୁ ହେଲେ ଉପର ଲିଖିତ ତିନୋଟି ବିଷୟକୁ ଠିକିନିଖି ପର୍ଯ୍ୟାଲୋଚନା କରିବାକୁ ପଡ଼ିବ ।

ସୌରମଣ୍ଡଳରେ ଅବସ୍ଥିତ ନବଗ୍ରହମାନେ ପୃଥିବୀ ପୃଷ୍ଠକୁ Cosmic rays କସମିକ ରେକ୍ ବିକିରଣ କରିଥାନ୍ତି । ପ୍ରତ୍ୟେକଗ୍ରହ ଭିନ୍ନ ଭିନ୍ନ ରଙ୍ଗର Cosmic ray ବିକିରଣ କରିଥାଏ ।

ଯଥା—ଚନ୍ଦ୍ର (Moon) Orange colour Cosmic ray

ସୂର୍ଯ୍ୟ (Sun) Red colour Cosmic ray

ମଙ୍ଗଳ (Mars) Yellow colour Cosmic ray

ବୃହସ୍ପତି (Jupiter) Blue yellow colour Cosmic ray.

ଶୁକ୍ର (Venus) Violet Colour Cosmic ray

ଶନି (Sation) Indigo Colour Cosmic ray

ବୁଧ (Mercury) Green Colour Cosmic ray

କେତୁ (Ketu) Infra red Cosmic ray

ରାହୁ (Rahu) Cosmic ray deep brown colour

ଉପରୋକ୍ତ ସମସ୍ତ Cosmic rays ମନୁଷ୍ୟ ଶରୀର ଓ ମନକୁ ନିୟନ୍ତ୍ରଣ କରିଥାନ୍ତି । ମନୁଷ୍ୟମାନଙ୍କର ରାଶିଚକ୍ରରେ ଗ୍ରହମାନଙ୍କର ଅବସ୍ଥିତି ଓ ଦଶା ଅନ୍ତର୍ଦ୍ଦଶା ଅନୁସାରେ ପ୍ରତ୍ୟେକ Cosmic raysର ତୀକ୍ଷ୍ଣତା ସେହି ଅନୁସାରେ ମନୁଷ୍ୟ ଶରୀରରେ ଅନୁଭୂତ ହୋଇଥାଏ । ଯଦି କୌଣସି ଗ୍ରହ କୌଣସି ରାଶିଚକ୍ରର ନୀଚରେ ଅବସ୍ଥାନ କରିଥାଏ ତେବେ ସେହି ଗ୍ରହର ଦଶା ଭୋଗ କାଳରେ ସେହି ଗ୍ରହରୁ ନିର୍ଗତ ହେଉଥିବା Cosmic rays ର ଅଭାବ ପରିଲକ୍ଷିତ ହୋଇଥାଏ । ଏହି ପ୍ରକାର Cosmic ray ର ଅଭାବ କିଛିବର୍ଷ ଶରୀରରେ ରହିବା ହେତୁ ଶରୀରରେ ପ୍ରବାହିତ ବୈଦ୍ୟୁତିକ ଶକ୍ତି ଓ ଚୁମ୍ବକୀୟ ଶକ୍ତିରେ ଗଣ୍ଡଗୋଳ ଦେଖା ଦେଇଥାଏ । ବୈଦ୍ୟୁତିକ ଓ ଚୁମ୍ବକୀୟ ଶକ୍ତିରେ ଗଣ୍ଡଗୋଳ ଦେଖାଗଲେ ମନୁଷ୍ୟର Vital force ଦୁର୍ବଳ ହୋଇପଡେ ଏବଂ ରୋଗ ସହଜରେ ଆକ୍ରମଣ କରିଥାଏ । ଏଣୁ ଏହି ପ୍ରକାର ପରିସ୍ଥିତିରୁ ମୁକୁଳିବାକୁ ହେଲେ ଅଭାବ ଦେଖା ଦେଉଥିବା Cosmic rays କୁ କୃତ୍ରିମଭାବେ ମନୁଷ୍ୟ ଶରୀରରେ ନିପତିତ କରିବା ଉଚିତ । କିନ୍ତୁ ଏଠାରେ ମନେ ରଖିବାକୁ ପଡ଼ିବ କୌଣସି ଶକ୍ତିକୁ ମନୁଷ୍ୟ ଶରୀରରେ କାର୍ଯ୍ୟ କରାଇବାକୁ ଗଲେ ଚିତ୍‌ଶକ୍ତିର ଆଶ୍ରୟ ନେବା ଉଚିତ୍ । ତେଣୁ ମନକୁ ସଂଯତ୍ କରି ଈଶ୍ୱରଙ୍କୁ ଧ୍ୟାନପୂର୍ବକ ଚିକିତ୍ସିତ ହେବା ଉଚିତ୍ ।

---

ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍,
ଭୁବନେଶ୍ୱର ।

# ଜନସଂଖ୍ୟା ଓ ଶ୍ରମିକ

ଶ୍ରୀ ମୁରାରି ଜେନା

ଦେଶର ଲୋକ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି । ଏହାର ପ୍ରଧାନ କାରଣ ଅଧିକ ଜନ୍ମହାର । ବିଜ୍ଞାନର ଉନ୍ନତି, ସୁଚିକିତ୍ସା ଏବଂ ଲୋକମାନଙ୍କର ସୁଶିକ୍ଷା ଯୋଗୁଁ ମୃତ୍ୟୁ ହାର ଅତୀତ ବର୍ଷମାନଙ୍କ ତୁଳନାରେ କିଛି ପରିମାଣରେ କମି ଯାଇଛି ।

ହିସାବରୁ ଜଣା ପଡ଼ିଛି ଯେ ପ୍ରତିବର୍ଷ ଜନସଂଖ୍ୟା ୧.୨ କୋଟି କରି ବଢ଼ି ଚାଲିଛି । ଯଦି ଏପରି ଜନସଂଖ୍ୟା ବଢ଼ିଚାଲେ, ତା' ହେଲେ ଖ୍ରୀ ୨୦୦୦ ସନରେ ଦେଶର ଜନସଂଖ୍ୟା ୧୦୦ କୋଟି ହୋଇଯିବାର ସମ୍ଭାବନା, ଯାହାକି ଦେଶ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ହୋଇପାରେ ।

ଭାରତ ଜନସଂଖ୍ୟା ଦିଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପ୍ରଥମ ସ୍ଥାନ ଚୀନକୁ ମିଳିଛି । ପୃଥିବୀ ଜନସଂଖ୍ୟାର ଶତକଡ଼ା ୧୫ ଭାଗ ଲୋକ ଭାରତରେ ରହନ୍ତି ଓ ଏପରି ଜନସଂଖ୍ୟା ବୃଦ୍ଧି ଦେଶ ପକ୍ଷରେ ନିଶ୍ଚିତ ଭାବରେ ଏକ ସମସ୍ୟା । ପୁଣି ଦେଖାଯାଇଛି ଯେ ଏକ ସ୍ୱୟଂ ସଂପୂର୍ଣ୍ଣ ପରିବାରରେ କମ୍ ପିଲା ଜନ୍ମ ଲାଭ କରନ୍ତି ଏବଂ ନିମ୍ନ ପରିବାରରେ ପିଲା ଜନ୍ମର ହାର ଅଧିକ । ନିମ୍ନ ପରିବାର କହିଲେ ଶ୍ରମିକ ପରିବାରକୁ ହିଁ ବୁଝାଇଥାଏ । ଏପରି କାହିଁକି ହେଉଛି ଓ ଏହାର କାରଣ କଣ ? ଯଦି ଏ କାରଣଗୁଡ଼ିକୁ ବିସ୍ତୃତ ଭାବରେ ଆଲୋଚନା କରାଯାଏ, ତା' ହେଲେ ଏ ସଂଖ୍ୟାବୃଦ୍ଧି [illegible] କିଛି କୁହାଯାଇ ପାରିବ ।

ସ୍ୱୟଂ ସଂପୂର୍ଣ୍ଣ ପରିବାରରେ ପିଲାଙ୍କ ଜନ୍ମହାର କମ୍ । ଏହାର ମୁଖ୍ୟ କାରଣ ହେଲା ଏ ପରିବାରର ସମସ୍ତେ ପ୍ରାୟ ଶିକ୍ଷିତ ଓ ବହୁ ସନ୍ତାନ [illegible] ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ, ତାହା [illegible] ଭଲ ଭାବେ ଜାଣି ଥାଆନ୍ତି । ପୁନଶ୍ଚ ଏପରି ପରିବାରମାନଙ୍କ [illegible] ପାଇଁ ଯଥେଷ୍ଟ ସୁବିଧା ଥାଏ । ଏହାଛଡ଼ା [illegible] ପରିବାର ନିୟନ୍ତ୍ରଣରେ ସୁବିଧା ସୁଯୋଗ ବିଶେଷ ଭାବେ ଗ୍ରହଣ କରିଥାଆନ୍ତି ।

[illegible] ଶ୍ରମିକ ପରିବାରରେ ଅଧିକ ଛୁଆ ଅଧିକ [illegible] କାରଣ ହୋଇଥାଏ ବୋଲି ବୁଝାପଡ଼ିଥାଏ । [illegible] ଶ୍ରମିକ ପରିବାରର (୧) ନିର୍ଦ୍ଧନତା (୨) ଅଶିକ୍ଷା [illegible] ଅଧିକ ଜନ୍ମ ହାରର ମୁଖ୍ୟ କାରଣ

ଆଜିକାଲିର ଶ୍ରମିକକୁ ଯେଉଁ ମଜୁରୀ ମିଳୁଛି ମନୋରଞ୍ଜନ ପାଇଁ ସେ ମଜୁରୀରୁ ସେମାନେ ଖର୍ଚ୍ଚ କରି ପାରିବେ ନା ମଟକ୍ ମଜଲିସ୍ ପାଇଁ ସିନେମା/ହୋଟେଲ କିମ୍ବା ରେଷ୍ଟୁରାଣ୍ଟକୁ ଯାଇ ପାରିବେ ? ଏ ସବୁର ଅଭାବରୁ ଶ୍ରମିକମାନଙ୍କର ମନୋରଞ୍ଜନ ହିଁ ସେମାନଙ୍କର ଘର ବା ପରିବାର ହୋଇଥାଏ ଏବଂ ଏମାନେ ନିଜର ଅଧିକ ସନ୍ତାନ ସନ୍ତତି ଜନ୍ମକୁ ଭଗବାନଙ୍କର ଦାନ ବା ଆଶୀର୍ବାଦ ବୋଲି ବିଚାରିଥାନ୍ତି । ଅନ୍ୟ ପକ୍ଷରେ ବଡ ପରିବାର ଦ୍ୱାରା କି ପ୍ରକାର କ୍ଷତି ହୁଏ, ଏମାନେ ଅଶିକ୍ଷିତ ଥିବାରୁ ଆଦୌ ଜାଣି ପାରନ୍ତି ନାହିଁ ।

ଏଇ ପରିପ୍ରେକ୍ଷୀରେ ଯଦି ଶ୍ରମିକକୁ ଭଲ ଦରମା ଦିଆଯାଏ, ମନୋରଞ୍ଜନ ସାମଗ୍ରୀ ଉପଲବ୍ଧ କରାଇ ଦିଆଯାଏ, ମାଗଣାରେ ଶିକ୍ଷା ବ୍ୟବସ୍ଥା କରିଦିଆଯାଏ, ବଡ ପରିବାରରେ କିକି କ୍ଷତି ହୁଏ ବୁଝାଇ ଦିଆଯାଏ, ପରିବାର ନିୟନ୍ତ୍ରଣ ସମ୍ପର୍କରେ ବିସ୍ତୃତ ବିବରଣୀ ଦିଆଯାଏ, ତା' ହେଲେ ଏମାନଙ୍କ ପରିବାରରେ ଜନସଂଖ୍ୟା କମିଯିବାର ବହୁ ସମ୍ଭାବନା ରହିଛି । ଜନସଂଖ୍ୟା ବୃଦ୍ଧିର ଅନ୍ୟ ଏକ ମୁଖ୍ୟ କାରଣ ହେଲା ବାଲ୍ୟବିବାହ । ଏଇ ବାଲ୍ୟ ବିବାହ ପ୍ରଥା ଶିକ୍ଷିତ ପରିବାରରେ କମ୍ ଏବଂ ଶ୍ରମିକ ପରିବାରରେ ଅଧିକ ପରିମାଣରେ ଦେଖାଯାଏ ।

ପୁଣି ମଧ୍ୟ ଏଇ ବାଲ୍ୟ ବିବାହ ପ୍ରଥା ଅଧିକାଂଶ ଗ୍ରାମୀଣ କ୍ଷେତ୍ରରେ ଦେଖାଯାଏ କାରଣ ଏହା ସେମାନଙ୍କ ସଂସ୍କୃତିର ଯେପରି ଏକ ମୁଖ୍ୟ ଅଂଶ ହୋଇ ରହି ଆସିଛି । ସେମାନେ ଗର୍ବ କରି କହନ୍ତି ଯେ ଆମ ଜାତିର ୧୦/୧୨ ବର୍ଷର ଝିଅକୁ ବିବାହ କରି ଦିଆଯାଏ । ପୁଅ ପକ୍ଷ ମଧ୍ୟ ଏ ପ୍ରକାର କହନ୍ତି । ସେମାନେ ଭାବନ୍ତି— ୧୨ ବର୍ଷ ପୁଅକୁ ବିବାହ ନଦେଲେ, ସେମାନଙ୍କ ପରିବାରରେ କିଛି ଦୋଷ ରହିଯିବ । ଯାହାହେଉ ଯଦି ଅଳ୍ପ ବୟସରେ ପୁଅ/ଝିଅକୁ ବିବାହ କରି ଦିଆଯାଏ, ତେବେ ପରିବାର ବଢ଼ିବା ସ୍ୱାଭାବିକ । ତେଣୁ ଅଳ୍ପ ବୟସରୁ ବିବାହ କରିବା ପ୍ରଥାକୁ ବନ୍ଦ କରିବା ଦରକାର ।

ଆମକୁ ଆଜି ଛୋଟ ପରିବାର କରିବାକୁ ହେଲେ ପୂର୍ବ ପ୍ରଥା ଓ ଚଳଣି ପୁରାପୁରି ଆମକୁ ଛାଡ଼ିବାକୁ ପଡ଼ିବ । ଆଜିକାଲି ବିଜ୍ଞାନର ଯୁଗ । ମନୁଷ୍ୟ ଏବେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିଲାଣି । ଏ କଥା ଆମକୁ ଆଜି ଭଲ ଭାବେ ବୁଝି ବୁଝାଇବାର ଅଛି ।

ଶ୍ରମିକ ସମାଜ ପକ୍ଷରେ ପରମ୍ପରାଗତ ସାମାଜିକ ଚଳଣୀର କାରଣ ହେଲା–ଶିକ୍ଷାର ଏକାନ୍ତ ଅଭାବ । ଶିକ୍ଷା ଅଭାବରୁ ଶ୍ରମିକ ଶ୍ରେଣୀରେ ବଡ ପରିବାର । ସେମାନେ ବଡ ପରିବାରର କୁଫଳ ଆଦୌ ବୁଝି ପାରନ୍ତି ନାହିଁ ଏବଂ କେବଳ ଅନ୍ଧ ବିଶ୍ୱାସ ଯୋଗୁଁ ହିଁ ପୂର୍ବ ସାମାଜିକ ପ୍ରଥାରେ ଚଳିବାକୁ ଦୃଢ ରହନ୍ତି । ଏମାନଙ୍କୁ ଯଦି ଉଚିତ ମାର୍ଗରେ ଓ ଉଚିତ ସମୟରେ ଶିକ୍ଷା ଦିଆଯାଏ, ତେବେ ଯୁଗ ଯୁଗ ଧରି ସେମାନଙ୍କ ନିକଟରେ ଜମାଟ ବାନ୍ଧି ରହିଥିବା ସାମାଜିକ ବିଶୃଙ୍ଖଳା ଓ କୁପ୍ରଥା ଆପେ ଆପେ ହିଁ ଦୂର ହୋଇଯିବ । ନିର୍ଦ୍ଧନତା ଶ୍ରମିକ ପରିବାରରେ ଅଧିକ ସନ୍ତାନ ଜନ୍ମର କାରଣ । ପ୍ରତ୍ୟେକ ଶ୍ରମିକ ଭାବେ ସନ୍ତାନ ଅଧିକ ହେଲେ ତା'ର ଆମଦାନୀ ବଢିବ । ସାଧାରଣତଃ ଏହା ଦେଖାଯାଇଥାଏ ଯେ ହୋଟେଲ, ରେଷ୍ଟୁରାଣ୍ଟ, ଦୋକାନ ଏବଂ କଳକାରଖାନା ମାନଙ୍କରେ ଛୋଟ ଛୋଟ ପିଲା କାମ କରୁଥାନ୍ତି । ଏ ପିଲାମାନଙ୍କର ସେକାମ କରିବାକୁ ଇଚ୍ଛା ଥାଏ କି ? ମୋଟେ ନୁହେଁ । ଏମାନଙ୍କର ପିତାମାତା ଏମାନଙ୍କୁ କାମ କରିବାକୁ ବାଧ୍ୟ କରିଥାନ୍ତି, କାରଣ ଏମାନଙ୍କୁ ପଢାଇବାକୁ ସେମାନେ ଅସମର୍ଥ ଏବଂ ଏପରିକି ଘରଖର୍ଚ୍ଚ ମଧ୍ୟ ତୁଲାଇ ପାରନ୍ତି ନାହିଁ । ଏପରି ପରିସ୍ଥିତିରେ ସେମାନଙ୍କ ନିକଟରେ ଏଇ ଗୋଟିଏ ମାତ୍ର ରାସ୍ତା ଯେ ସେମାନେ ତାଙ୍କର ଛୋଟ ଛୋଟ ପିଲାମାନଙ୍କୁ ଯେକୌଣସି କାମରେ ବାହେଲ କରି ପରିବାର ପ୍ରତିପୋଷଣର ପନ୍ଥା ବାଛି ନେଇ ଥାଆନ୍ତି ।

ଯଦି ଶ୍ରମିକ ପରିବାରର ସନ୍ତାନ/ସନ୍ତତି ବୃଦ୍ଧିକୁ ରୋକିବା ଦରକାର, ତେବେ ଶିକ୍ଷାର ପ୍ରସାର ଏକାନ୍ତ ଆବଶ୍ୟକ । ପ୍ରୌଢ ଶିକ୍ଷାକୁ ଅଧିକ ବଢାଇବାକୁ ପଡ଼ିବ । ପ୍ରୌଢ ଶିକ୍ଷା ବଢିଲେ ଶ୍ରମିକ ଶ୍ରେଣୀ କିଛି ଶିକ୍ଷା ପାଇ ପାରିବେ ଏବଂ ସେମାନଙ୍କ ଦ୍ୱାରା ପ୍ରଚଳିତ ପୁରାତନ ସାମାଜିକ ପ୍ରଥା ଓ ଅନ୍ଧବିଶ୍ୱାସ ଦୂର ହେବ ।

ପୁଣି ଶ୍ରମିକ ପରିବାର ପାଇଁ ମାଗଣାରେ ମନୋରଞ୍ଜନ ବ୍ୟବସ୍ଥା କରିବାକୁ ହେବ, ଯେପରିକି ସେମାନେ ନିଜ ଘରକୁ ମନୋରଞ୍ଜନର ଏକମାତ୍ର ପନ୍ଥା ଓ ସାଧନ ବୋଲି ଭୁଲି ଯିବେ । ପରିବାର ନିୟନ୍ତ୍ରଣର ଭଲମନ୍ଦ ସମ୍ପର୍କରେ ସେମାନଙ୍କୁ ମୂଳରୁ ଚୂଳ ଯାଏ ବୁଝାଇବାକୁ ପଡ଼ିବ । ସେମାନଙ୍କୁ ପରିବାର ନିୟନ୍ତ୍ରଣ ସମ୍ପର୍କରେ ଯେତେ ଶିକ୍ଷା ଦିଆଯିବ ସେତେ ସୁଫଳ ଫଳିବ ଓ ସେମାନେ ଛୋଟ ପରିବାର ଗଠନ କରିବାକୁ ସଫଳ ଓ ସାର୍ଥକ ମନେ କରିବେ ।

ବର୍ତ୍ତମାନ ଶ୍ରମିକ ସମାଜରେ ଜନ୍ମ ହାର କମାଇବା ନିହାତି ଜରୁରୀ । ଯଦି ଏବେଠୁଁ ଜନ୍ମହାର କମା ନଯାଏ, ତେବେ ଦିନ ଆସିବ ଯେତେବେଳେ ଆମ ଆଗରେ ସେମାନଙ୍କର ରୋଜଗାର ଓ ଆବାସ ସ୍ଥାନ ପାଇଁ ଗୁରୁ ସମସ୍ୟା ସୃଷ୍ଟି ହେବ ।

ଭଗତପୁର, କଟକ-୯



ରାଜଭବନରେ ଅନୁସୂଚିତ ହିନ୍ଦ୍ କୁଷ୍ଠ ନିବାରଣ ସଂଘର ବୈଠକ



ବଣ୍ଡା ରମଣୀ

# ବଣ୍ଡାର ବିବାହ

ଶ୍ରୀ ବୈକୁଣ୍ଠ ନାଥ ସାହୁ

କୋରାପୁଟର ବଣ ଜଙ୍ଗଲରେ ଅନେକ ଜାତିର ଆଦିବାସୀ ବାସ କରନ୍ତି; ବଣ-ପାହାଡ-ଝରଣା-ଜଙ୍ଗଲର ମୁକ୍ତ କୋଳରେ ଏମାନେ ରଚନା କରନ୍ତି ସ୍ବପ୍ନପୁରୀ । ପରଜା, କୋୟା, ଗଦବା, ବଣ୍ଡା ପ୍ରଭୃତି ଆଦିବାସୀର ଜୀବନ ପ୍ରବାହରେ କୋରାପୁଟର ପ୍ରକୃତି ପ୍ରାଣ ପ୍ରାଚୁର୍ଯ୍ୟରେ ଭରିଯାଏ । ସେମାନେ ଘର କରନ୍ତି, ଚାଷ କରନ୍ତି, ପ୍ରକୃତି କୋଳରେ ହସି ଖେଳି ଜୀବନ ବିତେଇ ଦିଅନ୍ତି । ସେମାନଙ୍କ ବିବାହଠାରୁ ଶ୍ମଶାନକୁ ଯିବାଯାଏ ଏସବୁ ଉଲ୍ଲେଖଯୋଗ୍ୟ, ସବୁ ଆକର୍ଷଣୀୟ । ବଣ୍ଡା ଜୀବନରେ ବହୁ ରୋମାଞ୍ଚ ଓ ବୈଚିତ୍ର୍ୟ ନେଇ ବିବାହ ଆସେ । ଏଥିପାଇଁ କୁହାଯାଏ ବଣ୍ଡାର ଜୀବନ ବୈଚିତ୍ର୍ୟପୂର୍ଣ୍ଣ ।

ସମତଳ ଅଧିବାସୀ ଜୀବନର ଆନୁଷ୍ଠାନିକ ବିବାହରେ ଜଙ୍ଗଲର ଆଦିବାସୀ ବିଶ୍ୱାସ କରେ ନାହିଁ । ପ୍ରକୃତିର ପୂଜାରୀ ଆଦିବାସୀ ଅନ୍ତରର ସବୁ ଉଲ୍ଲାସ ନେଇ ତାର ଜୀବନ-ସାଥୀ ବାଛି ନିଏ, ସଂସାରର ବନ୍ଧନରେ ବାନ୍ଧି ହେବା ପୂର୍ବରୁ ଯଥେଷ୍ଟ ସ୍ୱାଧୀନତା ପାଏ ଜୀବନରେ ଏକ ହସ ଖୁସିର ସଂସାର ଗଢିବାକୁ ।

ଏଥିପାଇଁ ବଣ୍ଡା ସମାଜ ତା'ର କିଶୋର କିଶୋରୀ ଓ ଯୁବତୀମାନଙ୍କୁ ଯଥେଷ୍ଟ ସୁବିଧା ସୁଯୋଗ ଦେଇଥାଏ ।

ପାହାଡ, ପର୍ବତ, ବଣ ଜଙ୍ଗଲର ପ୍ରଶସ୍ତ ବୃକ୍ଷ ଉପରେ ବିଚରଣ କରିବା ଅବସରରେ ସେମାନେ ପରସ୍ପରକୁ ଚିହ୍ନିବା ଓ ଜାଣିବା ପାଇଁ ସୁଯୋଗ ପାଇଥାନ୍ତି ।

ବିଭିନ୍ନ କାର୍ଯ୍ୟ ଉପଲକ୍ଷେ ଜଙ୍ଗଲକୁ ଯାଇଥାନ୍ତି । ଚାଷ କରିବାକୁ, ଚାଷରେ ସାହାଯ୍ୟ କରିବାକୁ, କାଠ ସଂଗ୍ରହ କରିବାକୁ, ଖାଦ୍ୟ ସଂଗ୍ରହ କରିବାକୁ, ଅବା ଶିକାର କରିବାକୁ, ସ୍ୱଚ୍ଛନ୍ଦ ଭାବରେ ପ୍ରକୃତି କୋଳରେ ବିଚରଣ କରିବା ପାଇଁ ସେମାନଙ୍କର କୌଣସି ବାଧା ବନ୍ଧନ ନଥାଏ । କିଏ କେତେବେଳେ ଜଙ୍ଗଲକୁ ଯାଇ ଫେରେ ସେଥିପାଇଁ କାହାର ନିଘା ନଥାଏ ।

ତେଣୁ ଏମିତି ଏକ ସ୍ୱଚ୍ଛନ୍ଦ ଓ ମୁକ୍ତ ପରିବେଶ ଭିତରେ ବଣ୍ଡା କିଶୋର, କିଶୋରୀ ମନ ବିନିମୟ କରିବା ପାଇଁ ଯଥେଷ୍ଟ ସୁଯୋଗ ପାଆନ୍ତି ।

ସାଧାରଣତଃ ଅନ୍ୟ କୌଣସି ଆଦିବାସୀ ସମାଜରେ ପ୍ରଚଳିତ ହେଉ ନଥିବା ପ୍ରଥା ବଣ୍ଡା ସମାଜରେ କେଉଁ ଅନାଦି କାଳରୁ ପ୍ରଚଳିତ ଅଛି । ତା' ହେଲା ସବୁବେଳେ କମ୍ ବୟସର ପୁଅ ବେଶୀ ବୟସର ଝିଅକୁ ବିବାହ କରେ । ଏପରିକି ଝିଅ ଓ ପୁଅର ବୟସ ଭିତରେ ୮/୧୦ ବର୍ଷର ପାର୍ଥକ୍ୟ ପରିଲକ୍ଷିତ ହୁଏ । କୌତୂହଳ ଏଡେଇ ନ ପାରି ଏଇ ଲେଖକ ମୁଦୁଲିପଡା ଦାଣ୍ଡିପଡା ପାଟପୁଟ ଓ ଅଣ୍ଡାହଲ ବୁଲିରେ ଯାଇ ଅନୁସନ୍ଧାନ କରି ଜାଣିଛି ଯେ ଦଶବାର ବର୍ଷର ପୁଅ କୋଡିଏ ବାଇଶି ବର୍ଷର ଝିଅକୁ ବିବାହ କରିଛି ।

ଏତେ କମ୍ ବର୍ଷର କିଶୋର ଏକ ବୟସ୍କା ଯୁବତୀକୁ ବିବାହ ପ୍ରଥା ଆଧୁନିକ ଯୁଗର ଏଇ ଶତକରେ ଏଇ ଦଶକରେ ଶତକଡା ଶହେ ଭାଗ ଅବ୍ୟାହତ ରହିଛି ।

ଏପରି ବିବାହ ପ୍ରଥା ପ୍ରଚଳନ ସପକ୍ଷରେ ବଣ୍ଡାମାନେ ଏକ ଅଦ୍ଭୁତ ମାନସିକତାର ଶିକାର ହୁଅନ୍ତି । ତାଙ୍କର ଧାରଣା ଝିଅଟି ବେଶି ବୟସର ହୋଇଥିଲେ ତାଙ୍କର ବୃଦ୍ଧାବସ୍ଥାରେ କାର୍ଯ୍ୟକ୍ଷମ ସ୍ୱାମୀଟି ତାଙ୍କର ଭରଣ ପୋଷଣ ପାଇଁ ଦୃଢ ରହି ପାରିବ ।

ଏପରି ମତାମତ ହୁଏତ କେତେକାଂଶରେ ସତ ହୋଇ ପାରେ । ମାତ୍ର ଏହାର କୁପରିଣାମ ବହୁତ ବେଶି ଓ ସମାଜ ପକ୍ଷରେ ଖୁବ୍ କ୍ଷତି କାରକ ।

କମ୍ ବୟସର ପୁଅ ବେଶୀ ବୟସର ଝିଅକୁ ବିବାହ ପ୍ରଥା ସାଧାରଣରେ ପ୍ରଚଳିତ ଥିବାରୁ, ସ୍ୱାମୀର ପୂର୍ଣ୍ଣ ବୟସରେ, ତାର ସ୍ତ୍ରୀ ଯୌବନର ସବୁ ଉଦାମତା ହରାଇ ବସିଥାଏ । ଏଣୁ ସୁଖ ଲୋଭୀ ବଣ୍ଡା-ତାର ପରିଣତ ବୟସରେ ଅନ୍ୟ ସ୍ତ୍ରୀ ପ୍ରତି ଆକୃଷ୍ଟ ହେବାର ଦେଖାଯାଏ ଏବଂ ଏହା ଫଳରେ ସମାଜରେ ଅବୈଧ ପ୍ରଣୟର ବିପଦ ଦେଖାଦିଏ ।

ପର ସ୍ତ୍ରୀ ସହ ଯୌନ ବିବାଦରେ ମନ ହୋଇ କେହି ବାଧା ଦେଲେ ମାଡ ପିଟ୍ କରି କଦର୍ଯ୍ୟ ଅବସ୍ଥା ସୃଷ୍ଟି ହୁଏ । ଏପରିକି ଏହି କାରଣରୁ ନରହତ୍ୟା ସଂଘଟିତ ହୋଇ ବଣ୍ଡାର ସରଳ ଜୀବନ ବିପର୍ଯ୍ୟସ୍ତ ହୋଇଯାଏ । ବଣ୍ଡା ବିବାହ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ବଣ୍ଡା ତାର ଜୀବନ ସାଥି ବାଛି ନେବା ପାଇଁ ଯେମିତି କେଉଁ ଅନାଦି କାଳରୁ ଏଇ ପ୍ରଥା ସୃଷ୍ଟି କରିଛି । ସ୍ୱଚ୍ଛନ୍ଦ ଭାବରେ ପ୍ରକୃତି କୋଳରେ ବିଚରଣ କରୁଥିବା ବଣ୍ଡା, ନିଜେ, ମନ ମୁତାବକ ବାଛି ନିଏ ତା'ର ଜୀବନ ସାଥୀ ।

ଗାଁର ଜଣେ ବୟସ୍କା ନାରୀ ଧାଙ୍ଗଡ ବସାର ପରିଚାଳନା [illegible] ଏହାର ତତ୍ତ୍ୱାବଧାରିକା ହୋଇ ରହିଥାନ୍ତି । ପାହାଡ ଜଙ୍ଗଲ ଏବଂ [illegible] ଆଦିବାସୀର ଗାଁ ଉପରେ ବାଂଧା ନଈ ଡାଏରେ ଧାଙ୍ଗ [illegible]

ହୋଇ ଉଠେ । ପୁଲକମୟ ରୋମାଞ୍ଚକର ସ୍ରୋତ ବିଛାଡ଼ି ହୋଇ ପଡେ ଧାଙ୍ଗଡୀ ବସାର ସ୍ବରିପାଖରେ ।

ବଣ୍ଡା ଯୁବତୀ ସୁବେଶ ହୋଇ, ମନରେ ଗଭୀର ପ୍ରଣୟୋଚ୍ଛ୍ୱାସ ନେଇ ଧାଙ୍ଗଡ ବସାର ଅଭିମୁଖେ ଯାତ୍ରା କରନ୍ତି । ସେତିକିବେଳେ ଅନ୍ୟ ଗାଁର ଯୁବକ ଦଳ ସେଠାରେ ପହଞ୍ଚି ଆରମ୍ଭ କରନ୍ତି ଗୀତର ତାଳେ ତାଳେ ଅଭିନୟ, ରଙ୍ଗ ରହସ୍ୟ ।

ଏଇଠି ଗୋଟିଏ ପ୍ରସଙ୍ଗ ଉଲ୍ଲେଖ କରିବା ଉଚିତ୍ । ଗୋଟିଏ ଗାଁ ବଣ୍ଡା ଯୁବତୀ ସେଇ ଗାଁର ବଣ୍ଡା କିଶୋର ଯୁବକକୁ ବିବାହ କରେ ନାହିଁ । ଅର୍ଥାତ୍ ଗୋଟିଏ ଗାଁର ଭିତରେ ବିବାହ ସମ୍ପନ୍ନ ହୁଏ ନାହିଁ । ଗୋଟିଏ ଗାଁର ସମସ୍ତେ ଏକ ରକ୍ତ ପ୍ରବାହର ପ୍ରତିନିଧି ବୋଲି ଭାବି ନିଅନ୍ତି । ଫଳରେ ନିଜ ନିଜର ଆତ୍ମୀୟ ବା ଗୋଷ୍ଠୀର ଲୋକମାନଙ୍କ ଭିତରେ ସେମାନେ ବିବାହକୁ ପସନ୍ଦ କରନ୍ତି ନାହିଁ ।

ଏଥର ପୁଣି ପୂର୍ବ ପ୍ରସଙ୍ଗକୁ ଫେରିଯିବା ଧାଙ୍ଗଡ଼ି ବସାର ରୋମାଞ୍ଚିତ ପରିବେଶ ରାତିର ଉଜ୍ଜ୍ୱଳ ମଧୁର ଭରଣୀୟ ତଳେ ହସି ଉଠିଲେ ବଣ୍ଡା କିଶୋର କିଶୋରୀ ଯେ ଆତ୍ମବିଭୋର ହୋଇ ଉଠନ୍ତି ନିତି ଗୀତ ଗାଇ ଅକ୍ଷେପ ଓ ରଙ୍ଗିତ ମଧ୍ୟରେ ରାତି ପୁହାଇ ଦିଅନ୍ତି ।

ଏଇଠି ସୁଯୋଗ ମିଳେ ମନ ମୁତାବକ ଜୀବନ ସଙ୍ଗୀ ବାଛି ନେବାରେ । ଜୀବନ ସଙ୍ଗୀ ବାଛି ନେବାରେ ବାଧ୍ୟ ବାଧ୍ୟକତା ନଥାଏ । ନଥାଏ ସମାଜର ନାଲି ଆଖିର ଭୟ । ଫଳରେ ପ୍ରଣୟ ସୁଖର ପରିବେଶରେ ଜୀବନ ସଙ୍ଗିନୀ ବାଛି ନେଇ ବଣ୍ଡା ଯୁବକ ସଫଳ ଆଗାମୀ ଜୀବନ ପାଇଁ ଭିତ୍ତି ସ୍ଥାପନ କରି ଦିଅନ୍ତି ।

ତା'ପରେ ବଣ୍ଡା ସମାଜର ପ୍ରଥା ଅନୁଯାୟୀ ବିବାହ ଅନୁଷ୍ଠିତ ହୁଏ ।

ଧାଙ୍ଗଡ଼ି ବସାରେ ରୂପଲାଭ କରିଥିବା ବଣ୍ଡା ଯୁବକ ଯୁବତୀର ପ୍ରଣୟ ଶେଷରେ ବିବାହରେ ପୂର୍ଣତା ଲାଭ କରେ । ବଣ୍ଡା ଯୁବକର ବଣ୍ଡା ଯୁବତୀର ପ୍ରଣୟ ଜାତ ହେଲେ ସେମାନେ ନାଚି ଗୀତ ଗାଇ ପରସ୍ପର ଅନ୍ତରଙ୍ଗ ଓ ନିବିଡ ହୁଅନ୍ତି । ଏମିତି କିଛି ଦିନ ଗଲେ ହଠାତ୍ ଦିନେ ପ୍ରଣୟୀ ପ୍ରଣୟିନୀ ହାତରେ ଖଡୁ ପିନ୍ଧାଇ ଦିଏ ଏବଂ ଏହି ସମ୍ବାଦ ବର ଓ କନ୍ୟା ପିତା ମାତାଙ୍କ ପାଖରେ ପହଞ୍ଚେ ।

ଏହାପରେ ଆରମ୍ଭ ହୁଏ ବିବାହ ର ଆନୁସଙ୍ଗିକ ପର୍ବ । ଗ୍ରାମରେ ବଣ୍ଡା ଯୁବକର ପିତା, ଗ୍ରାମର କେତକ ମୁଖିଆଙ୍କ ସହ କନ୍ୟା ପିତାର ଘରକୁ ଯାଆନ୍ତି ଏବଂ ସେମାନଙ୍କ ଯାତ୍ରାର ଅଭିଳାଷ ଜଣାନ୍ତି । ଏହାକୁ କନ୍ୟା ମାଗିଯିବା କୁହାଯାଏ । ଏପରି କନ୍ୟା ମାଗିଯିବା ପାଇଁ ସେମାନଙ୍କର ଯଥେଷ୍ଟ ମାନସିକ ପ୍ରସ୍ତୁତି ଥାଏ । କନ୍ୟା ପକ୍ଷର ଲୋକ ଏହି ବିବାହରେ ସମ୍ମତ ଜଣାଇଲେ, ସାମାଜିକ ପ୍ରଥାରେ ବିବାହ ହୁଏ । 'ସଲପମଦପାନ' ଏବଂ ଗୋ ମାଂସ ଭୋଜିରେ ବିବାହ ଶେଷ ହୁଏ । ରାତି ସାରା ନାଚ ଗୀତ ଚାଲେ ।

ବହୁତ ସମୟରେ ଧାଙ୍ଗଡ଼ି ବସାରେ ପ୍ରତ୍ୟୟ ଓ ସମ୍ମତି ନଥାଇ ବଣ୍ଡା ଯୁବକ ବଣ୍ଡା ଯୁବତୀର ହାତରେ ଖଡୁ ପିନ୍ଧାଇ ଦିଏ ଏବଂ ଏଇ ସମ୍ବାଦ ଚତୁର ଭାବରେ ବାପା, ମା ଓ କନ୍ୟାର ଆତ୍ମୀୟ ସ୍ୱଜନ ମାନଙ୍କୁ ପଠାଇ ଦିଏ । ହଠାତ୍ ଦିନେ ଯୁବକର ନିଜ ଲୋକ କନ୍ୟାପିତା ଘରକୁ କନ୍ୟା ମାଗିବାକୁ ଯାଇ ଥାଆନ୍ତି । କନ୍ୟାର ସମ୍ମତି ନଥିବାରୁ, କନ୍ୟା ପିତା ଏ ବିବାହକୁ ଅସ୍ୱୀକାର କଲେ ଦୁଇଟି ପରିବାର ଭିତରେ ଗଣ୍ଡଗୋଳ ମାଡପିଟ ହୁଏ । ବଣ୍ଡା ଯୁବକର ତରୁଣ ବନ୍ଧୁମାନେ କ୍ରୋଧାନ୍ବିତ ହୋଇ କନ୍ୟାପିତାର ଘର ଆକ୍ରମଣ କରନ୍ତି । ସମସ୍ତ ପ୍ରକାର ଶକ୍ତି ପ୍ରୟୋଗ କରି ଅଭିଳ ଷି ? କନ୍ୟାକୁ ବର ପକ୍ଷର ଅଧିକାରକୁ ଆଣନ୍ତି । ତା'ପରେ ବିବାହ ଅନୁଷ୍ଠିତ ହୁଏ । ମଦ ସଲପ ଓ ମାଂସର ପ୍ରାଚୁର୍ଯ୍ୟ ଭିତରେ ବିବାହର ପରିବେଶ ଝଂକୃତ ହୋଇ ଉଠେ ।

ଦ୍ୱିତୀୟରେ ସାମାଜିକ ଅନୁଷ୍ଠାନ ଓ ପାରସ୍ପରିକ ସମ୍ମତି ବିନିମୟରେ ବିବାହ ମଧ୍ୟ ପ୍ରଚଳିତ ଅଛି । ଏହି ବିବାହ କଥା ସମତଳଅଞ୍ଚଳର ବିବାହ ପ୍ରଥା ସହିତ ପ୍ରାୟ ତୁଳନୀୟ । ବାପା, ମା, ନିଜର ପୁଅ ବା ଆତ୍ମୀୟ ପାଇଁ ଅନ୍ୟ ଗାଁରେ ମନ ଲାଖି କନ୍ୟା ଠିକଣା କରନ୍ତି । ଏବଂ ଶୁଭ ଦିନ ଦେଖି କନ୍ୟା ମାଗି ଯିବାକୁ କେତେକ ମୁଖିଆ ଲୋକଙ୍କ ସହ ସେଇ ଗାଁକୁ ଯାତ୍ରା କରନ୍ତି । ସେମାନେ ସାଥୀରେ ମଦ ଓ ସଲପ ନେଇ ଥାନ୍ତି । ଆଗନ୍ତୁକ ସହ କନ୍ୟାପିତା ଓ ଆତ୍ମୀୟ ମଦ ପିଇ ପ୍ରସ୍ତାବିତ ବିବାହ ସମ୍ପର୍କରେ ସର୍ବବିଧ ଆଲୋଚନା କରନ୍ତି । ଏ ପ୍ରକାର ବିବାହ ସ୍ଥିର ହେଲାପରେ ବର ପିତା ଓ ଅନ୍ୟମାନେ ଗାଁକୁ ଫେରି ଆସନ୍ତି ।

ତା'ପରେ ଅନ୍ୟ ଏକ ଦିନ ଧାର୍ଯ୍ୟ ହୁଏ ଏବଂ ସେ ଦିନ ବର ପକ୍ଷରୁ ବର ମା କେତେକେ ଗ୍ରାମ୍ୟ ମହିଳାଙ୍କୁ ନେଇ ସେ ଗାଁକୁ ଯାଆନ୍ତି କନ୍ୟା ଆଣିବାକୁ ।

ପୂର୍ବରୁ ପ୍ରସ୍ତାବ ଅନୁଯାୟୀ କନ୍ୟାପକ୍ଷର ଲୋକମାନେ କନ୍ୟାକୁ ତା'ର ଶାଶୁ ଘରକୁ ପଠାଇ ଦେବାର ସମସ୍ତ ଆୟୋଜନ କରିଥାନ୍ତି । ସେଦିନ ବଣ୍ଡା ଯୁବତୀଟି ସ୍ନାନ କରି ସୁସଜ୍ଜିତା ହୋଇ ବରଘର ଲୋକଙ୍କ ସାଙ୍ଗରେ ଯାତ୍ରା ଆରମ୍ଭ କରେ ।

ତୃତୀୟରେ ବିଧବା ବିବାହ ପ୍ରଥା ବଣ୍ଡା ସମାଜରେ ଅଦ୍ୟାବଧି ଆସନ ବିସ୍ତାର କରିଛି । ସ୍ୱାମୀ ମରିଗଲେ ବଣ୍ଡା ରମଣୀ ଖୁବ୍ ଶୀଘ୍ର ତା'ର ଘରକୁ ସଜାଡ଼ି ନେବାକୁ ଆଗେଇ ଆସେ ।

ଏଇଟି ଏକ ସାମାଜିକ ପ୍ରଥା । ବଣ୍ଡା ବିଧବା ବିବାହ ବିଷୟ ବିସ୍ମୟକୁ ନିଆଯାଉ । ବଣ୍ଡା ସ୍ତ୍ରୀ ବିଧବା ହେଲେ, ତା'ର ମୃତ ସ୍ୱାମୀର ସାନ ଭାଇ ତାକୁ ବିବାହ କରିବାକୁ ହକ୍‌ଦାର । ବହୁତ କ୍ଷେତ୍ରରେ ବିଧବା ଭାଉଜକୁ ତା'ର ଦିଅର ସ୍ତ୍ରୀ ଭାବରେ ଗ୍ରହଣ କରେ ।

ମାତ୍ର ବହୁତ ସମୟରେ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଏ । ବିଧବା ବଣ୍ଡା ରମଣୀ ନିଜର ଇଚ୍ଛା ଅନୁଯାୟୀ ଯେ କୌଣସି ପୁରୁଷକୁ ତା'ର ସ୍ୱାମୀ ଭାବରେ ଗ୍ରହଣ କରେ । ମାତ୍ର ସାନ ଭାଇ ତା'ର ବଡ ଭାଇର ବିଧବା ସ୍ତ୍ରୀକୁ ନ ପାଇ ଗଣ୍ଡଗୋଳ ମାରପିଟ୍ ଆରମ୍ଭ କରେ ।

ଫଳରେ ବଣ୍ଡାର ଶାନ୍ତ, ସରଳ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇ ପଡେ । ଏଇ ପାଇଁ ମୁଖିଆମାନଙ୍କ ଆଶ୍ରୟ ନେଇ ଦିଅର ବିଧବା ଭାଉଜର ଏ ପ୍ରକାର ସ୍ୱେଚ୍ଛାପୂର୍ଣ୍ଣ ବିବାହକୁ ପଦାରେ ପକାଇ ଦିଏ । ପ୍ରଚଳନ ପ୍ରଥା ଅନୁଯାୟୀ, ଯେଉଁ ବ୍ୟକ୍ତି ବିଧବା ବିବାହ କରେ ସେ ଦିଅରକୁ 'ରାଣ୍ଡି ଝୋଲା' ଦିଏ ।

ବଣ୍ଡା ସମାଜରେ ବହୁ ବିବାହ ପ୍ରଥା ପ୍ରଚଳିତ ଅଛି । ଏକ ସମୟରେ ଗୋଟିଏ ବଣ୍ଡା ଏକାଧିକ ସ୍ତ୍ରୀ ଗ୍ରହଣ କରି ପାରେ । ଏଥିପାଇଁ ସମାଜରେ କୌଣସି ବିରୋଧ ନାହିଁ । ବଣ୍ଡା ବହୁ ପତ୍ନୀ ଥିଲେ ସେମାନଙ୍କ ପାଇଁ ଅଲଗା, ଘର କରିଥାଏ ।

ଅନ୍ୟ ଆଦିବାସୀଙ୍କ ପରି ବଣ୍ଡା ସମାଜରେ ବିବାହ କ୍ଷେତ୍ରରେ 'ଝୋଲା'ର ପ୍ରଚଳନ ଅଛି । ଝୋଲା କହିଲେ ଆମ ସମାଜର ଯୌତୁକର ସ୍ୱରୂପଠାରୁ ଭିନ୍ନ ।

ବଣ୍ଡା ବିବାହ ସ୍ୱୀକୃତ ହୋଇଗଲେ, 'ଝୋଲା'ର ପ୍ରଶ୍ନ ଉଠେ । ସମତଳ ଅଞ୍ଚଳର ଆଦିବାସୀ ବିବାହ ସମୟରେ କନ୍ୟା ପିତା ଠାରୁ ଯୌତୁକ ଦାବୀ କରେ ନାହିଁ । ବଣ୍ଡା ସମାଜରେ ବିବାହ ପରେ ବିଦାୟ ପୂର୍ବରୁ ଝିଅର ମାକୁ ବର ପିତା, ଶାଢୀ କିଛି ପଇସା ଧାନ୍ୟ ବା ଗାଈ, ଚାଳୁଣୀ ଝୋଲା ସ୍ୱରୂପ ଦିଅନ୍ତି ।

ଏହାକୁ ଦୁଇଟି ପରିବାରରେ ବନ୍ଧନର ପ୍ରତୀକ ସ୍ୱରୂପ ଗ୍ରହଣ କରାଯାଏ । ଏଥିରେ ବାଧ୍ୟ ବାଧକତାର ପ୍ରଶ୍ନ ଉଠେ ନାହିଁ ।

ମାତ୍ର ଝୋଲାର ଅନ୍ୟ ଏକ ରୂପ ପ୍ରକାଶ ପାଏ, ଯେତେବେଳେ କୌଣସି ସ୍ତ୍ରୀ ଯଦି ତା'ର ସ୍ୱାମୀକୁ ଛାଡପତ୍ର ଦେଇ ଅନ୍ୟ ସ୍ୱାମୀ ଗ୍ରହଣ କରେ । ଏଠାରେ ପ୍ରଥମ ସ୍ୱାମୀ ତା' ସ୍ତ୍ରୀର ଦ୍ୱିତୀୟ ସ୍ୱାମୀଠାରୁ ଦୁଇଗୁଣ ଝୋଲା ଗ୍ରହଣ କରେ । (ପୂର୍ବରୁ ରାଣ୍ଡି ଝୋଲା କଥା କୁହାଯାଇଛି)

ଏହି ପରି ବହୁତ ବୈଚିତ୍ର୍ୟରେ ବଣ୍ଡାର ଜୀବନ ଭରପୁର । ବିଶେଷତଃ ବଣ୍ଡାର ବିବାହ ଏକ ଅସାଧାରଣ ଅନୁଷ୍ଠାନ । ବଣ୍ଡା ବିବାହ ପାଇଁ ଯେତିକି ଆନ୍ତରିକତା, ନିଷ୍ଠା ଓ ପକ୍ଷତି ପ୍ରକାଶ କରେ, ବିବାହ ପରେ ସେ ସେତିକି ଭୁଲିଯାଏ । ବୈବାହିକ ଜୀବନରେ ବିଷାଦ ଆସିଗଲେ, ସହଜରେ ସ୍ୱାମୀ ସ୍ତ୍ରୀକୁ ଓ ସ୍ତ୍ରୀ ସ୍ୱାମୀକୁ ଛାଡ଼ି ସୁରିଯାଏ ।


ବଣ୍ଡା ଏକାଧାରରେ ରସିକ ପ୍ରେମିକ ଭିଲତାର ପକ୍ଷପାତୀ । ନୀରସ ଜୀବନକୁ ସରସ କରିବାକୁ ଖୁବ୍ କମ୍ ବୟସରେ ନିଷ୍ପତ୍ତି ନିଏ । ଏଥିପାଇଁ ବଣ୍ଡା ଜୀବନରେ ସଘର୍ଷହୁଏ ଏବଂ ପାରିବାରିକ ଜୀବନରେ ଅଶାନ୍ତି ଅନୁପ୍ରବେଶ କରେ ।

ବିବାହକୁ କେନ୍ଦ୍ର କରି ନରହତ୍ୟା ଏବଂ ମାତପିଟ୍ ଏକ ସାଧାରଣ ଘଟଣାରେ ପରିଣତ ହୁଏ । ତଥାପି ଯୁଗ ଯୁଗ ଧରି ବଣ୍ଡା ସମାଜ ବିବାହ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି ।

ବଣ୍ଡା ସବୁବେଳେ ବିବାହ କରେ ଏକ ସୁଖି ଜୀବନ ପାଇଁ, ସୁଖ ଲୋଡ଼ି ବଣ୍ଡା ଯିମିତି କାମନା କରିଛି, ତା'ର ପ୍ରେମମୟୀ ସ୍ତ୍ରୀଠାରୁ ଆଞ୍ଜୁଳା ଆଞ୍ଜୁଳା ସ୍ନେହ ଓ ମମତା, ଏହି ସ୍ନେହ ଓ ମମତା ଯେତେବେଳେ ସେ ପାଇ ନାହିଁ, ସେ ସଂସାର ଭାଙ୍ଗିଛି । ଏବଂ ବରଣ କରି ନେଇଛି ଅନ୍ୟ ସ୍ତ୍ରୀ । ସୁଖ ପାଇଁ, ସ୍ନେହ ପାଇଁ, ମମତା ପାଇଁ ଏହାହିଁ ବଣ୍ଡା ଜୀବନରେ ସବୁଠାରୁ ବଡ ବୈଚିତ୍ର୍ୟ ଓ ବିସ୍ମୟ ।

---

ଜୋନ୍ ଅଫିସର, ଉପରକୋଲାବ,
ଜି: କୋରାପୁଟ ।



ବଣ୍ଡା ପୁରୁଷ

# ଉତ୍କଳ ଗୌରବ ମଧୁସୂଦନ

ଶ୍ରୀ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ,

"Life is a race, the world is a race-course, Birth is the starting point, Death the Goal and Duty is fence to keep us straight in the way to that Goal." ବାଇବେଲର ଏହି ବାଣୀହିଁ ଥିଲା ମଧୁସୂଦନଙ୍କ ଜୀବନାଦର୍ଶ ।

୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ଜନ୍ମ ଗ୍ରହଣ କରିଥିଲେ । ୧୮୭୦ ମସିହାରେ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ ହେଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ । ୧୮୭୩ ମସିହାରେ କଲିକତାର ପ୍ରେସିଡେନ୍ସି କଲେଜରୁ ଓଡ଼ିଶାର ପ୍ରଥମ ଏମ୍. ଏ. ରୂପେ ଉତ୍ତୀର୍ଣ୍ଣ ହେଲେ ।

ସମୟକ୍ରମେ କଲିକତା ଅବସ୍ଥାନ କାଳରେ ମଧୁସୂଦନ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । କିନ୍ତୁ ପାଦ୍ରୀମାନେ ଖ୍ରୀଷ୍ଟଧର୍ମକୁ ପଣ୍ୟ ଭାବରେ ବ୍ୟବହାର କରୁଥିବାରୁ ଏବଂ ଟଙ୍କା ଲୋଭରେ ଲୋକଙ୍କୁ ଖ୍ରୀଷ୍ଟିଆନ୍ କରୁଥିବାରୁ ସେ ବ୍ୟଥିତ ହୋଇ କହିଥିଲେ, ମୋ ମତରେ ଯୀଶୁଖ୍ରୀଷ୍ଟ ହେଉଛନ୍ତି ପୃଥିବୀର ଶେଷ ଖ୍ରୀଷ୍ଟିଆନ୍ । ଅନ୍ୟମାନେ ଚର୍ଚ୍ଚିଆନ୍। ଗୀର୍ଜା ହିଁ ସମସ୍ତଙ୍କ ଆରାଧ୍ୟ, ଯୀଶୁ ନୁହନ୍ତି ।

ମଧୁସୂଦନଙ୍କର ବଙ୍ଗଳାରୁ ଓଡ଼ିଶା ଆଗମନ ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିବସ । ସେଇଦିନ ଊନବିଂଶ ଶତାବ୍ଦୀର ହେତୁବାଦ, ଗଣତାନ୍ତ୍ରିକ ଶାସନାଦର୍ଶ, ଅନୁଶାସନ ମୁକ୍ତ ଚିନ୍ତା ଓ ଏ ଶୈକ୍ଷିକ ଅଭ୍ୟୁଦୟ ଚେତନା ଅନଗ୍ରସର ଓଡ଼ିଶାରେ ସ୍ପନ୍ଦିତ ହୋଇଥିଲା । ୧୮୮୧ ମସିହାରେ ମଧୁସୂଦନ କଟକରେ ଓକିଲ ହେଲେ । ଏହି ସମୟରେ ଶ୍ରୀ ଜଗନ୍ନାଥ ମନ୍ଦିର ଶାସନ ନୀତିରେ ଇଂରେଜମାନେ ହସ୍ତକ୍ଷେପ କରିବାରୁ ମଧୁସୂଦନ କ୍ଷୁବ୍ଧ ହୋଇ କହିଥିଲେ; ଜଗନ୍ନାଥ କେବଳ ହିନ୍ଦୁ ଜଗତର ଆରାଧ୍ୟ ଦେବତା ନୁହଁନ୍ତି, ଓଡ଼ିଆ ଜାତିର ସ୍ୱାଭିମାନ ଓ ଆତ୍ମ ପ୍ରତ୍ୟୟର ସେ ଯେପରି ଅମ୍ଳାନ ସଙ୍କେତ, ଉତ୍କଳ ରାଷ୍ଟ୍ରର ମଧ୍ୟ ସେହିପରି ପ୍ରେରଣାର ଉତ୍ସ । ଉତ୍କଳର କୀର୍ତ୍ତି ଓ ସମାଜର ରାଷ୍ଟ୍ରସଭା ଓ ସଂଗ୍ରାମର ପ୍ରାଣଶକ୍ତି ଓ ପୌରୁଷର ମହିମାମୟ ପ୍ରତିରୂପ ଜଗନ୍ନାଥ, ଦୀର୍ଘ ଏକହଜାର ବର୍ଷଧରି ଓଡ଼ିଶା ଇତିହାସରେ ବହୁ ସ୍ମୃତି ପରଂପରା ଓ ପ୍ରବାହ ତାଙ୍କଠାରେ ନିହିତ ରହିଅଛି । ସେଥିପାଇଁ ମୋଗଲ ସମ୍ରାଟ ଆକବରଙ୍କ ବିଜୟୀ ସେନାପତି ତୋଡରମଲ୍ଲ ମାନସିଂହଠାରୁ ଇଷ୍ଟଇଣ୍ଡିଆ କଂପାନୀର ଲର୍ଡ ୱେଲସଲୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜଗନ୍ନାଥଙ୍କ ପ୍ରତିଷ୍ଠା ଏକ ବାକ୍ୟରେ ସ୍ୱୀକାର କରି ଆସିଛନ୍ତି ।

ଶିକ୍ଷାକୁ କର୍ମାଭିମୁଖୀ କରିବା ମଧୁସୂଦନଙ୍କ ଅନ୍ୟତମ ଲକ୍ଷ ଥିଲା । ସାନଭାଇ ଗୋପାଳ ବଲ୍ଲଭ ରେଭେନ୍ସା କଲେଜରୁ ସର୍ବ ପ୍ରଥମେ ଏମ୍. ଏ. ପାଶ୍ କରିବା ପରେ ଡେପୁଟି କଲେକ୍ଟର ହେବାକୁ ଇଚ୍ଛା କରି ଥିବାରୁ ମଧୁସୂଦନ ଦୁଃଖ ପ୍ରକାଶ କରି କହିଥିଲେ; କଣ ହେଲା, ଏ ଜାତିଟାର ଦିନେ ଜଣେ ଓଡ଼ିଆ ସ୍ୱପ୍ନ ଦେଖୁଥିଲା ସେ ହେବ ଶିଳ୍ପୀ, କବି, ସୌଦାଗର, ନୋହିଲେ ସେନାପତି । ଆଜି କିନ୍ତୁ ଓଡ଼ିଆର ଏକମାତ୍ର ଧ୍ୟାନ ସ୍ତ୍ରୀ ଚାକିରୀ, ଚାକିରୀ । ଚାକିରୀ-ଗୋଲାମୀ ବ୍ୟତିତ ବିଧାତା ଯେପରି ଏ ଐତିହାସିକ ଜାତିର ଭାଗ୍ୟରେ ଆଉ କିଛି ଲେଖି ନାହାନ୍ତି ।

ଇତିହାସ ଦୃଷ୍ଟିରୁ ମଧୁସୂଦନ ଓଡ଼ିଶାରେ କଂଗ୍ରେସର ଆଦି ପ୍ରବର୍ତ୍ତକ । ୧୮୯୫ ମସିହା ଓଡ଼ିଶାର ରାଜନୀତିରେ ଏକ ସ୍ମରଣୀୟ ବର୍ଷ । ଏହି ବର୍ଷ ଜାନୁଆରୀ ୨୫ ତାରିଖରେ ସମ୍ବଲପୁର ଜିଲ୍ଲାରୁ ଓଡ଼ିଆ ଭାଷା ଉଚ୍ଛେଦ ସଂପର୍କରେ ମଧ୍ୟପ୍ରଦେଶର ଚିଫ୍ କମିଶନର ଆଣ୍ଡୁ ଫ୍ରେଜର ଏକ ନିର୍ଦ୍ଦେଶ ଦେଇଥିଲେ । 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ବେଳେ ବୀମ୍‌ସଙ୍କ ଗବେଷଣା ପ୍ରସୂତ ଗ୍ରନ୍ଥ 'କମ୍ପାରେଟିଭ୍ ଗ୍ରାମାର ଅଫ୍ ଇଣ୍ଡୋ ଆରିଆନ୍ ଲାଙ୍ଗୁଏଜେସ୍' ଭାରତରେ ଭାଷା ତତ୍ତ୍ୱର ମୂଳପତନ କରିବା ସହିତ ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା କରିବାକୁ ସମର୍ଥ ହୋଇପାରିଥିଲା । ବୀମ୍‌ସଙ୍କ ଭାଷାରେ :-

"But when the case of Oriya comes to be considered must be remembered that is spoken

not only by five millions in the settle and the civilised distincts of the sea-coast but by uncounted and widely dispersed mass of wild tribes in the vast tract of mountains which covers hundreds of miles in land and extend as far as Nagpur and South as Telengana"

ଏହିଭଳି ଏକ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ନିମିତ୍ତ ମଧୁସୂଦନଙ୍କ ପ୍ରଭୂତ ଚେଷ୍ଟା ଫଳରେ ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳନ ହୋଇଥିଲା ।

ମଧୁସୂଦନ ବଙ୍ଗଳା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିକୁ ନିର୍ବାଚିତ ପ୍ରଥମ ଓଡ଼ିଆ ସଦସ୍ୟ, ଭାଇସ୍‌ରୟାଲ ଇଂପିରିଆଲ କାଉନ୍‌ସିଲକୁ ନିର୍ବାଚିତ ପ୍ରଥମ ଓଡ଼ିଆ ସଦସ୍ୟ ଏବଂ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏ ନୀତିଗତ ପ୍ରଶ୍ନର ବିରୋଧ ହେତୁ ଇସ୍ତଫା ଦେଇଥିଲେ । ମଧୁସୂଦନ ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ । ତାଙ୍କ ପୂର୍ବରୁ କୌଣସି ଓଡ଼ିଆ କଳାପାଣି ପାରି ହୋଇ ବିଲାତ ଯାଇ ନ ଥିଲେ । ୟୁରୋପରୁ ଫେରିବା ପରେ ସେ ଓଡ଼ିଶାରେ ବିଦେଶୀ ଶିଳ୍ପର ପ୍ରସାର ପାଇଁ ଚେଷ୍ଟା କରିଥିଲେ । 'ସେ ଓଡ଼ିଶା ଆର୍ଟ ୱ୍ୟାର' ଓ 'ଉତ୍କଳ ଟ୍ୟାନେରୀ'ର ପ୍ରତିଷ୍ଠାତା ।

ଓଡ଼ିଶାର ଜାତୀୟ ଜୀବନର ବିକାଶ ଥିଲା ମଧୁସୂଦନଙ୍କ ପ୍ରାଥମିକ ଲକ୍ଷ । ତେଣୁ ୧୯୦୮ ମସିହା ଏପ୍ରିଲ ୧୮ ତାରିଖରେ ପୁରୀରେ ଉତ୍କଳ ସମ୍ମିଳନୀର ପଞ୍ଚମ ଅଧିବେଶନରେ କହିଥିଲେ– "ବଡ ଦେଉଳ ବାଲିରେ ପୋତି ହୋଇ ପଡ଼ିଥିଲା । ରାଜାଙ୍କ ପୋଦ୍ଦାରସ୍ତୁ ବାଳିବାରୁ ରାଜା ତାକୁ ପୁନରୁଦ୍ଧାର କରିଥିଲେ । ଏହିଠାରେ ବଡ଼ ଦେଉଳକୁ ସ୍ମରି ଓ ଜାତିର ପୁନରୁଦ୍ଧାର କର । ଏହା ଆମ୍ଭମାନଙ୍କ ଦୀକ୍ଷାମନ୍ତ୍ର ହେବା ଆବଶ୍ୟକ ।" ଅନୁଦାର ଗୋଷ୍ଠୀବଦ୍ଧ ମନୋଭାବ ଫଳରେ ଜାତୀୟ ପତନ ସମ୍ବନ୍ଧରେ ଦୁଃଖ ପ୍ରକାଶ କରି ସେ କହିଥିଲେ–ହିନ୍ଦୁମାନେ ଅନ୍ୟମାନଙ୍କୁ କହୁଥିଲେ ମ୍ଳେଚ୍ଛ, ଗ୍ରୀକ୍‌ମାନେ ଆକ୍ଷେପ କରୁଥିଲେ ବାର୍ବରିଆନ୍, ଜ୍ୟୁ ମାନେ ବାସନ୍ଦ କରି କହୁଥିଲେ କେଣ୍ଟାଇଲ, ମୁସଲମାନମାନଙ୍କ ଦୃଷ୍ଟିରେ ଅନ୍ୟମାନେ ଥିଲେ କାଫେର, କିନ୍ତୁ ଏପରି ସଂକୀର୍ଣ୍ଣତା ମଧ୍ୟରେ ସବୁଜାତି ଓ ସଭ୍ୟତାମାନଙ୍କର ଯେପରି ପତନ ଘଟିଲା ଇତିହାସହିଁ ତାହାର ସାକ୍ଷ୍ୟ ଦେବ । ଆଜି ଇଂରେଜମାନେ ମଧ୍ୟ ଭାରତରେ ସେଇ ସଂକୀର୍ଣ୍ଣତା ଦ୍ୱାରା ସଂକ୍ରମିତ ହେବାରୁ ଜନସାଧାରଣଙ୍କ ସହିତ ଇଂରେଜ ଶାସନର ସଂପର୍କ ଚ୍ୟୁତି ଘଟିଛି । ଉତ୍କଳୀୟତା ଦୃଷ୍ଟିରେ ଇତିହାସର ଏହି ଶିକ୍ଷା କେହି ଭୁଲିଯିବା ଉଚିତ୍ ନୁହେଁ । ବସ୍ତୁତଃ ଓଡ଼ିଶାର ଏକତ୍ରୀକରଣରେ ମଧୁସୂଦନଙ୍କ ଲକ୍ଷ ଥିଲା ଭାଷା, ଧର୍ମ, ଜାତି ଓ ଗୋଷ୍ଠୀ ନିର୍ବିଶେଷରେ ଯେଉଁମାନେ ଓଡ଼ିଶାକୁ ଶୈଶବର କ୍ରୀଡ଼ାଭୂମି, ଯୌବନର କର୍ମଭୂମି ଓ ବାର୍ଦ୍ଧକ୍ୟର ବିଶ୍ରାମଭୂମି ତଥା ମୃତ୍ୟୁପରେ ଅନ୍ତିମ ବିଶ୍ରାମଭୂମି ରୂପେ ଗ୍ରହଣ କରିଛନ୍ତି ସେମାନେ ସମସ୍ତେ ଓଡ଼ିଆ ।

ନାରୀ ଶିକ୍ଷାର ବିକାଶରେ ମଧୁସୂଦନଙ୍କ ପ୍ରାଥମିକ ପ୍ରଚେଷ୍ଟା ଅଭିନନ୍ଦନୀୟ ! ଉତ୍କଳ ସଭା ଠାରୁ ଜାତୀୟ କଂଗ୍ରେସ ପର୍ଯ୍ୟନ୍ତ ଓଡ଼ିଶାର ରାଜନୀତିକ ଜୀବନର ସେ ଆଦି ପ୍ରବର୍ତ୍ତକ । ତାଙ୍କ ଦ୍ୱାରା ସୃଷ୍ଟ ଉତ୍କଳ ସମ୍ମିଳନୀ ନୂତନ ଓଡ଼ିଶା ଅଭ୍ୟୁଦୟର ମୂଳ ହେତୁ । ତେଣୁ ଯଥାର୍ଥତଃ ମଧୁସୂଦନ ଆଧୁନିକ ଓଡ଼ିଶାର ସାଂସ୍କୃତିକ ଜୀବନର କର୍ଣ୍ଣଧାର । କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ସେ ଚେଷ୍ଟା କରିଥିଲେ । କୁଳବୃଦ୍ଧ ଭାବରେ ସେ ସମଗ୍ର ଓଡ଼ିଆ ଜାତିର ନମସ୍ୟ । ଓଡ଼ିଆ ଜାତି ପାଇଁ ସେ ଦେବାଳିଆ ହୋଇଥିଲେ । ୧୯୨୫ ମସିହାରେ ମଧୁସୂଦନଙ୍କ ଘର ନିଲାମ ହେବା ବେଳେ ତାଙ୍କ ଶତ୍ରୁମାନେ ମଧ୍ୟ କହୁଥିଲେ, ଦେଶ ପାଇଁ ମଧୁଦାସ ଦାଣ୍ଡର ଭିକାରୀ ହୋଇଗଲା .... ।

ଓଡ଼ିଶା ପାଇଁ ତାଙ୍କର ଡ଼ାକରା ଥିଲା–"କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଡାକ ଛାଡ଼ି ଜଗନ୍ନାଥ/ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ ଜାତିର ଉନ୍ନତି ପଥ । ସୁଦର୍ଶନ ଚକ୍ର ଗରଜି ଉଠିବ ବଳିୟାର ବାହୁକରେ/ମାତାଙ୍କ ଶ୍ରୀ ଅଙ୍ଗ ପୂର୍ବବତ୍ ହେବ ଶତ୍ରୁ ପଳାଇବ ଡ଼ରେ" । ରାଜନୀତି ତାଙ୍କର ଥିଲା କର୍ମ ତପସ୍ୟା । କ୍ଷମତା ଓ ସ୍ୱାର୍ଥ ଲିପ୍‌ସାର ବହୁ ଊର୍ଦ୍ଧ୍ୱରେ ସେ ରାଜନୀତିକୁ ଉନ୍ନୀତ କରାଇ ପାରିଥିଲେ । ଶୂନ୍ୟ ଗର୍ଭ ପହଲିରେ ନୁହେଁ, ନିଜ ଜୀବନ ଚର୍ଯ୍ୟାରେ ସେ ସ୍ୱାର୍ଥମେଧ ଯଜ୍ଞର ଯେଉଁ ହୋମାଗ୍ନୀ ପ୍ରଜ୍ୱଳିତ କରିଥିଲେ ସେଥିରେ ନିଜକୁ ପୂର୍ଣ୍ଣାହୁତି ଦେଇଥିଲେ । ଆତ୍ମ ପ୍ରତ୍ୟୟ ହୀନ ଓଡ଼ିଆ ଜାତିକୁ ସେ ତାଙ୍କ ଦୁର୍ବାର ନେତୃତ୍ୱରେ ଦେଇ ପାରିଥିଲେ ସ୍ୱାଭିମାନ । ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ଏହି ମହା ପୁରୁଷଙ୍କର ମହାପ୍ରୟାଣ ଘଟିଥିଲା । ଏଥିପାଇଁ ପରଦିନ 'ସମାଜ'ର ଅଗ୍ରଲେଖାରେ ପ୍ରକାଶ ପାଇଥିଲା । ଉତ୍କଳର ଶ୍ରେଷ୍ଠ ମୁକୁଟ ବିହୀନ ସମ୍ରାଟ ମଧୁସୂଦନ ଆଉ ନାହାନ୍ତି । ଏ ଶତାବ୍ଦୀର ଆଦ୍ୟ ପାଦରେ ମଧୁସୂଦନଙ୍କ ବାଣୀ ଓଡ଼ିଆ ଜାତିକୁ ଜାଗ୍ରତ କରିବା ପାଇଁ ଏବେବି ସୁଦ୍ଧା ଅଭିପ୍ରେତ ।

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେଦିନେ,
ପୂରୁବ କୀରତି ପୂରୁବ ଗୌରବ
ପଡ଼ିବକି ତୋର ମନେ ?

ସିନିୟର ରିସର୍ଚ୍ଚ ଫେଲୋ, ୟୁ. ଜି. ସି.
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଜାତି-ପ୍ରେମ-ବହ୍ନି ପ୍ରଜ୍ୱଳିତ କର,
ସ୍ୱାର୍ଥକୁ ଦିଅ ଆହୁତି ।

# ଦୁଇ ପୁରସ୍କୃତ ଓଡ଼ିଆ ଶିଳ୍ପୀ

ଶ୍ରୀ ଶରତ ଚନ୍ଦ୍ର ପରିଡ଼ା

ଫେବୃଆରୀ ଶେଷାର୍ଦ୍ଧ ଓଡ଼ିଶୀ ପାଇଁ ଥିଲା ଆନନ୍ଦ ଦାୟକ ଓ ଗୌରବ ପୂର୍ଣ୍ଣ : ଭାରତ ସରକାରଙ୍କ ସଂଗୀତ ନାଟକ ଏକାଡେମୀ ୧୯୮୬ ପାଇଁ ଭୁବନେଶ୍ୱରର ସଂଗୀତ ମହାବିଦ୍ୟାଳୟ ପ୍ରାଙ୍ଗଣରେ କୃତୀ କଳାକାରମାନଙ୍କୁ ପୁରସ୍କାର ବିତରଣ କରିବା ଅବସରରେ ସେ ମାସର ୨୦ ରୁ ୨୪ ମଧ୍ୟରେ ପାଞ୍ଚଦିନ ବ୍ୟାପୀ ନୃତ୍ୟ ସଂଗୀତ ପରିବେଷଣ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏ କାର୍ଯ୍ୟକ୍ରମର ଉଦ୍‌ଯାପନ ଦିବସରେ ଓଡ଼ିଶାର ଦୁଇ ଯଶସ୍ୱୀ ଓ ପୁରସ୍କୃତ କଳାକାର ସେମାନଙ୍କ କଳା ପରିବେଷଣ କରିଥିଲେ : ସେ ଦୁହେଁ ହେଲେ ଶ୍ରୀମତୀ ପ୍ରିୟମ୍ବଦା ମହାନ୍ତି ଓ ଶ୍ରୀ ଭୁବନେଶ୍ୱର ମିଶ୍ର ।

ଓଡ଼ିଶୀ ନୃତ୍ୟକୁ ପୁନର୍ଜୀବିତ କରିବାରେ ଡକ୍ଟର ପ୍ରିୟମ୍ବଦା ମହାନ୍ତିଙ୍କ ଭୂମିକା ଐତିହାସିକ (ଶେଷ ଦଶକର ମଧ୍ୟ ଭାଗରେ ସେତେବେଳର ବିଶ୍ୱବିଦ୍ୟାଳୟ ଛାତ୍ରୀ ପ୍ରିୟମ୍ବଦା ଦିଲ୍ଲୀରେ ଓଡ଼ିଶୀ ପରିବେଷଣ କରି ନୃତ୍ୟ ବିଶେଷଜ୍ଞମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ଯାହା ଓଡ଼ିଶୀକୁ ଶାସ୍ତ୍ରୀୟ ମର୍ଯ୍ୟାଦା ଦେବାରେ ସାହାୟକ ହୋଇଥିଲା); କିନ୍ତୁ ତାଙ୍କ ନୃତ୍ୟ ଏବେ ପ୍ରାୟ ଦେଖିବାକୁ ମିଳେନି । ସେ ଦିନର ଦର୍ଶକଙ୍କ ଭିତରେ ଏଣୁ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଥିଲା ।

ପ୍ରିୟମ୍ବଦା ପରିବେଷଣ କରିଥିଲେ ମଙ୍ଗଳା ଚରଣ, ପଲ୍ଲବୀ ଓ ଅଭିନୟ । ତାଙ୍କ ନୃତ୍ୟର ସଂଗୀତ ସହାୟତା ପାଇଁ ମଞ୍ଚ ଉପରେ ଅନ୍ୟାନ୍ୟଙ୍କ ମଧ୍ୟରେ ଉପବିଷ୍ଟ ଥିଲେ ଶ୍ରୀ କେଳୁ ଚରଣ ମହାପାତ୍ର ଓ ଶ୍ରୀ ପଙ୍କଜ ଚରଣ ଦାସ — ଦୁଇ ପ୍ରସିଦ୍ଧ ନୃତ୍ୟ ଗୁରୁ । ପଙ୍କଜ ଚରଣ ମଞ୍ଜିରା ଓ କେଳୁ ଚରଣ ପଖୋଜ ବାଦନ କରୁଥିଲେ ।

ମଙ୍ଗଳା ଚରଣ ପାଇଁ ନୃତ୍ୟ ଶିଳ୍ପୀ ପରିବେଷଣ କରିଥିଲେ "ନବଦୁର୍ଗା"— ଦୁର୍ଗାଙ୍କ ବନ୍ଦନା ଉପଲକ୍ଷେ ରଚିତ କେତୋଟି ସଂସ୍କୃତ ଶ୍ଳୋକ ଉପରେ ଆଧାରିତ ନୃତ୍ୟ । ପ୍ରିୟମ୍ବଦାଙ୍କ ଭଙ୍ଗୀ ଓ ମୁଦ୍ରା ତ୍ରୁଟି ମୁକ୍ତ ଥିଲା । ନୃତ୍ୟଟି ଯେତିକି ପ୍ରାଣୋଜ୍ଜଳ ହେବାର କଥା, ତାହା ହୋଇ ପାରି ନଥିବା ଏ ସମୀକ୍ଷକର ମନେ ହେଲା । ବିଶେଷତଃ ନୃତ୍ୟଟିର ଦ୍ୱିତୀୟ ଅଂଶ — ଯାହା ସଂପୂର୍ଣ୍ଣ ରୂପେ "ନୃତ୍ତ" ପର୍ଯ୍ୟାୟର— ଆଦୌ ଉପଯୁକ୍ତ ହୋଇ ପାରିନାହିଁ । କଲ୍ୟାଣ ରାଗ ଉପରେ ଆଧାରିତ ପ୍ରିୟମ୍ବଦାଙ୍କ ପରିବେଷିତ "ପଲ୍ଲବୀ" ମଧ୍ୟ ଅଧିକ ଦର୍ଶନୀୟ ମନେ ହେଲା । ପଲ୍ଲବୀର କୋମଳତା ତାଙ୍କ ନୃତ୍ୟରେ ଅନେକାଂଶରେ ଫୁଟି ଉଠିଥିଲେ ମଧ୍ୟ ସେଥିରେ ପର୍ଯ୍ୟାପ୍ତ ଲାଳିତ୍ୟର ଅଭାବ ପରିଲକ୍ଷିତ ହେଲା ।

ତେବେ ପ୍ରିୟମ୍ବଦାଙ୍କ ଅଭିନୟ ପର୍ଯ୍ୟାୟରେ ଶେଷ ପରିବେଷଣଟି ଥିଲା ଯଥେଷ୍ଟ ଭାବୋଦ୍ଦୀପକ ଓ ଆନନ୍ଦପ୍ରଦ । ବନମାଳିଙ୍କ ରଚିତ "ଦିନେ ନ ଡାକିବୁ ରାଧିକା ବୋଲିରେ ମୁରଲୀ"ର ଭାବକୁ ନୃତ୍ୟଶିଳ୍ପୀ ସ୍ମରଣ ଯୋଗ୍ୟ ସଫଳତାର ସହ ପରିବେଷଣ କରିଥିଲେ । ବନମାଳିଙ୍କ ଏଇ ଗୀତଟି ମଧ୍ୟ ଚମତ୍କାର : ଶ୍ରୀକୃଷ୍ଣଙ୍କ ବଂଶୀଟି କିପରି ରାଧା ଓ କୃଷ୍ଣଙ୍କ ମଧ୍ୟରେ ଗୋଟିଏ ବିସ୍ମୟକର ସେତୁ, ତାହା ହିଁ ତାର ବିଷୟ ବସ୍ତୁ । ବଂଶୀଟି ନ ଥିଲେ କାହିଁ ରାଜରାଣୀ ରାଧା ଓ କାହିଁ ଗଉଡ ବାଳକ ଶ୍ରୀକୃଷ୍ଣ !! ତାର ବିରହ ରାଧାଙ୍କ ଭଙ୍ଗୀ; ତାଙ୍କ ଭାବାବେଗ ଓ ଅସହାୟତା : ପ୍ରତିଟି ଅନୁଭୂତି ପ୍ରିୟମ୍ବଦା ନିଖୁଣ ରୂପେ ପରିବେଷିତ କରିଥିଲେ ।

ଉଦ୍‌ଯାପନ ଦିବସର ଅନ୍ୟତମ ଶିଳ୍ପୀ ଥିଲେ ଶ୍ରୀ ଭୁବନେଶ୍ୱର ମିଶ୍ର — ଓଡ଼ିଶୀ ସଂଗୀତର ସ୍ୱନାମଧନ୍ୟ କଳାକାର । ଭୁବନେଶ୍ୱର ବାବୁ କେବଳ ଉଚ୍ଚକୋଟିର ବେହେଲା ବାଦକ ନୁହନ୍ତି : ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟର ଅନେକ ବିଭାଗ— ବିଶେଷତଃ ସାବେରୀ, କଲ୍ୟାଣ, ବସନ୍ତ ପ୍ରଭୃତି ରାଗରେ ରଚିତ ପଲ୍ଲବୀ— ଏବଂ ଅନେକ ନୃତ୍ୟ ନାଟିକା ପାଇଁ ସେ ସଂଗୀତ ରଚନା କରିଛନ୍ତି । ୧୯୮୬ ଅନ୍ୟତମ ପୁରସ୍କୃତ ଶିଳ୍ପୀ ହୋଇଥିବାରୁ, ଉତ୍ସବରେ ସେ ମଧ୍ୟ ନିଜ କଳା ପରିବେଷଣ କରିବାର ସୁଯୋଗ ପାଇଥିଲେ ।

ଭୁବନେଶ୍ୱରବାବୁ ବେହେଲାରେ ଚାରିଗୋଟି ରାଗ ପରିବେଷଣ କରିଥିଲେ ଯେଉଁଥିରେ ତାଙ୍କ ସହ ମୃଦଙ୍ଗ ସଙ୍ଗତ କରିଥିଲେ ପ୍ରସିଦ୍ଧ ମୃଦଙ୍ଗ ବାଦକ ଶ୍ରୀ ହର୍‌ମୋହନ ଖୁଣ୍ଟିଆ । ସଂଗୀତ ଶିଳ୍ପୀଙ୍କ ପ୍ରଥମ ପରିବେଷିତ ରାଗ ଥିଲା "ବସନ୍ତ" । ପରିବେଷଣର ଏହି ଅଗ୍ରମାରମ ରାଗଟି ସେତେଟା ଆବେଦନ ଧର୍ମୀ ହୋଇ ପାରି ନଥିଲା । କିନ୍ତୁ ପରବର୍ତ୍ତୀ ତିନୋଟି ରାଗରେ ତାଙ୍କର ବେହେଲା ବାଦନ— କିର୍‌ୱାନି ପଲ୍ଲବୀ, ମିଶ୍ର ଖମାଜ୍ ଓ କାଫି— ଶ୍ରୋତାଙ୍କ ମଧ୍ୟରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଥିଲା । କିର୍‌ୱାନି ପଲ୍ଲବୀ ରାଗଟି ଶିଳ୍ପୀଙ୍କର ନିଜସ୍ୱ ରଚନା । ରାଗ ମିଶ୍ରଖମାଜ୍ ଓ ରାଗ କାଫି (ଗୋପାଳକୃଷ୍ଣଙ୍କ ଦୁଇଟି ଜନପ୍ରିୟ ଗୀତ ଯଥାକ୍ରମେ "ସଂଗିନିରେ ରାସ ରଂଗିନିରେ" ଏବଂ ଶ୍ୟାମକୁ କୁହାର ତା'ର ପ୍ରେମକୁ କୁହାର") ଉପରେ ଆଧାରିତ ଥିଲା । ଏଇ ରାଗ ଦ୍ୱୟକୁ ସେ ପାରମ୍ପରିକ ଶୈଳୀରେ ପରିବେଷଣ କରିଥିଲେ ।

ଶ୍ରୀ ମିଶ୍ର ଏଇ ଲେଖକଙ୍କୁ ଗୋଟିଏ ସାକ୍ଷାତକାରରେ ସଂଗୀତ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ସାଧନାର କଥା କହିଥିଲେ । ଜୀବନର

ଷଷ୍ଠ ଦଶକ ସମାପ୍ତ କରିଥିବା ଭୁବନେଶ୍ୱରବାବୁ କହିଲେ ଯେ, ସାରା ଜୀବନ ସେ ସଙ୍ଗୀତ କ୍ଷେତ୍ରରେ ରହି ଆସିଛନ୍ତି । ଏ କ୍ଷେତ୍ରରେ ତାଙ୍କର ସ୍ୱର୍ଗତ ବାପା ତାଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲେ । ବିଜୟନଗରମ୍‌ର ସଙ୍ଗୀତ କଲେଜରେ ସେ କର୍ଣ୍ଣାଟକୀ ଶୈଳୀରେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ । କିନ୍ତୁ ପରେ ପରେ ସେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ମଧ୍ୟ ପାରଦର୍ଶୀ ହୋଇଥିଲେ । "ଅଲ୍ ଇଣ୍ଡିଆ ରେଡ଼ିଓ" ରେ ସେ ଦୀର୍ଘ ବର୍ଷ ଧରି ଷ୍ଟାଫ୍ କଳାକାର ଥିଲେ । କିନ୍ତୁ ତାଙ୍କର ପ୍ରକୃତ ସାଧନା କ୍ଷେତ୍ର ଓଡ଼ିଶୀ ସଙ୍ଗୀତ ଏବଂ ଓଡ଼ିଶୀ ଶୈଳୀରେ ମୌଳିକ ସଙ୍ଗୀତ ରଚନା କରିବାରେ ଆଗ୍ରହ । ସେ କହନ୍ତି ଯେ, ହିନ୍ଦୁସ୍ଥାନୀ ବା କର୍ଣ୍ଣାଟକୀ ଭଳି ଓଡ଼ିଶୀର ମଧ୍ୟ ଶାସ୍ତ୍ରୀୟ ସ୍ୱତନ୍ତ୍ରତା ରହିଛି; କିନ୍ତୁ ସର୍ବ ଭାରତୀୟ ସ୍ତରରେ ଆମ ଅବହେଳା ଯୋଗୁଁ ଆମେ ସ୍ୱୀକୃତି ହାସଲ କରି ପାରୁନୁ ।

ଏ ଦୃଷ୍ଟିରୁ ଆମର କ'ଣ କରାଯିବା ଉଚିତ୍ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ ଯେ ଆମେ ଅଧିକରୁ ଅଧିକ କଣ୍ଠ ସଙ୍ଗୀତ ଓ ନିଛକ ଓଡ଼ିଶୀ ଶୈଳୀର ଯନ୍ତ୍ର ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରିବା ଉଚିତ୍ । ଅତୀତର ଓଡ଼ିଶା ଅନେକ ଅମର କଣ୍ଠ ଶିଳ୍ପୀଙ୍କୁ ଦେଖିଛି; ସେମାନଙ୍କ ମଧ୍ୟରେ ସିଂହାରୀ ଶ୍ୟାମ ସୁନ୍ଦର କର, ଅପନା ପାଣିଗ୍ରାହୀ, ତାରିଣୀ ପାତ୍ର ପ୍ରଭୃତି ଅନ୍ୟତମ । ବର୍ତ୍ତମାନିକ ଓଡ଼ିଶାରେ ଆମର ଉତ୍ସର୍ଗୀକୃତ କଣ୍ଠଶିଳ୍ପୀ ଆବଶ୍ୟକ । ଆମ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରଧାନତଃ ଓଡ଼ିଶୀ ନୃତ୍ୟ ପରିବେଷଣରେ ସୀମିତ ରହୁଛି; ଓଡ଼ିଶୀ ଶୈଳୀର କଣ୍ଠ ସଂଗୀତ ପ୍ରାୟ ପରିବେଷିତ ହେଉନି । କେବଳ ନୃତ୍ୟ ସହ ସଙ୍ଗୀତ ପରିବେଷଣ କରିଦେଲେ ଯଥେଷ୍ଟ ନୁହେଁ । ଆମର ଦରକାର ଯଥେଷ୍ଟ କଣ୍ଠଶିଳ୍ପୀ— ନିଛକ ସଙ୍ଗୀତ କନ୍‌ସର୍ଟରେ ଗାଇବା ପାଇଁ । ତା' ହେଲେ ହିଁ ସର୍ବ ଭାରତୀୟ ସ୍ତରରେ ଓଡ଼ିଶୀ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବ ।

ଏମ୍.ବି.-୮୩ ବ୍ରିଟ୍ କଲୋନୀ
ବରଗଡ
ଭୁବନେଶ୍ୱର-୭୫୧୦୧୪



କଲ୍ୟାଣ ପଲ୍ଲବୀ ଛନ୍ଦରେ ପ୍ରିୟମ୍ବଦା

... 6,000 – 25-5-1987

# ଡେୟାର ଡେଭିଲ୍ କ୍ରୀଡ଼ା କୌଶଳ •









No. 10
No. C. R. N. P. 5--Licensed to post without Pre-Payment
ଶକାବ୍ଦ ୪୩ ଯୁଗ ୧୦ମ ସଂଖ୍ୟା ମଇ ୧୯୮୭









Printed at Orissa Government Press, Cuttack-10

# ଉତ୍କଳ ପ୍ରସଙ୍ଗ

